R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୧୮
ତିଥି : ଚତୁର୍ଥୀ
୧୬ ମେ' ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 218
16 May 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

ବିଡିଓ, ସିଡିଓଙ୍କ ଉପରେ ମୁଖ୍ୟମନ୍ତ୍ରୀ ଖପ୍ପା

ସୁଧୁରିଯାଅ ନଚେତ୍ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୫।୫ (ସବ୍ୟୁ): ଭିଡ଼ିଓମାନେ ଆମକୁ ସମ୍ମାନ ଦେଉନାହାନ୍ତି କି ବସିବାକୁ ଚୌକି ଦେଉନାହାନ୍ତି । ଏପରିକି ମୁଖ୍ୟମନ୍ତ୍ରୀଙ୍କ ସହ ଭଲ ସମ୍ପର୍କ ରଖୁନାହାନ୍ତି । ବିଡ଼ିଓ କନଫରେନ୍ସିଂରେ ମୋର ଭାଷଣ ଆସିଲେ ଟିଭି ବନ୍ଦ କରି ଲୋକଙ୍କୁ ପଳାଇ ଯିବାକୁ କହୁଛନ୍ତି । ଏହାକୁ କେବେ ବରଦାସ୍ତ କରାଯିବ ନାହିଁ । ମୋ ଆଦିବାସୀ ତଳସ୍ତରରୁ ଆସିଛି । ମୋର ସରଳତାକୁ ଦୁର୍ବଳତା ବୋଲି ଭାବନ୍ତୁ ନାହିଁ । ମୋର ଛୋଟ ବ୍ରେନରେ ସବୁ ସେବ ହୋଇ ରହିଛି । ଆବଶ୍ୟକ ପଡ଼ିଲେ କଠୋର ନିଷ୍ପତ୍ତି ନେବାରେ ସକ୍ଷମ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏଭଳି ଢ଼ଙ୍ଗରେ ବିଡ଼ିଓ ଓ ସିଡ଼ିଓ ସମ୍ମିଳନୀରେ ବର୍ଷିଛନ୍ତି ।

ଲୋକସେବା ଭବନରେ ବିଡ଼ିଓ ଓ ସିଡ଼ିଓମାନଙ୍କର ଦୁଇ ଦିନିଆ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ଏଭଳି କ୍ଷୋଭ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ବ୍ଲକ୍ ହେଉଛି ଆମ ପ୍ରଶାସନିକ ସଫଳତାର ଦର୍ପଣ । ଯଦି ବ୍ଲକ ଗୁଡିକ ଦକ୍ଷତାର ସହ କାମ କରିବେ ଲୋକେମାନେ ସବୁ ଯୋଜନାର ସୁଫଳ ପାଇବେ । ଏହା ସରକାରଙ୍କର ଦକ୍ଷତାର ପ୍ରମାଣ ହେବ । ସମାଜରେ ଶେଷ ଧାଡିରେ ଥିବା ଲୋକଟି ଯେପରି ସବୁ ମୌଳିକ ସୁବିଧା ପାଇପାରିବେ ଏହା ଆମର ଉଦ୍ଦେଶ୍ୟ । ମୋ ଭାଷଣ ବେଳେ ଟିଭି ବନ୍ଦ କଲେ କ୍ଷମା ନାହିଁ । ମୋ ପାଖରେ ସମସ୍ତଙ୍କ ରିପୋର୍ଟ ଅଛି । ସେକାଳ ପଖାଳ ଆଉ ନାହିଁ । ବ୍ଲକ୍‌ସ୍ତରରେ ସମସ୍ତ ଉନ୍ନତିମୂଳକ କାର୍ଯ୍ୟକ୍ରମ ଜନସାଧାରଣ ପାଖରେ ପହଁଞ୍ଚେ । ଏଥର ଜିଲ୍ଲାସ୍ତରର ଅଧିକାରୀ ଓ କର୍ମଚାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କୁ ଛାଡି ଦେଲା ପରେ (୯ ପୃଷ୍ଠାରେ)

ଅଧିକ କ୍ଷେତ୍ର ପରିଦର୍ଶନ କର

ଏମ୍‌ଜି ନରେଗାରେ ମେସିନ୍ ବ୍ୟବହାର ବନ୍ଦ କର

ଆଦିବାସୀ ହେଲେ ବି କଠୋର ନିଷ୍ପତ୍ତି ନେବାକୁ ସକ୍ଷମ

ମୋ ଭାଷଣ ବେଳେ ଟିଭି ବନ୍ଦ କଲେ କ୍ଷମାନାହିଁ

ତୁର୍କୀ ଉପରେ କାର୍ଯ୍ୟାନୁଷ୍ଠାନ

ବିମାନ ବନ୍ଦରରେ ସୁରକ୍ଷା ମଞ୍ଜୁରୀ ପ୍ରତ୍ୟାହୃତ

ନୂଆଦିଲ୍ଲୀ, ୧୫।୫ : ଅପରେସନ ସିନ୍ଦୂର ସମୟରେ ପାକିସ୍ତାନ ସମର୍ଥନ କରିବା ତୁର୍କୀ ପାଇଁ ମହଙ୍ଗା ପଡ଼ିଛି । ତୁର୍କୀ ସାମଗ୍ରୀର ବୟକଟ୍ ଭାରତରେ ଆରମ୍ଭ ହୋଇଥିଲାବେଳେ ଜାତୀୟ ସୁରକ୍ଷା ଦୃଷ୍ଟିରୁ ସରକାର ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ସମେତ ଭାରତର ୯ ପ୍ରମୁଖ ବିମାନବନ୍ଦରରେ ତୁର୍କୀକୁ ଦିଆଯାଇଥିବା ସୁରକ୍ଷା ମଞ୍ଜୁରୀକୁ ପ୍ରତ୍ୟାହାର କରିନିଆଯାଇଛି । ସେଲ୍‌ଭି ଆଭିଏସନ୍‌କୁ ଏହି ମଞ୍ଜୁରୀ ଦିଆଯାଇଥିଲା । ଏହା ହେଉଛି ତୁର୍କୀର ଏକ କମ୍ପାନୀ । ଏହି କମ୍ପାନୀ ଯାତ୍ରୀ ଓ କାର୍ଗୋ ସେବା ବିମାନବନ୍ଦରରେ କରିଥାଏ । ତେବେ ଗୁରୁବାର ଜାତୀୟ

ସୁରକ୍ଷା ଦୃଷ୍ଟିରୁ ସରକାର ଏହାକୁ ପ୍ରତ୍ୟାହାର କରିନେଇଛନ୍ତି ।

ଅପରେସନ ସିନ୍ଦୂର ସମୟରେ ତୁର୍କୀ ପାକିସ୍ତାନକୁ ସମର୍ଥନ କରି ଡ୍ରୋନ୍ ଯୋଗାଇ ଥିଲା ଓ ପାକିସ୍ତାନ ପଛରେ ଦୃଢ଼ ଭାବେ ଛିଡ଼ା ହୋଇଥିଲା । ବ୍ୟୁରୋ ଅଫ୍ ସିଭିଲ୍ ଆଭିଏସନ୍ ସିକ୍ୟୁରିଟି (ବିସିଏଏସ୍) ସେଲ୍‌ଭି ଏୟାରପୋର୍ଟ ସର୍ଭିସ୍ ଇଣ୍ଡିଆ ପ୍ରା.ଲିଃର ସୁରକ୍ଷା ମଞ୍ଜୁରୀକୁ ବାତିଲ କରିଛି । ପୂର୍ବରୁ ୨୦୨୨ ନଭେମ୍ବର ୨୧ରେ ଏହି କମ୍ପାନୀକୁ ଅନୁମତି ଦିଆଯାଇଥିଲା । ସେଲ୍‌ଭି ଆଭିଏସନ ୯ ପ୍ରମୁଖ (୯ ପୃଷ୍ଠାରେ)

ପୁଣି ବୟାନ ବଦଳାଇଲେ ଟ୍ରମ୍ପ

ମଧ୍ୟସ୍ଥତା କରିନି, ଯୁଦ୍ଧ ଛାଡି ବାଣିଜ୍ୟ କର

ନୂଆଦିଲ୍ଲୀ, ୧୫।୫ : ଆମେରିକା ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପଙ୍କ ବୟାନ ଭାରତ ପାଇଁ ଅଡୁଆ ସୃଷ୍ଟି କରୁଛି । ତେବେ ଟ୍ରମ୍ପ ବାରମ୍ବାର ବୟାନ ବଦଳାଉଛନ୍ତି । ଟ୍ରମ୍ପ ଆଜି କହିଛନ୍ତି ଯେ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ର ବିରତି ସେ ଆଣିନାହାନ୍ତି କି ମଧ୍ୟସ୍ଥତା କରିନାହାନ୍ତି । କେବଳ ଉଭୟ ଦେଶର ସମସ୍ୟା ସମାଧାନ କରିବାରେ ସହଯୋଗ କରିଛନ୍ତି । ଉଭୟ ଆଣବିକ ଶକ୍ତି ସମ୍ପନ୍ନ ପଡୋଶୀ ରାଷ୍ଟ୍ର ଯୁଦ୍ଧ ବଦଳରେ ବାଣିଜ୍ୟ ଉପରେ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ।

ଟ୍ରମ୍ପ କହିଛନ୍ତି ଯେ, ସେ କହିବାକୁ ଚାହାଁନ୍ତି ନାହିଁ ଏହା ସେ କରାଇନାହାଁନ୍ତି। ବରଂ ଭାରତ ଓ ପାକ୍ ମଧ୍ୟରେ ଗତ ସପ୍ତାହରେ ସୃଷ୍ଟି

ହୋଇଥିବା ଉତ୍ତେଜନାକୁ ସମାଧାନ କରିବା ପାଇଁ ସାହାର୍ଯ୍ୟ କରିଥିଲି । ଯାହା ଆଗକୁ ଆହୁରି ଭୟାବହ ହୋଇଥାନ୍ତା। ହଠାତ୍ ଦେଖିଲି ଯେ, ବିଭିନ୍ନ ବର୍ଗର ମିଶାଇଲରେ ଆକ୍ରମଣ ହେଉଛି। ତେଣୁ ସମସ୍ୟା ସମାଧାନ ପାଇଁ ଆଗକୁ ବାହାରିଲି। ମୁଁ ଆଶା କରିଥିଲି ଯେ, ଦୁଇ ଦିନ ପରେ ଯେଉଁ ପଦକ୍ଷେପ ମୁଁ ନେଉଛି ତାହା ସଫଳ ହେବ। ହେଲେ ଏହା ସମାଧାନ ହୋଇଗଲା। କତ୍ତାରଠାରେ ଟ୍ରମ୍ପ ଆଜି ଏଭଳି ମନ୍ତବ୍ୟ ଦେଇଛନ୍ତି। ଯୁଦ୍ଧ ବଦଳରେ ବାଣିଜ୍ୟ ଉପରେ ଫୋକସ୍ ଦେବାକୁ କହିବା ପରେ ଉଭୟ ଦେଶ ବେଶ୍ ଖୁସି ଥିଲେ। ସେମାନେ ହଜାର ବର୍ଷ ଧରି ଲଢେଇ କରୁଛନ୍ତି। ମୁଁ କହିଥିଲି ଯେ, ଏହାର ସମାଧାନ ହେବ। ମୁଁ କିଛି ସ୍ଥିର କରିନାହିଁ। ମୋର ସ୍ଥିତି ଶାନ୍ତି ପ୍ରତିଷ୍ଠା ଦିଗରେ ଥିଲା। ୧୯୪୭ରେ ଭାରତ ଓ ପାକିସ୍ତାନ ଦୁଇଟି ଦେଶ ହେଲ।। ଯେତେବେଳେ ଉପମହାଦେଶରେ ଏହି ବିଭାଜନ ବ୍ରିଟିଶ୍‌ର ଉପନିବେଶବାଦ୍ ଶାସନ ପରେ ହୋଇଥିଲା। (୯ ପୃଷ୍ଠାରେ)

ରାଷ୍ଟ୍ରପତି, ରାଜ୍ୟପାଳଙ୍କ ବିଲ୍ ଅନୁମୋଦନ ସମୟ ସୀମା ରାୟ

ସୁପ୍ରିମ୍‌କୋର୍ଟଙ୍କୁ ୧୪ ପ୍ରଶ୍ନ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୧୫।୫ : ରାଷ୍ଟ୍ରପତି ଓ ରାଜ୍ୟପାଳ ବିଧାନସଭାରେ ପାରିତ ବିଲ୍ ସମ୍ପର୍କରେ ଅନୁମୋଦନ ଦେବାପାଇଁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଯେଉଁ ମାର୍ଗଦର୍ଶିକା ଜାରି କରାଯାଇ ସମୟସୀମା ଧାର୍ଯ୍ୟ କରାଯାଇଥିଲା, ତାହା ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ପ୍ରଶ୍ନ ପଚାରିଛନ୍ତି । ସମ୍ବିଧାନର ଧାରା ୧୪୩ ଅନୁଯାୟୀ ସୁପ୍ରିମକୋର୍ଟ ଏହି ସମୟସୀମା ଧାର୍ଯ୍ୟ କରିପାରିବ ବୋଲି ଉଲ୍ଲେଖ କରିଥିଲେ । ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କୁ ଆଇନଗତ ପଦକ୍ଷେପ ନେବାକୁ ସମୟସୀମା ଧାର୍ଯ୍ୟ କରିଥିଲେ । ଗତ ଏପ୍ରିଲ ୮ରେ ସୁପ୍ରିମକୋର୍ଟ ଏଭଳି ରାୟ ଦେଇଥିଲେ । ତେବେ ଉପରାଷ୍ଟ୍ରପତି ଜଗଦୀପ୍ ଧନକଡ଼ ସୁପ୍ରିମକୋର୍ଟଙ୍କୁ ସୁପର ପାର୍ଲାମେଣ୍ଟ ବୋଲି ବର୍ଣ୍ଣନା କରିଥିଲେ ।

ରାଷ୍ଟ୍ରପତି ମୁର୍ମୁ ସମ୍ବିଧାନର ଧାରା ୧୪୩ (୧) ଆଧାରରେ ସୁପ୍ରିମକୋର୍ଟଙ୍କୁ ପ୍ରଶ୍ନ କରିଛନ୍ତି । ଧାରା ୨୦୦ ଅନୁଯାୟୀ ଯେତେବେଳେ ଏକ ବିଲ୍ ରାଜ୍ୟପାଳଙ୍କ ଦ୍ୱାରା ରାଷ୍ଟ୍ରପତିଙ୍କ ପାଖକୁ ଅନୁମୋଦନ ପାଇଁ ପଠାଯାଏ, ସେତେବେଳେ ଏହି ବିଲ୍ ଉପରେ ସହମତି ଦେଇପାରନ୍ତି କିମ୍ବା ଅସହମତି ପ୍ରକାଶ କରିପାରନ୍ତି । ସମ୍ବିଧାନରେ ଏହି ପ୍ରକ୍ରିୟା ନେଇ କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇ ନଥିବାବେଳ ସୁପ୍ରିମକୋର୍ଟ ଏହା ଉପରେ ରାୟ ଦେଇ ରାଷ୍ଟ୍ରପତି ଏହି ବିଲ୍ ଉପରେ ବିଚାର କରିବାକୁ ଲମ୍ବା ସମୟ ନେଇପାରିବେ ନାହିଁ ବୋଲି ଉଲ୍ଲେଖ କରିଥିଲେ । ଏହି ମର୍ମରେ ରାଷ୍ଟ୍ରପତି ୧୪ ପ୍ରଶ୍ନ କରି ଉଲ୍ଲେଖ କରିଛନ୍ତି ଯେ ରାଜ୍ୟପାଳଙ୍କ ପାଖକୁ କୌଣସି ବିଲ୍ ଆସେ, ସେତେବେଳେ ତାଙ୍କ ପାଖରେ କ'ଣ ସବୁ ସାମ୍ବିଧାନିକ ବିକଳ୍ପ ରହିଥାଏ । ଧାରା ୨୦୦ ଅନୁଯାୟୀ ରାଜ୍ୟପାଳ କୌଣସି ବିଲ୍ ଉପରେ ନିଷ୍ପତ୍ତି ନେଲାବେଳେ ମନ୍ତ୍ରୀ ପରିଷଦ ପରାମର୍ଶ ଦ୍ୱାରା ବନ୍ଧା କି ପ୍ରଶ୍ନ କରିବା ସହ ଧାରା ୨୦୦ ଅନୁଯାୟୀ କ'ଣ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ କୋର୍ଟରେ ଚ୍ୟାଲେଞ୍ଜ ଦିଆଯାଇ ପାରିବ କି ବୋଲି ପଚାରିଛନ୍ତି । ଧାରା ୩୬୧ ରାଜ୍ୟପାଳଙ୍କ ନିଷ୍ପତ୍ତିର ନ୍ୟାୟିକ ସମୀକ୍ଷା ଉପରେ ପ୍ରତିବନ୍ଧକ ଲଗାଇ ପାରିବ କି ? ରାଷ୍ଟ୍ରପତିଙ୍କ ନିଷ୍ପତ୍ତିକୁ ଅଦାଲତରେ ଚ୍ୟାଲେଞ୍ଜ କରି ହେବ କି ପ୍ରଶ୍ନ କରିବା ସହ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ପାଖକୁ ବିଲ୍ ପଠାଇଲେ ରାଷ୍ଟ୍ରପତିଙ୍କ ଲାଗି ସୁପ୍ରିମକୋର୍ଟଙ୍କ ମତାମତ ନେବା (୯ ପୃଷ୍ଠାରେ)

ମନ୍ତ୍ରୀଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

କ୍ୟୁରେସିଙ୍କୁ କ୍ଷମା ମାଗ

ନୂଆଦିଲ୍ଲୀ, ୧୫।୫ : କର୍ଣ୍ଣେଲ୍ ସୋଫିଆ କ୍ୟୁରେସିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ମଧ୍ୟପ୍ରଦେଶର ବିଜେପି ମନ୍ତ୍ରୀ ବିଜୟ ସାହାଙ୍କୁ କ୍ଷମା ମାଗିବାକୁ ସୁପ୍ରିମ୍‌କୋର୍ଟ କହିଛନ୍ତି। ଗତକାଲି ହାଇକୋର୍ଟ ଏହି ଘଟଣାରେ ମନ୍ତ୍ରୀଙ୍କ ବିରୋଧରେ ଏତଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଶ୍ରୀ ଶାହା ଆଜି ସୁପ୍ରିମ୍‌କୋର୍ଟର ଦ୍ୱାରସ୍ଥ ହୋଇଥିଲେ।

ସୁପ୍ରିମ୍‌କୋର୍ଟ ପ୍ରଧାନପତି ଜଷ୍ଟିସ୍ ବିଆର୍ ଗଭାଇ ମନ୍ତ୍ରୀଙ୍କ ବୟାନକୁ ଅତ୍ୟନ୍ତ ଅସମ୍ବେଦନଶୀଳ ଓ ଗ୍ରହଣୀୟ ନୁହେଁ ବୋଲି କହିବା ସହ ସାମ୍ବିଧାନିକ (୯ ପୃଷ୍ଠାରେ)

ଅଦିନିଆ ବର୍ଷା ରାଜ୍ୟଭିତ୍ତିକ ବିପର୍ଯ୍ୟୟ

ଭୁବନେଶ୍ୱର, ୧୫।୫ (ସବ୍ୟୁ) : ଅଦିନିଆ ବର୍ଷାକୁ ରାଜ୍ୟ ସରକାର ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଗ୍ରହଣ କରିଛନ୍ତି । ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି ।

ଏହାଦ୍ୱାରା ଓଡ଼ିଶାର କୃଷକମାନେ ଅଦିନିଆ ବର୍ଷାରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ସହାୟତା ପାଇ ପାରିବେ । ଏସ୍‌ଡିଆର୍‌ଏଫ୍‌ର ବାର୍ଷିକ ଆବଣ୍ଟନର ସର୍ବାଧିକ ୧୦ ପ୍ରତିଶତ ଅର୍ଥ ଏଥିପାଇଁ ବିନିଯୋଗ ହୋଇପାରିବ ।

ସୂଚନାଯୋଗ୍ୟ ଯେ, ୨୦୨୪ ଡିସେମ୍ବର ମାସରେ ଅଦିନିଆ ବର୍ଷା ଯୋଗୁଁ ରାଜ୍ୟର ୨୨, ୭୯୧ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିଲା ଏବଂ ପ୍ରାୟ ୬.୬୬ ଲକ୍ଷ ଚାଷୀ ପ୍ରଭାବିତ ହୋଇଥିଲେ । ମୁଖ୍ୟମନ୍ତ୍ରୀ ଏହାକୁ ସ୍ୱତନ୍ତ୍ର ଭାବେ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଘୋଷଣା କରି ଚାଷୀମାନଙ୍କୁ ୨୯୧ କୋଟି ଟଙ୍କାର ସହାୟତା କୃଷି ଇନ୍‌ପୁଟ ରିହାତି ଆକାରରେ ପ୍ରଦାନ କରିଥିଲେ ।

ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଦ୍ୱାରା ଅଦିନିଆ ବର୍ଷା ସ୍ଥାୟୀ ଭାବେ ଏକ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଗୃହୀତ ହେଲା ଏବଂ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ଏଥିପାଇଁ କୃଷକମାନଙ୍କୁ ସହାୟତା ପ୍ରଦାନ କରାଯାଇପାରିବ ।

ସୂଚନାଯୋଗ୍ୟ ଯେ, ରାଜ୍ୟରେ ବର୍ତ୍ତମାନ ୮ଟି ବିପର୍ଯ୍ୟୟକୁ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଘୋଷଣା କରାଯାଇଛି । ଏ ଗୁଡ଼ିକ ହେଲା ବଜ୍ରପାତ, ଗ୍ରୀଷ୍ମ ପ୍ରବାହ, ଘୂର୍ଣ୍ଣିଝଡ଼, ଟର୍ନାଡୋ, ପ୍ରବଳ ବର୍ଷା ଏବଂ ବନ୍ୟା ନଥିବା ସମୟରେ ଡଙ୍ଗା ଦୁର୍ଘଟଣା, ପାଣିରେ ବୁଡ଼ି ମୃତ୍ୟୁ ହେବା ଓ ସର୍ପାଘାତ । ଅଦିନିଆ ବର୍ଷା ବିପର୍ଯ୍ୟୟ ଘୋଷିତ ହେବା ପରେ ବର୍ତ୍ତମାନ ସମୁଦାୟ ୯ଟି ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଘୋଷିତ ହେଲା । ଏହାବ୍ୟତୀତ କେନ୍ଦ୍ର ସରକାର ମଧ୍ୟ ୧୨ଟି ବିପର୍ଯ୍ୟୟ ଘୋଷଣା କରିଛନ୍ତି ।

ଉଚ୍ଚଶିକ୍ଷା ବିଭାଗ-ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ମଧ୍ୟରେ ଏମ୍‌ଓୟୁ

ପିଲା ପଢ଼ିବେ ଷ୍ଟକ ଏକ୍ସଚେଞ୍ଜ ପାଠ

ଭୁବନେଶ୍ୱର, ୧୫।୫ (ସବ୍ୟୁ) : ରାଜ୍ୟରେ ଛାତ୍ରଛାତ୍ରୀ ଷ୍ଟକ ଏକ୍ସେଚେଞ୍ଜ ପାଠ ପଢ଼ିବେ । ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ ହେବା ସହିତ ବିତ୍ତୀୟ ସାକ୍ଷାରତାରେ ମଧ୍ୟ ଅଭିବୃଦ୍ଧି ହେବ । (୯ ପୃଷ୍ଠାରେ)

ମା' କଥା ମାନିଲାନି, ଗୁଳିରେ ଆତଙ୍କୀ ନିପାତ

ନୂଆଦିଲ୍ଲୀ, ୧୫।୫ : ସୁରକ୍ଷାକର୍ମୀଙ୍କ ଘେରରେ ଥିବା ଆତଙ୍କୀବାଦୀ ଅମିର ନାଜିର ୱାର୍ଣ୍ଣି ଶେଷଥର ଲାଗି ତାର ମା'କୁ ଭିଡିଓ କଲ୍ କରିଥିଲା। ଭିଡିଓ କଲ୍ କରିବା ସମୟରେ ତା କାନ୍ଧରେ ଏକେ ୪୭ ରାଇଫଲ୍ ଥିଲା। ମା' କହିଥିଲା ଆତ୍ମ ସମର୍ପଣ କରିଦେ ପୁଅ। ମାତ୍ର ଏହା ନଶୁଣି ସେ ସୁରକ୍ଷାକର୍ମୀଙ୍କ ମୁକାବିଲା କରିବ ବୋଲି ବାହାରି ପଡିଥିଲା। ମାତ୍ର ଶେଷରେ ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଥିଲା ଅମିର। ଜାମ୍ମୁକାଶ୍ମିରର ଅବନ୍ତୀପୋରାର ତ୍ରାଲ୍‌ରେ ସୁରକ୍ଷାବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଏନ୍‌କାଉଣ୍ଟର ହୋଇଥିଲା। ଏହି



ଏନ୍‌କାଉଣ୍ଟର ୩ ଆତଙ୍କୀଙ୍କୁ ସୁରକ୍ଷାକର୍ମୀ ନିପାତ କରିଛନ୍ତି। ତେବେ ଏହା ପରେ ଏକ ଭିଡିଓ କଲ୍ ବେଶ୍ ଚର୍ଚ୍ଚା ହେଉଛି।

ଅମିର ମୃତ୍ୟୁ ପୂର୍ବରୁ ତାର ମା'କୁ ଭିଡିଓ କଲ୍ କରିଥିଲା। ମା' ପରାମର୍ଶ ଦେଇଥିଲେ ଯେ, ସୁରକ୍ଷାବଳଙ୍କ ନିକଟରେ ଆତ୍ମ ସମର୍ପଣ କରିଦେ। ଆତ୍ମ ସମର୍ପଣ (୯ ପୃଷ୍ଠାରେ)

ଜମ୍ମୁ-କାଶ୍ମୀରରେ ଟଳିଲେ ୩ ଆତଙ୍କବାଦୀ

ମୃତ୍ୟୁ ପୂର୍ବରୁ ମା'କୁ କରିଥିଲା ଭିଡିଓ କଲ୍

ଆତ୍ମସମର୍ପଣ ପାଇଁ ପରାମର୍ଶ ଦେଇଥିଲେ ମା'

୩୬°ରେ ୪୫°ର ଅନୁଭବ

ଭୁବନେଶ୍ୱର, ୧୫।୫ (ସବ୍ୟୁ) : ଦିନ ୧୧.୩୦ ମିନିଟ୍, ତାପମାତ୍ରା ୩୬.୬ ଡିଗ୍ରୀ । ଏହି ସମୟରେ ଆର୍ଦ୍ରତା ୫୧% । ତେବେ ହିଟ୍ ଇଣ୍ଡେକ୍ସ ଅର୍ଥାତ ଗରମ ୪୫ ଡିଗ୍ରୀର ଅନୁଭୂତ ହେଉଛି । ଅସହ୍ୟ ଗୁଳୁଗୁଳି ନାକେଦମ କରିପକାଉଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ତାତି ନବଢ଼ିଲେ ମଧ୍ୟରେ ଗୁଳୁଗୁଳି ଜାରି ରହିବ । ଏଥିସହ ପୁଣି ଆଗକୁ ବଢ଼ିଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ଏକ୍ସରେ ଉଲ୍ଲେଖ କରିଛନ୍ତି, (୯ ପୃଷ୍ଠାରେ)

ଓଡ଼ିଶା ସରକାର T-20 (JANA SHUNANI OPEN)

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ତା. ୧୯.୦୫.୨୦୨୫ ରିଖ (ସୋମବାର) ଦିନ ସକାଳ ୮ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣୀ କରିବେ ।

ଏହି ଅଭିଯୋଗ ଶୁଣାଣୀ ପାଇଁ ଅନଲାଇନ ପଞ୍ଜୀକରଣ **୧୬/୦୫/୨୦୨୫** ରିଖ ଦିବା **୧୧ ଘଟିକା** ଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ **୧୦୦୦** ଜଣ ପଞ୍ଜୀକରଣ କରିପାରିବେ । ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣୀ ପୋର୍ଟାଲ **(https://janasunani.odisha.gov.in/)** ଅଥବା **ଜନଶୁଣାଣୀ ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 09014/11/0117/2526



ବ୍ୟାୟାମ ପରର ଯତ୍ନ

ଅନେକ ସମୟରେ ଦେଖିବାକୁ ମିଳେ ୱାର୍କ ଆଉଟ୍ ବା ବ୍ୟାୟାମ ଆରମ୍ଭ କରିବା ସମୟରେ ଆମ ମାଂସପେଶୀ ଦରଜ ହୋଇଥାଏ । ଏହି ସମୟରେ କୌଣସି କାମ କରିବା ଆମ ପକ୍ଷେ କଷ୍ଟକର ହୋଇଥାଏ । ତେବେ ଏହି ଯନ୍ତ୍ରଣାର ଅର୍ଥ ଆମ ୱାର୍କ ଆଉଟ ସଠିକ୍ ଢଙ୍ଗରେ ଜାରି ରହିଛି । ଧୀରେଧୀରେ ମାଂସପେଶୀ କଠିନ ହେବା ଲାଗିଥାଏ । ସାଧାରଣତଃ ମାଂସପେଶୀମାନଙ୍କୁ ପରିଶ୍ରମର ଅଭ୍ୟାସ ନଥାଏ, ତେଣୁ ୱାର୍କଆଉଟ୍ ପରେ ଯନ୍ତ୍ରଣା ହୋଇଥାଏ । ହେଲେ ଏହି ଦରଜ ଖୁବ କମ ସମୟ ପାଇଁ ରହିଥାଏ, କିନ୍ତୁ ଯଦି ଏହା ଅଧିକ ସମୟ ରହିଲା ତେବେ ଡାକ୍ତରଙ୍କ ପରାମର୍ଶର ଆବଶ୍ୟକତା ରହିଛି । ଯଦି ଆପଣ ଜିମ୍ ଯାଉଛନ୍ତି ତେବେ ଟ୍ରେନରଙ୍କ ସହ ଏହି ସମ୍ବନ୍ଧରେ ପରାମର୍ଶ ନେଇ ପାରିବେ, ଡାକ୍ତରଙ୍କ ପରାମର୍ଶ ମଧ୍ୟ ନିଅନ୍ତୁ । ତେବେ ଘରେ ହାଲୁକା ଗରମ ପାଣିରେ ସ୍ନାନ, ଅଧିକ ନିଦ, ଖାଇବା ପିଇବାର ଧ୍ୟାନ ରଖିବା ଫଳରେ ଏହି ଯନ୍ତ୍ରଣା କମ ହୋଇଥାଏ ।

ସୋସିଆଲ କୋଟ୍ସ

“ ଧଡକ-୨ର ସୁଟିଂ ସମୟରେ ମୁଁ ମା’ଙ୍କୁ ହରାଇଥିଲି । ଏହି ଘଟଣାରୁ ବାହାରିବା ପାଇଁ ମୋତେ ବହୁତ ଷ୍ଟ୍ରଗଲ୍ କରିବାକୁ ପଡିଥିଲା । ଏହା ମୋ ଜୀବନର ସବୁଠାରୁ ବଡ କ୍ଷତି ଥିଲା ।

ଜାହ୍ନବୀ କପୁର, ଅଭିନେତ୍ରୀ



“ ଗୋଟେ ସମୟ ଥିଲା ବଲିଉଡ ଫିଲ୍ମର ହିରୋ ହିରୋଇନଙ୍କ ଠାରୁ ଆରମ୍ଭ କରି ପୋଷ୍ଟର, ଗୀତ, ଷ୍ଟାଇଲ ସବୁଥିରେ ଗୁରୁତ୍ୱ ଦିଆଯାଉଥିଲା । ହେଲେ ବର୍ତ୍ତମାନ ସେ ସବୁ ଆଉ ନାହିଁ । ବଲିଉଡ ତାର ଚାର୍ମ ହରାଇଛି ।

ଅମିଷା ପଟେଲ, ଅଭିନେତ୍ରୀ

“ ଶିଶୁଙ୍କ ଠାରୁ ମୋବାଇଲ ଦୂରରେ ରଖିବା ବାପା ମା’ଙ୍କର ଦାୟିତ୍ୱ । ଯଦି ଶିଶୁଟି ମୋବାଇଲ ଆଡିକ୍ଟ ହେଉଛି, ତେବେ ଏଥିରେ ଭୁଲ ବାପା ମା’ଙ୍କର । ଯେତେ ପାରୁଛନ୍ତି ସେମାନଙ୍କୁ ମୋବାଇଲ ଠାରୁ ଦୂରରେ ରଖନ୍ତୁ ।

ସୁନିଲ ସେଟ୍ଟି, ଅଭିନେତା

ବୁଝନ୍ତୁ କାରଣ

ଅନେକ ସମୟରେ ଦେଖିବାକୁ ମିଳେ ପିଲାମାନଙ୍କ ଖାଦ୍ୟ ଶୈଳୀ ବିଗିଡିଯାଇଥାଏ । ସେମାନେ ସ୍ୱାସ୍ଥ୍ୟକର ଖାଦ୍ୟ ପରିବର୍ତ୍ତେ ବାହାରର ଜଙ୍କ୍ ଫୁଡ ଖାଇବାକୁ ଅଧିକ ପସନ୍ଦ କରିଥାଆନ୍ତି । ତେବେ ବାପା ମାଆ ଯେତେ ଚେଷ୍ଟା କରିବା ସତ୍ତ୍ୱେ ମଧ୍ୟ ଏହି ଅଭ୍ୟାସକୁ ଦୂରାଇ ପାରନ୍ତି ନାହିଁ । ଏଭଳି ପରିସ୍ଥିତିକୁ ଖୁବ ଚତୁରତା ଓ ଧୈର୍ଯ୍ୟର ସହିତ ସମାଧାନ କରିବାକୁ ହେବ । ପ୍ରଥମେ ଆଗ ଏହାର କାରଣ ବୁଝନ୍ତୁ । କେଉଁ କାରଣରୁ ପିଲାଙ୍କର ଏଭଳି ଅଭ୍ୟାସ ବଢିଛି । କିଛି ପ୍ରାଥମିକ କାରଣ ରହିଛି ଯେପରି ବାପା ମାଙ୍କର ଅଧିକ ଗେଲ ବସର, ଅଭିଭାବକଙ୍କର ବ୍ୟସ୍ତ ବହୁଳ ଜୀବନ, ବାପା ମାଙ୍କର ଛୁଆଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନଦେବା, ସାଙ୍ଗସାଥୀଙ୍କ ସହ ମିଶି ଜଙ୍କ୍ ଫୁଡ ଖାଇବା, ସୋସିଆଲ ମିଡିଆରେ ଜଙ୍କଫୁଡ୍‌ର ବିଜ୍ଞାପନ ଦେଖିବା ଆଦି । ତେବେ ଏଗୁଡିକୁ ସୁଧାରିବା ଆଗରୁ ନିଜର ବ୍ୟବହାରରେ ପରିବର୍ତ୍ତନ ଆଣନ୍ତୁ । ପ୍ରଥମେ ନିଜକୁ ସୁଧାରିବା ପରେ ପିଲାଙ୍କୁ ସୁଧାରିବାକୁ ଚେଷ୍ଟା କରନ୍ତୁ । ସେମାନଙ୍କ ଆଗରେ ସବୁବେଳେ ହେଲ୍ଦି ଖାଇବାକୁ ଚେଷ୍ଟା କରନ୍ତୁ । ବେଳେବେଳେ ସେମାନଙ୍କ ସହ ମିଶି ଜଙ୍କ୍‌ଫୁଡ ଖାଆନ୍ତୁ, ଯାହାକୁ ନିଜେ ଘରେ ପ୍ରସ୍ତୁତ କରିପାରିବେ । ଏପରି କରିବା ଦ୍ୱାରା ସେମାନଙ୍କର ଜଙ୍କ ଫୁଡ ପ୍ରତି ଥିବା କ୍ରେଭିଂ କମିବ । ସେହିଭଳି ସେମାନଙ୍କୁ ସ୍ୱାସ୍ଥ୍ୟକର ଖାଇବାର ଉପକାରୀତା ସମ୍ପର୍କରେ ବୁଝାନ୍ତୁ । ସମସ୍ତ ସ୍ୱାସ୍ଥ୍ୟକର ଖାଇବା ସ୍ୱାଦିଷ୍ଟ ମଧ୍ୟ ହୋଇପାରିବ ତେଣୁ ନିଜର ପ୍ରସ୍ତୁତି ପ୍ରଣାଳୀ ଉପରେ ଧ୍ୟାନ ଦିଅନ୍ତୁ । ସେହିଭଳି ଜଙ୍କ ଫୁଡ୍ ଖାଇବା ଦ୍ୱାରା ସେମାନଙ୍କର କଣ ସବୁ କ୍ଷତି ହେବ ସେନେଇ ସେମାନଙ୍କୁ ସଚେତନ କରନ୍ତୁ ।



ଓଭର ଟାଇମ୍‌ର ପ୍ରଭାବ

ଅନେକ ସମୟରେ ଦେଖିବାକୁ ମିଳେ କିଛି ଓଭର ଟାଇମ କାମ କରିଥାଆନ୍ତି । ହେଲେ ମିଳିଥିବା ନୂଆ ଗବେଷଣା ରିପୋର୍ଟ ଅନୁସାରେ ଏହାର ନକାରାତ୍ମକ ପ୍ରଭାବ ଆମ ମସ୍ତିଷ୍କ ଉପରେ ପଡିଥାଏ । ଏହି ଗବେଷଣା ସାଉଥ୍ କୋରିଆର ଚୁଙ୍ଗ ଅଙ୍ଗ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ କରିଛନ୍ତି । ଏହି ଗବେଷଣାରେ କେବଳ ଓଭର ଟାଇମ୍‌ର ଆମ ମସ୍ତିଷ୍କ ଉପରେ ପ୍ରଭାବର ଗବେଷଣା କରାଯାଇଥିଲା । ଏହି ଗବେଷଣାରେ ପାଖାପାଖି ୧୧୦ଜଣ କର୍ମଚାରୀ ସାମିଲ ହୋଇଥିଲେ । ସେଥିରୁ ୩୨ ଜଣ ଓଭର ଟାଇମ୍ କରୁଥିବାବେଳେ ୭୮ଜଣ ସାଧାରଣ ସମୟରେ କାର୍ଯ୍ୟ କରୁଥିଲେ । ତେବେ ଓଭର ଟାଇମ୍‌ର ପ୍ରଭାବ ଆମର ମସ୍ତିଷ୍କର ଯେଉଁ ଭାଗ ବିଭିନ୍ନ ସମସ୍ୟାକୁ ସମାଧାନ କରିଥାଏ ତାହା ଉପରେ ପଡିଥାଏ । ଏହାସହ ମାନସିକ ସ୍ୱାସ୍ଥ୍ୟ ମଧ୍ୟ ବିଗିଡିଥାଏ ବୋଲି ଏହି ଗବେଷଣାରେ ଜଣା ପଡିଛି । ଏହି ଗବେଷଣାରେ ବିଭିନ୍ନ ତଥ୍ୟ ସହିତ ଭାଗନେଇଥିବା ଲୋକଙ୍କର ଏମ୍‌ଆର୍‌ଆଇ ସ୍କାନ ମଧ୍ୟ ବ୍ୟବହାର କରାଯାଇଥିଲା ।

ଛୋଟ ସିନା, ଦାନ ତା ମହାନ

ଦେଶର ଯବାନଙ୍କୁ ନେଇ ବର୍ତ୍ତମାନ ସୋସିଆଲ ମିଡିଆରେ ଅନେକ ପ୍ରଶଂସା ଭିଡିଓ ଓ ପୋଷ୍ଟ ଦେଖିବାକୁ ମିଳୁଛି । ସମସ୍ତେ ସେମାନଙ୍କର ସାହସିକତାର ପ୍ରଶଂସା କରୁଛନ୍ତି । ସମସ୍ତେ କିଭଳି ତାଙ୍କୁ ସାହାଯ୍ୟ କରିହେବ ସେନେଇ ମଧ୍ୟ ଆଲୋଚନା କରୁଛନ୍ତି । ତେବେ ଏହାରି ଭିତରେ ଜଣେ ୮ବର୍ଷର ବାଳକ ସମସ୍ତଙ୍କ ଧ୍ୟାନ ଆକର୍ଷିତ କରିବାରେ ସଫଳ ହୋଇଛି । ତାମିଲନାଡୁର ଏହି ବାଳକ ଜଣଙ୍କ ସେନାଙ୍କର ପ୍ରଶଂସା କରିବା ସହିତ ସେମାନଙ୍କୁ ନିଜର ୧୦ ମାସର ସଞ୍ଚୟ ଦାନ କରିଛନ୍ତି । ଦୀର୍ଘ ୧୦ ମାସ ଧରି ସେ ସଞ୍ଚିଥିବା ଅର୍ଥକୁ ସେ ଖୁସିଖୁସି ଭାରତୀୟ ଆର୍ମିଙ୍କୁ ଦାନ କରିଛନ୍ତି । ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଥିବା ଏହି ବାଳକ ଜଣଙ୍କ ଭାରତୀୟ ଯବାନଙ୍କର ତ୍ୟାଗ ବିଷୟରେ ଜାଣିବା ପରେ ଏଭଳି ନିଷ୍ପତ୍ତି ନେଇଛନ୍ତି । ବାଳକଙ୍କ କାହାଣୀ ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ଲୋକମାନେ ତାଙ୍କର ଖୁବ ପ୍ରଶଂସା କରିବା ସହିତ ତାଙ୍କୁ ଖୁବ ଭଲ ପାଇବା ଦେବାରେ ଲାଗିଛନ୍ତି ।

ଭେଦଭାବ କ୍ରୋଧ ଆଣିଥାଏ

ବଲିଉଡ ଅଭିନେତ୍ରୀ ପ୍ରିତିଜିଣ୍ଟା ବର୍ତ୍ତମାନ ନିଜର ରାଗ ପାଇଁ ଖୁବ ଚର୍ଚ୍ଚାରେ ଅଛନ୍ତି । ନିକଟରେ ସୋସିଆଲ ମିଡିଆରେ ଏକ ଲାଇଭ୍ ସେସନ୍‌ରେ ପ୍ରିତିଙ୍କର ରାଗ ଦେଖିବାକୁ ମିଳିଛି । ଏହି ସମୟରେ ତାଙ୍କୁ ଗେଲନ୍ ମ୍ୟାକ୍ସୱେଲଙ୍କ ସମ୍ପର୍କରେ ଜଣେ ଫ୍ୟାନ ପ୍ରଶ୍ନ ପଚାରିଥିଲେ । ପ୍ରିତି ମ୍ୟାକ୍ସଙ୍କୁ ବିବାହ ନକରିବାରୁ ସେ ଭଲ ଖେଳୁନାହାନ୍ତି ବୋଲି ଫ୍ୟାନଜଣଙ୍କ ପଚାରିଥିଲେ । ଯାହା ପ୍ରିତିଙ୍କୁ ଖୁବ ଖରାପ ଲାଗିବା ସହ ସେ ରାଗି ଯାଇଥିଲେ । ସେ ଏହାର ଉତ୍ତର ବେଶ୍ କଡା ଭାବେ ଦେଇଥିଲେ । ଜଣେ ମହିଳା ଟିମ୍ ମାଲିକ ଭାବେ ତାଙ୍କ ସହିତ ଭେଦ ଭାବ କରାଯାଉଛି ବୋଲି ସେ କହିଥିଲେ । ଏଭଳି ପ୍ରଶ୍ନ ଜଣେ ପୁରୁଷ ମାଲିକଙ୍କୁ ପଚରା ଯିବନି ବୋଲି ପ୍ରିତି ମତ ଦେଇଥିଲେ । ଗତ ୧୮ ବର୍ଷ ହେବ ସେ ଖୁବ ପରିଶ୍ରମ କରି ଭିଡ ଭିତରେ ଭିନ୍ନ ହେବାକୁ ଚେଷ୍ଟା ଚଳାଇଛନ୍ତି, ହେଲେ ଦର୍ଶକଙ୍କ ଠାରୁ ତାଙ୍କୁ ଏଭଳି ମତାମତ ମିଳିବ ବୋଲି ସେ କେବେ ବି ଭାବିନଥିଲେ ବୋଲି ପ୍ରିତି ପ୍ରକାଶ କରିଛନ୍ତି ।

ଶୋଇବା ପୂର୍ବରୁ ସଜାଡନ୍ତୁ ଘର

ଆମ ଦୈନନ୍ଦିନ ଜୀବନରେ ଏଭଳି ଅନେକ ଅଭ୍ୟାସ ରହିଛି ଯାହା ଖୁବ ସାଧାରଣ ଲାଗିଥାଏ ହେଲେ ଏହି ଅଭ୍ୟାସ ଆମକୁ ଅଧିକ ସାହାଯ୍ୟ କରିଥାଏ । ପ୍ରତିଦିନ ହେଉ କିମ୍ବା ପ୍ରତି ସପ୍ତାହରେ ଯଦି ଆମେ ଏହି କାମ ଗୁଡିକୁ ସଠିକ୍ ସମୟରେ କରିବା ତେବେ ଆମ ଦିନ ଖୁବ ବ୍ୟବସ୍ଥିତ ଢଙ୍ଗରେ କଟିବ । ଏହି ତାଲିକା ଖୁବ ଲମ୍ବା ଥିବାବେଳେ ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ଶୋଇବା ଆଗରୁ ଘରକୁ ବ୍ୟବସ୍ଥିତ ଢଙ୍ଗରେ ସଜାଡିବା । ଯାହାର ଅନେକ ଫାଇଦା ରହିଛି । ଚେଷ୍ଟା କରନ୍ତୁ ସବୁବେଳେ ରାତିରେ ଶୋଇବା ଆଗରୁ ନିଜ ଘରକୁ ସଜାଡିବେ ବୋଲି । ସବୁ ସାମଗ୍ରୀକୁ ବ୍ୟବସ୍ଥିତ ଢଙ୍ଗରେ ରଖିବାକୁ ଏପରି କରିବା ଦ୍ୱାରା ଆପଣଙ୍କ ସକାଳ ଖୁବ ଶାନ୍ତିରେ କଟିବ । ତେଣୁ ସବୁଦିନ ଶୋଇବା ଆଗରୁ ଘର ସଜାଡିବାର ଅଭ୍ୟାସ ରଖନ୍ତୁ । ଏହା ସବୁଦିନ କରିବା ଫଳରେ ଆପଣଙ୍କ କାମର ବୋଝ ମଧ୍ୟ ପଡିବ ନାହିଁ । ପ୍ରତିଦିନ ଘର ସଜାଡିବାରେ ଦିଆଯାଉଥିବା ୫ରୁ ୧୦ ମିନଟ୍ ପାଇଁ ଆପଣଙ୍କର ଘଣ୍ଟାଘଣ୍ଟା ସମୟ ବଞ୍ଚିବ । ସେହିଭଳି ଯଦି ସକାଳୁ ଘର ଅସଜଡା ଦେଖିବାକୁ ମିଳିଥାଏ ତେବେ ଆମର ମାନସିକ ସ୍ୱାସ୍ଥ୍ୟ ଉପର ମଧ୍ୟ ଏହାର ଖରାପ ପ୍ରଭାବ ପଡିଥାଏ । ଏପରିକି କିଛି ଲୋକଙ୍କ ମତରେ ସକାଳୁ ସଜଡା ଘର ଦେଖିବା ଫଳରେ ସେମାନଙ୍କର ଆତ୍ମ ବିଶ୍ୱାସ ମଧ୍ୟ ସାରା ଦିନ ରହିଥାଏ । ସେମାନଙ୍କର କାର୍ଯ୍ୟାଳୟରେ ମଧ୍ୟ ଭଲ ସମୟ ବିତିଥାଏ । ତେଣୁ ଯେତେ ବ୍ୟସ୍ତ ଥିଲେ ମଧ୍ୟ ରାତିରେ ଶୋଇବା ଆଗରୁ ଘରକୁ ସଜାଡନ୍ତୁ ।

୧୬୦୬- ରୁଷରେ ୨ ହଜାର ବିଦେଶୀ ନାଗରିକଙ୍କ ହତ୍ୟା ।
୧୮୧୭- ମିସିସିପି ନଦୀରେ ପ୍ରଥମ ଷ୍ଟିମ୍ ବୋଟ୍‌ର ଶୁଭାରମ୍ଭ ।
୧୮୬୨- ଜିନ୍ ଜୋସେମଫଙ୍କ ଦ୍ୱାରା ପ୍ରଥମ ଅଟୋମୋବାଇଲ୍ ପ୍ରସ୍ତୁତ ।
୧୮୭୫- ଭେନେଜୁଏଲା ଓ କଲମ୍ବିଆରେ ଭୂକମ୍ପ କାରଣରୁ ୧୬ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ।
୧୯୦୫- ଭାରତୀୟ ପର୍ବତାରୋହୀ ହେମଲତା ଅଗ୍ରୱାଲଙ୍କର ଜନ୍ମ ।
୧୯୯୬- ଭାରତର ଦଶମ ପ୍ରଧାନମନ୍ତ୍ରୀ ଭାବେ ଅଟଳ ବିହାରୀ ବାଜପେୟୀ ଦାୟିତ୍ୱ ନେଇଥିଲେ ।

ଲକ୍ଷ୍ମୀବସ୍ ଧକ୍କାରେ ଶିଶୁପୁତ୍ର ମୃତ, ବାପ ମାଆ ଗୁରୁତର

ଖୋର୍ଦ୍ଧା, (ସବ୍ୟୁ): ଆଜି ଅପରାହ୍ନରେ ବରସାହି-କୁମ୍ଭିଲୋ ରାସ୍ତାରେ ଥିବା କୁକୁଡା ଫାର୍ମ ନିକଟରେ ଲକ୍ଷ୍ମୀବସ ଧକ୍କାରେ ବାଇକ୍ ରେ ଆସୁଥିବା ସ୍ୱାମୀ ସ୍ତ୍ରୀ ଗୁରୁତର ହୋଇଥିବାବେଳେ ଶିଶୁ ପୁତ୍ରର ମୃତ୍ୟୁ ଘଟିଛି । ଗୁରୁତର ହେଲେ ବରସାହି ର ଅଶୋକ କୁମାର ବାରିକ (୩୧) ଓ ତାଙ୍କ ପତ୍ନୀ ପିଙ୍କି ବାରିକ (୨୫) । ମୃତ ଶିଶୁପୁତ୍ର ହେଲେ ତାଙ୍କ ୩ବର୍ଷ ର ପୁଅ ଅମୂଲ୍ୟ ବାରିକ ଓରଫ ଶିବୁନା । ଅଶୋକ ଆଜି ଅପରାହ୍ନରେ ଏକ ଦାହ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ସ୍ତ୍ରୀ ଓ ପୁଅଙ୍କୁ ଧରି ଗାଁରୁ ଗଁପୁର ଅଭିମୁଖେ ବାଇକ୍ ରେ ଯାଉଥିଲେ । ଏହି ସମୟରେ କୁକୁଡା ଫାର୍ମ ନିକଟରେ ତାଙ୍କ ବାଇକ୍ କୁ କେରଙ୍ଗ ଦିଗରୁ ଆସୁଥିବା ଓଡି.୦୨ସିଏସ୍-୦୪୯୫ ନମ୍ବର ବିଶିଷ୍ଟ ଲକ୍ଷ୍ମୀବସ ଧକ୍କା ଦେଇଥିଲା । ଏଥିରେ ଘଟଣାସ୍ଥଳରେ ଅମୂଲ୍ୟ ର ମୃତ୍ୟୁ ହୋଇଥିବାବେଳେ ଗୁରୁତର ସ୍ୱାମୀ ସ୍ତ୍ରୀ ଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତି କରାଯାଇଥିଲା। ସେଠାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ପୁଲିସ ଘଟଣାସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛି ।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଇଣ୍ଡିଆନ୍ ଷ୍ଟିଲ ଆସୋସିଏସନ୍ ପ୍ରତିନିଧି

ଅଧିକ ଲୁହା ପଥର ଉତ୍ପାଦନ ଓ ସୁବିଧାରେ ଲୁହା ପଥର ଯୋଗାଣ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆନ୍ ଷ୍ଟିଲ ଆସୋସିଏସନ୍‌ର ଅଧକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଇସ୍ପାତ କ୍ଷେତ୍ରର ଅନେକ ପ୍ରତିନିଧି ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଜ୍ୟରେ ଅଧିକ ଷ୍ଟିଲ ଉତ୍ପାଦନ ଓ ଏଥିପାଇଁ ଆବଶ୍ୟକ ସୁବିଧା ସୁଯୋଗର ବୃଦ୍ଧି ଉପରେ ଆଲୋଚନା କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ ହେବା ଓଡିଶାର ଲକ୍ଷ୍ୟ । ଏଥିରେ ଖଣି ଓ ଷ୍ଟିଲ କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ । ତେଣୁ, ଓଡିଶାରେ କମ୍ପାନୀ ପ୍ରତିଷ୍ଠା କରୁଥିବା ସଂସ୍ଥା ଗୁଡିକୁ ସୁବିଧାରେ କଞ୍ଚାମାଲ୍ ଯୋଗାଇଦେବା ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେବା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି । ଷ୍ଟିଲ କମ୍ପାନୀ ଗୁଡିକୁ ମଧ୍ୟ ଉପଯୁକ୍ତ ବିଚାର ଆଲୋଚନା କରାଯାଇ ନିୟମ ଅନୁସାରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ବର୍ତ୍ତମାନ ଦେଶର ଷ୍ଟିଲ ଉତ୍ପାଦନ ପରିମାଣ ବାର୍ଷିକ ୧୬୫ ମିଲିଅନ୍ ଟନ ରହିଛି । ୨୦୪୭ ସୁଦ୍ଧା ଏହି ପରିମାଣ ୫୦୦ ମିଲିଅନ୍ ଟନ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି । ଦେଶର ଷ୍ଟିଲ ଉତ୍ପାଦନ ବୃଦ୍ଧିରେ ଓଡିଶାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ରହିବ ମଧ୍ୟ । ତେଣୁ, ଷ୍ଟିଲ କମ୍ପାନୀ ମାନଙ୍କୁ ଯେପରି ସୁବିଧାରେ ଲୁହାପଥର ମିଳିବ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ମିଳି ପାରିବ, ସେ ବିଷୟରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ଅଧିକ ଲୁହା ପଥର ଖଣିର ନିଲାମ୍ ଏବଂ ନିଲାମ୍ ହୋଇଥିବା ଖଣି ଗୁଡିକରୁ ଶୀଘ୍ର ଉତ୍ତୋଳନ ଆରମ୍ଭ ଉପରେ ଆଲୋଚନା କରାଯାଇଥିଲା । ଚଳିତବର୍ଷ ପ୍ରାୟ ୩୦ ଟି ଖଣି ନିଲାମ୍ ହେବାର ସମ୍ଭାବନା ରହିଛି ବୋଲି ଜଣାଯାଇଛି । ଏହା ସହିତ ଓଏମ୍‌ସିରୁ କିପରି ସୁବିଧାରେ ଷ୍ଟିଲ କମ୍ପାନୀ ମାନଙ୍କୁ ଲୁହାପଥର ଯୋଗାଇ ଦିଆଯାଇ ପାରିବ, ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ସମ୍ପୃକ୍ତ ବିଭାଗର ସଚିବ ମାନେ ଉପସ୍ଥିତ ଥିଲେ ।

ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢାଉ ମାମଲା

ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ,(ସବ୍ୟୁ): ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଘରେ ଚଢ଼ାଉକୁ ବିରୋଧ କରି ରୁଜୁ ମାମଲାରେ ଆଜି ସିବିଆଇ ପକ୍ଷରୁ କେସ୍ ଡାଏରୀ ଦାଖଲ କରାଯାଇଥିଲା । ଏହି କେସ୍ ଡାଏରୀ ଦାଖଲ ପରେ ହାଇକୋର୍ଟ ଏହି ମାମଲାର ଶୁଣାଣି ଶେଷ କରିବା ସହ ମାମଲାର ରାୟ ସଂରକ୍ଷିତ ରଖିଛନ୍ତି । ସେ ପର୍ଯ୍ୟନ୍ତ ବିଷ୍ଣୁପଦ ସେଠୀ ଏବଂ ତାଙ୍କ ପରିବାରକୁ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷା ବଳବତ୍ତର ରହିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଆଜି ଏହି ନିର୍ଦ୍ଦେଶ ଦେଇଛନ୍ତି । ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ଅଭିଯୋଗରେ ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ୍ ଲିମିଟେଡ୍ର ଜେନେରାଲ ମ୍ୟାନେଜର୍ ଚଞ୍ଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା । ଯଦିଓ ଏଫ୍ଆଇଆରରେ ଶ୍ରୀ ସେଠୀଙ୍କ ନାମ ନାହିଁ କିନ୍ତୁ ସିବିଆଇ ପକ୍ଷରୁ ତାଙ୍କ ଘରେ ଚଢ଼ଉ କରାଯିବା ସହ ବିଭିନ୍ନ ରେକର୍ଡପତ୍ର ଯାଞ୍ଚ୍ କରାଯାଇଥିଲା । ତାଙ୍କର ଏବଂ ପତ୍ନୀଙ୍କ ନାମରେ ଥିବା ଆକାଉଣ୍ଟକୁ ସିବିଆଇ ପକ୍ଷରୁ ଅଚଳ କରି ଦିଆଯାଇଥିଲା । ଏହାକୁ ବିରୋଧ କରି ଶ୍ରୀ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆକାଉଣ୍ଟକୁ ସଚଳ କରିବା ସହ ସିବିଆଇର ବେଆଇନ କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଇବା ପାଇଁ ଆବେଦନକାରୀ ପ୍ରାର୍ଥନା କରିଥିଲେ । ଆଜି ଶ୍ରୀ ସେଠୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦେବାଶିଷ ପଣ୍ଡା ଯୁକ୍ତି ଉପସ୍ଥାପନ କରି ଦର୍ଶାଇଥିଲେ ଯେ, ତାଙ୍କ ମହକିଲଙ୍କ ବିରୋଧରେ ସିବିଆଇର କୌଣସି ବଳିଷ୍ଠ ପ୍ରମାଣ ନାହିଁ । କେବଳ ସନ୍ଦେହକୁ ଆଧାର କରି ତାଙ୍କ ବିରୋଧରେ ସିବିଆଇ ମାମଲା ରୁଜୁ କରିଛି । ତେଣୁ ଏହି ମାମଲା ଖାରଜ କରିବା ଲାଗି ଶ୍ରୀ ପଣ୍ଡା ପ୍ରାର୍ଥନା କରିଥିଲେ ।

ମିଶନ ଶକ୍ତି ପୁନର୍ଗଠନ ବିଜ୍ଞପ୍ତି ଉପରେ ରହିତାଦେଶ ବଳବତ୍ତର, ଜୁଲାଇ ୪କୁ ପରବର୍ତ୍ତୀ ଶୁଣାଣି

କଟକ, (ସବ୍ୟୁ) : ମିଶନ ଶକ୍ତି ପୁନର୍ଗଠନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିକୁ ଚାଲେଞ୍ଜ କରି ରୁଜୁ ମାମଲାରେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଏହା ଉପରେ ଜବାବ ଦାଖଲ କରାଯାଇଥିଲା । ଏହି ଜବାବ ଦାଖଲ ପରେ ହାଇକୋର୍ଟ ମାମଲାର ଶୁଣାଣି ଆସନ୍ତା ଜୁଲାଇ ୪ ତାରିଖକୁ ଧାର୍ଯ୍ୟ କରିଛନ୍ତି । ସେ ପର୍ଯ୍ୟନ୍ତ ଏହି ରହିତାଦେଶ ବଳବତ୍ତର ରହିବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତିଛ ସର୍ବଶକ୍ତିମୟୀ ମିଶନ ଶକ୍ତି ଫେଡେରେସନ୍, କେନ୍ଦୁଝର ଏବଂ ଅନ୍ୟ ମିଶନ ଶକ୍ତିଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏହି ଆଦେଶ ଦେଇଛନ୍ତି । ରାଜ୍ୟ ମିଶନଶକ୍ତି ବିଭାଗ ପକ୍ଷରୁ ଗତ ଜାନୁଆରୀ ୨୨ ତାରିଖରେ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା । ଏହି ମିଶନଶକ୍ତି ପୁନର୍ଗଠନ ଆଳରେ ଓଡ଼ିଶା ଜୀବୀକା ମିଶନ ଓ ମିଶନ ଶକ୍ତି ଅଧୀନରେ ଥିବା ୬ଲକ୍ଷରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା, ୫୨ ହଜାର ସିଏଲ୍ଏଫ(ଗୋଷ୍ଠିସ୍ତରୀୟ ସହାୟକ), ୧ଲକ୍ଷ ୫୯ ହଜାର ଇସି (କାର୍ଯ୍ୟନିର୍ବାହୀ ସଦସ୍ୟ) ଚୟନ, ଜିପିଏଲ୍ଏଫ୍(ଗ୍ରାମ ପଞ୍ଚାୟତ ସ୍ତରୀୟ), ବିଏଲ୍ଏଫ (ବ୍ଲକ୍‌ତିରୀୟ) ଓ ଡିଏଲ୍ଏଫ (ଜିଲ୍ଲାସ୍ତରୀୟ)ର ପୁନର୍ଗଠନ ପାଇଁ କୁହାଯାଇଥିଲା । ମିଶନ ଶକ୍ତିର ବିଭିନ୍ନ କମିଟିରେ ଯେଉଁମାନେ ଦୁଇଥରରୁ ଅଧିକ ସମୟ ଧରି କାର୍ଯ୍ୟକାରୀ ସଦସ୍ୟ ରହିଛନ୍ତି ସେମାନେ ଆଉ ଉକ୍ତ ପଦରେ ରହିପାରିବେ ନାହିଁ । ସେହିପରି ଗୋଟେ ପରିବାରର ଦୁଇ ଜଣ ସଦସ୍ୟ ମଧ୍ୟ ମିଶନ ଶକ୍ତି କମିଟିରେ ରହିପାରିବେ ନାହିଁ । ଏହି ବିଜ୍ଞପ୍ତିକୁ ଚାଲେଞ୍ଜ କରି ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ପୂର୍ବ ଶୁଣାଣିରେ ରାଜ୍ୟ ସରକାରଙ୍କ ଏହି ବିଜ୍ଞପ୍ତି ଉପରେ ରହିତାଦେଶ ଜାରି କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୁବୀର ପାଲ୍ଟି, ଆଇନଜୀବୀ ରାଜୀବ କୁମାର ମହନ୍ତ ମାମଲା ପରିଚାଳନା କରୁଛନ୍ତି ।

ତନେଇରା ପକ୍ଷରୁ ସାବିତ୍ରୀ ବ୍ରତ ଅଫର

୨୦% ପର୍ଯ୍ୟନ୍ତ ରିହାତି ପାଇବେ ଗ୍ରାହକ

ଭୁବନେଶ୍ୱର, (ସବ୍ୟୁ): ଟାଟା ପ୍ରଡକ୍ଟ ତନେଇରା ସାବିତ୍ରୀ ବ୍ରତର ଉତ୍ସବ ଭାବନା ସହିତ ଗ୍ରାହକଙ୍କ ପାଇଁ ଆଣିଛି ସ୍ୱତନ୍ତ୍ର ବଣ୍ଡଲିଂ ଅଫର । ଏହି ଅଫର୍ ମାଧ୍ୟମରେ ଗ୍ରାହକ ଭୁବନେଶ୍ୱର ଷ୍ଟେସନ ସ୍କୋୟାର ଏବଂ କଟକ ସିଡିଏ ଷ୍ଟୋରରେ ପାଇବେ ଆକର୍ଷଣୀୟ ରିହାତି । ଦୁଇଟି ପ୍ରଡକ୍ଟ କିଣି ୧୫% ଏବଂ ୩ କିମ୍ବା ତଦୁର୍ଦ୍ଧ୍ୱ ପ୍ରଡକ୍ଟ କିଣି ୨୦% ରିହାତି ପାଇପାରିବେ । ମେ' ୧୬ରୁ ୨୬ ଯାଏ ଅଫର୍ ଉପଲବ୍ଧ । ସାବିତ୍ରୀ ବ୍ରତର ସାମାଜିକ ଓ ସାଂସ୍କୃତିକ ମହତ୍ୱକୁ ପ୍ରାଧାନ୍ୟ ଦେଇ ଗ୍ରାହକଙ୍କୁ ସର୍ବୋତ୍ତମ ମୂଲ୍ୟ ଦେବା ଲାଗି ବ୍ରାଣ୍ଡର ପ୍ରତିବଦ୍ଧତାର ପ୍ରତୀକ ହେଉଛି ଏ ଅଫର । ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ପୋଷାକ ପିନ୍ଧି ଉପବାସ ରଖୁଥିବା ମହିଳାମାନଙ୍କ ଉତ୍ସବ ଭାବନାକୁ ବଢ଼ାଇବା ହେଉଛି ଏ ଅଫରର ଲକ୍ଷ୍ୟ । ଷ୍ଟୋରରେ ଅତି ନିଖୁଣ ଭାବେ ପ୍ରସ୍ତୁତ ହାତବୁଣା ଡ୍ରେସ୍ର ବ୍ୟାପକ ରେଞ୍ଜକୁ ଗ୍ରାହକ ପାଇପାରିବେ । ଗୋଟିଏ ଛାତ ତଳେ ଭାରତର ୧୦୦ରୁ ଊର୍ଦ୍ଧ୍ୱ ବୟନ କ୍ଲଷ୍ଟରରୁ ଶୁଦ୍ଧ ଏବଂ ପ୍ରାକୃତିକ ଫ୍ୟାବ୍ରିକ୍ସରେ ପ୍ରସ୍ତୁତ ଉତ୍ପାଦ ଗୋଟିଏ ଛାତ ତଳେ ଉପଲବ୍ଧ । ଆଇକନିକ୍ କାଞ୍ଜିବରମ ଏବଂ ବନାରସୀଠାରୁ ଆରମ୍ଭ କରି ବିଳାସପୂର୍ଣ୍ଣ ବେଙ୍ଗଲ୍ ସିଲ, ମୁର୍ସିଦାବାଦ ସିଲ୍, ସାଉଥ୍ ସିଲ୍ ଏବଂ ଏୟୋଡୋରୀ ସିଲ୍ କଟନ ଆଦି ତନେଇରାର ସ୍ୱତନ୍ତ୍ର ଉତ୍ପାଦ ସାବିତ୍ରୀ ବ୍ରତକୁ ଷ୍ଟାଇଲ୍ ସହିତ ପାଳନ କରିବାର ସୁଯୋଗ ପ୍ରଦାନ କରୁଛି ଏବଂ ଏହି ଅନୁଭୂତିକୁ ସ୍ମରଣୀୟ କରେ । ଓଡ଼ିଶାର ସମସ୍ତ ତନେଇରା ଷ୍ଟୋରରେ ତନେଇରାର ସିଗ୍ନେଚର କଲେକ୍ସନ ଅନ୍ତର୍ଗତ ରେଡି-ଟୁ-ୱେର୍ କୁର୍ତ୍ତା ଏବଂ କୁର୍ତ୍ତା ସେଟ୍ ଆଦି ଉତ୍ପାଦ ମଧ୍ୟ ଷ୍ଟୋରରେ ଉପଲବ୍ଧ ।

ସବୁ ସହରରେ ଡ଼ିଜିଟାଲ୍ ପାସ୍ ସୁବିଧା

୮ ନୂଆ ସହରରେ ଗଡ଼ିବ ଆମ ବସ୍

- ଏନସିଏମସି କାର୍ଡ଼ ପ୍ରଚଳନ ହେବ
- ହ୍ୱାଟ୍ସଆପ୍‌ରେ ଟିକେଟିଂ ସୁବିଧା ମିଳିବ
- ରହିବ ଅତ୍ୟାଧୁନିକ ଡ୍ରାଇଭର୍ ଆସିଷ୍ଟାଣ୍ଟ ସିଷ୍ଟମ

ଭୁବନେଶ୍ୱର(ସବ୍ୟୁ): ଆଗାମୀ ଦିନରେ ଆରମ୍ଭ ହେବାକୁ ଯାଉଥିବା ନୂତନ ସେବା ଓ ଯୋଜନାଗୁଡ଼ିକର ସମୀକ୍ଷା ହୋଇଛି । ଭିତ୍ତିଭୂମି ବିକାଶ, ୮ଟି ନୂତନ ସହରରେ 'ଆମ ବସ୍' ସେବାର ସମ୍ପ୍ରସାରଣ ଏବଂ ଡ଼ିଜିଟାଲ ମାଧ୍ୟମରେ କିପରି ଅଧିକ ଯାତ୍ରୀ ଟିକେଟ୍ କରିପାରିବେ ଏହ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଛି ।

ଗୁରୁବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଡାକ୍ତର କୃଷ୍ଣ ଚନ୍ଦ୍ର ମହାପାତ୍ର କ୍ରୁଟ୍ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରି ଯୋଜନାଗୁଡ଼ିକର ସମୀକ୍ଷା କରିଛନ୍ତି । କଟକର ନରାଜ, ଭୁବନେଶ୍ୱରର ପୋଖରିପୁଟ, ରାଉରକେଲାର ଛେଣ୍ଡ, ବ୍ରହ୍ମପୁରର ହଳଦିଆପଦର ଓ ସମ୍ବଲପୁରରେ ଇଲେକ୍ଟ୍ରିକ୍ ଡିପୋ ନିର୍ମାଣର ଅଗ୍ରଗତି ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଡା. ତିରୁମାଲା ନାୟକ । ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର, ବାରିପଦା, ଅନୁଗୁଳ ଏବଂ ଝାରସୁଗୁଡ଼ାରେ ଆମ ବସ୍ ସେବା ପରିଚାଳନା ପାଇଁ ସମ୍ପ୍ରସାରଣ ଯୋଜନା ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ । ଗସ୍ତ ସମୟରେ ମନ୍ତ୍ରୀ ଡକ୍ଟର ମହାପାତ୍ର କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର ପରିଦର୍ଶନ କରିଥିଲେ। ଯେଉଁଠାରେ ସେ ଓଡ଼ିଶା ଯାତ୍ରୀ ଏବଂ କ୍ରୁଟ୍ ପାଇଁ ରିଅଲ୍-ଟାଇମ୍ ବସ୍ ଟ୍ରାକିଂ, ଯାତ୍ରୀ ଅଭିଯୋଗ ସମାଧାନ ବ୍ୟବସ୍ଥା ପର୍ଯ୍ୟବେକ୍ଷଣ କରିଥିଲେ । ସେ ସମନ୍ୱିତ ପ୍ରଯୁକ୍ତିବିଦ୍ୟା-ଆଧାରିତ କାର୍ଯ୍ୟଗୁଡ଼ିକୁ ପ୍ରଶଂସା କରିଥିଲେ । ଯାହା ଯାତ୍ରୀମାନଙ୍କ ଯାତ୍ରା ଅଭିଜ୍ଞତାକୁ ଉନ୍ନତ ଏବଂ କାର୍ଯ୍ୟ କ୍ଷେତ୍ରରେ ସମସ୍ୟାର ତୁରନ୍ତ ପ୍ରତିକ୍ରିୟା ଦେବାରେ ସହାୟକ ହେଉଛି ।

ଆମ ବସରେ ବିନା ଟିକେଟରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ଉପରେ କଡ଼ା ନଜର ରଖିବା ପାଇଁ ଗୁରୁତ୍ୱାରୋପ କରିଛନ୍ତି । ସେବା ଯୋଗାଇରେ ଉନ୍ନତି ଏବଂ କର୍ମଚାରୀଙ୍କ ପ୍ରେରଣା ବୃଦ୍ଧି ପାଇଁ ଯାତ୍ରୀଙ୍କ ମତାମତ ଆଧାରରେ କି ପରଫର୍ମାନ୍ସ ଇଣ୍ଡିକେଟର (କେପିଆଇ) ପ୍ରୋତ୍ସାହନ ପ୍ରଚଳନ କରିବାକୁ ସୁପାରିଶ କରିଛନ୍ତି । ଏହା ସହିତ ସେ ରାଜ୍ୟର ୪ଟି ସରକାରୀ ଭାରୀଯାନ ଚାଳନା ତାଲିମ ପ୍ରତିଷ୍ଠାନରେ ସମସ୍ତ ଡ୍ରାଇଭରମାନଙ୍କ ପାଇଁ ବାଧ୍ୟତାମୂଳକ ରିଫ୍ରେସର ତାଲିମ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏବର୍ଷ ଶେଷ ସୁଦ୍ଧା ଅନଲାଇନ୍ ଟିକେଟିଂରେ ସମୁଦାୟ ଯାତ୍ରୀଙ୍କର ୫୦% ପର୍ଯ୍ୟନ୍ତ ଲକ୍ଷ୍ୟ ରଖି ଡିଜିଟାଲ୍ କାରବାର ବୃଦ୍ଧି କରିବାକୁ ପରାମର୍ଶ ଦେଇଛନ୍ତି । ଯାତ୍ରୀମାନଙ୍କ ସହିତ ବୃତ୍ତିଗତ ଏବଂ ସୌଜନ୍ୟପୂର୍ଣ୍ଣ ପାରସ୍ପରିକ କ୍ରିୟା ସୁନିଶ୍ଚିତ କରିବା ପାଇଁ ଭୁବନେଶ୍ୱରର ଓଡ଼ିଶା ଅର୍ବାନ ଏକାଡେମୀରେ ଉନ୍ନତ ବ୍ୟବହାର ଓ ଆଚରଣଗତ ତାଲିମରେ ଅଂଶୀଭୁତ କରିବା ପାଇଁ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି । ବର୍ତ୍ତମାନ କ୍ରୁଟ୍ କଟକ, ପୁରୀ, ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ଏବଂ ସମ୍ବଲପୁରରେ ୧୦୬ଟି ରୁଟରେ ୫୬୦ଟି ଆମ ବସ୍ (୩୮୦ଟି ଡିଜେଲ୍ ଏବଂ ୧୮୦ଟି ଇଲେକ୍ଟ୍ରିକ ବସ୍) ପରିଚାଳନା କରୁଛି । ସମୀକ୍ଷା ବୈଠକରେ କ୍ରୁଟ୍ ମହା ପ୍ରବନ୍ଧକ (ଓଆଣ୍ଡଏମ୍) ସଞ୍ଜୟ ବିଶ୍ୱାଳ ଏବଂ ମହା ପ୍ରବନ୍ଧକ (ପିଆଣ୍ଡ୍ଏ) ସହଦେବ ସମଧିଆଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ସିବିଏସସି ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳାଫଳ

ନୂଆବଜାର ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଶତ ପ୍ରତିଶତ ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ

ଦଶମରେ ଭୂଦେବ ଓ ଦ୍ୱାଦଶରେ ବର୍ଷା ପ୍ରିୟଦର୍ଶିନୀ ବିଦ୍ୟାଳୟ ଟପ୍ପର

କଟକ,(ସବ୍ୟୁ): ଚଳିତ ବର୍ଷ ସିବିଏସଇ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ନୂଆବଜାର ସ୍ଥିତ ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡରୀ ଇଂରାଜୀ ଉଚ୍ଚ ବିଦ୍ୟାଳୟ ଆଶାତୀତ ସଫଳତା ହାସଲ କରିଛି । ପ୍ରତିବର୍ଷ ପରି ଏଥର ମଧ୍ୟ ୧୦୦ ପ୍ରତିଶତ ପାସହାରକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଖୁସିର ଲହରି ଖେଳିଯାଇଛି ଛ ଚଳିତ ବର୍ଷ ଦଶମ ଶ୍ରେଣୀରେ ୧୮୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ପାସ ହାର ଶତପ୍ରତିଶତ ରହିଛି ଛ ୩୭ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ୧୦୧ ଜଣ ଛାତ୍ରଛାତ୍ରୀ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଦ୍ୟାଳୟର ଛାତ୍ର ଭୂଦେବ ନନ୍ଦ ୯୭.୨ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ, ପ୍ରିୟାଂଶୁ ପ୍ରଧାନ ୯୭ ପ୍ରତିଶତ ରଖି ଦ୍ୱିତୀୟ ସ୍ଥାନ ଓ ଆଦିତ୍ୟ ଶୁକ୍ଳ ୯୬.୮ ପ୍ରତିଶତ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୧୦୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ଶତ ପ୍ରତିଶତ ଫଳାଫଳ କରିଛନ୍ତି ଛ ଦୁଇ ଜଣ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି, ୯ ଜଣ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱର୍ ଓ ୬୭ ଜଣ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି । ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ବର୍ଷା ପ୍ରିୟଦର୍ଶିନୀ ସାହୁ ୯୩ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ, ଦେବାଶିଷ ପଣ୍ଡା ୯୧ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ଅରୂପ କୁମାର ଜେନା ୮୬ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ବିଦ୍ୟାଳୟର ମହାନିର୍ଦ୍ଦେଶକ ଡଃ ଜି.ଏସ୍ ପଟ୍ଟନାୟକ, ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି, କର୍ପୋରେଟ୍ ମୁଖ୍ୟ ସମ୍ୟକ ମହାନ୍ତି, ବିଦ୍ୟାଳୟର ଅଭୁତପୂର୍ଣ୍ଣ ସଫଳତା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିଛନ୍ତି । ବିଦ୍ୟାଳୟର ଅଧକ୍ଷ ଡ. ପ୍ରଦୀପ କୁମାର ତ୍ରିପାଠୀ ଓ ପ୍ରଧାନଶିକ୍ଷକ ଦେବାନନ୍ଦ ପାଢୀ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିବା ସହ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହଯୋଗରେ ହୋଇଥିବା ସଫଳତାକୁ ଭୂୟସୀ ପ୍ରଶଂସା କରିଥିଲେ ।

DSPL-65
ଓଡ଼ିଶା ସରକାର
ଜାତୀୟ ଡେଙ୍ଗୁ ଦିବସ
୧୬ ମଇ,୨୦୨୫
"ଡେଙ୍ଗୁ ଏକ ମଶାବାହିତ ଭୂତାଣୁ ଜନିତ ଘାତକ ରୋଗ, କିନ୍ତୁ ଏହାର ସଫଳ ପ୍ରତିରୋଧ ସମ୍ଭବ । ପରିବେଶ ପରିଷ୍କାର ରଖିବା, ନିୟମିତ ମଶାରି ବ୍ୟବହାର କରିବା ଓ ଡେଙ୍ଗୁର ଲକ୍ଷଣ ଦେଖିଲେ ତୁରନ୍ତ ପରୀକ୍ଷା କରାଇ ଚିକିତ୍ସା କରିବା ଦ୍ୱାରା ଆମେ ଡେଙ୍ଗୁ କବଳରୁ ରକ୍ଷା ପାଇପାରିବା ।"
କ'ଣ କରିବା
• ପାଣି ଜମୁଥିବା ସ୍ଥାନ ଯଥା ଟିଣ, ଖଚେଇ, ଡବା, ଟାୟାର, ଫୁଲଦାନୀ, ଏୟାର କୁଲର୍ ଆଦି ଅନ୍ତତଃ ସପ୍ତାହରେ ଥରେ ସଫା କରନ୍ତୁ ।
• ଦିନ ହେଉ ବା ରାତି ଶୋଇଲାବେଳେ ମଶାରି ଟାଙ୍ଗନ୍ତୁ ।
• ପୁରା ହାତ ପୋଷାକ ପିନ୍ଧନ୍ତୁ ।
• ଜ୍ୱର ସହ ଦେହ ହାତ ଓ ଆଖି ବିନ୍ଧିବା ଓ ଦେହରେ ଲାଲ୍ ଲାଲ୍ ହୋଇ ଫଳିଯିବା ଆଦି ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଖାନାକୁ ଯାଆନ୍ତୁ ।
କ'ଣ କରିବା ନାହିଁ
• କୌଣସି ସ୍ଥାନରେ ୭ ଦିନରୁ ଅଧିକ ସମୟ ପାଣି ଜମିବାକୁ ଦିଅନ୍ତୁ ନାହିଁ ।
• ଘର ପାଖରେ ଲଟା ବୁଦା ବଢିବାକୁ ଦିଅନ୍ତୁ ନାହିଁ ।
• ଖୋଲା ଦେହରେ ବାହାରେ ବୁଲାବୁଲି କରନ୍ତୁ ନାହିଁ । (ବିଶେଷତଃ ସକାଳ ଓ ସନ୍ଧ୍ୟା ସମୟରେ)
• ଡାକ୍ତରଙ୍କ ବିନା ପରାମର୍ଶରେ ପୀଡା ନିବାରକ ଔଷଧ ଖାଆନ୍ତୁ ନାହିଁ ।
ଡେଙ୍ଗୁର ପରୀକ୍ଷା ଓ ଚିକିତ୍ସା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନା ମୂଲ୍ୟରେ ଉପଲବ୍ଧ ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
OIPR: 10003/13/0179/2526

ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଓଡ଼ିଶା ସଚିବାଳୟ ସେବା ସଂଘର ନବନିର୍ବାଚିତ ପ୍ରତିନିଧିମାନେ ସାକ୍ଷାତ କରୁଛନ୍ତି ।

ଆମ ବସ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ, ଡ୍ରାଇଭର ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଆମ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ବାଲିଅନ୍ତା ପୋଲିସ ଡ୍ରାଇଭର ଶ୍ରୀଧର ମହାନ୍ତି (୩୮)କୁ ଗିରଫ କରି କୋର୍ଟଚାଲାଣ କରିଛି । ଦୁର୍ଘଟଣା ଘଟାଇଥିବା ବସ୍‌କୁ ମଧ ଜବତ କରାଯାଇଛି ।

ବିନୋଦ ବଳଙ୍କ ଏତଲାରୁ ଜଣାଯାଇଛି ଯେ, ତାଙ୍କ ଭାଇ ଅଶୋକ ବଳ ଓ ନରେଶ ସ୍ୱାଇଁ ନାମକ ଜଣେ ସମ୍ପର୍କୀୟ ବାଇକ୍ ଯୋଗେ ସଅଁରା ଗ୍ରାମରୁ ଭୁବନେଶ୍ୱର ଆଡକୁ ଆସୁଥିଲେ । ଜିତିକରସୁଆଲୋ ଗ୍ରାମ ନିକଟରେ ଆମ ବସ୍ ତାଙ୍କୁ ଧକ୍କା ଦେଇଥିଲା । ଦ୍ରୁତ ଗତିରେ ବିପଜ୍ଜନକ ଭାବେ ଡ୍ରାଇଭର ବସ୍ ଚଳାଇ ବାଇକ୍‌କୁ ଧକ୍କା ଦେବାରୁ ଦୁଇ ବାଇକ୍ ଆରୋହୀ ଗାଡି ଛିଟିକ୍ ରାସ୍ତାରେ ପଡି ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ । ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଅଶୋକଙ୍କ ମୃତ୍ୟୁ ହୋଇଛି । ନରେଶ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଏହି ଘଟଣାର ଅଭିଯୁକ୍ତ ଡ୍ରାଇଭରକୁ ଗୁରୁବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି : କୃଷି ଓଭରସିୟରଙ୍କ ମାସିକ ଗସ୍ତଭତ୍ତା ୧୫୦୦ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର, (ସବ୍ୟୁ): କୃଷି ଓଭରସିଅର ମାନଙ୍କ ମାସିକ ଗସ୍ତଭତ୍ତା ୪୫୦ ଟଙ୍କାରୁ ୧୫୦୦ ଟଙ୍କାକୁ ବୃଦ୍ଧି ପାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି । କୃଷି ଓଭରସିଅରମାନଙ୍କୁ ଅତି କମରେ ୨୦ ଦିନ ଗସ୍ତ କରିବାକୁ ପଡ଼ିଥାଏ । ପୂର୍ବରୁ ସେମାନଙ୍କ ମାସିକ ଗସ୍ତଭତ୍ତା ୩୦୦ ଟଙ୍କା ଥିବାବେଳେ ୨୦୨୩ ରେ ୪୫୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା । ତେବେ ଏହାପରେ ସମାନ ସ୍ତରରେ ଥିବା ଅଧିକାଂଶ ପଦବୀ ଗୁଡ଼ିକର ମାସିକ ଗସ୍ତଭତ୍ତା ବୃଦ୍ଧି ପାଇଥିବା ବେଳେ କୃଷି ଓଭର୍ସିଅର ମାନଙ୍କ ଭତ୍ତା ବଢ଼ିନଥିଲା । ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଦ୍ୱାରା କୃଷି ଓଭର୍ସିଅରମାନେ ନିୟମିତ ଭାବେ ଗସ୍ତ କରିବା ପାଇଁ ପ୍ରୋତ୍ସାହିତ ହେବେ । ସୂଚନାଯୋଗ୍ୟ ଯେ, ରାଜ୍ୟରେ ସମୁଦାୟ ୧୫୬୭ ଟି କୃଷି ଓଭର୍ସିଅର ପଦବୀ ଥିବାବେଳେ ବର୍ତ୍ତମାନ ୧୨୫୭ ଜଣ କାର୍ଯ୍ୟରତ ଅଛନ୍ତି ।

ଅପରେସନ ସିନ୍ଦୁରର ସଫଳତା ପାଇଁ
ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ତରଫରୁ ପରାକ୍ରମ ଶୋଭାଯାତ୍ରା

ଭୁବନେଶ୍ୱର,(ସବ୍ୟୁ): ଗତ ଏପ୍ରିଲ ୨୨ ତାରିଖ ଦିନ ଜାମ୍ମୁ ଓ କାଶ୍ମୀରର ପହଲଗାମଠାରେ ଆତଙ୍କବାଦୀଙ୍କ ଅମାନୁଷିକ ଓ ବର୍ବରୋଚିତ ନରସଂହାରର ଅପରେସନ ସିନ୍ଦୁର ଜରିଆରେ ଦୃଢ ଜବାବ ଦେଇଛି ଭାରତୀୟ ସେନା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ଆତଙ୍କବାଦ ବିରୁଦ୍ଧରେ ଗତ ମେ ୭ ତାରିଖ ଦିନ ଅପରେସନ ସିନ୍ଦୁର ଆରମ୍ଭ ହୋଇଥିଲା । ଭାରତୀୟ ସେନାବାହିନୀର ଅଭୂତପୂର୍ବ ସାହସ ଓ ପରାକାଷ୍ଠା ଯୋଗୁଁ ପାକିସ୍ଥାନରେ ଥିବା ଆତଙ୍କବାଦୀଙ୍କ ଆଡ୍ଡା ଧ୍ୱଂସ ପାଇବା ସହିତ ବହୁ ଆତଙ୍କବାଦୀ ମୃତାହତ ହୋଇଛନ୍ତି । ଦେଶର ସୁରକ୍ଷା, ସାର୍ବଭୌମତା ରକ୍ଷା ପାଇଁ ଆତଙ୍କବାଦୀ ବିରୋଧୀ ଲଢେଇରେ ଆମ ଯବାନମାନଙ୍କ ଶୌର୍ଯ୍ୟ, ପରାକ୍ରମ ଓ ବୀରତ୍ୱ ପାଇଁ ସାରା ଦେଶ ଆଜି ଗର୍ବିତ । ନିଜ ସର୍ବୋଚ୍ଚ ବଳିଦାନର ବାଜି ଲଗାଇ ଦେଶର ସମ୍ମାନ ଓ ସ୍ୱାଭିମାନ ପାଇଁ ଲଢୁଥିବା ଆମ ଭାରତୀୟ ସେନା ଉଦ୍ଦେଶ୍ୟରେ ଗୁରୁବାର ରାଜଧାନୀରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍

ଛକରୁ ଆରମ୍ଭ ହୋଇ ସତ୍ୟନଗର କାଳିମନ୍ଦିର ଛକ ପର୍ଯ୍ୟନ୍ତ ଏହି ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଆତଙ୍କବାଦ ବିରୋଧୀ ଲଢେଇରେ ଭାରତୀୟ ସେନା ଯବାନଙ୍କ ମନୋବଳକୁ ଆହୁରି ସୁଦୃଢ କରିବା ଏବଂ ରାଷ୍ଟ୍ର ହିତ ପାଇଁ ଏକାଠି ହୋଇ ଜାତୀୟତାର ପ୍ରମାଣ ସ୍ୱରୂପ ଅନୁଷ୍ଠିତ ଏହି ପରାକ୍ରମ ଶୋଭାଯାତ୍ରାରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ, ବରିଷ୍ଠ ନାଗରିକ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ଜାତୀୟ ପତାକା ଧରି ସାମିଲ ହୋଇଥିଲେ ।

ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ତରଫରୁ ଆୟୋଜିତ

ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ, ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବୀ ସାମିଲ

ପରାକ୍ରମ ଶୋଭାଯାତ୍ରାରେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିଧାୟକ ବାବୁ ସିଂ, ଡା.ଯତୀନ ମହାନ୍ତି, ଅବସରପ୍ରାପ୍ତ ସେନାଧିକାରୀ କର୍ଣ୍ଣେଲ ବି.କେ.ବସ୍ତିଆ, ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ଅରବିନ୍ଦ ଢାଲି, ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ରାଜେନ୍ଦ୍ର ପଣ୍ଡା, ମହେଶ ମହାନ୍ତି, ବିଷ୍ଣୁ ଦାଶ ପ୍ରମୁଖଙ୍କ ସମେତ ଶତାଧିକ ବିଶିଷ୍ଟ ବ୍ୟକ୍ତି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

ଜିଓ ନେଟୱର୍କ ସମସ୍ୟା

କଣାସ,(ସବ୍ୟୁ): ମୋବାଇଲ ଓ ଇଣ୍ଟରନେଟ ଦ୍ୱାରା ଲୋକମାନଙ୍କର ଅନେକ କାମ ସହଜ ହୋଇପାରୁଛି ।ହେଲେ ଏବେ ଜିଓ ନେଟୱର୍କ ସମସ୍ୟା ଯୋଗୁ ଉପଭୋକ୍ତାଙ୍କର ସବୁ କାର୍ଯ୍ୟ ଅଚଳ ହେଇପଡୁଛି ।ପୁରୀ ଜିଲ୍ଲା କଣାସ ବ୍ଲକରେ ଜିଓ ଟେଲିକମ୍ କମ୍ପାନୀର ସହ ସହ ସାଧାରଣ ଉପଭୋକ୍ତା ,ବ୍ଲକ,ତହସିଲ,ବ୍ୟାଙ୍କ,ମେଡିକାଲ ,ଥାନା ଆଦି ବିଭିନ୍ନ କାର୍ଯ୍ୟାଳୟରେ ଜିଓର ଇଣ୍ଟରନେଟ ଠାରୁ ଆରମ୍ଭ କରି ବାର୍ତ୍ତା ଆଳାପରେ ଗତ ୧୫ ଦିନରୁ ଉର୍ଦ୍ଧ ହେବ ଘୋର ସମସ୍ୟା ଦେଖାଦେଇଛି । ସାଧାରଣ ଲୋକ କୌଣସି ସ୍ଥାନକୁ ଜିଓ ମୋବାଇଲରୁ କଲ କଲେ ସଠିକ୍ ଭାବରେ କଲ ଲାଗୁ ନଥିବା ଜିଓ ଗ୍ରାହକ ଅଭିଯୋଗ କରିଛନ୍ତି । ସାଧାରଣ ଲୋକେ ବିଭିନ୍ନ କାର୍ଯ୍ୟାଳୟ କିମ୍ବା ବ୍ୟାଙ୍କ କୁ ଗଲେ ଇଣ୍ଟରନେଟ୍ ସେବା ନଥିବାରୁ ଲୋକମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି ।

ଜୁନ ୬ ରୁ ୮ ହେବ ୱଣ୍ଡର ଫେଷ୍ଟ ୨୦୨୫ର ଦ୍ୱିତୀୟ ସଂସ୍କରଣ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଆସେମ୍ବଲୀ ଅଫ୍ ସ୍ମଲ୍ ଆଣ୍ଡ ମିଡିଅମ୍ ଏଣ୍ଟରପ୍ରାଇଜେସ୍‌ର ମହିଳା ଶାଖା ପକ୍ଷରୁ ସ୍ଥାନୀୟ ଓଡ଼ିଶା ପ୍ରେସ୍ କ୍ଲବ୍‌ରେ ପ୍ରାକ୍-ଇଭେଣ୍ଟ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି 'ୱଣ୍ଡର ଫେଷ୍ଟ ୨୦୨୫'ର ଦ୍ୱିତୀୟ ସଂସ୍କରଣର ବିବରଣୀ ଉନ୍ମୋଚନ କରିଛି । ଯାହା ନାରୀତ୍ୱ, ଉଦ୍ୟୋଗୀତା ଏବଂ ଓଡ଼ିଆ କଳା ଓ ସଂସ୍କୃତିକୁ ପାଳନ କରୁଥିବା ଏକ ତିନି ଦିନିଆ ପ୍ରଦର୍ଶନୀ କାର୍ଯ୍ୟକ୍ରମ ହେବ। ଏହି କାର୍ଯ୍ୟକ୍ରମ ଜୁନ୍ ୬ ରୁ ୮ ଜୁନ୍ ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱରରେ ପଟିଆ ସ୍ଥିତ କ୍ରିଷ୍ଟାଲ୍ କ୍ରାଉନ୍ କନଭେନସନ୍‌ରେ ଆୟୋଜିତ ହେବ। ଗଣମାଧ୍ୟମକୁ ସମ୍ବୋଧିତ କରି, ସଂସ୍ଥାର ଅଧ୍ୟକ୍ଷ ଗୌରୀ ଶଙ୍କର ଦାଶ ଆୟୋଜିତ ହେବାକୁ ଥିବା ପ୍ରଦର୍ଶନୀର ବୃହତ୍ତ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ମହାସଚିବ ସାତ୍ୱିକ ସ୍ୱାଇଁ କହିଛନ୍ତି ଯେ,'ପ୍ରଦର୍ଶନୀରେ ୧୨୦ ରୁ ଅଧିକ ଉଦ୍ୟୋଗୀ ଅଂଶଗ୍ରହଣ କରିବେ ଏବଂ ଫ୍ୟାଶନ ପୋଷାକ, ଆସେସୋରିଜ୍, ସାଧାରଣ ପୋଷାକ, ହସ୍ତତନ୍ତ, ହସ୍ତଶିଳ୍ପ, ଖଦି ଉତ୍ପାଦ, କଏର ସାମଗ୍ରୀ, ଅଳଙ୍କାର, ବ୍ୟାଗ୍, ସୌନ୍ଦର୍ଯ୍ୟ ଯତ୍ନ ସାମଗ୍ରୀ ଏବଂ ପ୍ୟାକେଜିଂ ସାମଗ୍ରୀ ସମେତ ବିଭିନ୍ନ ଖାଦ୍ୟ ଏବଂ ପାନୀୟ ଏହି ପ୍ରଦର୍ଶନୀର ଅଂଶ ବିଶେଷ ହେବ । ସେହିପରି ମହିଳା ଶାଖାର କେନ୍ଦ୍ରୀୟ କାର୍ଯ୍ୟାଳୟର ସଚିବ ଅନ୍ୱେଷା ରାଉତ, ପ୍ରତିଶ୍ରୁତି ଜେନା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମର ଏକ ବିଶେଷ ଆକର୍ଷଣ ହେବ 'ୱଣ୍ଡର ୱିମେନ୍'

ପୁରସ୍କାର ସମାରୋହ, ଯାହା ସମାଜ ଏବଂ ଉଦ୍ୟୋଗରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ବିଭିନ୍ନ କ୍ଷେତ୍ରର ଉତ୍କୃଷ୍ଟ ମହିଳା ଉଦ୍ୟୋଗୀଙ୍କୁ ସମ୍ମାନିତ କରିବ। ଏହା ସହିତ, ଏହି ମହୋତ୍ସବରେ ଏକ 'ଲିଟିଲ୍ ମିସ୍ ଆଣ୍ଡ୍ ଲିଟିଲ୍ ମାଷ୍ଟର' ପ୍ରତିଯୋଗିତା ପ୍ରଦର୍ଶିତ ହେବ। ଏହି ସାମ୍ବାଦିକ ସମ୍ମିଳନୀ ଭାରତ ସରକାରଙ୍କ ଏମଏସଏମଇ ବିଭାଗ, ଏମଏସଏମଇ ମନ୍ତ୍ରଣାଳୟ ସମେତ ବିଭିନ୍ନ ସରକାରୀ ବିଭାଗର ସମର୍ଥନ ଏବଂ ଅଂଶଗ୍ରହଣ ଉପରେ ମଧ ଆଲୋଚନା ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ସଂସ୍ଥାର ସଚିବ ବିନ୍ଧ୍ୟବାସିନୀ ଜେନା, ଓଏଏସଏମଇ ମହିଳା ଶାଖା ଖୋର୍ଦ୍ଧା ଚାପ୍ଟର ସଚିବ ମମତା ମହାନ୍ତି ସହ ଯୁଗ୍ମ ସଚିବ, ଓଏଏସଏମଇ ମହିଳା ଶାଖା ଖୋର୍ଦ୍ଧା ଚାପ୍ଟର ଶ୍ରୀମତୀ ବିଦ୍ୟୁଲତା ଜେନା ମଧ ଉପସ୍ଥିତ ଥିଲେ ।

ବିଏମ୍‌ସିର ୱାର୍ଡସ୍ତରୀୟ ଅଭିଯୋଗ ଶୁଣାଣି ଆରମ୍ଭ

ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୱାର୍ଡସ୍ତରୀୟ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଛି । ବିଏମ୍‌ସି ପକ୍ଷରୁ ଆଜି(ଗୁରବାର) ୩୪ ନମ୍ବର ୱାର୍ଡ ଅନ୍ତର୍ଗତ ସତ୍ୟନଗର ୱାର୍ଡ ଅଫିସରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବିଏମସି ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଏହି ଅଭିଯୋଗ ଶୁଣାଣି ଶିବିରରେ ୱାର୍ଡର ସମସ୍ତ ସାହି, ବସ୍ତି, ଆବାସିକ ସଂଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ଏସ୍‌ଏଚଜିର ସଦସ୍ୟା, ସାଧାରଣ ନାଗରିକ ପ୍ରମୁଖ ଶତାଧିକ ଲୋକ ଉପସ୍ଥିତ ଥିଲେ ।

ବିଭିନ୍ନ ସ୍ଥାନରେ ଡ୍ରେନ ସଫେଇ, ଡ୍ରେନ ଉପରେ ସ୍ଲାବ, ରାସ୍ତା ମରାମତି, ନୂତନ ରାସ୍ତା ନିର୍ମାଣ, ସ୍ୱେରେଜ୍ ପାଣି ଲିକ୍, ଜବରଦଖଲ ଉଚ୍ଛେଦ ଆଦି ସଂପର୍କରେ ସ୍ଥାନୀୟ ଲୋକେ ଦୃଷ୍ଟି ଆକର୍ଷଣ କରିଥିଲେ । ମେୟର ଲୋକମାନଙ୍କର ଅଭିଯୋଗ ଶୁଣିବା ସହିତ ଉପବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ନୂତନ ରାସ୍ତା ନିର୍ମାଣ, ରାସ୍ତା ମରାମତି ଏବଂ ନୂତନ ଡ୍ରେନ କାମ ପାଇଁ ଆସିଥିବା ଅଭିଯୋଗ ମଧ୍ୟରୁ କେତେକ ଟେଣ୍ଡର ହୋଇସାରିଥିବା ବେଳେ ଆଉ କେତେକ କାମ ଆରମ୍ଭ ହେବାକୁ ଯାଉଛି ବୋଲି ଉପସ୍ଥିତ ଉପବିଭାଗୀୟ ଅଧିକାରୀମାନେ ଅଭିଯୋଗକାରୀମାନଙ୍କୁ ଅବଗତ କରାଇଥିଲେ । ଏହି ଅଭିଯୋଗ ଶୁଣାଣି ଶିବିର ସପ୍ତାହକୁ ତିନି ଦିନ ଅର୍ଥାତ ମଙ୍ଗଳବାର, ଗୁରୁବାର ଓ ଶନିବାର ସକାଳ ୮ଟାରୁ ୧୦ ମଧ୍ୟରେ କରାଯିବ ।

ବରିଷ୍ଠ ସାମ୍ବାଦିକ ଜ୍ଞାନରଞ୍ଜନ ଦାସ ସମ୍ବର୍ଦ୍ଧିତ

ଭୁବନେଶ୍ୱର, (ସବ୍ୟୁ): ଜୟଦେବ ଭବନ ଠାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଦର ପକ୍ଷରୁ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ଜ୍ଞାନରଞ୍ଜନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପାର୍ଶ୍ୱରେ ଅନୁଷ୍ଠାନର ସଭାପତି ପ୍ରାକ୍ତନ ଆୟକର ପ୍ରଧାନ ଆୟୁକ୍ତ ଶରତ କୁମାର ଦାଶ, ସମ୍ପାଦିକା ସସ୍ମିତା ଦାସ, ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ଡଃ ଅଜୟ ସ୍ୱାଇଁ, ଚାଟାର୍ଡ ଆକାଉଣ୍ଟାଣ୍ଟ ଶରତ ଚନ୍ଦ୍ର ଭଦ୍ର ଉପସ୍ଥିତ ରହି ସମ୍ବର୍ଦ୍ଧିତ କରୁଛନ୍ତି ।

ମୁମ୍ବାଇର ଜାହାଙ୍ଗିରୀ ଆର୍ଟ ଗ୍ୟାଲେରୀରେ ରଞ୍ଜନ ମଲ୍ଲିକଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର,(ସବ୍ୟୁ): ମୁମ୍ବାଇର ଜାହାଙ୍ଗୀର ଆର୍ଟ ଗ୍ୟାଲେରୀଠାରେ ଚଣ୍ଡିଗଡ ଚିତ୍କରା ବିଶ୍ୱବିଦ୍ୟାଳୟର ଚିତ୍ର ବିଭାଗର ଅଧ୍ୟାପକ ଡ. ରଞ୍ଜନ କୁମାର ମଲ୍ଲିକଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । ଏହି ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଭାବେ ଭିକ୍ଟର ଗୋରେଲିଖ, ନିର୍ଦ୍ଦେଶକ ରୁଷିଆନ୍ ହାଉସ୍, ମୁମ୍ବାଇ, ପ୍ରଫେସର ଅନିଲ ନାୟକ, ପ୍ରସିଦ୍ଧ କଳାକାର ଏବଂ ଶିକ୍ଷାବିତ୍, ମୁମ୍ବାଇ, ସମ୍ମାନିତ ଅତିଥି ଭାବେ ଡକ୍ଟର ଗଣେଶ ତାର୍ଟେରେ , ଡିନ୍ ଜେ ଜେ ସ୍କୁଲ୍ ଅଫ୍ ଆର୍ଟ, ସୁରେନ୍ଦର ଜଗପାପ୍ , ଏନ ଜି ଏମ, ମୁମ୍ବାଇର ସଦସ୍ୟ, ମାରୁତି ଜେଆଇ, ଲଳିତକଳା ଏକାଡେମୀ ନୂଆଦିଲ୍ଲୀର ସଦସ୍ୟ, ଡକ୍ଟର ବିଜୟ ଧୋରେ , ବିଶିଷ୍ଟ କଳାକାର, ହାଇଦ୍ରାବାଦ, ନୂଆଦିଲ୍ଲୀ, ଅକ୍ଷ୍ୟତ ସିହ୍ନା , କଳା ସଂଯୋଜକ, ନୂଆଦିଲ୍ଲୀ, ଶ୍ରୀକାନ୍ତ କଦମ , ବମ୍ବେ ଆର୍ଟ ସୋସାଇଟିର ସଦସ୍ୟ, ଶ୍ରୀ ସୁବୋଧ ଅତିରିକ୍ତ ,ଡିଜାଇନର୍,

ମୁମ୍ବାଇ, ଶ୍ରୀ ସାଇନି , ଗ୍ୟାଲେରିଷ୍ଟ, କୁମୁଦ ଦାସ କଳାକାର, ମୁମ୍ବାଇ, ଶ୍ରୀ ଦେବଶି , ଆନିମେଟର, ପ୍ରିୟ ରଂଜନ , ଏବଂ କାନୱାଲ ପାଲ , ସଚିବ ଚଣ୍ଡିଗଡ ଲଳିତକଳା ଏକାଡେମୀ ଶ୍ରୀମତୀ ଗୋଲଜି , ଶିଳ୍ପୀ ଏବଂ ବହୁ କଳାକାର ଏହି ପ୍ରଦର୍ଶନୀ ବୁଲି ଦେଖିଥିଲେ । ପ୍ରଦର୍ଶନୀରେ ନୂଆଦିଲ୍ଲୀର ଶିଳ୍ପୀ ତଥା କ୍ୟୁରେଟର ଡକ୍ଟର ଭିନିତ ଭରଦ୍ୱାଜଙ୍କ ଦ୍ୱାରା ହୋଷ୍ଟ ଭାବେ ରହିଥିଲେ । ପ୍ରଦର୍ଶନୀରେ ଶ୍ରୀ ମଲ୍ଲିକଙ୍କ ସ୍ୱପ୍ନର ଦୁନିଆ ଶୀର୍ଷକ ୪୫ଟି ସୃଜନଶୀଳ ଚିତ୍ର ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା । ମେ ୧୨ ତାରିଖ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ସୁନାମଧନ୍ୟା ଅଭିନେତ୍ରୀ ସ୍ୱେତା କାୱିତ୍ର ଏବଂ ଖ୍ୟାତନାମା ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ସିନେମା ଫୋଟୋଗ୍ରାଫର୍ ପଦ୍ମଶ୍ରୀ ଏ କେ ବୀର ଯୋଗଦେଇ ଶିଳ୍ପୀଙ୍କ ଚିତ୍ରକଳାର ଭୂୟସୀ ପ୍ରଶଂସା କରିଥିଲେ ।

ପୁରୀ ଜିଲ୍ଲା ପରିଷଦର ୭ମ ବୈଠକ

ପୁରୀ, (ସବ୍ୟୁ): ପୁରୀ ଜିଲ୍ଲା ପରିଷଦର ୭ମ ବୈଠକ ବୁଧବାର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲା ପରିଷଦର ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ କହିଥିଲେ ଜିଲ୍ଲା ପରିଷଦ ଗ୍ରାମର ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ ଏକ ବଡ ଫୋରମ । ତେଣୁ ସଦସ୍ୟ ମାନଙ୍କ ମତାମତକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ସହ ପୁରୀକୁ ଏକ ବିକଶିତ ଓ ସମୃଦ୍ଧ ଜିଲ୍ଲାରେ ପରିଣତ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇ ପୁରୀ ଜିଲ୍ଲାର ଅର୍ଥନୀତି କୃଷି ଉପରେ ନିର୍ଭର ଶୀଳ ଥିବା ବେଳେ ବନ୍ୟା ଓ ବାତ୍ୟା ସବୁଠାରୁ ବଡ ବିପର୍ଯ୍ୟୟ । ସେହିପରି ପର୍ଯ୍ୟଟନ ଆମକୁ ଆଗକୁ ନେବ । ତେଣୁ ସମସ୍ତେ ଏକ ହୋଇ ତଳ ସ୍ତରରେ ଥିବା ସମସ୍ୟାକୁ ଦୂରେଇ ମୌଳିକ ସୁବିଧା ସୁଯୋଗ ଯୋଗାଇବାକୁ ପରାମର୍ଶ ଦେଇଥିଲେ । ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଜିଲ୍ଲା ପରିଷଦ ବୈଠକ କୁ ପ୍ରସ୍ତୁତ ହୋଇ ଆସିବା, ପୂର୍ବ ବୈଠକର ଆଲୋଚନା ଓ ପ୍ରସ୍ତାବ କୁ ରେ ସମାଧାନ ଅନୁସାରେ ବିବରଣୀ ରେ ସ୍ଥାନିତ କରିବା,ସମୟ ବଞ୍ଚାଇବା ପାଇଁ ପିପିଟି ମାଧ୍ୟମରେ ତଥ୍ୟ ରଖିବା ଓ ପାକିସ୍ତାନ ଉପରେ ସିନ୍ଦୂର ର ପରାକ୍ରମ ସମ୍ପର୍କରେ ତିନି ସେନାକୁ ସମସ୍ତ ସଦସ୍ୟ ଙ୍କ ସ୍ୱାକ୍ଷର ସମ୍ବଳିତ ଧନ୍ୟବାଦ ପତ୍ର ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ । ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ ଜନ ହିତ ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ,ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବିଭିନ୍ନ ବିଭାଗର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତ ଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ ।

କର୍ଣ୍ଣ-ନାସା-ଗଳା ଅସ୍ତ୍ରୋପଚାର
ଦ୍ରୁତ ଆରୋଗ୍ୟ ପାଇଁ କିମସରେ ଲାଗିଲା ଅତ୍ୟାଧୁନିକ ମେସିନ୍

ଭୁବନେଶ୍ୱର, (ସବ୍ୟୁ): କର୍ଣ୍ଣ-ନାସା-ଗଳା ଓ କର୍କଟ ରୋଗର ଉନ୍ନତ ଅସ୍ତ୍ରୋପଚାର ପାଇଁ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (କିମ୍ସ)ରେ ଏକ ଅତ୍ୟାଧୁନିକ ସିଓଟୁ ମେସିନ୍ ଉଦ୍‌ଘାଟିତ ହୋଇଯାଇଛି । କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ମେସିନ୍‌କୁ ଉଦ୍‌ଘାଟନ କରି କହିଛନ୍ତି । ଏହା କର୍ଣ୍ଣ-ନାସା-ଗଳା ଓ କର୍କଟ ରୋଗର ଉନ୍ନତ ଅସ୍ତ୍ରୋପଚାର କ୍ଷେତ୍ରରେ ଏହା ଏକ ମାଇଲ୍ ଖୁଣ୍ଟ ହେବ । ଏହା ଦ୍ୱାରା ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ଲୋକମାନେ ଅତ୍ୟାଧୁନିକ ଚିକିତ୍ସା ପାଇପାରିବେ । ଏହି ଅବସରରେ କିମ୍ସ କର୍ଣ୍ଣ-ନାସା-ଗଳା ବିଭାଗର ମୁଖ୍ୟ ଡା. କବିକାନ୍ତ ସାମନ୍ତରାୟ ସିଓଟୁ ଲେଜର ମେସିନ୍‌ରେ ବିଭିନ୍ନ ଉପଯୋଗିତା ଉପରେ ଆଲୋକପାତ କରିଥିଲେ । କର୍କଟ ଓ କର୍ଣ୍ଣ-ନାସା-ଗଳା ରୋଗୀଙ୍କ ଅସ୍ତ୍ରୋପଚାର କ୍ଷେତ୍ରରେ ଏହା ହେଉଛି ସର୍ବାଧୁନିକ ମେସିନ୍ ବୋଲି ସେ ଦାବି କରିଛନ୍ତି । ଏହା ଦ୍ୱାରା ବିନା ରକ୍ତକ୍ଷୟରେ ଅସ୍ତ୍ରୋପଚାର ହେଉଥିବା ଯୋଗୁଁ ରୋଗୀ ଦ୍ରୁତ

ଆରୋଗ୍ୟ ଲାଭ କରିଥାଏ । ଏହି ମେସିନ୍ ଦ୍ୱାରା ସ୍ୱତନ୍ତ୍ର ଅସ୍ତ୍ରୋପଚାର ଭଳି ସମସ୍ତ ପ୍ରକାର ସୂକ୍ଷ୍ମ ଓ ଜଟିଳ ଅସ୍ତ୍ରୋପଚାର ସମ୍ଭବ ହୋଇପାରିବ । ଏହି ଅସ୍ତ୍ରୋପଚାର ପାଇଁ ପୂର୍ବରୁ ରୋଗୀମାନେ ମୁମ୍ବାଇ କିମ୍ବା ଦିଲ୍ଲୀକୁ ଯାଉଥିଲେ । ଏଥିପାଇଁ ସେମାନଙ୍କୁ ଆର୍ଥିକ ବୋଝ ପଡୁଥିଲା । କିମ୍ସରେ ଏହି ସୁବିଧା ଉପଲବ୍ଧ ହେବା ପରେ ଏଣିକି ରୋଗୀଙ୍କୁ ସୁଲଭ ଦରରେ ଏହି ସୁବିଧା ମିଳିପାରିବଛ କିମ୍ସରେ ଲେଜର-ଆଧାରିତ ଏହି ଚିକିତ୍ସା ୨୪ଘଣ୍ଟିଆ ଉପଲବ୍ଧ ହେବ । ସମ୍ପ୍ରତି ଲେଜର ଅସ୍ତ୍ରୋପଚାର ଚାହିଦା ରୋଗୀଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ବେଳେ କିମ୍ସରେ ଏହି ସୁବିଧା ସହିତ, ଠିକ୍ ଏବଂ ସର୍ବନିମ୍ନ କ୍ଷତରେ ଚିକିତ୍ସା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଡା. ସାମନ୍ତରାୟ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଆର ସି ଦାସ, କିମ୍ସ ମେଡିକାଲ ଅଧୀକ୍ଷକ ଡା ମାନସ ରଞ୍ଜନ ବେହେରା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଓୟୋ ଅନ୍ତେବାସିନୀଙ୍କ ସନ୍ଦେହଜନକ ମୃତ୍ୟୁ
ହତ୍ୟା ଅଭିଯୋଗ କଲେ ମା'

ଭୁବନେଶ୍ୱର, (ସବ୍ୟୁ) : ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଏକ ଓୟୋରେ ରହୁଥିବା ଜଣେ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ଓୟୋ କୋଠା ପାଖ ରାସ୍ତାରେ ପଡିଥିବା ଯୁବତୀଙ୍କ ରକ୍ତ ଜୁଡୁବୁଡୁ ଶବ ପୋଲିସ ଜବତ କରି ସାଇଣ୍ଟିଫିକ୍ ଟିମ୍ ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ଅନ୍ୟ ପକ୍ଷରେ ମୃତ ଯୁବତୀଙ୍କ ମା' ପ୍ରମିଳା ମହାପାତ୍ର ଖଣ୍ଡଗିରି ଥାନାରେ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି । ପୋଲିସ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ପଚରାଉଚରା କରୁଛି ।

ଦୀର୍ଘ ୨ମାସ ହେବ ଜାଗମରା ପଞ୍ଚସଖା ନଗରରେ ଥିବା ଦାସ ଇନ୍ ଓୟୋର ୩୦୧ ନମ୍ବର ରୁମ୍‌କୁ ବିଭୂତି ପ୍ରତିହାରୀ ନାମକ ଜଣେ ଯୁବକ ଭଡା ନେଇ ରହୁଥିଲେ । ତାଙ୍କ ପାଖକୁ ନୟାଗଡ ସୋନାଲି ମହାପାତ୍ର ଯିବା ଆସିବା କରିବା ସହ ରାତିରେ ମଧ ରୁହନ୍ତି । ସେହି ଓୟୋର ମାଲିକଙ୍କ କହିବାନୁଯାୟୀ ଉଭୟେ ତାଙ୍କୁ ସ୍ୱାମୀ-ସ୍ତ୍ରୀ ପରିଚୟ ଦେଇଥିଲେ । ଦୁଇ ପରିବାର ମଧ ତାଙ୍କ ପ୍ରେମକୁ ସ୍ୱୀକୃତି ଦେଇଥିଲେ । ମାସକ ପରେ ଦୁହିଁଙ୍କ ବିବାହ ହୋଇଥାନ୍ତା । ବୁଧବାର ଦିନ ସୋନାଲି ବିଭୂତିଙ୍କ ପାଖକୁ ଆସିଥିଲେ । ରାତିରେ ଉଭୟଙ୍କ ମଧ୍ୟରେ କଳିଝଗଡା ହୋଇଥିଲା । ପାଖ ରୁମ୍‌ରେ ରହୁଥିବା ପ୍ରେମୀଯୁଗଳ ଆସି ତାଙ୍କୁ ବୁଝାସୁଝା କରିଥିଲେ । ଉଭୟଙ୍କ ଝଗଡା ଉଗ୍ରରୂପ ନେବାରୁ ଓୟୋର ମାଲିକ ମଧ ଆସି ତାଙ୍କୁ ବୁଝାସୁଝା କରିଥିଲେ । ଉଭୟଙ୍କ କଳିଝଗଡାରେ ବାହାର ଲୋକ ପଶିବା ଦେଖି ଦୁହେଁ ରୁମ୍ ତାଲା ପକାଇ ଛାତ ଉପରକୁ ଯାଇଥିଲେ । ସନ୍ଧ୍ୟାବେଳେ ମଧ ବାହାରକୁ ଯାଇ ଖାଇବା ଆଣିଥିଲେ । ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ଦୁଇଜଣଙ୍କ ବୁଝାମଣା ଠିକ୍ ଥିଲା । ଉଭୟଙ୍କ ମଧ୍ୟରେ କ'ଣ ଘଟିଲା କେଜାଣି ସେମାନେ ଘରେ ଓ ଛାତ ଉପରେ କଳିଝଗଡା ଲାଗିଥିବା ସେଠିକାର ଲୋକମାନେ କହୁଛନ୍ତି । ଛାତ ଉପରକୁ ଯିବାର କିଛି ସମୟ ପରେ ପଡିଯିବା ଭଳି ଜୋର୍ ଶବ୍ଦ ଶୁଭିବାରୁ ମାଲିକ ତଦାରଖ କରି ଦେଖିଥିଲେ ଯେ, ସୋନାଲି ଓୟୋ ପାଖ ରାସ୍ତାରେ ପଡିଛନ୍ତି । ସେ ପୋଲିସକୁ ଖବର କରିବା ପରେ ପୋଲିସ ପହଞ୍ଚି ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ ।

ଗୁରୁବାର ସକାଳେ ସୋନାଲିଙ୍କ ମା' ପ୍ରମିଳା ପହଞ୍ଚି ଖଣ୍ଡଗିରି ଥାନାରେ ହତ୍ୟା ଅଭିଯୋଗ କରିବା ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ଛାନ୍‌ଭିନ୍ କରିଛି । ସାଇଣ୍ଟିଫିକ୍ ଟିମ୍ ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ନେଇଛି । ସୋନାଲିଙ୍କ ମୃତ୍ୟୁ କିପରି ହେଲା ତାହା ସ୍ପଷ୍ଟ ହୋଇନଥିବା ବେଳେ ମା' ହତ୍ୟା ଅଭିଯୋଗ କରିବାରୁ ପୋଲିସ ଅଡୁଆରେ ପଡିଯାଇଛି । କାରଣ ବ୍ୟବଚ୍ଛେଦ ରିପୋର୍ଟରେ ଶରୀରର କେଉଁ ଅଂଶରେ ମାଡ ହୋଇ ସୋନାଲିଙ୍କ ମୃତ୍ୟୁ ହୋଇଛି ତାହା ଜଣାପଡିବ । ହେଲେ ସେ ଛାତ ଉପରୁ ଡେଇଁଛନ୍ତି ନା ଖସିପଡିଛନ୍ତି କିମ୍ବା ତାଙ୍କୁ ବଏଫ୍ରେଣ୍ଡ୍ ବିଭୂତି ଠେଲି ହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହେବନାହିଁ । ପୋଲିସ ତଦନ୍ତ ବିଭିନ୍ନ ଦିଗକୁ ଆଧାର କରି ଚାଲିଛି । ସୋନାଲିର ମା'ଙ୍କ ବୟାନ ରେକର୍ଡ କରିଛି ପୋଲିସ । ସେହିପରି ଓୟୋ ମାଲିକ ଓ ଅନ୍ୟାନ୍ୟ ଅନ୍ତେବାସୀଙ୍କ ବୟାନ ମଧ ରେକର୍ଡ କରାଯାଇଥିବା ସୂଚନା ମିଳିଛି । ତଦନ୍ତ ଆଗକୁ ବଢିଲେ ମୃତ୍ୟୁ ରହସ୍ୟ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

ଅପରେସନ ସିନ୍ଦୂରର ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା

ବ୍ରହ୍ମପୁର, (ସବ୍ୟୁ): ଅପରେସନ ସିନ୍ଦୂର' ସଫଳତା ପ୍ରତି ସମ୍ମାନ ଓ ଆତଙ୍କବାଦ ବିରୋଧରେ ଆମ ବୀର ସେନାଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ମହାନଗର ନଗର ନିଗମ ତରଫରୁ ଏକ ଗ୍ରାଣ୍ଡ ତିରଙ୍ଗା ରାଲି ଆୟୋଜିତ ହୋଇଥିଲା । ଏହି ରାଷ୍ଟ୍ରପ୍ରେମମୟ ଅବସରରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ଉପଜିଲ୍ଲାପାଳ ଦିନା ଦସ୍ତା ଗୀର, ବ୍ରହ୍ମପୁର ନିଗମ କମିସେନର ଭବାନୀ ପ୍ରସାଦ ମିଶ୍ର, ତହସିଲଦାର ଈଶ୍ୱର ଚନ୍ଦ୍ର ସାହୁ, ବ୍ରହ୍ମପୁର ଟାଉନ ଥାନା ଅଧିକାରୀ ଓ ପୋଲିସ ଷ୍ଟାଫ, କର୍ପୋରେଟର ସବିତା ସାହୁ, କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ, ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଳ, ପ୍ରଦୀପ ନାୟକ, ଟି ଗୋପୀ, ବିଷ୍ଣୁ ସୁବୁଦ୍ଧି, ବନମାଳୀ ସେଠି, ଜଗନ୍ନାଥ ଜେନା, ପ୍ରଣୟ ମହାପାତ୍ରଙ୍କ ସମେତ ଭାଜପାର ବହୁ ସଦସ୍ୟ /ସଦସ୍ୟା, ବ୍ରହ୍ମପୁରର ବହୁ ସାମ୍ବାଦିକ ଅଂଶଗ୍ରହଣ କରି ଶୋଭାଯାତ୍ରାରେ ଭାଗ ନେଇଥିଲେ । ଗରିମାମୟ ଉପସ୍ଥିତି ଦେଇ ଜନମନରେ ଦେଶପ୍ରେମର ଉତ୍ସାହ ସଂଚାର କରିଥିଲେ । ରାଲିର ଆରମ୍ଭ ରାମଲିଙ୍ଗେଶ୍ୱର ପାର୍କ ସ୍ଥିତ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତି ଚାରଣ କରିଥିଲେ ।

ବିଧାୟକଙ୍କ ନେତୃତ୍ୱରେ ଶୁଭାରମ୍ଭ ହୋଇଥିବା ଏହି ତିରଙ୍ଗା ଶୋଭାଯାତ୍ରା ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଛକ ଠାରେ ଶେଷ ହୋଇଥିଲା । ତିରଙ୍ଗା ହାତରେ ଧରି, ଭାରତ ମାତା କୀ ଜୟ ଓ ଜୟ ହିନ୍ଦ ଜୟଘୋଷରେ ନଗରବାସୀ ଏକତା, ଦେଶପ୍ରେମ ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା, ଶିକ୍ଷାର୍ଥୀ ଓ ଅବସରପ୍ରାପ୍ତ ସେନା ଅଧିକାରୀମାନେଙ୍କ ସମେତ ବ୍ରହ୍ମପୁରର ଜନସାଧାରଣ ବିଶେଷ ଭାବରେ ଅଂଶ ଗ୍ରହଣ କରିଥିଲେ । ଏହି ଶୋଭାଯାତ୍ରା ଦ୍ୱାରା ଏକ ଶକ୍ତିଶାଳୀ ବାର୍ତ୍ତା ଦିଆଯାଇଥିଲା- ଯେ ଆମ ଏକତା, ଆମ ଦେଶପ୍ରେମ ଓ ଆମ ସମ୍ମିଳିତ ସମର୍ଥନ ହିଁ ଆମ ସେନାର ମନୋବଳକୁ ଦୃଢ଼ କରିଥାଏ ।

୨ ୱାରେଣ୍ଟି ଗିରଫ

ବୁଗୁଡା, (ସବ୍ୟୁ): ସ୍ଥାନୀୟ ପୋଲିସ ଆଜି ୨ ଜଣ ଫେରାର ଆସାମୀଙ୍କୁ ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ପ୍ରକାଶ କରିଛନ୍ତି । ଗିରଫ ଦୁଇ ଜଣ ହେଲେ ବୁଗୁଡା ଥାନା ଅନ୍ତର୍ଗତ ହାତୀଗଣ୍ଡ ଗ୍ରାମର ନୀର ନାଇକ (୬୫), ସମଲେଇ ଗ୍ରାମର ଲମ୍ବୋଦର ନାଇକ (୫୫) । ଗାଁ ଗଣ୍ଡଗୋଳକୁ ନେଇ ନୀର ନାମରେ ଜିଆର ନଂ ୧୭୫/୨୦୧୬ରେ ଏକ ମାମଲା ରହିଥିବା ବେଳେ ଯୌତୁକ ନିର୍ଯାତନା ଅଭିଯୋଗରେ ଲମ୍ବୋଦରଙ୍କ ନାମରେ ଜିଆର ନଂ ୩୪୩/୨୦୨୩ରେ ଏକ ମାମଲା ରହିଥିଲା । ତେବେ ଫେରାର ଆସାମୀ ଦ୍ୱୟଙ୍କୁ ପୋଲିସ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

ୱାର୍ଡ କାଉନ୍‌ସିଲର ଓ ସହଯୋଗୀଙ୍କୁ ମରଣାନ୍ତକ ଆକ୍ରମଣ

ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ବିଜେଡି ପ୍ରତିନିଧି ଦଳ ଏସ୍‌ପିଙ୍କୁ ଭେଟିଲେ

ବାରିପଦା, (ସବ୍ୟୁ) : ବୁଧବାର ବାରିପଦା ସହରରେ ୨୨ନଂ କାଉନ୍‌ସିଲର ଓ ତାଙ୍କ ସହଯୋଗୀଙ୍କୁ ଦୁର୍ବୃତ୍ତ ମାନେ ଆକ୍ରମଣ କରିଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯିବା ସହ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ନେଇ ଦଳ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି । ଏନେଇ ବିଜେଡି ପକ୍ଷରୁ ଏକ ପ୍ରତିନିଧି ଦଳ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପଲ୍ଲୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ବାରିପଦା ସହରରେ ଲୁଟ ଛିନତାଇ ର ମାତ୍ରା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଅସାମାଜିକ ଲୋକଙ୍କ ଆଡ୍ଡା ସ୍ଥଳୀ ପାଲଟିଛି । ବୁଧବାର ସନ୍ଧ୍ୟାରେ ବାରିପଦା ପୌରପାଳିକାର ୱାର୍ଡ ନମ୍ବର ୨୨କାଉନ୍‌ସିଲର ସୁଧୀର ବାରିକଙ୍କ ସମେତ ତାଙ୍କ କିଛି ସହଯୋଗୀ ମାନଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି । ୨୦ରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତ ମାନେ ସଙ୍ଗବଧ ଭାବେ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । କାଉନସିଲର ସମେତ ୪ଜଣ ଆକ୍ରମଣର ଶିକାର ହୋଇଥିବା ବେଳେ ୨ଜଣ ଗଭୀର ଆଘାତରେ ଗୁରୁତର ହୋଇ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

ଘଟଣା ବାବଦରେ ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି । କିନ୍ତୁ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ । ଦୁର୍ବୃତ୍ତ ମାନେ ଅପରାଧ ଭିଆଇ ଖୁଲମଖୁଲା ଭାବେ ବୁଲୁଛନ୍ତି । କିନ୍ତୁ ପୁଲିସର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପଛଘୁଞ୍ଚା ଦେଉଛି । ଯାହାକି ଅତି ଦୁର୍ଭାଗ୍ୟଜନକ ଅଟେ ବୋଲି ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି । ତେଣୁକରି ଘଟଣା ବାବଦରେ ବିଜେଡି ପ୍ରତିନିଧି ଦଳ ଏସପିଙ୍କୁ ଅବଗତ କରିଛନ୍ତି । ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତ ମାନଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ତେବେ ପୁଲିସ ପ୍ରଶାସନ ପକ୍ଷରୁ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିଲେ ବିଜେଡି ପକ୍ଷରୁ ଆଇନଗତ ଭାବେ ପ୍ରତିବାଦ କରାଯିବ ବୋଲି କହିଛନ୍ତି । ଉକ୍ତ ପ୍ରତିନିଧି ଦଳରେ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି, ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ବାରିପଦା ପୌରପାଳିକାର ସମସ୍ତ କାଉନ୍‌ସିଲର ଓ ବିଜେଡି କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

ପାତି ସୁନାପୁରରେ ଗୌରା ଆମ୍ମା ଯାତ୍ରାକୁ ନେଇ ଗୋଷ୍ଠୀ ସଂଘର୍ଷ

ଶାନ୍ତି ଫେରାଇ ଆଣିବାକୁ ବିଜେଡି ପକ୍ଷରୁ ଉପଜିଲ୍ଲାପାଳ ଓ ଏସପିଙ୍କ ସହିତ ଆଲୋଚନା

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ସୋନପୁର ମେରାଇନ ଥାନା ଅନ୍ତର୍ଗତ ପାତି ସୋନପୁର ଗ୍ରାମରେ ଦୁଇ ଗୋଷ୍ଠି ମଧ୍ୟରେ ଅଶାନ୍ତ ଲାଗି ରହିଥିବା ବେଳେ ଚଳିତ ବର୍ଷ ଗୌରା ଆମ୍ମା ଯାତ୍ରା ନିମନ୍ତେ ଗ୍ରାମର ଦୁଇ ଗୋଷ୍ଠି ମଧ୍ୟରେ କଥା କଟାକଟି ହୋଇ ଗଣ୍ଡଗୋଳ ହୋଇଥିଲା । ପରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇ ପୋଲିସ ଉପରକୁ ଟେକା ପଥର ମାଡ କରିଥିଲେ । ଏଥିରେ ପୋଲିସ ପକ୍ଷରୁ ଲାଠି ଚାର୍ଜ କରି ଏକ ମାମଲା ନମ୍ବର ୨୩/୨୫ ରୁଜୁ କରି ତଦନ୍ତ ଆରମ୍ଭ କରି ଏହି ଘଟଣାରେ ପୋଲିସ ୨୨ଜଣ ମହିଳା ଓ ପୁରୁଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଏସପି ଡ ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି । ଏହି ଘଟଣାରେ ପୋଲିସ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜୁଥିବା ସେ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଗଣ୍ଡଗୋଳ ଘଟଣାରେ ଜଡ଼ିତ ବହୁ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ସେମାନଙ୍କୁ ଗିରଫ କରାଯିବ । ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ପୋଲିସକୁ ସହଯୋଗ କରନ୍ତୁ ବୋଲି ସେ କହିଛନ୍ତି । ଆଜି ଏହି ଘଟଣାକୁ ନେଇ ବ୍ରହ୍ମପୁର ଓ ଚିକିଟିର ବରିଷ୍ଠ ବିଜେଡି ନେତା ବ୍ରହ୍ମପୁର ଏସପି ଡ ସର୍ବଣା ବିବେକ ଏମ ଓ ବ୍ରହ୍ମପୁର ଉପ-ଜିଲ୍ଲାପାଳ ଦୀନା ଦସ୍ତାଗିରଙ୍କୁ ଭେଟି ଗ୍ରାମକୁ ଶାନ୍ତି ଫେରାଇ ଆଣିବା ସହିତ ଗ୍ରାମବାସୀ ମିଳି ମିଶି ରହିବା ନିମନ୍ତେ ଆଲୋଚନା କରିଥିଲେ ।

ସୂଚନା ଯୋଗ୍ୟ ଯେ,ପାତି ସୋନପୁର ଗ୍ରାମରେ ଗୌରା ଆମ୍ମା ଯାତ୍ରା ନିମନ୍ତେ ଗ୍ରାମର ଦୁଇ ଗୋଷ୍ଠି ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଗ୍ରାମର ଗୋଟିଏ ଗୋଷ୍ଠି ଚାହୁଁଥିଲେ ଯେ, ଗ୍ରାମର ପରମ୍ପରା ଅନୁସାରେ ଏବଂ ମାଙ୍କ ଆଦ୍ୟ ପୂଜକ ବା ଯାନୀଙ୍କ ଅନୁସାରେ ଯାତ୍ରା କରିବା ଓ ଅନ୍ୟ ଏକ ଗୋଷ୍ଠି ଚାହୁଁଥିଲେ ଯେ ଗ୍ରାମର ପରମ୍ପରା ଏବଂ ପୂଜକ ଙ୍କ ନୀତି ନିୟମକୁ ନମାନି ଯାତ୍ରା କରିବା ଉପରେ କଥା କଟାକଟି ହୋଇ ଯୁକ୍ତିତର୍କରୁ ଉଗ୍ର ରୂପ ନେଇଥିଲା । ଏହି ଗଣ୍ଡଗୋଳକୁ ନେଇ ଆଲୋଚନା ବେଳେ ବିରୋଧି ଉଠି ଉଗ୍ର ରୂପ ନେଇଥିଲା । ବର୍ତ୍ତମାନ ଗ୍ରାମର ପ୍ରାୟ ଚାରିରୁ ପାଞ୍ଚ ସହ ବ୍ୟକ୍ତି ନିଜ ପିଲା ଛୁଆଙ୍କୁ ନେଇ ଜଙ୍ଗଲରେ ଲୁଚି ରହିଛନ୍ତି ବୋଲି ବିଜେଡି ପକ୍ଷରୁ କୁହାଯାଇଛି । ସେମାନଙ୍କୁ ପ୍ରଶାସନ ତୁରନ୍ତ ଫେରାଇ ଆଣୁ ଏବଂ ନିରୀହ ଲୋକଙ୍କ ଉପରେ ମିଥ୍ୟା ମକଦମା ନକରୁ ବୋଲି ବିଜେଡି ନେତାମାନେ ଅନୁରୋଧ କରିଥିଲେ । ଏହି ଆଲୋଚନାରେ ବିଜେଡି ନେତା ଭୃଗୁ ବକ୍ସି ପାତ୍ର, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ସୁବାସ ମହାରଣା, ଜଗନ୍ନାଥ ସାବତଙ୍କ ସମେତ ବହୁ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

ଝିଅ, ପୁଅଙ୍କୁ ବିଷ ଦେଇ ବାପାଙ୍କ ଆତ୍ମହତ୍ୟା

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଏକ ଅଭାବନୀୟ ଦୁଃଖଦ ଘଟଣା ଘଟିଛି । ଗୋଟିଏ ପରିବାରର ୩ ଜଣ ବିଷପାନ କରି ଆତ୍ମହତ୍ୟା କରିବା ଘଟଣା ପାରଳାଖେମୁଣ୍ଡି ସହରରେ ଶୋକର ଛାୟା ଖେଳି ଯାଇଛି । ୮ ବର୍ଷ ବୟସର ପୁଅ ଓ ୧୨ ବର୍ଷର ଝିଅକୁ ବିଷଦେଇ ବାପା ବିଷପିଇ ଆତ୍ମହତ୍ୟା କରିଛନ୍ତି। ଗତକାଲି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପୁଅ ବିଜୟାନନ୍ଦ ପାଣିଗ୍ରାହୀଙ୍କ ମୃତ୍ୟୁ ଘଟିଥିବାବେଳେ ବାପା ଶୁଭାଶିଷ ଝିଅ ପ୍ରିୟଦର୍ଶିନୀଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ଜରୁରୀ ଚିକିତ୍ସା ପାଇଁ ସ୍ଥାନାନ୍ତରିତ ହୋଇଥିଲେ। ଆଜି ବ୍ରହ୍ମପୁର ଡାକ୍ତରଖାନରେ ତାଙ୍କର ମୃତ୍ୟୁ ଘଟିଥିବା ଜଣା ପଡିଛି ।

ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ସହରର ଓଡିଆ ପାରଳା ସାହିରେ। ମିଳିଥିବା ସୂଚନା ଅନୁସାରେ, ଶୁଭାଶିଷ ପାଣିଗ୍ରାହୀ (୪୦) ବୁଧବାର ମଧ୍ୟାହ୍ନରେ ନିଜ ବାସଭବନରେ ଦୁଇ ସନ୍ତାନଙ୍କୁ କୌଣସି ଏକ ବିଷାକ୍ତ ଦ୍ରବ୍ୟ ଖୁଆଇ ନିଜେ ମଧ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତିନିଜଣ ଗୁରୁତର ଅସୁସ୍ଥ ହୋଇ ଘରେ ପଡି ରହିଥିଲେ। ଖବର ପାଇ ସମ୍ପର୍କୀୟମାନେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ନାବାଳକ ପୁଅ ବିଜୟାନନ୍ଦଙ୍କ ସେଠାରେ ମୃତ୍ୟୁ ଘଟିଥିବା ବେଳେ ବାପା ଓ ଝିଅଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଝିଅ ପ୍ରିୟଦର୍ଶିନୀଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ସୂଚନା ଦେଇଛନ୍ତି। ତେବେ ବାପା ଶୁଭାଶିଷଙ୍କ ସ୍ୱାସ୍ଥ୍ୟବସ୍ଥା ଗତକାଲି ସଙ୍କଟାପନ୍ନ ଥିଲା । ସେ ମଧ ଆଜି ସେଠାରେ ମୃତ୍ୟୁବରଣ କରିଛନ୍ତି । ସୂଚନାଯୋଗ୍ୟଯେ, ଗତ ମାର୍ଚ୍ଚ ମାସ ୨୧ ତାରିଖରେ ଶୁଭାଶିଷଙ୍କ ସ୍ତ୍ରୀ ଶ୍ୱେତମଞ୍ଜରୀ ପାଣିଗ୍ରାହୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା। ଏନେଇ ପାରଳାଖେମୁଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ସେହି ପରିବାରର ବାକି ୩ ଜଣଙ୍କର ମୃତ୍ୟୁ ଘଟିଛି। ପାରିବାରିକ କଳହ ସାଙ୍ଗକୁ ସମ୍ପତ୍ତି ବିବାଦ ଲାଗି ରହିଥିବାରୁ ଶୁଭାଶିଷ ସବୁବେଳେ ମାନସିକ ଚାପରେ ରହୁଥିଲେ। ସ୍ତ୍ରୀର ମୃତ୍ୟୁ ପରେ ଅଧିକ ମାନସିକ ଭାରସାମ୍ୟ ହରାଇ ଏଭଳି ଘଟଣା ଘଟାଇ ଥିବା ପୁଲିସ ଅନୁମାନ କରୁଛି। ସମ୍ପୃକ୍ତ ଘଟଣା ନେଇ ପାରଳାଖେମୁଣ୍ଡି ସହରରେ ଶୋକର ଛାୟା ଖେଳିଯାଇଛି ।

ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟଣା : ଚାଳକ ଗିରଫ

ବୁଗୁଡା, (ସବ୍ୟୁ): ଗତ ମାସରେ ବୁଗୁଡ଼ା ସହର ଉପକଣ୍ଠସ୍ଥ ସନ୍ତୋଷୀ ମନ୍ଦିର ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ମାମଲାରେ ପୋଲିସ ବାଇକ୍ ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ବାଇକ୍ ଚାଳକ ଜଣକ ହେଲେ ବୁଗୁଡା ଥାନା ଅନ୍ତର୍ଗତ ମତାଝରି ଗ୍ରାମର ପିଣ୍ଟୁ ପ୍ରଧାନ (୨୪)। ମୃତ ଜଗନ୍ନାଥ ପ୍ରଧାନଙ୍କ ବାପା ଲକ୍ଷ୍ମୀ ପ୍ରଧାନଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ ୨୭୦/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ , ଗତ ଏପ୍ରିଲ ୨୩ ତାରିଖ ଦିନ ସକାଳେ ପିଣ୍ଟୁ ଓ ଜଗନ୍ନାଥ ବାଇକରେ ମାମୁ ଘର ବାଣପୁରକୁ ଯାଉଥିଲେ। ସନ୍ତୋଷୀ ମନ୍ଦିର ନିକଟରେ ଜଗନ୍ନାଥ ଗାଡି ରଖେ କହି ଚାଳକ ପିଣ୍ଟୁର ହାତକୁ ଟାଣି ଦେଇଥିଲା। ଫଳରେ ବାଇକଟି ଭାରସାମ୍ୟ ହରାଇ ରାସ୍ତାକଡସ୍ଥ ଏକ ଗଛ ସହ ଧକ୍କା ହୋଇଥିଲା। ଫଳରେ ଦୁହେଁ ଗାଡିରୁ ଛିଟିକି ପଡିବାରୁ ଜଗନ୍ନାଥଙ୍କ ମୁଣ୍ଡ ଏବଂ ପିଣ୍ଟୁଙ୍କ ଅଣ୍ଟାରେ ଆଘାତ ଲାଗିଥିଲା । ଦୁର୍ଘଟଣାଗ୍ରସ୍ତ ବାଇକ ଆରୋହୀ ଦ୍ୱୟଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲେ ହେଁ ସେଠାରେ ଜଗନ୍ନାଥଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ଖବର ପାଇବା ପରେ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଥିଲା ।

ଭାରତୀୟ ସୈନିକଙ୍କ ବୀରତ୍ୱକୁ ସମ୍ମାନ ଜଣାଇ ତ୍ରିରଙ୍ଗା ଶୋଭାଯାତ୍ରା

ବୁଗୁଡ଼ା, (ସବ୍ୟୁ): ପହଲଗାମରେ ଆତଙ୍କବାଦୀଙ୍କ ଲୋମହର୍ଷଣକାରୀ ଘଟଣା ପରେ ଆତଙ୍କବାଦୀଙ୍କୁ ଠିକଣା ଜବାବ ଦେବାକୁ ଯାଇ ଅପରେସନ ସିନ୍ଦୂର ପଦକ୍ଷେପର ସଫଳ ରୂପାୟନରେ ଭାରତୀୟ ସୈନିକଙ୍କ ପରାକ୍ରମକୁ ଭୂୟସୀ ପ୍ରଶଂସା ସହ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ବୁଗୁଡ଼ା ଏନଏସି ଓ ବ୍ଲକ ପ୍ରଶାସନ ପକ୍ଷରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବଡଦାଣ୍ଡଠାରୁ ଶୁଭାରମ୍ଭ ହୋଇଥିବା ଏହି ଶୋଭାଯାତ୍ରାରେ ଶତାଧିକ ବାଇକ୍ ଆରୋହୀ ହାତରେ ଜାତୀୟ ପତାକା ଧରି ଦେଶାତ୍ମବୋଧକ ସ୍ଲୋଗାନ ଦେଇ ନଗର ଭ୍ରମଣ କରିଥିଲେ । ଏଥିରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା, ଏଟିଓ ସୁନନ୍ଦ ଶେଖର ସାହାଣି, ବିଇଓ ଚିନ୍ମୟ ମହାପାତ୍ର, ବ୍ଲକ ଏଫ୍‌ଓ ପରାସର ଦାଶ, ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, କେ.ନୀଳମାଧବ ଆଚାରୀ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ କର୍ମଚାରୀ, ଲୋକପ୍ରତିନିଧିଗଣ ଏବଂ ଜନସାଧାରଣ ଅଂଶ ଗ୍ରହଣ କରିଥିଲେ ।

ବାରିପଦାରେ ତ୍ରିରଙ୍ଗା ବାଇକ୍ ଯାତ୍ରା

ବାରିପଦା, (ସବ୍ୟୁ) : ଆତଙ୍କବାଦ ବିରୋଧୀ ଅଭିଯାନ, ଅପରେସନ୍ ସିନ୍ଦୁରର ସଫଳତା ପରେ ଭାରତୀୟ ସେନା ବାହିନୀର ଦକ୍ଷତାକୁ ସମ୍ମାନ ଜଣାଇବା ତଥା ସେମାନଙ୍କ ମନୋବଳକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ବାରିପଦାଠାରେ ଏକ ତ୍ରିରଙ୍ଗା ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ସକାଳ ୮ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଠାରୁ ଆରମ୍ଭ ହୋଇ ସହରର ବିଭିନ୍ନ ରାସ୍ତାରେ ପରିକ୍ରମା କରି ପୌରପାଳିକା ଗେଷ୍ଟ ହାଉସ ପାଖରେ ସମ୍ପୂର୍ଣ୍ଣ ହୋଇଥିଲା । ଉକ୍ତ ତ୍ରିରଙ୍ଗା ବାଇକ ଯାତ୍ରାରେ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ଓ ନିଜାରତ ଅଧିକାରୀ ଶ୍ରୀକାନ୍ତ ସାହୁ ପ୍ରମୁଖ ତ୍ରିରଙ୍ଗା ପତାକା ଧରି ବାଇକ ଯାତ୍ରାରେ ଅନ୍ୟମାନଙ୍କ ସହିତ ସାମିଲ ହୋଇଥିଲେ । ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପତାକା ଦେଖାଇ ଏହାକୁ ଶୁଭ ଉଦଘାଟନ କରିଥିଲେ ।

ଏହି ବାଇକ ଶୋଭାଯାତ୍ରାରେ ୭୦୦ରୁ ଉର୍ଦ୍ଧ ବିଭିନ୍ନ ବର୍ଗ ଯଥା ପୋଲିସ ପଦାଧିକାରୀ, ପୋଲିସ କର୍ମଚାରୀ, ସରକାରୀ ପଦାଧିକାରୀ, କର୍ମଚାରୀ, ଲୋକପ୍ରତିନିଧି, ଏନସିସି, ଏନଏସଏସ, କ୍ରୀଡା ଛାତ୍ର ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ଏବଂ ସାଧାରଣ ଜନତା ବିପୁଳ ସଂଖ୍ୟାରେ ସାମିଲ ହୋଇ ଶୋଭାଯାତ୍ରାରେ ନିଜ ସହିତ ତ୍ରିରଙ୍ଗା ପତାକା ଧରି ବାଇକ ଚଳାଇ ବନ୍ଦେ ମାତରମ , ଭାରତ ମାତାକି ଜୟ, ଜୟ ଯବାନ ଇତ୍ୟାଦି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ଅପରେସନ୍ ସିନ୍ଦୁରର ସଫଳତା ପରେ ଭାରତୀୟ ସେନାବାହିନୀର ପରାକ୍ରମକୁ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ଆଜିର ଏହି ତ୍ରିରଙ୍ଗା ବାଇକ୍ ଯାତ୍ରା ଆତଙ୍କବାଦ ବିରୁଦ୍ଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ । ତ୍ରିରଙ୍ଗା ତଳେ ଯେତେବେଳେ ସବୁ ଭାରତୀୟ ଏକତ୍ରିତ ହେବେ ହେବେ, ସେତେବେଳେ କୌଣସି ଶକ୍ତି ଭାରତ ବିରୁଦ୍ଧରେ ସଫଳ ହେବେ ନାହିଁ । ତ୍ରିରଙ୍ଗାର ତିନି ରଙ୍ଗ ଆମକୁ ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟର ଆଦର୍ଶରେ ଅନୁପ୍ରାଣୀତ କରିଥାଏ । ଆମ ପାଖରେ ସହନଶୀଳତା ରହିଛି, ମାତ୍ର ଯେତେବେଳେ ଦେଶର ସୁରକ୍ଷା ତଥା ଦେଶବାସୀଙ୍କ ଜୀବନ ପ୍ରତି ବିପଦ ଆସେ, ସେତେବେଳେ ନିଶ୍ଚିତ ଭାବେ ଶତ୍ରୁ ବିରୁଦ୍ଧରେ ଲଢୁ ।

ଆମର ସେନାବାହିନୀର ବୀର ଜବାନମାନେ ସିନ୍ଦୁରର ମର୍ଯ୍ୟାଦା ରଖି ଶତ୍ରୁ ପକ୍ଷଙ୍କୁ ଉଚିତ ଜବାବ ଦେଇଛନ୍ତି । ଶତ୍ରୁ ବିରୁଦ୍ଧରେ ଲଢ଼ିବା ପାଇଁ ଆମ ସେନାବାହିନୀ ସଦା ସର୍ବଦା ପ୍ରସ୍ତୁତ । ଦେଶମାତୃକା ତଥା ଦେଶବାସୀଙ୍କ ପାଇଁ ସେମାନଙ୍କ ସେବା ଓ ତ୍ୟାଗ ଅତୁଳନୀୟ । ଆମ ଦେଶର ବୀର ଜବାନ ମାନଙ୍କୁ ମୁଁ ହୃଦୟରୁ ସମ୍ମାନ ଜଣାଉଛି ବୋଲି ସେ କହିଥିଲେ ।

ଏହି ଅବସରରେ ସେନାବାହିନୀଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଦସ୍ତଖତ ଅଭିଯାନ କରାଯାଇଥିଲା । ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ସାଧାରଣ ଜନତା ଏଥିରେ ନିଜ ନିଜର ଦେଶାତ୍ମବୋଧ ଭାବନାକୁ ବାର୍ତ୍ତା ମାଧ୍ୟମରେ ପ୍ରକାଶ କରିଥିଲେ । ବାରିପଦା ପୌରପାଳିକା ତରଫରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପୌରପାଳିକା ଉପାଧକ୍ଷା ସୀମା ଦାସ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ପୌର ପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ କିଷାନ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ବିଭିନ୍ନ ୱାର୍ଡର କାଉସିଲର ଓ ଗଣମାଧମର ପ୍ରତିନିଧି ମାନେ ଯୋଗ ଦେଇଥିଲେ ।

ଦୁର୍ଘଟଣାରେ ଦୁଇ ଭାଇଙ୍କ ମୃତ୍ୟୁ ଘଟଣା

ବୋଲେରୋ ଜବତ, ଡ୍ରାଇଭର ଅଟକ

ବୁଗୁଡା, (ସବ୍ୟୁ): ଗତ ମେ ୧୧ ତାରିଖ ରାତିରେ ବୁଗୁଡା-ଷୋଳମାଇଲି ରାସ୍ତାରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାରେ କାନସୁକା ଗ୍ରାମର ପଞ୍ଚୁ ନାଇକଙ୍କ ପୁଅ ଓମ୍ ପ୍ରକାଶ ନାଇକ (୧୬) ଓ ସନ୍ତୋଷ ନାଇକଙ୍କ ପୁଅ ଶୁଭ ନାଇକ (୧୮)ର ପ୍ରାଣହାନୀ ଘଟିଥିଲା। ଏନେଇ ସନ୍ତୋଷ ନାଇକଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ ୩୦୮/୨୫ରେ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ (ନଂ-ଓଡି ୦୭କେ-୬୬୨୯)କୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଘଟଣାର ପାରିପାର୍ଶ୍ୱିକ ପରିସ୍ଥିତି ଓ ଆଖପାଖର ସିସିଟିଭି କ୍ୟାମେରାକୁ ଅନୁଧ୍ୟାନ କରି ସେହି କାଳରାତ୍ରୀର ମର୍ମନ୍ତୁଦ ଦୁର୍ଘଟଣା ସହ ଜଡିତ ଏକ ବୋଲେରୋ (ନଂ-ଓଡି ୦୨ପି - ୭୬୩୧)କୁ ଜବତ କରିବା ସହ କୁଞ୍ଜବନ ଗ୍ରାମର ଡ୍ରାଇଭର ସନାତନ ସ୍ୱାଇଁକୁ ଅଟକ ରଖି ତଦନ୍ତ କରାଯାଉଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି ।

ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ଓ ମନ୍ଦିର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବି

୫ କୋଟି ଅନୁଦାନ ରାଶି ଦାବି କଲେ ନଗରପାଳ

ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପ୍ରସିଦ୍ଧି ଲାଭ କରିଥିବା ବାରିପଦା ଶ୍ରୀଶ୍ରୀ ହରିବଳ ଦେବ ଜୀଉଙ୍କ ରଥଯାତ୍ରା ଓ ମନ୍ଦିର ଉନ୍ନତିକରଣ ନିମନ୍ତେ ଦାବି ହୋଇଛି । ଏନେଇ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟ ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପତ୍ର ପ୍ରଦାନ କରିଛନ୍ତି । ୧୫୭୫ ମସିହାରୁ ବାରିପଦାରେ ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଛି । ବାରିପଦା ରଥଯାତ୍ରା ପୁରୀ ରଥଯାତ୍ରା ସହିତ ଅନେକ ସାମଞ୍ଜସ୍ୟ ରହିଛି । ତିନି ରଥରେ ଚତୁର୍ଦ୍ଧା ମୁରତିଙ୍କୁ ରଥାରୂଢ କରି ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମରେ ରଥଯାତ୍ରା ହୋଇଥାଏ । ମୋଗଲ ମାନଙ୍କ ପୁରୀ ଆକ୍ରମଣ ଲାଗି ଶ୍ରୀକ୍ଷେତ୍ରରୁ ଯେତେ ବେଳେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଗୁପ୍ତ ଭାବରେ ରଖାଯିବା ସହିତ ରଥଯାତ୍ରାକୁ ମଧ ବନ୍ଦ ରଖାଯାଇଥିଲା । କିନ୍ତୁ ସେହି ସମୟରୁ ଠାକୁରଙ୍କ ସ୍ୱପ୍ନାଦେଶରେ ମୟୂରଭଞ୍ଜ ମହାରାଜା ବୈଦ୍ୟନାଥ ଭଞ୍ଜଦେଓ ମୋଗଲଙ୍କୁ ଭୟ ନକରି ବାରିପଦାରେ ମନ୍ଦିର ପ୍ରତିଷ୍ଠା କରି ରଥଯାତ୍ରା କରିଥିଲେ । ୧୫୭୫ ମସିହାରୁ ଏହି ରଥଯାତ୍ରା ନିରବଛିନ୍ନ ଭାବରେ ପାଳିତ ହୋଇଆସୁଛି ।

କେବଳ କରୋନା ମହାମାରୀ କାରଣରୁ ଗତ ୨୦୨୦ ମସିହାରେ ସମସ୍ତ ରୀତିନୀତି ହେବ ସତ୍ତ୍ୱେ ରଥଟଣା ହୋଇ ପାରିନଥିଲା । ପରମ୍ପରା ଅନୁଯାୟୀ ମହାପ୍ରଭୁ ପୁରୀରେ ପୂଜା ପାଇବା ପରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ବିଜେ କରନ୍ତି ବୋଲି ଶ୍ରୀକ୍ଷେତ୍ର ପୁରୀର ଠିକ୍ ଗୋଟିଏ ଦିନ ପରେ ବାରିପଦାରେ ଦୁଇଦିନ ଧରି ଅନୁରୂପ ରୀତିନୀତିରେ ବାରିପଦାରେ ରଥଯାତ୍ରା ହୁଏ । ତେଣୁ ବାରିପଦାର ରଥଯାତ୍ରାର ଅନେକ ମହତ୍ୱ ରହିଛି । ଚଳିତ ବର୍ଷ ଜୁନ ମାସରେ ରଥଯାତ୍ରା ଅନୁଷ୍ଠିତ ହେବ । ଜିଲ୍ଲା ତଥା ପଡୋଶୀ ଜିଲ୍ଲା ଓ ରାଜ୍ୟର ଲୋକଙ୍କ ଅନେକ ମାତ୍ରାରେ ସମାଗମ ହେବ । କିନ୍ତୁ ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଦେବତ୍ତ୍ୱର ବିଭାଗରେ ଅର୍ଥ ଅଭାବ ଦେଖା ଦେଇଛି । ଏହା ସହିତ ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ପାଇଁ ଅର୍ଥର ଅଭାବ ପରିଲକ୍ଷିତ ହେଉଛି । ଅକ୍ଷୟ ତୃତୀୟାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ରଥ ନିର୍ମାଣ କାର୍ଯ୍ୟରେ ଶିଳ୍ପୀ ମାନେ ଲାଗିଥିବା ବେଳେ ସରକାରୀ ଅନୁଦାନ ନମିଳିଲେ ରଥଯାତ୍ରାରେ ସମସ୍ୟା ସୃଷ୍ଟି ହେବ । ତେଣୁକରି ୫କୋଟି ଟଙ୍କାର ସରକାରୀ ଅନୁଦାନ ଅର୍ଥ ମଞ୍ଜୁର କରିବାକୁ ନିବେଦନ କରିଛନ୍ତି । ଜିଲ୍ଲାବାସୀଙ୍କ ଆଧାତ୍ମିକ ଭାବାବେଗକୁ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରିବାକୁ ନିବେଦନ କରିଛନ୍ତି ।

ଖଇରିବନ୍ଧ ବ୍ୟାରେଜ ପ୍ରକଳ୍ପ ନିର୍ମାଣ ଅନୁମୋଦନ

ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଜଙ୍ଗଲ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଜିଲ୍ଲାବାସୀ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ଯଶିପୁର ବ୍ଲକର ଅଁଳାବେଣୀ ଗ୍ରାମରେ ଖଇରିବନ୍ଧନ ନଦୀ ଉପରେ ଖଇରିବନ୍ଧନ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ କରି ମୁଖ୍ୟତଃ ପଛୁଆ, ଦୁର୍ବଳ ଏବଂ ଆଦିବାସୀ ଗୋଷ୍ଠୀ ବାସ କରୁଥିବା ଏହି ଦୀର୍ଘକାଳୀନ ମରୁଡ଼ି ପ୍ରବଣ ଅଞ୍ଚଳରେ ଖରିଫ ଜଳସେଚନ ସୁନିଶ୍ଚିତ କରିବା ଏହି ପ୍ରସ୍ତାବର ମୂଳ ଉଦ୍ଦେଶ୍ୟ । ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିମିତ୍ତ ନଂ ଟ.୯୭,୬୭,୯୮,୭୫୫/-ଙ୍କା ଟେଣ୍ଡରକୁ ଆଜି ରାଜ୍ୟ କ୍ୟାବିନେଟ ଅନୁମୋଦନ ପ୍ରଦାନ କରିଛନ୍ତି । ପ୍ରକଳ୍ପଟିକୁ ତିରିଶ (୩୦) ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖାଯାଇଛି । ଏହି ପ୍ରକଳ୍ପ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ଯଶିପୁର, ରରୁଆଁ ଏବଂ ସୁକୃଳି ବ୍ଲକର ୪୭ଟି ଗ୍ରାମର ୬୯୫୦ ହେକ୍ଟର ଚାଷଜମିକୁ ଭୂତଳ ପାଇପଲାଇନ ଜଳବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଖରିଫ ଜଳସେଚନ ସୁବିଧା ଯୋଗାଇ ଦିଆଯିବ । ଏତଦ୍‌ବ୍ୟତୀତ ଏହି ପ୍ରକଳ୍ପ ୩୫ହଜାର ରୁ ଅଧିକ ଜନସଂଖ୍ୟାକୁ ପାନୀୟ ଜଳ ସୁବିଧା ଯୋଗାଇବା ସହିତ ଘରୋଇ ପଶୁପାଳନ ତଥା ମତ୍ସ୍ୟ ଚାଷର ଚାହିଦାକୁ ମଧ୍ୟ ପୂରଣ କରିବ । ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେବା ଦ୍ୱାରା ଭୂତଳ ଜଳ ସ୍ତରର ବୃଦ୍ଧି ଏବଂ ସ୍ଥାୟୀ ଖାଦ୍ୟ ଉତ୍ପାଦନ ସୁନିଶ୍ଚିତ କରିବା ସହିତ ଜୀବିକା ନିର୍ବାହ ନିମନ୍ତେ କୃଷି ଉପରେ ନିର୍ଭରଶୀଳ ଲୋକମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ଦିଗରେ ସହାୟକ ହେବ । ଏହି ଖଇରି ବ୍ୟାରେଜ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରି ଦେଇଥିବାରୁ ଜିଲ୍ଲାବାସୀ ପକ୍ଷରୁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ତଥା ଯଶିପୁର ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା

ବିକାଶ ଆବାସିକ ବିଦ୍ୟାଳୟର ୧୩ ଓ ଦ୍ୱାଦଶ ଶ୍ରେଣୀରେ ୨୬ ଛାତ୍ରଛାତ୍ରୀଙ୍କ ୯୫%ରୁ ଉର୍ଦ୍ଧ୍ୱ ମାର୍କ

ଦଶମରେ ୧୦୧, ଦ୍ୱାଦଶରେ ୮୪ ଜଣ ଛାତ୍ରଛାତ୍ରୀଙ୍କ ୯୦%ରୁ ଉର୍ଦ୍ଧ୍ୱ ମାର୍କ

କ୍ରୀଷ୍ଣା ବିକାଶ ଗ୍ରୁପ୍ ଅଫ୍ ସିବିଏସ୍‌ଇ ସ୍କୁଲର ଦଶମରେ ସର୍ବୋଚ୍ଚ ୯୭.୮% ଓ ଦ୍ୱାଦଶରେ ସର୍ବୋଚ୍ଚ ୯୭.୮%

ବରଗଡ଼, (ସବ୍ୟୁ): ଚଳିତ ବର୍ଷ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ସିବିଏସ୍‌ଇ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ୧୩ ଜଣ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ୨୬ ଜଣ ଛାତ୍ରଛାତ୍ରୀ ଙ୍କ ୯୫% ଏବଂ ଦଶମରେ ୧୦୧ଜଣ ଓ ଦ୍ୱାଦଶରେ ୮୪ ଜଣ ଛାତ୍ରଛାତ୍ରୀଙ୍କ ୯୦% ରୁ ଉର୍ଦ୍ଧ୍ୱ ମାର୍କ ଏବଂ ଦଶମରେ ୨୩୦ ଜଣ ଓ ଦ୍ୱାଦଶରେ ୨୮୧ ଜଣ ଛାତ୍ରଛାତ୍ରୀ ୮୦ ରୁ ଉର୍ଦ୍ଧ୍ୱ ପ୍ରତିଶତ ମାର୍କ ରଖି ସ୍କୁଲକୁ ଓଡ଼ିଶାରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ପ୍ରତିଷ୍ଠିତ କରିଛନ୍ତି ବୋଲି ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର୍ ବିବେକ ଦାଶରୀ ପ୍ରକାଶ କରିଛନ୍ତି । ବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷ ଶିଶିର ପ୍ରସାଦ ରାଉଳ କହିଛନ୍ତି ଯେ, ଦଶମରେ ୯୦ରୁ ଉର୍ଦ୍ଧ୍ୱ ପ୍ରତିଶତ ରଖିଥିବା ୧୦୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ହରିପ୍ରିୟା ଦାସ ଏବଂ ଶ୍ରେୟାଂଶ ପଂସାରୀ ଉଭୟେ ୯୭.୮%, ଦକ୍ଷେଶ ମିଶ୍ର ୯୭.୨%, ଅନ୍ବେଶା ଗୁପ୍ତା ୯୭%, ସୁଚିସ୍ମିତା ରାଉତ ୯୭%, ଭଗିସା ଲାକ୍ରା ୯୬.୬%, ସ୍ୱନ୍ଦନ ସାସ୍ୱତ ପ୍ରଧାନ ୯୬.୪%, ଦିପକ ପଟେଲ ୯୬.୨%, ଓମ୍ ସ୍ୱରୂପ ମହାପାତ୍ର ୯୬.୨%, ପିୟୁଷ ବାଙ୍କା ୯୫.୪%, ଅମ୍ଳାନ ସାହୁ ୯୫.୪%, ବିଦୁସ୍ମିତା ପଟେଲ ୯୫.୨%, ରିତିକା ବର୍ମା ୯୫% ମାର୍କ ରଖି ସଫଳତା ତାଲିକାର ଶୀର୍ଷରେ ଅଛନ୍ତି ।

ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ଶୁଭମ ପଣ୍ଡା ୯୭.୨%, ହେମାକ୍ଷି ହର୍ଷିତା ନାଗ ୯୬.୪%, ରିଦ୍ଧି ଜୈନ ୯୬.୪%, ସରନ୍ୟା ପ୍ରଧାନ ୯୬.୪%, ପ୍ରତ୍ୟୁଷ କୁମାର ସାହୁ ୯୬.୨%, ପିୟୁଷ ମିଶ୍ର ୯୫.୮%, ଦିଭିତା କେଜ୍ରିୱାଲ ୯୫.୮%, ପିୟୁଷ ସାହୁ ୯୫.୮%, ରୋନକ ସାହୁ ୯୫.୮%, ପ୍ରଜ୍ଞା ଶୈଳି ଟପୋ ୯୫.୬%, ଆରତୀ ସାହୁ ୯୫.୬%, ପ୍ରଗତି ସେଠୀ ୯୫.୪% ଚିନ୍ମୟୀ ସାହୁ ୯୫.୪% ରଖିଥିବାବେଳେ ଦ୍ୱାଦଶ ଶ୍ରେଣୀ ବାଣିଜ୍ୟରେ ଗଗନ ପ୍ରୁସେଟ୍ ୯୭.୬%, ଅଦ୍ରିଶ ଭଟ୍ଟାଚାର୍ଯ୍ୟ ୯୭.୨%, ତ୍ରିଲୋକ ସା ୯୭.୨%, ପ୍ରିୟାଂଶୁ ଜୈନ ୯୭.୨%, ଭୁପେନ୍ଦ୍ର ପଟେଲ ୯୭ % ଏବଂ ଦ୍ୱାଦଶ ଶ୍ରେଣୀ କଳା ବିଭାଗରେ ଶୁଭିକ୍ଷା ମିଶ୍ର ୯୭.୮%, ଜାହ୍ନବୀ ଶୁକ୍ଳା ୯୭.୮%, ସୁଭଦ୍ରା ଗାଇଗରିଆ ୯୬.୬%, ଅନିକେତ ସାହୁ ୯୬.୪%, ଶ୍ରୀୟମ ସିଦ୍ଧାର୍ଥ ବାବୁ ୯୬.୪%, ଅରୋସ୍ମିତା ପାଢ଼ୀ ୯୬.୨%, ମୁସ୍କାନ ପଟେଲ ୯୬%, ଅବନିକାନ୍ତ ପଧାନ ୯୫.୬% ରଖି ଫଳାଫଳ ତାଲିକାର ଶୀର୍ଷରେ ଥାଇ ଜାତୀୟସ୍ତରରେ ୯୦% ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କ ହାର ଠାରୁ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ୯୦%ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କ ହାର ବହୁଉର୍ଦ୍ଧ୍ୱ ଥିବା ସହ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀ ଫଳାଫଳରେ ସ୍କୁଲର ୯୯.୯୭% ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ବିଦ୍ୟାଳୟର ସିନିୟର ସେକେଣ୍ଡାରୀ ଅଧକ୍ଷ ଚିତରଞ୍ଜନ ପତି କହିଛନ୍ତି । କ୍ରିଷ୍ଣା ବିକାଶ ଗ୍ରୁପର ଅନ୍ୟ ଶାଖା ମାନଙ୍କରେ ମଧ ଦଶମ ଓ ଦ୍ୱାଦଶ ଶ୍ରେଣୀ ଫଳାଫଳ ଉତ୍କୃଷ୍ଟ ମାନର ବୋଲି କ୍ରିଷ୍ଣା ବିକାଶ ଗ୍ରୁପର ଡାଇରେକ୍ଟର ଡ଼. ସମରେନ୍ଦ୍ର ନାଥ ପଣ୍ଡା ପ୍ରକାଶ କରିଛନ୍ତି । କ୍ରିଷ୍ଣା ବିକାଶ ଗ୍ରୁପର ସିମେଣ୍ଟ ନଗର ଇଂଲିଶ ମିଡିୟମ ସ୍କୁଲ୍‌ରୁ ୪ଜଣ ଛାତ୍ରଛାତ୍ରୀ ୯୦ରୁ ଉର୍ଦ୍ଧ୍ୱ ପ୍ରତିଶତ ରଖିଥିବାବେଳେ ଲୋକେଶ କୁମାର ୯୫.୪% ମାର୍କ ରଖି ଶୀର୍ଷରେ ଅଛନ୍ତି ।

୯୦%ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀର କୃତୀ ଛାତ୍ରଛାତ୍ରୀମାନଙ୍କୁ ଆମନ୍ତ୍ରୀତ ଏକ ପ୍ରେସ୍ ମିଟ୍‌ରେ ସମ୍ବର୍ଦ୍ଧିତ କରାଯାଇଥିଲା । ଚଳିତ ବର୍ଷ ପ୍ରକାଶିତ ଆଇଆଇଟି-ଜେଇଇ(ମେନ୍) ସେସନ୍-୨ ପ୍ରବେଶିକା ପରୀକ୍ଷାରେ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ଛାତ୍ର ପ୍ରତ୍ୟୁଷ କୁମାର ସାହୁ ୯୯.୩୯ ପର୍ସେଣ୍ଟାଇଲ ରଖିଥିବାବେଳ ୪ ଜଣ ଛାତ୍ରଛାତ୍ରୀ ୯୮ପର୍ସେଣ୍ଟାଇଲ ଉର୍ଦ୍ଧ୍ୱରେ, ୧୪ ଜଣ ଛାତ୍ରଛାତ୍ରୀ ୯୭ ପର୍ସେଣ୍ଟାଇଲ ଉର୍ଦ୍ଧ୍ୱରେ, ୨୧ ଜଣ ଛାତ୍ରଛାତ୍ରୀ ୯୫ ପର୍ସେଣ୍ଟାଇଲରୁ ଉର୍ଦ୍ଧ୍ୱରେ ଏବଂ ୮୭ ଜଣ ଛାତ୍ରଛାତ୍ରୀ ଆଇଆଇଟି-ଜେଇଇ(ମେନ୍) ସେସନ୍-୨ରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଏନଟିଏ-ନିଟ (ୟୁଜି) ମେଡିକାଲ ପ୍ରବେଶିକା ପରୀକ୍ଷା ୨୦୨୫ ରେ ବିକାଶ ଆବାସିକ ବିଦ୍ୟାଳୟ ବରଗଡ଼ ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରଗଡ଼ର ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସରକାରୀ ମେଡିକାଲ କଲେଜ୍‌ରେ ସିଟ ପାଇବା ପାଇଁ କଟଅଫ୍ ମାର୍କ ଉର୍ଦ୍ଧ୍ୱରେ ରଖିବେ ବୋଲି ଆଶା ପ୍ରକାଶ କରାଯାଉଛି । ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ୍ ପରୀକ୍ଷା ଓ ଜେଇଇ ପ୍ରବେଶିକା ପରୀକ୍ଷା, ଏନଟିଏ-ନିଟ୍ (ୟୁଜି) ମେଡିକାଲ ପ୍ରବେଶିକା ପରୀକ୍ଷା ୨୦୨୫ ରେ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଶ୍ରେଷ୍ଠ ଫଳାଫଳ ପାଇଁ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମେନ୍ ଦାଶରୀ ମୁରଲୀ କ୍ରିଷ୍ଣା, ସଫଳ ଛାତ୍ରଛାତ୍ରୀ ଏବଂ ଅଧାପକ-ଅଧାପିକାଙ୍କ ପରିଶ୍ରମକୁ ସଫଳତାର ଶ୍ରେୟ ଦେଇଛନ୍ତି । କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଟ୍ରଷ୍ଟି ଶ୍ରୀମତୀ ଦାଶରୀ ରାମ ତୁଳସୀ, ଲୋକେଶ ଦାଶରୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ନାରାୟଣ ରଥ, କ୍ରିଷ୍ଣା ବିକାଶ ଫାଷ୍ଟ ଷ୍ଟେପ୍ ଅଧକ୍ଷା ଶ୍ରୀମତି ପୁଷ୍ପଲତା ମହାପାତ୍ର, ସିମେଣ୍ଟ ନଗର ଇଂଲିଶ୍ ମିଡିୟମ୍ ସ୍କୁଲର ଅଧକ୍ଷ ଶ୍ରୀ ସନାତନ ମହାପାତ୍ର, ବିକାଶ ଇଣ୍ଟ ଗ୍ଲୋବାଲ ସ୍କୁଲର ଅଧକ୍ଷ ମନୋଜ କୁମାର ତ୍ରିପାଠୀ, ବିକାଶ ଆବାସିକ ବିଦ୍ୟାଳୟର ଉପାଧକ୍ଷ ପ୍ରଦୀପ କୁମାର ସାହୁ, କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଏଚ୍‌ଆର୍ ହେଡ୍ ଅଶ୍ୱିନୀ ନାୟକ ସମସ୍ତ ସଫଳ ଛାତ୍ରଛାତ୍ରୀ, ଅଧାପକ-ଅଧାପିକା, ସମସ୍ତ କର୍ମଚାରୀ ଓ ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ଦୁଇ ଏଟିଏମ୍ ଲୁଟେରା ଗିରଫ

ଲକ୍ଷାଧିକ ଟଙ୍କା ,ସୁନା ଗହଣା ସହ ୪ ମୋବାଇଲ ଜବତ

ଆଠଗଡ଼ ,(ସବ୍ୟୁ) :ବରିଷ୍ଠ ନାଗରିକ ମାନଙ୍କୁ ଲକ୍ଷ କରି ଲୁଟ କରୁଥିଲେ ଲୁଟେରାଙ୍କ ଏଟିଏମ୍ ଭିତରେ ବରିଷ୍ଠ ନାଗରିକ ମାନେ ଟଙ୍କା ଉଠାଇବା ସମୟରେ ବେଶ୍ ଚତୁରତାର ସହିତ ଏଟିଏମ୍ କାର୍ଡ ବଦଳ କରି ଟଙ୍କା ଉଠାଉଥିଲା।ଏହି ଏଟିଏମ୍ ରୁ ସୁନା ଦୋକାନରେ ଗହଣା କିଣିଥାଆନ୍ତି।୮ ବାବଦରେ ଆଠଗଡ଼ ଥାନାରେ ତିନୋଟି ମାମଲା ରୁଜୁ ହୋଇଥିଲା ଏହାକୁ ଆଠଗଡ଼ ପୋଲିସ ଚତୁରତାର ସହିତ ତଦନ୍ତ ଆରମ୍ଭ କରି ଦୁଇ ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ଏ ସମ୍ପର୍କରେ ଗୁରୁବାର ଦିନ ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଙ୍କ କାର୍ଯ୍ୟାଳୟ ରେ କଟକ ଗ୍ରାମାଞ୍ଚଳ ଏସପି ପ୍ରତୀକ ସିଂ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଏହି ତିନୋଟି ମାମଲାରେ ସମୁଦାୟ ୬,୦୪,୧୧୫ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇ ଥିଲାଗତ ଜାନୁଆରୀ ମାସରେ ଆଠଗଡ଼ ଥାନା ଅନ୍ତର୍ଗତ ବୁଦ୍ଧିଆ ପାଟଣା ଗ୍ରାମର ବଳଭଦ୍ର ସ୍ୱାଇଁଙ୍କ ଏଟିଏମ୍ କାର୍ଡ ବ୍ୟବହାର କରି ଢେଙ୍କାନାଳ ଏବଂ ରାଉରକେଲା ରୁ ୧,୪୬,୫୩୯ ଟଙ୍କା ଉଠାଣ, ମାର୍ଚ୍ଚ ମାସରେ ଆଠଗଡ଼ ଥାନା ଅନ୍ତର୍ଗତ କକଡପୁର ଗ୍ରାମର ସୁପ୍ରସନ ବେହେରାଙ୍କ ଏଟିଏମ୍ କାର୍ଡ ବ୍ୟବହାର କରି ଢେଙ୍କାନାଳ ଗଣେଶ ଜୁଏଲାରୀରୁ ୯୦,୪୭୬ ଟଙ୍କାର ସୁନା ଗହଣା ଏବଂ ଆଠଗଡ଼ ଥାନା ଅନ୍ତର୍ଗତ କଣ୍ଡରେଇ ଗ୍ରାମ ର ସୁଶାନ୍ତ କୁମାର ସାହୁ ଙ୍କ ଏଟିଏମ୍ କାର୍ଡ ବ୍ୟବହାର କରି ୨ ଲକ୍ଷ ୪୨ ହଜାର ଟଙ୍କା ଏବଂ ୨ ଲକ୍ଷ ୨୫ ହଜାର ଟଙ୍କା ର ସୁନା ଗହଣା କିଣିଥିବା ବେଳେ ୭୫ ହଜାର ଟଙ୍କା ଢେଙ୍କାନାଳ ଏଟିଏମ୍ ରୁ ଦେଣନେଣ ହୋଇ ଥିବା ଜଣାପଡିଛି। ଏହି ଲୁଟ୍ ମାମଲାରେ ପୋଲିସ ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଅନ୍ତର୍ଗତ ଖଣ୍ଡୁରୁ ଗ୍ରାମରୁ ବୁଦ୍ଧିନାଥ ସାହୁ ଙ୍କ ପୁଅ ମନୋଜ କୁମାର ସାହୁ (୩୫) ଏବଂ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ର ପ୍ରଦୀପ କୁମାର ସାହୁ ଙ୍କୁ ଗିରଫ କରାଯାଇଛି । ସେମାନଙ୍କ ଠାରୁ ୩ ଲକ୍ଷ ୧୦ ହଜାର ଟଙ୍କା ଏବଂ ୯୩ ଗ୍ରାମ ର ସୁନା ଅଳଙ୍କାର ସହିତ ଚାରୋଟି ମୋବାଇଲ ଫୋନ ଜବତ କରା ଯାଇଛି। ତେବେ ସେମାନଙ୍କ ଠାରୁ ସୁନା ଗହଣା ରଖି ଟଙ୍କା ଦେଉଥିବା ନୟାଗଡ ଅଞ୍ଚଳ ର କିଶୋର ମାଝୀ ଫେରାର ଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଗିରଫ ଅଭିଯୁକ୍ତ ପ୍ରଦୀପ କୁମାର ସାହୁ ଜଣେ ବୁକି ମଧ୍ୟ। ବିଭିନ୍ନ ଅନଲାଇନ୍ ଗେମ୍ ମାଧ୍ୟମରେ ଅଭିଯୁକ୍ତ ମନୋଜ କୁମାର ସାହୁ ଏବଂ ଅନ୍ୟତମ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ସେଠୀ ଠାରୁ ପ୍ରଦୀପ ୫ ଲକ୍ଷ ୬୦ ହଜାର ଟଙ୍କା ନେଇଥିବା ଜଣା ପଡ଼ିବା ପରେ ତାକୁ ନୟାଗଡ଼ ରୁ ଗିରଫ କରା ଯାଇଥିବା ବେଳେ ମନୋଜ ଆଠଗଡ଼ ରୁ ଅନ୍ୟ ଏକ ଲୁଟ୍ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ତାକୁ ଗିରଫ କରା ଯାଇଥିବା କୁହାଯାଇଛି। ପ୍ରଦୀପ ଠାରୁ ନଗଦ ୫୦ ହଜାର ଟଙ୍କା ମଧ୍ୟ ଜବତ କରାଯାଇଥିବା କୁହା ଯାଇଛି। ଅଭିଯୁକ୍ତ ମାନଙ୍କ ଠାରୁ ଟଙ୍କା ସୁନା ସହିତ ୨୬ ଟି ଏଟିଏମ୍ କାର୍ଡ ଚାରୋଟି ମୋବାଇଲ ଫୋନ ଜବତ କରା ଯାଇଛି। ଅଭିଯୁକ୍ତ ମାନଙ୍କ ନାମରେ ଓଡ଼ିଶାର ବିଭିନ୍ନ ଥାନା ରେ ୪୩ ଟି ମାମଲା ରହିଥିବା ଜଣାପଡିଛି ।ଏହି ସାମ୍ବାଦିକ ସମ୍ମିଳନୀରେ ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱଜିତ ମହାନ୍ତି ଏବଂ ଆଠଗଡ଼ ଥାନା ଅଧିକାରୀ ସୁମତି ମହାନ୍ତି ଉପସ୍ଥିତ ରହିଥିଲେ।

ହେଟେଲରେ ଖାଦ୍ୟ ସୁରକ୍ଷା ଅଧିକାରିଣୀ ଅଟକ

ବାଲିପାଟଣା ,(ସବ୍ୟୁ) : ହୋଟେଲରେ ଅସ୍ୱାସ୍ଥ୍ୟକର ପରିବେଶ ଓ ନିମ୍ନମାନର ଖାଦ୍ୟ ବିକାଯାଉଥିବା ଅଭିଯୋଗ ପାଇ ଖାଦ୍ୟ ସୁରକ୍ଷା ଅଧିକାରୀ ଯାଞ୍ଚ କରିବାକୁ ଯାଇଥିବା ବେଳେ ହୋଟେଲ ମାଲିକ ତାଙ୍କୁ ହୋଟେଲ ଭିତରେ ଅଟକ ରଖି ବାହାରୁ ତାଲା ଦେଇଥିବା ଅଭିଯୋଗ ହୋଇଛି। ଅଟକ ଅଧିକାରିଣୀ ଭଣଙ୍କ ଏ ନେଇ ସ୍ଥାନୀୟ ଥାନାକୁ ଖବର ଦେବା ପରେ ପୋଲିସ ଆସି ତାଙ୍କୁ ଉଦ୍ଧାର

କରିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଯୋଗ୍ୟ ଯେ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଅଂଚଳରେ ଛତୁ ଫୁଟିବା ପରି ହୋଟେଲ ଖୋଲିବାରେ ଲାଗିଛିବେଳେ ସାଧାରଣ ଲୋକଙ୍କୁ କିପରି ସୁସ୍ଥମ ଖାଦ୍ୟ ପରିବେଷଣ କରାଯିବ ସେଥିପ୍ରତି କାହାର ଧ୍ୟାନ ନାହିଁ। ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୮ଟାରେ ଖୋର୍ଦ୍ଧା ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଣୀ ନିବେଦିତା ଭଞ୍ଜ, ଟାଙ୍ଗୀ ଅଧିକାରୀ ଦେବାଶିଷ ଭୋଳ,ଓ ପୂର୍ଣ୍ଣାଙ୍ଗ ସାମରରାୟ,ଅନିଲ ମାଝୀ ପ୍ରମୁଖ ବାଳି ପାଟଣାରେ ଥିବା ସାଇଶ୍ରୀ ହୋଟେଲରେ ଅଚାନକ ଚଢ଼ାଉ କରିଥିଲେ।ଖାଦ୍ୟ ସାମଗ୍ରୀ ବ୍ୟବସ୍ଥା ଅତିନିମ୍ନମାନର ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ପାଇଁ ମାଲିକ ଶୈଳେନ୍ଦ୍ର ଭୋଇଙ୍କୁ ପଚାରିବାରୁ ସେ କୌଣସି ଜ୍ରମେ ସବର ଦେଇ ସେଠାରୁ ଚମ୍ପଟ ମାରିଥିଲେ। ଅଧିକାରୀଣୀ ନିବେଦିତା ଭଞ୍ଜ ହୋଟେଲ ଭିତରେ ଅଟକ ଥାଇ ବାଲିପାଟଣା ପୋଲିସର ସହାୟତା ଲୋଡ଼ି ଥିଲେ।ବାଳି ପାଟଣା ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଖାଦ୍ୟ ସୁରକ୍ଷା ଅଧିକାରୀମାନଙ୍କୁ ଉଦ୍ଧାର କରିଥିଲେ। ପରେ ଉକ୍ତ ହୋଟେଲ ଉପରେ ସରକାରୀ ଅଧିକାରୀମାନେ ୮ହଜାର ଟଙ୍କା ଫାଇନ ଆଦାୟ କରିବା ସହ ଏପରି ଭୁଲ ଆଉକୁ ନ କରିବାକୁ ଚେତାବନୀ ଦେଇଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ : ୨ଗିରଫ

ଦଶପଲ୍ଲା,(ସବ୍ୟୁ) : ଦଶପଲ୍ଲା ଥାନା କଉଡା ଗ୍ରାମରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଦୁଇଜଣ ଗୁରୁତର ଆହତ ହୋଇଥିବା ବେଳେ ଦୁଇ ଆହତ ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଯୋଗ୍ୟଯେ, କାଉଡା ଗ୍ରାମର ମଦନ ମୋହନ ବିଶ୍ୱାଳ ଓ ଖଗେଶ୍ୱର ବେହେରା ଦୁଇ ପଡୋଶୀ ଅଟନ୍ତି ଛ ମାତ୍ର ଉଭୟ ପରିବାର ମଧ୍ୟରେ ଭଲ ସଂପର୍କ ନଥିବା ବେଳେ ଗତ ୧୩ ତାରିଖ ଦିନ ଉଭୟ ଖଗେଶ୍ୱର ଓ ମଦନ ଙ୍କ ମଧ୍ୟରେ ଗଣ୍ଡଗୋଳ ତୀବ୍ର ରୂପ ଧାରଣ କରିଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ଖଗେଶ୍ୱର ବେହେରା ଙ୍କ ପୁଅ ତାପସ ଟାଙ୍ଗିଆରେ ମଦନ ଆକ୍ରମଣ କରିଥିନା ବେଳେ ମଦନ ଏକ ଟାଙ୍ଗିଆରେ ଖଗେଶ୍ୱର ଙ୍କୁ ଆକ୍ରମଣ କରିଥିଲେ ଫଳରେ ଖଗେଶ୍ୱର ଓ ମଦନ ଆହତ ହୋଇଥିଲେ । ପରେ ଆହତ ମାନଙ୍କୁ ଗ୍ରାମବାସୀ ଓ ପରିବାର ପକ୍ଷରୁ ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇଥିବା ବେଳେ ଉଭୟ ଙ୍କ ପକ୍ଷରୁ ଦଶପଲ୍ଲା ଥାନାରେ ପୃଥକ ପୃଥକ ଭାବେ ଅଭିଯୋଗ ହୋଇଥିଲା ଅଭିଯୋଗ କୁ ଭିତି କରି ପୋଲିସ ଦୁଇଟି ମାମଲା ରୁଜୁକରି ଉଭୟ ମଦନ ଓ ଖଗେଶ୍ୱରଙ୍କ ପୁଅ ତାପସ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଉଭୟଙ୍କ ଜାମିନ ଆବେଦନ ନା ମଞ୍ଜୁର ହେବାରୁ ତାଙ୍କୁ ଦଶପଲ୍ଲା ସବ ଜେଲ କୁ ପଠାଇ ଦିଆ ଯାଇଛି ।

ନାବାଳିକା ଦୁଷ୍କର୍ମ ଘଟଣା : ଜୋର ଧରିଲା ଅଭିଯୁକ୍ତ ଗିରଫ ଦାବି

ପିପିଲି,(ସବ୍ୟୁ) :ଡେଲାଙ୍ଗ ବ୍ଲକ ପିପିଲି ଥାନା ଅଧିନରେ ଜଣେ ୭ମ ଶ୍ରେଣୀ ନାବାଳିକା ଛାତ୍ରୀ ପ୍ରତି ହୋଇଥିବା ଦୁଷ୍କର୍ମ ଘଟଣା କୁ ୧୫ଦିନ ବ୍ୟାପିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି। ଗୁରୁବାର ପୀଡିତାର ପରିବାର ଥାନାର ଦ୍ୱାରସ୍ଥ ହୋଇ ଅଭିଯୁକ୍ତକୁ ଗିରଫ କରିବା ପ୍ରତିବାଦରେ ଅନଶନ ସହିତ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଥିଲେ। କିନ୍ତୁ ପିପିଲି ଥାନା ଅଧିକାରୀ ଅଭିଯୁକ୍ତକୁ ୭ଦିନ ଭିତରେ ଗିରଫ କରିବାର ପ୍ରତିଶୃତି ଦେଇ ପୀଡିତାର ପରିବାରକୁ ବୁଝାସୁଝା କରିଥିଲେ। ସୂଚନା ଥାଉକି ଏପ୍ରିଲ୍ ୩୦ତାରିଖ ଦିନ ଅଭିଯୁକ୍ତ ପିଡିତାର ମାକୁ ସରବତ କରିବାକୁ କହି ଘରେ କେହି ନଥିବାର ସୁଯୋଗ ଦେଖି ନାବାଳିକା ସହିତ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା। ଏନେଇ ପିଡିତାର ମା ପିପିଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।ଅଭିଯୋଗ କୁ ଭିତିକରି ପିପିଲି ଥାନାରେ ଏ ସଂକ୍ରାନ୍ତରେ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରିଥିଲାଏବଂ ଅଭିଯୁକ୍ତ କୁ ଦୁଇଦିନ ଭିତରେ ଗିରଫ କରିବାର ପୋଲିସ ପ୍ରତିଶୃତି ଦେଇଥିଲା। ତେବେ ଘଟଣାକୁ ୧୫ ଦିନ ବିତିଯାଇଥିବା ବେଳେ ପୋଲିସ ହାତ ଏବେ ବି ଖାଲି ପଡିଛି।କିନ୍ତୁ ଘଟଣା ଘଟିବା ଦିନ ଠାରୁ ଅଭିଯୁକ୍ତ ଫେରାର ରହିଥିବା ବେଳେ ମହିଳା କଂଗ୍ରେସ ନେତ୍ରୀ ନିରୁପମା ପାତ୍ର ଅଭିଯୁକ୍ତକୁ ଗିରଫ କରିବା ଦାବୀ କରି ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଅଭିଯୁକ୍ତ ତାର ବାଇକଟିକୁ ପିଡିତା ଘରଠାରେ ଛାଡି ସେଠାରୁ ଫେରାର ହୋଇଥିବା ପୋଲିସ ଜାଣି ସୁଧା ବାଇକ ଟିକୁ ଜବତ କରିନଥିଲା।ଦୁଇ ଦିନ ତଳେ ବାଇକ ଟିକୁ ସେଠାରୁ ଜବତ କରି ଥାନାକୁ ଆଣିଥିବା ଜଣାପଡିଛି।ପୋଲିସ ଅଭିଯୁକ୍ତ କୁ ଗିରଫ କରିବା ବଦଳରେ ଘଣ୍ଟ ଘୋଡାଉଥିବା ନେଇ ସଂଙ୍ଗିନ ଅଭିଯୋଗ ଆଣିଛନ୍ତି ମହିଳା କଂଗ୍ରେସ ନେତ୍ରୀ ନିରୁପମା ପାତ୍ର। ଅଭିଯୁକ୍ତ କୁ ତୁରନ୍ତ ଗିରଫ କରିବାକୁ ସେ ଦାବୀ କରିଛନ୍ତିଛଯଦି ଅଭିଯୁକ୍ତ କୁ ଗିରଫ କରାନଯାଏ ପିଡିତା ପରିବାର ଯାହା କିଛି ଅସୁବିଧା ହେବ ସେଥିପାଇଁ ପୋଲିସ ପ୍ରଶାସନ ଦାୟୀ ରହିବ ବୋଲି କହିଛନ୍ତି। ସୁଚନା ଥାଉକି ପିପିଲି ଥାନା ଅଂଚଳରେ ନାବାଳିକା ଦୁଷ୍କର୍ମ ଘଟଣା ବାରମ୍ବାର ଘଟୁଥିବା ବେଳେ ୫ଟି ମାମାଲାରେ ଅଭିଯୁକ୍ତ ମାନଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଏହି ୭ମ ଶ୍ରେଣୀ ନାବାଳିକା ଛାତ୍ରୀ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ଏବେ ବି ଫେରାର ରହିଛି। ପୋଲିସ ଅଭିଯୁକ୍ତକୁ କେବେ ଗିରଫ କରିବାରେ ସଫଳ ହେଉଛି କି ତାକୁ ଘଣ୍ଟ ଘୋଡାଉଛି ତାହା କେବଳ ଦେଖିବାକୁ ବାକି ରହିଥିବା ନେଇ ସାଧାରଣ ରେ ଆଲୋଚନାର ବିଷୟ ପାଲଟିଛି।

ଭାରତୀୟ ସେନା ପରାକ୍ରମ ସମର୍ଥନରେ ତ୍ରିରଙ୍ଗା ଶୋଭାଯାତ୍ରା

ନୟାଗଡ଼,(ସବ୍ୟୁ): ଭାରତୀୟ ସେନା ପରାକ୍ରମ ସମର୍ଥନରେ ନୟାଗଡ଼ ସହରରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତରେ ତ୍ରିରଙ୍ଗା ଶୋଭାଯାତ୍ରା ନୟାଗଡ଼ ସହର ପରିକ୍ରମା କରିଥିଲା। ଆତଙ୍କବାଦ ଓ ଆତଙ୍କବାଦୀ ବିରୋଧୀ ଭାରତୀୟ ସେନା ବାହିନୀର 'ଅପରେସନ ସିନ୍ଦୁର' ର ସଫଳତାକୁ ସମ୍ମାନ ଜଣାଇ ଶତାଧିକ ନାଗରୀକ, ରାଜନେତା, ସରକାରୀ କର୍ମଚାରୀ, ଯୁବକ ଓ ଯୁବତୀ ସାମିଲ ହୋଇ ଗୌରବାନ୍ୱିତ ହୋଇଛନ୍ତି ।ଭାରତୀୟ ସୌରବୀର ସେନା ବାହିନୀ ର ସମ୍ମାନ ଉଦ୍ଦେଶ୍ୟରେ ନୟାଗଡ଼ ସହରରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗୁରୁବାର ପୂର୍ବାହ୍ଣ ୮ଟା ସମୟରେ ସ୍ଥାନୀୟ ଦୁର୍ଗାପ୍ରସାଦ ପଡ଼ିଆଠାରୁ ବାଇକ୍ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଶ୍ରୀଜଗନ୍ନାଥ ମନ୍ଦିରପର୍ଯ୍ୟନ୍ତ ଯାତ୍ରା କରିଥିଲା । ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଙ୍କ ନେର୍ତ୍ତୃତ୍ୱରେ ତ୍ରିରଙ୍ଗା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। 'ଅପରେସନ ସିନ୍ଦୁର'ଅଭିଯାନରେ ଭାରତୀୟ ବୀର ଯବାନଙ୍କ ପରାକ୍ରମ ଓ ଶକ୍ତିଶାଳି ପ୍ରଭାବ ସଂପର୍କରେ ଏଥିରେ ବାର୍ତ୍ତା ଦିଆ ଯାଇଥିଲା। ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଜିଲ୍ଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଅତିରିକ୍ତ ଏସ୍ ପି ସୁବାଷ ପଣ୍ଡା, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ପୌର ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ଆଦି ତ୍ରିରଙ୍ଗା ମୋଟର ସାଇକେଲ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପୌର ଅଧ୍ୟକ୍ଷା ନିରୁପମା ଖଟେଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ପୁଲିସ ବାହିନୀ, ପୌର କର୍ମଚାରୀ, ହଜାର ସଂଖ୍ୟାରେ ଜନସାଧାରଣ ସାମିଲ ହୋଇ ହାତରେ ତ୍ରିରଙ୍ଗା ପତାକା ଧରି ବନ୍ଦେ ମାତରମ୍ ନାରା ଦେଇ ସହର ପରିକ୍ରମା କରିଥିଲେ । କାର୍ଯ୍ୟକ୍ରମ ସଫଳତା କୁ ନେଇ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଦନ୍ତା ଆକ୍ରମଣରେ ମୃତ୍ୟୁ : ଟାଙ୍ଗୋଳରେ ଉତ୍ତେଜନା

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ବନଖଣ୍ଡ ଅଧିନସ୍ଥ ଟାଙ୍ଗୀ ରେଞ୍ଜକୁ ଚନ୍ଦକା ଓ ପଡ଼ୋଶୀ ରାଜ୍ୟରୁ ହାତୀ ପଲ ଖାଦ୍ୟ ଅନ୍ୱେଷଣ ରେ ଆସି ଆଉ ଫେରିବାକୁ ମନ କରୁନାହାନ୍ତି। ବନ କର୍ମଚାରୀ ମାନେ ବି ନିର୍ଦ୍ଦିଷ୍ଟ ଭାବେ ହାତୀ ପଲଙ୍କୁ ଘେଡାଇ କୁଆଡେ ଛାଡ଼ିବେ ଜାଣି ପାରୁନାହାନ୍ତି। କେବଳ ନିଜର କର୍ତ୍ତବ୍ୟ ସମାପନ କରିବ ପାଇଁ ଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲଙ୍କୁ ସେ ଜଙ୍ଗଲରୁ ଏ ଜଙ୍ଗଲ କରୁଛନ୍ତି।ଯାହା ଫଳରେ ବାରମ୍ବାର ଅଘଟଣ ମାନ ଘଟୁଛି। କେତେବେଳେ ମଣିଷର ଜୀବନ ଯାଉଛି ତ କେତେବେଳେ ମଣିଷ ର ପାଳି ପଡୁଛି। ଗୁରୁବାର ଅପରାହ୍ନରେ ଜଂକିଆ ଥାନା ଟାଙ୍ଗୋଳ ପଞ୍ଚାୟତ ହେମନ୍ତପୁର ମହାଦେବ ସାହି ନାଥସ୍ୱାଇଁଙ୍କ ପୁତ୍ର ପଠାଣି ସ୍ୱାଇଁ (୬୫) ନିକଟସ୍ଥ କଲବଲିଆ ନାଳ ନିକଟ ବାଲିକୁଦା ପରିବା ବାଡି ରୁ ପୋଟଳ କିଣିବାକୁ ଯାଇଥିବାବେଳେ ପାଖରେ ଥିବା କାଜୁ ଜଙ୍ଗଲରୁ ହଠାତ୍ ଏକ ଦନ୍ତା ହାତୀ ବାହାରି ପଠାଣିଙ୍କୁ ଶୁଣ୍ଢରେ ଟେକି କଚାଡ଼ିବା ସହିତ ପାଦରେ ଦଳିଚକଟି ମାରି ଦେଇଛି। ପ୍ରକାଶ ଥାଉ କି ପଠାଣି ଆସନ୍ତା କାଲି ଶୁକ୍ରବାର ତାଙ୍କ ଝିଅ ଘରକୁ ପନିପରିବା ନେଇକି ଯିବେ ବୋଲି ଗୁରୁବାର ଦିନ ଫ୍ରେସ ପୋଟଳ କିଣିବାକୁ ଯିବା କାଳ ହେଲା। ଖବର ପାଇ ଘଟଣାସ୍ଥଳକୁ ଶହଶହ ଗ୍ରାମବାସୀ ଯାଇ ପଠାଣଙ୍କ ମୃତ ଦେହ ପଡିଥିବାର ଦେଖିବାକୁ ପାଇଥିଲେ। ହାତୀ ପଠାଣିଙ୍କ ଡାହାଣ ଗୋଡ ଭାଙ୍ଗି ଦେଇଥିବା ସହ ପେଟ ଚକଟି ଗୁରୁତର କରି ମାରି ଦେଇଥିବା ଦେଖିବାକୁ ମିଳିଛି। ନିକଟରେ ପଠାଣି ଙ୍କ ଏକ ଲୁନା ପଡ଼ିଛି। ମୃତଦେହ ଅପରାହ୍ନ ୫ ଠାରୁ ଜଙ୍ଗଲ ନିକଟରେ ପଡ଼ି ରହିଥିବାବେଳେ ରାତି ୮ ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀ କି କର୍ମଚାରୀଙ୍କ ର ଦେଖା ନ ଥିଲା। ପରେ ସେଠାକୁ ଖବର ପାଇ ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇ ଓ ଜଂକିଆ ପୁଲିସ ପହଞ୍ଚି ଅନୁସନ୍ଧାନ ଜାରୀ ରଖିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଛି।

ଏନ ଏ ସିର ପରାକ୍ରମ ଶୋଭାଯାତ୍ରା

ଦଶପଲ୍ଲା,(ସବ୍ୟୁ) : ଦଶପଲ୍ଲା ଏନ ଏ ସି ପକ୍ଷରୁ ଅପରେସନ ସିନ୍ଦୁର ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହିଇଯାଇଛି। ଆତଙ୍କବାଦ ବିରୋଧୀ ଅଭିଯାନ ଅପରେସନ ସିନ୍ଦୁର ସଫଳତା ପରେ ଗୁରୁବାର ଦିନ ଏହି ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।ଦଶପଲ୍ଲା ଏନ ଏ ସି ଅଧ୍ୟକ୍ଷା ଇଂ ପୁନମ ପ୍ରିୟଦର୍ଶିନୀ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ବାଇକ ଶୋଭାଯାତ୍ରା ରେ ସମସ୍ତ ଏନ ଏ ସି କାଉନସିଲର ଓ ଏମ ପି ନୋମିନି ଅଞ୍ଜନ ଦାସ ଙ୍କ ସହ କର୍ମଚାରୀ ମାନେ ସାମିଲ ହୋଇଥିଲେ । ଏହି ବାଇକ ଶୋଭାଯାତ୍ରା ଦଶପଲ୍ଲା ର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ରଘୁନାଥ ଜୀଉ ଓ ଶ୍ରୀ ମହାବୀର ଙ୍କ ପିଠରୁ ବାହାରି ବିଭିନ୍ନ ବଜାର ପରିକ୍ରମା କରି ତ୍ରିନାଥ ବଜାର ଠାରେ ପହଞ୍ଚି ଥିଲା ।ଶୋଭାଯାତ୍ରା ସମୟ ରେ ବନ୍ଦେ ମାତରମ, ଭାରତ ମାତାକି ଜୟ ରେ ପ୍ରକମ୍ପିତ ହୋଇଥିଲା ଏହି ଶୋଭାଯାତ୍ରା ।

ସିବିଏସଇ ପରୀକ୍ଷାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀର ସଫଳତା

ସାକ୍ଷୀଗୋପାଳ ,(ସବ୍ୟୁ) : କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ (ସିବିଏସଇ) ଶ୍ରେଣୀ-ଦଶମ ପରୀକ୍ଷାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀର ଅସାଧାରଣ ସଫଳତାଛ ୭୮ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅଂଶଗ୍ରହଣ କରି ଶତପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ସୌମ୍ୟା ଶାଶ୍ୱତୀ ମିଶ୍ର ୯୬.୨% ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଏଥି ସହ ପ୍ରିୟରଞ୍ଜନ ପ୍ରଧାନ ୯୫.୮% ମାର୍କ ତଥା ପ୍ରତିଭା ପ୍ରିୟଦର୍ଶିନୀ ସ୍ୱାଇଁ ୯୫.୬% ମାର୍କ ରଖି ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।୧୩ ଜଣ ଛାତ୍ରଛାତ୍ରୀ ୯୦% ରୁ ଅଧିକ ମାର୍କ ପ୍ରାପ୍ତ କରିଛନ୍ତି, ଯାହା ବିଦ୍ୟାଳୟର ଉତ୍ତମ ଶିକ୍ଷାମାନ ଓ ନିଷ୍ଠାର ପ୍ରମାଣ ଦେଇଛିଛବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଗଣ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ଏହି ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ବିଦ୍ୟାଳୟର ଏହି ସଫଳତାର ଶ୍ରେୟ ନିମନ୍ତେ ଛାତ୍ରଛାତ୍ରୀଙ୍କ ଶ୍ରମ, ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କ ଦିଗଦର୍ଶନ ଓ ଦୃଢ଼ ପ୍ରତିବଦ୍ଧତା ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।।

ପ୍ରଧାନଶିକ୍ଷକ ସମ୍ଭାଳୁଛନ୍ତି ଟାଙ୍ଗୀ , ଚିଲିକା ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱ

ଟାଙ୍ଗୀ,(ସବ୍ୟୁ) :ସେ ପ୍ରାଥମିକ ବିଦ୍ୟାଳୟ ହେଉ କି ଉଚ୍ଚବିଦ୍ୟାଳୟ ଶିକ୍ଷକ,ପ୍ରଧାନଶିକ୍ଷକ ପଦବୀ ର୍ଦିଘ ଦିନ ଧରି ଖାଲି ପଡିଥିବା ବେଳେ ଏହି ରୋଗ ଏବେ ବ୍ଲକ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟକୁ ସଂକ୍ରମଣ ହୋଇଥିବା ଜଣାପଡିଛି। ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ,ଚିଲିକା,ଜଟଣୀ ଓ ଖୋର୍ଦ୍ଧା ବ୍ଲକ ଶିକ୍ଷାଧିକାରୀ ପଦବୀ ଶୂନ୍ୟ ପଡିଥିବା ବେଳେ ଜଣେ ପ୍ରଧାନଶିକ୍ଷକଙ୍କୁ ନିଜ ଦାୟିତ୍ୱ ସହ ଟାଙ୍ଗୀ ଓ ଚିଲିକା ବ୍ଲକ ଶିକ୍ଷାଧିକାରୀ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବା ବାସ୍ତବିକ ଚିନ୍ତାଜନକ। ସୂଚନାଯୋଗ୍ୟ ଟାଙ୍ଗୀ ବ୍ଲକ ଶିକ୍ଷାଧିକାରୀ ଭାବେ ବନଲତା ବେହେରା ଦାୟିତ୍ୱ ଗ୍ରହଣ କରିବାର ମାତ୍ର ଏକ ମାସ ୨୦ ଦିନରେ ତାଙ୍କର ପଦୋନ୍ନତି ହେବାରୁ ସେ ଏବେ ନୟାଗଡ ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଅନୁଗୁଳ ଟାଉନ ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶୋକ ପ୍ରଧାନଙ୍କୁ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଶିକ୍ଷାଧିକାରୀ ଭାବେ ପଦୋନ୍ନତିରେ ବଦଳି କରାଯାଇଥିଲେ ମଧ୍ୟ ସେ ନିଜ ନିର୍ଦ୍ଦେଶନାମା କୁ ପରିବର୍ତ୍ତନ କରାଇ ଏବେ ଅନୁଗୁଳ ବ୍ଲକ ଶିକ୍ଷାଧିକାରୀ ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି। ସେହିପରି ଚିଲିକା ବ୍ଲକ ଶିକ୍ଷାଧିକାରୀ ଭାବେ ଗଞ୍ଜାମ ଜିଲ୍ଲା ଛତ୍ରପୁର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦ୍ୱାରିକାନାଥ ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲେ ମଧ୍ୟ ସେ କାର୍ଯ୍ୟ ରେ ଯୋଗଦେଇନଥିବା ଜଣାପଡିଛି। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ହାଇସ୍କୁଲ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମଙ୍କୁ ନିଜ ଦାୟିତ୍ୱ ସହ ଟାଙ୍ଗୀ ଓ ଚିଲିକା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡିଛି। ଶ୍ରୀ ହେମ୍ବ୍ରମ ନିଜ ଦାୟିତ୍ୱ ସହ ଟାଙ୍ଗୀ ଓ ଚିଲିକା ବ୍ଲକର ବ୍ଲକ ଶିକ୍ଷାଧିକାରୀ ଅତିରିକ୍ତ ଦାୟିତ୍ୱ କିପରି ସମ୍ଭାଳୁଥିବେ ଏଥିରୁ ସ୍ପଷ୍ଟ ଅନୁଭବ କରାଯାଇପାରେ । ଏଭଳି ବ୍ୟତିକ୍ରମ ଯୋଗୁ ଟାଙ୍ଗୀ ଓ ଚିଲିକା ବ୍ଲକରେ ଶତାଧିକ ଶିକ୍ଷକ ସେମାନଙ୍କର ଏପ୍ରିଲ ମାସର ଦରମା ପାଇନଥିବା ଅଭିଯୋଗ ହୋଇଛି। ସେହିଭଳି ଟାଙ୍ଗୀ ବ୍ଲକ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ରେ ତିନି ଗୋଟି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପଦବି ରୁ ଗୋଟିଏ ପଦବୀ ର୍ଦିଘ ଦିନ ଧରି ଖାଲି ପଡିଛି।ଚଳିତ ମାସ ୩୧ ତାରିଖ ରେ ଟାଙ୍ଗୀ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁମଂଜରୀ ଦେବୀ ଅବସର ନେବେ।

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଖୋଲିଲା ଫ୍ୟୁଚର ଇଣ୍ଟେଲିଜେନ୍ସ ଆଣ୍ଡ୍ ଇନୋଭେସନ୍ ଇନଷ୍ଟିଚ୍ୟୁଟ

ବାରଙ୍ଗ,(ସବ୍ୟୁ) :ପୂଜ୍ୟ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ଜୀ'ଙ୍କ ପବିତ୍ର ଜନ୍ମଦିନ ଅବସରରେ ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଶ୍ରୀ ଶ୍ରୀ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟୁଚର ଇଣ୍ଟେଲିଜେନ୍ସ ଆଣ୍ଡ୍ ଇନୋଭେସନ୍ ଖୋଲିଥିବା ବେଳେ ଏ ନେଇ ମଙ୍ଗଳବାର ରାତିରେ ବେଙ୍ଗାଲୁରୁସ୍ଥିତ ଆନ୍ତର୍ଜାତିକ ଆର୍ଟ୍ ଅଫ୍ ଲିଭିଂ କେନ୍ଦ୍ରଠାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି । ଏହି ଇନଷ୍ଟିଚ୍ୟୁଟ୍ ଖୋଲିବା ଦ୍ୱାରା ଏଥିକାଲ୍ ଏଆଇ ଓ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ ସହାୟତାରେ ଉତ୍ତମ ବିଦ୍ୟାର୍ଥୀ ସୃଷ୍ଟି ହୋଇପାରିବେ। ଏଥିକାଲ୍ ଏଆଇ ବା 'ନୈତିକ କୃତ୍ରିମ ବୁଦ୍ଧିମତ୍ତା' ଦ୍ୱାରା କେବଳ ବୈଷୟିକ ଜ୍ଞାନକୌଶଳଯୁକ୍ତ ଶିକ୍ଷା ଦିଆ ନ ଯାଇ ସ୍ୱଚ୍ଛତା, ମାନବିକ ମୂଲ୍ୟବୋଧ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ତା'ର ପୂରଣ ନିମନ୍ତେ ମଧ୍ୟ ଶିକ୍ଷା ଦିଆଯିବ । ବିଶ୍ୱବିଦ୍ୟାଳୟ ପକ୍ଷରୁ ଇନଷ୍ଟିଚ୍ୟୁଟର ଉଦଘାଟନ ଅବସରରେ କୁହାଯାଇଛି ଯେ, ଶ୍ରୀ ଶ୍ରୀ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟୁଚର ଇଣ୍ଟେଲିଜେନ୍ସ ଆଣ୍ଡ୍ ଇନୋଭେସନ୍ କେନ୍ଦ୍ରରେ ମାନବବାଦ ଟେକ୍ନୋଲଜିର ନୁହେଁ ବରଂ ଟେକ୍ନୋଲଜି ମାନବବାଦର ସେବା କରିବ ।ଏହି ଇନଷ୍ଟିଚ୍ୟୁଟ୍ କୃତ୍ରିମ ବୁଦ୍ଧିମତ୍ତା ଉପରେ ପର୍ଯ୍ୟବସିତ ଡିଗ୍ରୀ ପାଠ୍ୟକ୍ରମ ପ୍ରଦାନ କରିବ । ଏଠାରୁ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନେ ଉଦ୍ୟୋଗ ଜଗତରେ କୃତ୍ରିମ ବୁଦ୍ଧିମତ୍ତାର କ୍ରମବର୍ଦ୍ଧିଷ୍ଣୁ ଚାହିଦା ପୂରଣରେ ସକ୍ଷମ ହେବେ । ଉନ୍ନତ ମାନର କୃତ୍ରିମ ବୁଦ୍ଧିମତ୍ତା ନିମନ୍ତେ ଏଠାରେ ଉପଯୁକ୍ତ ପ୍ରୟୋଗଶାଳା ଓ ଗବେଷଣା ସୁବିଧା ଉପଲବ୍ଧ ରହିବ । ଏହି ଇନଷ୍ଟିଚ୍ୟୁଟ୍ ଷ୍ଟାର୍ଟ-ଅପ୍ ଇନକ୍ୟୁବେଟର ପୃଷ୍ଠପୋଷକତାରେ ସାମାଜିକ ଉଦ୍ୟମିତାକୁ ପ୍ରୋତ୍ସାହନ ଦେବ ।ପ୍ରମୁଖ ପ୍ରଯୁକ୍ତି ବିଦ୍ୟା ଶିକ୍ଷାନୁଷ୍ଠାନ ଓ ଏକାଡେମିକ୍ ଇନଷ୍ଟିଚ୍ୟୁଟ୍ ଗୁଡ଼ିକ ସହ ସଂଯୋଗ ରକ୍ଷା କରିବ । ଏହାବ୍ୟତୀତ ବିଭିନ୍ନ ଆଲୋଚନାଚକ୍ର ଏବଂ ସମ୍ମିଳନୀ ଜରିଆରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରଚାର ପ୍ରସାର କରି ତା'କୁ ଏକ ଅପ୍ରତିଦ୍ୱନ୍ଦ୍ୱୀ ଉଚ୍ଚତାରେ ନେଇ ପହଞ୍ଚାଇବ ଛ ଏହି ଦୂରଦୃଷ୍ଟିସମ୍ପନ୍ନ ଉଦ୍ୟମ ସାହାଯ୍ୟରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏପରି ଏକ ଭବିଷ୍ୟତ ନିର୍ମାଣ କରିବାକୁ ଯାଉଛି, ଯେଉଁଠାରେ ବୁଦ୍ଧିମତ୍ତା କେବଳ କୃତ୍ରିମ ନୁହେଁ, ସଚେତନ ଓ ନୈତିକତାସମ୍ପନ୍ନ ହେବା ସହ ଏଥିରେ ଡିଗ୍ରୀ କୋର୍ସ କରୁଥିବା ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ।ଯବାନ ମାନଙ୍କ ମନୋବଳ ବଢାଇବ ବୋଲି ମତପ୍ରକାଶ ପାଇଥିଲା ।

ମାଫିଆଙ୍କ କବଜାରେ ସିଧାମୂଳା ବାଲିଘାଟ : ବିପୁଳ ରାଜସ୍ୱ ହାନୀ

ଖଣ୍ଡପଡା,(ସବ୍ୟୁ):ଖଣ୍ଡପଡା ତହସିଲ ଅଧିନ ସିଧାମୂଳା ଗ୍ରାମ ପାର୍ଶ୍ୱସ୍ଥ ମହାନଦୀର ବିସ୍ତିର୍ଣ୍ଣ ବାଲୁକା ଶଯ୍ୟାରୁ ମାଫିଆମାନେ ହାଇୱା ଯୋଗେ ଟ୍ରିପ ଟ୍ରିପ ବାଲି ଆଖପାଖ ଅଂଚଳକୁ ଚୋରାରେ ଚାଲାଣ କରୁଥିବା ଅଭିଯୋଗ ହେଉଛି । ଏବେ ବାଲି ମାଫିଆମାନେ ପ୍ରଶାସନିକ ଅଧିକାରୀମାନଙ୍କୁ କରାୟତ କରି ବେଫିକର ଭାବେ ମହାନଦୀ ଘାଟରୁ ବାଲି ଉଠାଇ ହାଇୱା ଟ୍ରିପ ପିଛା ସାଧାରଣରେ ୧୫ରୁ ୨୦ ହଜାର ଟଙ୍କାରେ ବିକ୍ରୀ କରୁଥିବା ଜଣାପଡିଛି । ଫଳରେ ସାଧାରଣ ଜନତା ଚଢାଦାମରେ ବାଲି କିଣି ଗୃହ ନିର୍ମାଣ କରିବାକୁ ଅନିଚ୍ଛା ପ୍ରକାଶ କରୁଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରୁଥିବା ହିତାଧିକାରୀମାନେ ମଧ୍ୟ ହନ୍ତସନ୍ତ ହେଉଥିବା ଜଣାପଡିଛି । ମହାନଦୀ ଘାଟରୁ ବେଆଇନ ଭାବେ ବାଲି ଉଠାଇ ଆଖପାଖ ଅଂଚଳକୁ ଚୋରାରେ ଚାଲାଣ କରୁଥିବା ମାଫିଆମାନେ ବେଶ ମୋଟା ଅଙ୍କର ଅର୍ଥ ଆୟ କରୁଥିବା ବେଳେ ପରୋକ୍ଷରେ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଥିବା ଜଣାପଡିଛି । ମହାନଦୀ ଘାଟରୁ ବେଆଇନ ଭାବେ ବାଲି ଉଠାଉଥିବା ମାଫିଆମାନଙ୍କ ପଛରେ କିଛି ଦୁର୍ନୀତିଗ୍ରସ୍ତ ପୋଲିସ ଓ ତହସିଲ କର୍ମଚାରୀଙ୍କ ହାତଥିବା ନେଇ ଅଭିଯୋଗ ଉଠାଇ ଖଣ୍ଡପଡା ବ୍ଲକର ବିଭିନ୍ନ ପଂଚାୟତର ଜନପ୍ରତିନିଧିମାନେ ମଙ୍ଗଳବାର ନୟାଗଡ ଜିଲ୍ଲାପାଳଙ୍କୁ ଭେଟି ସେ ସଂପର୍କୀତ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି । ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବାଲି ମାଫିଆମାନଙ୍କ କାର୍ଯ୍ୟକଳାପ ପ୍ରତି ନୟାଗଡ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ପୋଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ଖଣି ବିଭାଗ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି ।

ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ

ନୟାଗଡ଼,(ସବ୍ୟୁ): ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ପରିଷଦର ସୃଜନ ସଭାଗୃହରେ ଜିଲ୍ଲାପାଳ ଅକ୍ଷୟ ସୁନିଲଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷା ଋତୁରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ବୈଠକରେ ଆଲୋଚନା କରା ଯାଇଥିଲା। ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ପ୍ରସ୍ତୁତି ବୈଠକରେ ସମ୍ଭାବ୍ୟ ବିପର୍ଯ୍ୟୟ ଓ ତାହାର ପରିଚାଳନା ସଂପର୍କରେ ଆଲୋଚନା କରାଯାଇଥିଲା। ଏପରି ସମୟରେ କଂଟ୍ରୋଲ ରୁମ ଖୋଲିବା, ପାନୀୟ ଜଳ ବିଶୁଦ୍ଧି କରଣ, ଅଚଳ ନଳକୂପ ମରାମତି, ସାଟେଲାଇଟ୍ ଫୋନ, ଜେନେରେଟର ବ୍ୟବସ୍ଥା, ଜରୁରୀକାଳୀନ ଔଷଧ ମହଜୁଦ ରଖିବା, ଆଶା ଓ ଅଙ୍ଗନବାଡ଼ି କର୍ମୀମାନଙ୍କୁ ନିୟୋଜିତ କରିବା ବିଷୟରେ ଆଲୋଚନା କରାଯାଇଛି। ବର୍ଷା, ବନ୍ୟା, ବାତ୍ୟା ବିପ୍ରାତ ଅଂଚଳରେ ପିଡ଼ିତ ଙ୍କୁ ଉଦ୍ଧାର ଓ ଥଇଥାନ କାର୍ଯ୍ୟରେ ଆପଦ ମିତ୍ର ନିୟୋଜିତ ରହିବା ସହିତ ଏହାର ସୁପରିଚାଳନାରେ ବ୍ଲକସ୍ତରରେ ଜନ ପ୍ରତିନିଧି ଓ ସ୍ୱେଚ୍ଛାସେବୀମାନଙ୍କୁ ସାମିଲ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାର ଗଣିଆ, ଛାମୁଣ୍ଡିଆ, ଭାପୁର ଆଦି ଅଂଚଳରେ ପାୱାର ବୋଟ୍ ଏବଂ ଦେଶୀ ଡଙ୍ଗା ଗୁଡ଼ିକୁ ସକ୍ରିୟ ରଖିବା ପାଇଁ ବିଡିଓମାନଙ୍କୁ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ କୁମାର ଦାସ, ଜରୁରୀକାଳୀନ ଅଧିକାରୀ ତପତୀ ରାଜ ଜିଲ୍ଲାର ସମସ୍ତ ବିଡିଓ ଏବଂ ତହସିଲଦାର ଉପସ୍ଥିତ ରହି ଆଲୋଚନା କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ, ପ୍ରାଣୀ ଚିକିତ୍ସା, ଜଳସେଚନ, ବିଦ୍ୟୁତ୍, ଦୂରସଂଚାର, ଯୋଗାଣ, ପାନୀୟ ଜଳ, କୃଷି ଓ ମତ୍ସ୍ୟ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ ଆଦି ସମସ୍ତ ଲାଇନ ବିଭିନ୍ନ ବିଭାଗ ର ଅଧିକାରୀ ଉପସ୍ଥିତ ରହିଥିଲେ।

ଦଧିଚି ପବ୍ଲିକ ସ୍କୁଲର ଶତ ପ୍ରତିଶତ ସଫଳତା

କଣ୍ଟାପଡ଼ା, (ସବ୍ୟୁ) :ଓଲଟପୁର ଥାନା ଅନ୍ତର୍ଗତ ସୁନ୍ଦରଗ୍ରାମରେ ଥିବା ଦଧିଚି ପବ୍ଲିକ ସ୍କୁଲ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହ ଉର୍ତ୍ତୀର୍ଣ୍ଣ ହୋଇ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ପରୀକ୍ଷା ଦେଇଥିବା ଦଶମ ଶ୍ରେଣୀର ମୋଟ ୯୩ ଜଣ ବିଦାର୍ଥୀଙ୍କ ମଧ୍ୟରୁ ୬ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିଲାବେଳେ ୩୦ ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତିର୍ଣ୍ଣ ହୋଇଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ମୋଟ ୯୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲାବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଶିକ୍ଷାନୁଷ୍ଠାନର ଗରିମା ବଢ଼ାଇବାରେ ସହାୟତା କରିଛନ୍ତି।। ଏହି ସଫଳତା ପାଇଁ ଅନୁଷ୍ଠାନର ମୁଖ ଡଃ.ମନୋଜକୁମାର ଦାଶ ଓ ଟ୍ରଷ୍ଟି ବବିତା ଦାଶ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷତ କାମନା କରିଛଁ ଏତଦ ସହିତ ଶିକ୍ଷାନୁଷ୍ଠାନ ଅଧକ୍ଷ ଓ ଶିକ୍ଷକ ଶିକ୍ଷିକାଙ୍କୁ ମଧ ସେମାନଙ୍କ ନିଷ୍ଠାପର ଉଦମ ପାଇଁ ଅଭିନନ୍ଦନ ଜଣାଇଛନ୍ତି।

ବିଜେଡି ପଞ୍ଚାୟତ ଲୋକପ୍ରତିନିଧଙ୍କ ସାଙ୍ଗଠନିକ ବୈଠକ

ଖଣ୍ଡପଡା,(ସବ୍ୟୁ) :ଖଣ୍ଡପଡା ବ୍ଲକ ଅଧିନ ରାଣୀପଡା ପଞ୍ଚାୟତର ବିରିଡିହି ଗ୍ରାମ ମଠ ପରିସରରେ ବିଜେଡିର ପଞ୍ଚାୟତ ଲୋକପ୍ରତିନିଧିମାନଙ୍କୁ ନେଇ ଏକ ସାଙ୍ଗଠନିକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା ବ୍ଲକ ଅଧକ୍ଷା ଉପମା ବେହେରାଙ୍କ ଉପସ୍ଥିତି ଓ ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଖଣ୍ଡପଡା ବ୍ଲକ ଅଧିନ ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥୀତ ଜନପ୍ରତିନିଧିମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଖଣ୍ଡପଡା ବ୍ଲକର ୨୨ ଗୋଟି ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ଗତ ୧ବର୍ଷ ଧରି ବନ୍ଦ ରହିଥିବାରୁ ଲୋକପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଖଣ୍ଡପଡା ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ପଞ୍ଚାୟତ ସମିତି ବୈଠକରେ ଏ ସଂପର୍କରେ ଆଲୋଚନା ହେବା ପରେ ମଧ୍ୟ ସମସ୍ୟାର ସମାଧାନ ପ୍ରତି ବ୍ଲକ ପ୍ରଶାସନ ଆଦୌଧାନ ଦେଉନଥିବାରୁ ପଞ୍ଚାୟତ ଲୋକପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ । କାହା ନିର୍ଦ୍ଦେଶରେ ଖଣ୍ଡପଡା ବ୍ଲକ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି ବୋଲି ଲୋକ ପ୍ରତିନିଧିମାନେ ପ୍ରଶ୍ନ ଉଠାଇବା ସହ ଆଗାମୀ ଦିନରେ ଏ ନେଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଥିଲା । ଖଣ୍ଡପଡା ବ୍ଲକ ସରପଞ୍ଚ ଓ ସମିତି ସଭ୍ୟ ସଂଘ ପକ୍ଷରୁ ଏ ସଂପର୍କରେ ନୟାଗଡ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା । ଖଣ୍ଡପଡା ବ୍ଲକ ବିଜେଡି ସଭାପତି ବିଜୟ ତ୍ରିପାଠୀ, ସରପଂଚ ସଂଘ ସଭାନେତ୍ରୀ ଗୀତାଜଂଳି ଜେନା, ସଂପାଦକ ସୂର୍ଯ୍ୟନାରାୟଣ ପ୍ରଧାନ, ମନୋରଂଜନ ବେହେରା, ମାଧବ ଚନ୍ଦ୍ର ସାହୁ, ଗିରିଶ ଚନ୍ଦ୍ର ନାୟକ, ଗୋପାଳକୃଷ୍ଣ ପଣ୍ଡାଙ୍କ ସମେତ ୪୦ରୁ ଉର୍ଦ୍ଧ ପଂଚାୟତ ଲୋକପ୍ରତିନିଧି, ଦଳୀୟ କର୍ମୀ, କର୍ମକର୍ତ୍ତା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

ଧର୍ମଶାଳା ଏବିଡିଓଙ୍କ ଘର ଓ ଅଫିସ ସମେତ ୭ଟି ସ୍ଥାନରେ ଭିଜିଲାନ୍ସ ଚଢାଉ

ଧର୍ମଶାଳା, (ସବ୍ୟୁ) :ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଧର୍ମଶାଳା ବ୍ଲକରେ କାର୍ଯ୍ୟରତ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅସିତ୍ କୁମାର ପାତ୍ରଙ୍କ ଘର ଓ ଅଫିସ ସମେତ ୭ଟି ସ୍ଥାନରେ ଏକକାଳୀନ ଭିଜିଲାନ୍ସ ପକ୍ଷରୁ ଗୁରୁବାର ସକାଳୁ ଚଢ଼ାଉ କରାଯାଇଛି । ଭିଜିଲାନ୍ସ ବିଭାଗର ୭ ଗୋଟି ଟିମ ଏକକାଳୀନ ଯାଜପୁର , ଭୁବନେଶ୍ୱର, ଭଦ୍ରକ ଓ କଟକ ର ୭ଟି ସ୍ଥାନରେ ଚଢ଼ାଉ କରିଥିଲେ । ତେବେ ଆଜି ସକାଳୁ ଯାଜପୁର ଭିଜିଲାନ୍ସ ଡିଏସପି ଶୁଶିଲ କୁମାର ଏକାଙ୍କ ନେତୃତ୍ୱରେ ଭିଜିଲାନ୍ସ ବିଭାଗର ୭ ଜଣିଆ ଟିମ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟରେ ଚଢାଉ କରିଥିଲେ । ତେବେ ଏଠାରୁ ସେଭଳି କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇନଥିବା ବେଳେ ୨ ଘଂଟା ରହି ବିଭିନ ବିଭାଗରେ ଛାନଭିନ କରି ଫେରି ଯାଇଥିଲେ । ଆଜି ଭିଜିଲାନ୍ସ ଟିମ ଏକ କାଳିନ ଧର୍ମଶାଳା ବ୍ଲକ କାର୍ଯ୍ୟଳୟ, ଯାଜପୁର ରୋଡ଼ କହ୍ଲେଇପୁର ରେ ଥିବା ଘର , ଯାଜପୁର ଗରଡେଶ୍ୱରରେ ଥିବା ପୈତୃକ ଘର, କଟକ ଚାଉଳିଆଗଞ୍ଜରେ ଥିବା ମେଟ୍ରୋ ଆପାର୍ଟମେଂଟ ଘର , ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଯାନବସନ୍ତ ଗାଁରେ ଥିବା ସମ୍ପର୍କୀୟଙ୍କ ଘର ଏବଂ ଭୁବନେଶ୍ୱର ଚନ୍ଦ୍ରଶେଖରପୁରରେ ଥିବା ଘରବାଡ଼ି ଜମିରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା ।

ଏହି ଚଢ଼ାଉରେ ଭିଜିଲାନ୍ସ ବିଭାଗର ୮ଜଣ ଡି ଏସ୍ ପି ଓ ୧୨ଜଣ ଇନ୍ସପେକ୍ଟର ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ହୋଇଥିଲେ । ଏବିଓ ଅସିତ ପାତ୍ର କାର୍ଯ୍ୟକରୁଥିବା ଧର୍ମଶାଳା ବ୍ଲକ ଅଫିସରୁ ବିଭିନ ପ୍ରକାର କାଗଜ ପତ୍ର ଯାଂଚ କରିଥିବା ବେଳେ ଯାଜପୁର ରୋଡସ୍ଥିତ କହ୍ଲେଇପୁର ଚୋଡାରେ ତାଙ୍କର ପ୍ରାୟ ୬୭ହଜାର ବର୍ଗଫୁଟ କ୍ଷେତ୍ରଫଳ ସହିତ ଏକ ତିନି ମହଲା କୋଠା , କଟକର ଚାଉଳିଆଗଞ୍ଜରେ ମେଟ୍ରୋ ଆଭେନ୍ୟୁ ଆପାର୍ଟମେଂଟର ଚତୁର୍ଥ ମହଲାରେ ପ୍ରାୟ ୧୦୦୦ ବର୍ଗଫୁଟ ର ଗୋଟିଏ ୨-ବିଏଚ୍କେ ଫ୍ଲାଟ୍, ୨୦୨୩-୨୪ ବର୍ଷରେ ଯାଜପୁର ରୋଡରେ ପ୍ରାୟ ୪୦୦୦ ବର୍ଗଫୁଟ ପରି ଏକ ନୂତନ ନିର୍ମିତ କୋଠା , ଯାଜପୁର ଗରଡେଶ୍ୱରରେ ଥିବା ପୈତୃକ ଘର ପ୍ରାୟ ୨୦୦୦ ବର୍ଗଫୁଟ ପରି ଏକ ତିନି ମହଲା କୋଠା, ଯାଜପୁର ରୋଡରେ ୩୦୦ ବର୍ଗଫୁଟ ପରି ମୋଟ ୨ କୋଠରୀ ବିଶିଷ୍ଟ ଏକ ସପିଂ କମ୍ପ୍ଲେକ୍ସ , ଯାଜପୁର ରୋଡରେ ୪ଟି ଏବଂ ଦାନଗଦୀ ଅଞ୍ଚଳରେ ଗୋଟିଏ ପ୍ଲଟ୍ ସମେତ ୫ଟି ଉଚ୍ଚ ମୂଲ୍ୟର ପ୍ଲଟ୍ ଥିବା ସୂଚନା ମିଳିଛି । ଅତିରିକ୍ତ ବିଡିଓ ଅସିତ୍ କୁମାର ପାତ୍ର ୨ ନଭେମ୍ବର ୨୦୧୯ ମସିହା ରୁ ଦିର୍ଘ ୫ବର୍ଷ ରୁ ଊର୍ଦ୍ଧ୍ୱ ସମୟ ଧରି ଧର୍ମଶାଳା ବ୍ଲକ ରେ କାର୍ଯ୍ୟ କରି ଆସୁଥିଲେ ଜୁନ ମାସ ୨୦୨୬ ମସିହାରେ ତାଙ୍କର କାର୍ଯ୍ୟକାଳ ଶେଷ ହେବ ବୋଲି ସୂଚନା ମିଳିଛି । ଆଜି ଭିଜିଲାନ୍ସ ଟିମ ଚଢାଉରେ ୩ଟି ବହୁମହଲା କୋଠା, କଟକରେ ୧ ଫ୍ଲାଟ୍, ୧ ମାର୍କେଟ କମ୍ପ୍ଲେକ୍ସ , ୫ଟି ଉଚ୍ଚ ମୂଲ୍ୟର ପ୍ଲଟ୍, ପ୍ରାୟ ୨୦୦ ଗ୍ରାମ ମୂଲ୍ୟର ସୁନା ଅଳଙ୍କାର, ୬୫ ଲକ୍ଷ ଟଙ୍କାରୁ ଅଧିକ ବ୍ୟାଙ୍କ ଜମା, ନଗଦ ୧.୮୫ ଲକ୍ଷ ଟଙ୍କା ଏବଂ ୨ଟି ଦୁଇ ଚକିଆ ଯାନ ଠାବ କରାଯାଇଛି ।

ବିରିଡି ଥାନା ଦଣ୍ଡିଲୋ ଗାଁର ସଶସ୍ତ୍ର ଡକାୟତି ଘଟଣାରେ ୫ ଗିରଫ

ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ବିରିଡି ଥାନା ଦଣ୍ଡିଲୋ ଗାଁରେ ଗତ ମେ ୨ ତାରିଖ ବିଳମ୍ବିତ ରାତିରେ ହୋଇଥିବା ସଶସ୍ତ୍ର ଡକାୟତି ଘଟଣାରେ ବିରିଡି ଓ ମାହାଙ୍ଗା ପୋଲିସ ୫ ଜଣ ଡକାୟତଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଜଣ ଫେରାର ଥିବା ଗୁରୁବାର ଦିନ ଏକ ସାମ୍ବାଦିକ ସମ୍ମିଳନୀ କରିଥିବା ତିର୍ତ୍ତୋଲ ଏସଡିପିଓ ଚିନ୍ମୟ ରାଉତ ସୂଚନା ଦେଇଛନ୍ତି ।ଡକାୟତମାନଙ୍କ ଠାରୁ ଗୋଟିଏ ବନ୍ଧୁକ ସହିତ ୩ଟି ମୋବାଇଲ,୨ ଟି ମୋଟର ସାଇକେଲ ଓ ବହୁ ସୁନା ରୁପା ଅଳଙ୍କାର ଜବତ କରାଯାଇଛି ।ବିରିଡି ପୋଲିସ ଗିରଫ କରିଥିବା ଅଭିଯୁକ୍ତମାନେ ହେଲେ ବିରିଡି ଥାନା ବାଗଲପୁର ଗ୍ରାମର ମୁନା ଓରଫ ସୁଜ୍ଞାନ ଭୋଇ ଓ ସନିଆ ଓରଫ ତ୍ରିନାଥ ପରିଡା ହୋଇଥିବା ବେଳେ ଅନ୍ୟ ଜଣେ ହେଉଛି ତିର୍ତ୍ତୋଲ ଥାନା ଚାଲିପାଟଣା ଗ୍ରାମର ବର୍ଷି ଓରଫ ରାହୁଲ ସ୍ୱାଇଁ ବୋଲି ପୋଲିସ ସୂଚନା ଦେଇଛି ।

ଏହି ଡକାୟତି ଘଟଣାରେ ମାହାଙ୍ଗା ପୋଲିସ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ତିର୍ତ୍ତୋଲ ଥାନା ବାଲିପାଟଣା ଗ୍ରାମର ଲିପୁ ଓରଫ ସୁଶାନ୍ତ ସାହୁ ଓ ମାହାଙ୍ଗା ଥାନା କୁହୁଣ୍ଡା ଗ୍ରାମର ମନିଆ ଓରଫ ଦିପ୍ତିକାନ୍ତ ପୃଷ୍ଟି ହୋଇଥିବା ବେଳେ ସେମାନଙ୍କ ଠାରୁ ଏକ ବନ୍ଧୁକ ଜବତ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ମାହାଙ୍ଗା ଥାନାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ସେହି ଥାନା ଅଞ୍ଚଳରେ ଗତ ମାର୍ଚ୍ଚ ୨୦ ତାରିଖରେ ଏକ କେଶରେ ସଂପୃକ୍ତ ରହିଥିବା ଜଣାଯାଇଛି ।ସେମାନଙ୍କ ଠାରୁ ଦୁଇଟି ମୋଟର ସାଇକେଲ ସହିତ ବନ୍ଧୁକ,୨୫୦ ଗ୍ରାମ ରୁପା,୫ ଗ୍ରାମ ସୁନା ବିରିଡି ପୋଲିସ ଜବତ କରିଥିବା କହିଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କ ଗିରଫ ପରେ ସମସ୍ତ ଘଟଣାର ଆହୁରି ସତ୍ୟାସତ୍ୟ ଜଣାପଡିବ ।

ସାମ୍ବାଦିକ ସମ୍ମିଳନୀରେ ବିରିଡି ଥାନା ଅଧିକାରୀ ସବ୍ୟସାଚୀ ରାଉତ ଉପସ୍ଥିତ ରହିଥିଲେ । ଗତ ମେ ୨ ତାରିଖ ବିଳମ୍ବିତ ରାତିରେ ଏହି ଦୁର୍ବୃତ୍ତମାନେ ଦଣ୍ଡିଲୋ ଗ୍ରାମର ସୁକାନ୍ତ ଚନ୍ଦ୍ର ମହାରଣା ଓ ତାଙ୍କ ଘରେ ଭଡା ରହୁଥିବା ଅନ୍ୟ ଦୁଇ ପରିବାର ଲୋକଙ୍କ ଠାରୁ ବନ୍ଧୁକ,ଛୁରୀ,ଖଣ୍ଡା ଆଦି ମାରଣାସ୍ତ୍ର ଦେଖାଇବା ସହିତ ହାତଗୋଡ ବାନ୍ଧି ଲୁଟ କରିଥିଲେ ।ଏହି ଘଟଣାକୁ ନେଇ ସୁକାନ୍ତ ଚନ୍ଦ୍ର ମହାରାଣା ବିରିଡି ଥାନା ଏତଲା ଦେବା ପରେ ବିରିଡି ପୋଲିସ କେଶ ନମ୍ବର ୧୨୨ ରୁଜୁ କରି ଥାନା ଅଧିକାରୀ ସବ୍ୟସାଚୀ ରାଉତଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ତଦନ୍ତ ଚଳାଇଥିଲା ।

ଗ୍ରାମନନ୍ଦିପୁର ନିଲମ୍ବିତ ସରପଞ୍ଚଙ୍କୁ ଦାୟିତ୍ୱ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ

ମଙ୍ଗଳପୁର,(ସବ୍ୟୁ) : କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନ ହେରଫେର ଅଭିଯୋଗରେ ନିଲମ୍ବିତ ଦଶରଥପୁର ବ୍ଲକ ଗ୍ରାମନନ୍ଦିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସଂଯୁକ୍ତା ମହାନ୍ତିଙ୍କୁ ଓଡିଶା ଉଚ୍ଚ ନ୍ୟାୟାଳୟରୁ ମିଳିଛି ବଡ଼ ଆଶ୍ୱସ୍ତି ନିଜ ନିଲମ୍ବନ ବିରୁଦ୍ଧରେ ଶ୍ରୀମତୀ ମହାନ୍ତି ଉଚ୍ଚ ନ୍ୟାୟାଳୟରେ କରିଥିବା ଆବେଦନର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ ତାଙ୍କୁ କ୍ଲିନ୍ ଚିଟ୍ ପ୍ରଦାନ କରିଛି ।

୧୯୬୪ ମସିହା ଓଡିଶା ଗ୍ରାମ ପଞ୍ଚାୟତ ଆଇନ୍ ଏବଂ ଧାରା ୧୧୫ ଅନୁଯାୟୀ ୨୦୧୨ ଏବଂ ୨୦୧୭ ମସିହାରେ ହୋଇଥିବା ଅନିୟମିତତା ଆଧାରରେ ତାଙ୍କ ନିଲମ୍ବନ ଯୁକ୍ତିଯୁକ୍ତ ନୁହେଁ ବୋଲି ହାଇକୋର୍ଟ ଦର୍ଶାଇବା ସହ ତାଙ୍କ ନିଲମ୍ବନ ଆଦେଶକୁ ତୁରନ୍ତ ପ୍ରତ୍ୟାହାର କରାଯିବା ନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ରାଜ୍ୟ ପଞ୍ଚାୟତରାଜ ନିର୍ଦ୍ଦେଶକ, ଯାଜପୁର ଜିଲ୍ଲାପାଳ, ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ଲିଖିତ ନିର୍ଦ୍ଦେଶନାମା ଜରିଆରେ ଶ୍ରୀମତୀ ମହାନ୍ତିଙ୍କୁ ଅବିଳମ୍ବେ ଗ୍ରାମନନ୍ଦିପୁର ପଞ୍ଚାୟତର ସରପଞ୍ଚ ପଦବୀରେ ଅବସ୍ଥାପନ କରାଯିବା ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଜାରି ହୋଇଥିବା ଜଣାଯାଇଛି । ସୂଚନା ଥାଉକି କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନ ହେରଫେର ଅଭିଯୋଗ ନେଇ ବିଂଝାରପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ତଥା ଦଶରଥପୁର ବ୍ଲକ ଗ୍ରାମନନ୍ଦିପୁର ପଞ୍ଚାୟତର ସରପଞ୍ଚ ସଂଯୁକ୍ତା ମହାନ୍ତିଙ୍କୁ ରାଜ୍ୟ ପଞ୍ଚାୟତରାଜ ବିଭାଗ ଗତ ଫେବୃଆରି ମାସ ୧୯ ତାରିଖରେ ନିଲମ୍ବନ କରିଥିଲେ ।

ଭୋଣ୍ଡିଲୋ ନାଳବନ୍ଧ ରାସ୍ତାକୁ ଜେସିବି ଲଗାଇ ଭାଙ୍ଗିଲେ ଦୁର୍ବୃତ୍ତ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ତହସିଲ ଅଂର୍ଗତ ଭାଣ୍ଡିଲୋ ମାଇନର ନାଳବନ୍ଧ ରାସ୍ତାକୁ କିଛି ଦୁର୍ବୃତ ଜେସିବି ଲଗାଇ କାଟି ଦେଇଥିବା ଜଳ ସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ରୁ ପ୍ରକାଶ ଯେ, ଜଳ ସେଚନ ବିଭାଗର କର୍ପୂରା ଦେବୀ ଠାକୁରାଣୀ ରାସ୍ତା ଉପରେ ବାଲି, ଗୋଡି ପକାଇବା ଦ୍ୱାରା ଗ୍ରାମବାସୀ ମାନେ ଯାତାୟତ ରେ ଅସୁବିଧା ହେଉଛି ।

ଏ ବିଷୟରେ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଅଭିଯୋଗ କଲାପରେ ତଦନ୍ତ କରି ଏହାର ବ୍ୟବସ୍ଥା କରିଥିଲେ । ହେଲେ ସ୍ଥାନୀୟ ଅଂଚଳର କିଛି ଦୁର୍ବୃତ ଭାଣ୍ଡିଲୋ ମାଇନର ନାଳବନ୍ଧ ରାସ୍ତାକୁ ଜେସିବି ଲଗାଇ କାଟି ଦେବା ଫଳରେ ସ୍ଥାନୀୟ ଅଂଚଳର ବାସିନ୍ଦା ମାନେ ଯାତାୟତ କରିପାରୁ ନାହାନ୍ତି । ତୁରନ୍ତ ଏହି ନାଳବନ୍ଧ ରାସ୍ତାକୁ ଠିକ୍ କରିବା ସହିତ ଦୁର୍ବୃତ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

ବିଧାୟକ , ସାଂସଦଙ୍କ ହାତରେ ବଦଳି କ୍ଷମତା, ଶିକ୍ଷକ ସଂଘର ତୀବ୍ର ବିରୋଧ

ରାଜନଗର ,(ସବ୍ୟୁ) : ବିଧାୟକ ଓ ସାଂସଦ ନିଜ ନିର୍ବାଚନମଣ୍ଡଳୀରେ ୧୫ ଜଣ ଶିକ୍ଷକଙ୍କୁ ବଦଳି ପାଇଁ ସୁପାରିଶ କରିପାରିବେ ବୋଲି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ହେବା ପରେ ଶିକ୍ଷକ ସଂଘ ପକ୍ଷରୁ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି ।ସରକାରଙ୍କ ଏହି ନିଷ୍ପତିକୁ ରାଜନଗର ନିମ୍ନ ମାଧମିକ ଶିକ୍ଷକ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି । ନିମ୍ନ ମାଧମିକ ଶିକ୍ଷକ ସଂଘ ନେତା ବିଜୟ କୁମାର ଜେନା , ସୁଶାନ୍ତ ପ୍ରଧାନ , ଦାମୋଦର ସ୍ୱାଇଁ , ଚିତ୍ତ ରଞ୍ଜନ ସାହୁ , ଦୟାନିଧି ସ୍ୱାଇଁ , ଦିଲ୍ଲୀପ କୁମାର ରାଉତ , ଅମର କୁମାର ବେହେରା , ହେମନ୍ତ କୁମାର ବାରିକ ପ୍ରମୁଖ ଦୃଢ ବିରୋଧ କରିଛନ୍ତି । ଶିକ୍ଷକ ସମାଜ ଏ ଜାତିର ବିଶ୍ୱକର୍ମା ଓ ମଣିଷ ତିଆରି କାରଖାନାର ସଫଳ କାରିଗର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା ଦାନ ଉପରେ ଗୁରୁତ୍ୱାରୋପ କରୁଥିବା ବେଳେ ଏଭଳି ଏକ ଶିକ୍ଷା ବିରୋଧୀ ଶିକ୍ଷକ ବଦଳି ନିୟମ ସରକାରଙ୍କ ସ୍ୱଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଶିକ୍ଷକମାନେ ରାଜନୀତି ଚାପମୁକ୍ତ ନହେଲେ ଗୁଣାତ୍ମକ ଶିକ୍ଷା ଦାନ ଦିବାସ୍ୱପ୍ନ ହୋଇଯିବ ବୋଲି ଶିକ୍ଷକ ନେତାମାନେ ପ୍ରେସ ବିବୃତିରେ ଜଣାଇଛନ୍ତି ।ଶିକ୍ଷକ ବଦଳି ପକ୍ରିୟାକୁ ରାଜନୀତିକରଣ ନକରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି ।

ଉତ୍ତମ ପଡୋଶୀ ଦ୍ୱାରା ବିଶ୍ୱ ଭାତୃତ୍ୱ ସୃଷ୍ଟି ହୋଇପାରିବ

ରଘୁନାଥପୁର, (ସବ୍ୟୁ) : ଉତ୍ତମ ପଡୋଶୀ ମାନଙ୍କ ଦ୍ୱାରା ବିଶ୍ୱ ଭାତ୍ତୃତ୍ୱ ସୃଷ୍ଟି ହୋଇପାରିବ ଏବଂ ଉତ୍ତମ ପଡୋଶୀମାନେ ହେଉଛନ୍ତି ଘରର ପ୍ରାଚୀର ସଦୃଶ ବୋଲି ଗୁରୁବାର ଦିନ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ପୁରଣଓଡପଡା ପଞ୍ଚାୟତର ଆଦିବାସୀ ସାହିରେ କିଟ୍, କିସ୍, କିମ୍ସରର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଟ ଅଫ ଗିଭିଙ୍ଗର ଦ୍ୱାଦଶ ଉତ୍ସବରେ ମୁଖ୍ୟବକ୍ତା ଭାବେ ମାନସ ପ୍ରଫେସର ଶରତ କୁମାର ରାଉତରାୟ ଯୋଗଦେଇ କହିଥିଲେ ।

ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବରିଷ୍ଠ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଯୋଗଦେଇ ପ୍ରତ୍ୟେକ ମନୁଷ୍ୟ ପଡୋଶୀମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଏଥିରେ ଆର୍ଟଅଫ୍ ଗିଭିଙ୍ଗର ଜିଲ୍ଲା ସଂଯୋଜକ ତଥା ଆଗାମୀ ଓଡିଶା ପ୍ରତିଷ୍ଠାତା ବିଜୟ କୁମାର ସ୍ୱାଇଁ ପୌରହିତ୍ୟ କରି ପଡୋଶୀମାନଙ୍କ ସହିତ ସୁଖଦୁଃଖରେ ସାଥୀ ହେବା ସହିତ ସେମାନଙ୍କର ବିପଦ ଆପଦରେ ସହାୟତାର ହାତ ବଢାଇବା ହେଉଛି ଚଳିତ ବର୍ଷ ଆର୍ଟ ଅଫ୍ ଗିଭିଙ୍ଗର ବିଷୟ ବସ୍ତୁ । ଏହା ଦ୍ୱାରା ସମାଜରେ ଭାଇଚାରା ସୁଦୃଢ ହେବାସହିତ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ସଦାଶିବ ବିଶ୍ୱାଳ ଯୋଗଦେଇ ଅନ୍ୟକୁ ସାହାଯ୍ୟ କରିବା ହେଉଛି ଆର୍ଟ ଅଫ ଗିଭିଙ୍ଗର ଉଦ୍ଦେଶ୍ୟ ବୋଲି କହିଥିଲେ । ଏହି ଉତ୍ସବରେ ଅନ୍ୟତମ ଶିକ୍ଷାବିତ୍ ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷକ ନିକୁଞ୍ଜ କିଶୋର ଦାଶ, ସରପଞ୍ଚ ଶିବରାମ ସାହୁ, ମାଧମିକ ଶିକ୍ଷା ପରିଷଦର ପୂର୍ବତନ ଡେପୁଟି ସେକ୍ରେଟେରୀ ରବିନ୍ଦ୍ର କୁମାର ମହାପାତ୍ର, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ବାବାଜି ଚରଣ ସାହୁ, ସମାଜସେବୀ ବିଜନ ମହାପାତ୍ର, ଶିକ୍ଷକ ଉମାକାନ୍ତ ସିଂ, ଶିକ୍ଷକ ନନ୍ଦୁ ସିଂ, ୱାର୍ଡସଭ୍ୟ ଶିବାନୀ ସିଂ, ବାବୁ ସିଂ, ସମାଜସେବୀ ଅଶୋକ କୁମାର ଦାସ ପ୍ରମୁଖ ଯୋଗଦେଇ ଥିଲେ । ଏହି ଅବସରରେ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ସ୍ୱାଇଁ ଆଦିବାସୀ ଜନଜାତିର ସମସ୍ତ ମହିଳାମାନଙ୍କୁ ଶାଢି, ପିଲାମାନଙ୍କୁ ପାଠ୍ୟପୁସ୍ତକ, କଲମ, ପେନସିଲ, ଶୁଖିଲା ଖାଦ୍ୟ, ଚକ୍‌ଲେଟ ବଣ୍ଟନ କରିଥିଲେ । ଶତାଧିକ ଆଦିବାସୀ ମହିଳାମାନେ ସେମାନଙ୍କର ପାରମ୍ପରିକ ଚିତାକର୍ଷକ ନୃତ୍ୟ ଅତିଥି ଓ ଜନସାଧାରଣଙ୍କୁ ମୁଗ୍ଧ କରିବା ସହିତ ଅତିଥିମାନେ ମଧ୍ୟ ସେମାନଙ୍କ ସହିତ ପାରମ୍ପରିକ ନୃତ୍ୟରେ ଭାଗ ନେଇଥିଲେ । ଶେଷରେ କିଟ୍‌ର କର୍ମଚାରୀ ଗଣେଶ୍ୱର ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।

ରାଜକନିକା ପାଇଁ ଗୌରବ ଆଣିଲେ ସାଇସ୍ମୃତି

ରାଜକନିକା, (ସବ୍ୟୁ) : ରାଜକନିକା ବ୍ଲକ ବାଘବୁଦା ପଞ୍ଚାୟତ ଅନ୍ତର୍ଗତ ନୁଆସାହି ଗାଁର ସୋମ୍ୟକାନ୍ତ ନାୟକ ଓ ରତ୍ନମଞ୍ଜରୀ ନାୟକଙ୍କ ଝିଅ ସାଇସ୍ମୃତି ନାୟକ ଚଳିତ ବର୍ଷ ସିବିଏସି ଦଶମ ପରୀକ୍ଷାରେ ୯୬. ୪ ପ୍ରତିଶତ ନମ୍ବର ରଖି ଟପର ହୋଇ ରାଜକନିକା ପାଇଁ ଗୌରବ ଆଣିଛନ୍ତି ।

ସୂଚନା ଅନୁସାରେ ସାଇସ୍ମୃତି ସାଲେପୁର ଫ୍ରିଡମ ଇଣ୍ଟରନ୍ୟାସନାଲ ସ୍କୁଲରେ ପଠା ପଢନ୍ତି, ସିବିଏସି ଦଶମ ଶ୍ରେଣୀ ପରୀକ୍ଷାରେ ୯୬. ୪ ପ୍ରତିଶତ ନମ୍ବର ରଖି ସ୍କୁଲରେ ଟପ୍ପର ହୋଇଛନ୍ତି । ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ରାଜକନିକା ର ବିଭିନ୍ନ ଅନୁଷ୍ଠାନ ତାଙ୍କୁ ଅଭିନନ୍ଦନ ଜଣାଇଛି । ତେବେ ସାଇସ୍ମୃତି ଆଗକୁ ଡାକ୍ତର ହୋଇ ରୋଗୀସେବା କରିବାକୁ ଇଚ୍ଛା ରଖିଥିବା କହିଛନ୍ତ । ଏହି ସଫଳତାର ଶ୍ରେୟ ସେ ତାଙ୍କ ପିତା, ମାତା ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଦେଇଛନ୍ତି ।

ଜଳସେଚନ ବିଭାଗ ଶାଖାନାଳ ଉନ୍ନତିକରଣ କାର୍ଯ୍ୟର ଶୁଭାରମ୍ଭ

ଚଣ୍ଡିଖୋଲ,(ସବ୍ୟୁ) :ଯାଜପୁର ଜିଲ୍ଲାର ଜଳସେଚନ ବିଭାଗ ଚଣ୍ଡିଖୋଲ ଉପଖଣ୍ଡ କାର୍ଯ୍ୟାଳୟ ଅଧିନ ୧୦ ନମ୍ବର ଶାଖା ନାଳ ଉନ୍ନତିକରଣ କାର୍ଯ୍ୟ ବୁଧବାର ଦିନ ଶୁଭାରମ୍ଭ ହୋଇଛ ।ବଡଚଣା ବିଧାୟକ ଅମରକୁମାର ନାୟକ ତିନି କୋଟି କୋଡିଏ ଲକ୍ଷ ଟଙ୍କାର ବ୍ୟୟବରାଦରେ ହେବାକୁଥିବା ଏହି କାର୍ଯ୍ୟର ଶିଳାନ୍ୟାସ କରିଥିଲେ । ନିମ୍ନ ଭାଗରେ ରହୁଥିବା ଚାଷ ଜମିକୁ ଜଳ ଯୋଗାଣ ପାଇଁ ଏହି ଶାଖା କେନାଲ ଉପଯୋଗୀ ହେବ । ଚାଷୀ ମାନଙ୍କ ଉନ୍ନତି ପାଇଁ ଆମ ସରକାର ପ୍ରତିସୃତି ବଦ୍ଧ ବୋଲି ବିଧାୟକ ଶ୍ରୀ ନାୟକ ପ୍ରକଳ୍ପର ଶିଳାନ୍ୟାସ କରି କହିଥିଲେ ।ଏହି ଶିଳାନ୍ୟାସ ଉତ୍ସବରେ ଜାରକା ଅଧିକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାଶ,ଚଣ୍ଡିଖୋଲ ସହକାରୀ ଅଧିକ୍ଷଣ ଯନ୍ତ୍ରୀ ଭାଗବତ ବେହେରା,ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ମହାପାତ୍ର, ମଣ୍ଡଳ ସଭାପତି ବିମଳପ୍ରସନ୍ନ ପ୍ରଧାନ, ବିଜେପି ଜିଲ୍ଲା ସମ୍ପାଦକ ପ୍ରମୋଦକୁମାର ଜେନା,ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରୀତମକୁମାର ନାୟକ,ସମ୍ବିତ ଜେନଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

ଜଳିଗଲା ୪ ବଖରା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି

କେନ୍ଦ୍ରାପଡ଼ା (ସବ୍ୟୁ) :କେନ୍ଦ୍ରପଡ଼ା ତହସିଲ ଅନ୍ତର୍ଗତ ସୋବଲା ଗାଁର ଦୈତାରି ଭୋଇଙ୍କ ଚାରି ବଖରା ଚାଳଘର ବିଦ୍ୟୁତ ସଟସର୍କିଟ ଯୋଗୁଁ ପୋଡି ପାଉଁଶ ହୋଇଯାଇଛି । ଘରେ ଧାନ ଚାଉଳ ଓ ଅନ୍ୟାନ୍ୟ ଆସବାବପତ୍ର ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷରୁ ଅଧିକ ହେବ ସବୁ ନିଆଁରେ ପୋଡ଼ି ପାଉଁଶ ହୋଇଯାଇଛି ଗୁରୁବାର ମଧ୍ୟାହ୍ନ ୧୨ଟା ସମୟରେ ବିଦ୍ୟୁତ ସଟସର୍କିଟ ଯୋଗୁଁ ନିଆଁ ଲାଗିଯାଇଥିଲା । ଦେଖୁଦେଖୁ ପୁରା ଘର ଜଳିଯାଇ ଟଙ୍କା, ବାସନ, ଡାଲିଚାଉଳ, ଘରେ ଥିବା ପନିପରିବା, ଲୁଗାପଟା ସହିତ ସୁନା, ଇତ୍ୟାଦି ସମସ୍ତ ଆସବାବପତ୍ର ନିଆଁରେ ପୋଡ଼ି ପାଉଁଶ ହୋଇଯାଇ ଥିଲା । ଖବରପାଇ ବିଧାୟକ ଗଣେଶ୍ୱର ବେହେରା ଓ ଗାଙ୍ଗପଡା ସରପଞ୍ଚ ଅଶ୍ୱିନୀ କୁମାର ପାତ୍ର ପହଞ୍ଚି ପାଲ ଓ ଶୁଖିଲା ଖାଦ୍ୟ ଦେବା ସହିତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି ।

ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ପ୍ରତୀକ୍ଷାଙ୍କ ସଫଳତା

ମାହାଙ୍ଗା (ସବ୍ୟୁ): ମାହାଙ୍ଗା ବ୍ଲକ ନାହାଙ୍ଗ ପଞ୍ଚାୟତ ଅର୍ନ୍ତଗତ ବାଲିପଡା ଗ୍ରାମର ପୂର୍ବତନ ସରପଞ୍ଚସ୍ୱର୍ଗତ ତ୍ରିଲୋଚନ ସେନାପତି ଓ ସୁବାଷ ଚନ୍ଦ୍ର ସେନାପତିଙ୍କ ନାତୁଣୀ ତଥା ଦୀପକ ରଂଜନ ସେନାପତି ଓ ପ୍ରତିମା ସେନାପତିଙ୍କ ଜ୍ୟେଷ୍ଠା କନ୍ୟା ଭୁବନେଶ୍ୱର ସ୍ଥିତ ପ୍ରଭୁଜୀ ଇଂରାଜୀ ମିଡିଅମ୍ ସ୍କୁଲର ଛାତ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ ସେନାପତି ଚଳିତ ବର୍ଷ ଦ୍ୱାଦଶ ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ଶତକଡା ୯୦ଭାଗ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହେଇଥିବାରୁ 'ଆମ ମାହାଙ୍ଗା'ର ଅଧ୍ୟକ୍ଷ ଡଃ ଅମରେନ୍ଦ୍ର ମହାନ୍ତି, ସାମ୍ବାଦିକ ବିଜୟ କୁଅଁର, ସୁକାନ୍ତ ମାଢ଼େଇ, ରାକେଶ ସାହୁ, ନିରଂଜନ ବସ୍ତିଆ, କମଳାକାନ୍ତ ଦାଶ, ସ୍ତମ୍ଭକାର ବିବେକାନନ୍ଦ ଦାସ, ଡଃ ଏକାଦଶୀ ପ୍ରଧାନ, ଡଃ ଜୟରାମ ସ୍ୱାଇଁ, ଡଃ ବିବେକାନନ୍ଦ ସିଂହ, ଗୌତମ ଚରଣ ଜେନା, ରାଜକିଶୋର ମିଶ୍ର, ଚିତରଂଜନ ମହାନ୍ତି, ଜତିନ୍‌ଜୟ କୁଅଁର, ରାୟଗୁରୁ ସନ୍ତୋଷ କୁମାର ମହାପାତ୍ର, ଆର୍ତ୍ତନାଶନ ସିଂହ, ପ୍ରମୁଖ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ପ୍ରତୀକ୍ଷା ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଯାହା ମାହାଙ୍ଗା ଅଂଚଳ ପାଇଁ ଗର୍ବ ଓ ଗୌରବ ବିଷୟ ଅଟେ ।

କଟିକଟା ସରପଞ୍ଚ ଅନାସ୍ଥାପତ୍ର ଦସ୍ତଖତ ଯାଞ୍ଚ ନିର୍ଦ୍ଦେଶ

ନିଶ୍ଚିନ୍ତକୋଇଲି,(ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ କଟିକଟା ପଞ୍ଚାୟତର ସରପଞ୍ଚ ଚିତ୍ତରଂଜନ ମଲିକଙ୍କ ବିରୋଧରେ ହୋଇଥିବା ଅନାସ୍ଥା ପ୍ରସ୍ତାବ ଆଗତର ଦସ୍ତଖତ ଯାଞ୍ଚ କାର୍ଯ୍ୟକ୍ରମ ଶୁକ୍ରବାର କରାଯିବ ବୋଲି ଜଣାଯାଇଛି । ଏହି ପଞ୍ଚାୟତର ୧୦ଜଣ ୱାର୍ଡ଼ ସଭ୍ୟ ସଭ୍ୟା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ । ଦୀର୍ଘ ଦିନ ହେବ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ଓ ବିକାଶମୂଳକ କାର୍ଯ୍ୟରେ ଶିଥିଳତା ନେଇ ସରପଞ୍ଚଙ୍କ ବିରୋଧରେ ୱାର୍ଡ଼ ସଭ୍ୟ ସଭ୍ୟା ମାନେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ୱାର୍ଡ଼ ସଭ୍ୟ ସଭ୍ୟା ମାନେ ଅନାସ୍ଥା ପ୍ରସ୍ତାବ ପତ୍ର ନେଇ କଟକ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓଙ୍କୁ ସାକ୍ଷାତ କରି ପ୍ରଦାନ କରିଥିଲେ ।

ଏହି ଅନାସ୍ଥା ପ୍ରସ୍ତାବ ଅଭିଯୋଗ ଉପରେ କଟକସଦର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅନାସ୍ଥା ପ୍ରସ୍ତାବ ପତ୍ରରେ ଦସ୍ତଖତ କରିଥିବା ୧୦ଜଣ ୱାର୍ଡ଼ ସଭ୍ୟ ସଭ୍ୟା ମାନଙ୍କ ଦସ୍ତଖତ ଯାଞ୍ଚ ପାଇଁ ନିଶ୍ଚିନ୍ତକୋଇଲି ବିଡ଼ିଓଙ୍କୁ ନିର୍ଦ୍ଦେଶ ଦିଆଯିବା ପରେ ବ୍ଲକ କାର୍ଯ୍ୟାଳୟ ଚିଠି ନଂ-୨୦୪୦ ତା.୧୪.୦୫.୨୦୨୫ଯୋଗେ ସମ୍ପୃକ୍ତ ପଞ୍ଚାୟତର ୱାର୍ଡ଼ ସଭ୍ୟ ସଭ୍ୟା ମାନଙ୍କୁ ଅବଗତ କରାଯାଇଛି । ଶୁକ୍ରବାର ଦିନ ନିଶ୍ଚିନ୍ତକୋଇଲି ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ପୂର୍ବାହ୍ନ ୧୦ଟା ସମୟରେ ଦସ୍ତଖତ ଯାଞ୍ଚ କାର୍ଯ୍ୟ କରାଯିବ ବୋଲି ଜଣାଯାଇଛି ।

ଏ-୧ ଗ୍ରେଡ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

ସାଲେପୁର,(ସବ୍ୟୁ) :ଲୋକସେବା ପାଉଣ୍ଡେସନ ପକ୍ଷରୁ ଚଳିତ ବର୍ଷର ଦଶମ ବୋର୍ଡ ପରୀକ୍ଷାରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ସାଲେପୁର ଓ ଟାଙ୍ଗୀ ବ୍ଲକର ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସାଲେପୁର ବ୍ଲକ ଅନ୍ତର୍ଗତ ମଧକଛ ପଞ୍ଚାୟତ ପୂର୍ବକଛ ଠାରେ ଥିବା ପ୍ରଭୁ ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରାଙ୍ଗଣରେ ଆଇନଜୀବୀ ରାଜୀବ ଷଡ଼ଙ୍ଗୀଙ୍କ ସଭାପତିତ୍ୱ ରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲୋକସେବା ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷ ତଥା ବିଜେପି ନେତା ହିମାଂଶୁ ମହାନ୍ତି ଯୋଗଦେଇ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଆଗକୁ ଏହିଭଳି ପରିଶ୍ରମ ଜାରି ରଖିବା ପାଇଁ ଉପଦେଶ ଦେଇଥିଲେ। ଏହି ଉତ୍ସବ ରେ ଅତିଥି ରୂପେ ସାମ୍ବାଦିକ ଅକ୍ଷୟ କୁମାର ଦାଶ,ପ୍ରଧାପକ ନବଘନ ନନ୍ଦ, ସି ଆର ସି ସି ସମରେନ୍ଦ୍ର ଷଡ଼ଙ୍ଗୀ, ଅଜୟ କୁମାର ସ୍ୱାଇଁ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଆଗକୁ ଯିବାପାଇଁ ଦିଗଦର୍ଶନ ଦେଇଥିଲେ।

ଏହି ଅବସରରେ ଏ-୧ ପାଇଥିବା ଆଦିତ୍ୟ ମିଶ୍ର, ଦେବସ୍ମିତା ଦାସ, ଜ୍ୟୋତିପ୍ରକାଶ ରାଉତରାୟ, ଜେ ପି ସାଇପ୍ରଜ୍ଞା, ସାଫିଆ ଫଲିଜା ତାଡ୍ୱଲ, ସବ୍ୟସାଚୀ ସାହୁ, ଲକ୍ଷ୍ମୀ ପ୍ରିୟଦର୍ଶିନୀ ସାହୁ, ସୋନାଲି ପ୍ରଧାନ, ଚିରଞ୍ଜିତ ପଣ୍ଡା,ଲିପ୍ସାରାଣୀ ସାହୁ, ମେଘା ମହାରଣା, ସାଇସ୍ମିତା ସାହୁ, ସୁକନ୍ୟା ପ୍ରତିମା ସ୍ୱାଇଁ, ହିମାଂଶୁ ଜଟ ପ୍ରମୁଖଙ୍କୁ ମୁଖ୍ୟ ଅତିଥି ହିମାଂଶୁ ମହାନ୍ତି ଓ ଅନ୍ୟ ଅତିଥିମାନେ ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

ବଧୂ ହତ୍ୟା ଅଭିଯୋଗ: ଶାଶୁ ଶଶୁର ଗିରଫ

ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ଥାନା ନେଉଳପୁର ପଂଚାୟତ କଂଟାବଣିଆଁ ମୁସଲିମ ସାହିରେ ଏକ ନବବଧୂ ଙ୍କୁ ତାର ଶ୍ୱଶୁର ଘର ଲୋକେ ଯୌତୁକ ପାଇଁ ହତ୍ୟା କରିଥିବା ଅଭିଯୋଗରେ ପୁଲିସ ଗୁରୁବାର ଦିନ ତାର ଶାଶୁ ଓ ଶ୍ୱଶୁରକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ ଚହଟା ମୁସଲିମ ସାହିର ମହମ୍ମଦ ସଗିର ଅହମ୍ମଦଙ୍କ ଝିଅ ଆରଜୁ ନେଶାଁ ଚାରିବର୍ଷ ତଳେ ନେଉଳପୁର ପଂଚାୟତ କଂଟାବଣିଆଁ ସଂଖ୍ୟାଲଘୁ ସାହିର ଏନାମ ଖାଁଙ୍କ ପୁଅ ମହସିମ ଖାଁଙ୍କୁ ବିବାହ କରିଥଲେ। ମୁସଲିମ ରିତି ନିତିରେ ବିବାହ ସମ୍ପର୍ନ୍ନ ହୋଇଥିବା ବେଳେ ବିବାହ ସମୟରେ କନ୍ୟାର ପିତା ଦାବି ମୁତାବକ ସମସ୍ତ ଜାନି ଯୌତୁକ ଦେଇଥିଲେ । ତେବେ ବିବାହ ପରେ ବାପ ଘରୁ ଅଧିକ ଯୌତୁକ ଆଣିବା ଲାଗି ଶ୍ୱଶୁର ଘର ଲୋକମାନେ ଦାବି କରିବା ନବବଧୁ କୁ ତାର ଶ୍ୱଶୁର ଘର ଲୋକେ ଶାରିରିକ ଓ ମାନସୀକ ନିର୍ଯ୍ୟାତନା ଦେଉଥିଲେ । ଅନେକ ସମୟରେ କନ୍ୟାର ପିତା ଭଦ୍ର ଲୋକଙ୍କୁ ସେଠାକୁ ନେଇ ମିମାଂଶା କରିଥିଲେ । ହେଲେ ଗତକାଲି ରାତିରେ ଝିଅ ଆରଜୁକୁ ତାର ଶ୍ୱଶୁର ଘର ଲୋକେ ହତ୍ୟା କରି ଏକ ଓଢଣୀରେ ତାକୁ ଝୁଲାଇ ଦେଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିଲେ । ଏଥିରେ ସଫଳ ନହେବାରୁ ତାକୁ ଗୁରୁତର ଅବସ୍ଥାରେ ବଡ଼ଚଣା ମେଡିକାଲ ନେଇ ତାର ବାପାକୁ ଏସମ୍ପର୍କରେ ଜଣାଇଥିଲେ । ଖବର ପା ପରିବାର ଲୋକେ ବଡଚଣା ମେଡିକାଲରେ ପହଁଚିବା ବେଳକୁ ତାର ଶ୍ୱଶୁର ଘର ଲୋକେ ତାକୁ ନେଇ କଟକ ମେଡିକାଲକୁ ଚାଲି ଯାଇଥିଲେ । କଟକରେ ଝିଅର ବାପା ଓ ପରିବାର ଲୋକେ ପହଁଚି ଦେଖିବା ସମୟରେ ତାଙ୍କ ଝିଅ ମରିଯାଇଥିଲା । ତେବେ ଏ ନେଇ ଝିଅର ମା ସୁହାନା ବିବି ଅଧିକ ଯୌତୁକ ଲାଗି ତାଙ୍କ ଝିଅକୁ ଶାଶୁ ଘରଲୋକେ ହତ୍ୟା କରିଥିବା ନେଇ ଗତକାଲି ରାତିରେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ ୨୮୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଆଜି ମୃତ ଆରଜୁର ଶ୍ୱଶୁର ଏନାମ ଖାଁ ଓ ଶାଶୁ ଆୟେସା ବେଗମଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚଲାଣ କରିଛି ।

ଆଶ୍ରମକୁ ଗୋରୁ ଦାନ କରିବାକୁ ଯାଇ ମାଲିକ ହଟହଟା

ମାହାଙ୍ଗା,(ସବ୍ୟୁ) : ମାହାଙ୍ଗା ବ୍ଲକର ଗୋପାଳପୁର ପଞ୍ଚାୟତ ଅର୍ନ୍ତଗତ ନଇଗୁଆଁ ଗ୍ରାମର ଶାରଦା ପ୍ରସାଦ ରଥ ଶିକ୍ଷା ବିଭାଗରୁ ଅବସର ନେବା ପରେ ନିଜ ଗ୍ରାମରେ ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ ଦେଶୀ ଗୋପାଳନ କରୁଥିଲେ । ସେ ନିଜଗୋରୁ ଗୁଡିକୁ ଗୋବର୍ଦ୍ଧନ ଗୁରୁକୁଳ ଆଶ୍ରମ , ତାଳବସ୍ତ, ବାଙ୍କିକୁ ପଠାଇବା ପାଇଁ ଗତ ଏପ୍ରିଲ ୨ ତାରିଖରେ ମାହାଙ୍ଗା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଗୋରୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଗୋରୁମାନଙ୍କୁ ପଠାଇବା ପାଇଁ ସମସ୍ତ କାଗଜପତ୍ର ପ୍ରସ୍ତୁତ କରିଥିଲେ । ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ହେତୁ ଭିଏସ୍‌ଙ୍କ ପରାମର୍ଶ କ୍ରମେ ୧୯ଟି ଗାଇ ବାଛୁରୀକୁ ୭ଗୋଟି ଗାଡିରେ ନେଉଥିବା ସମୟରେ ସାଲେପୁର ବଜାରରେ କିଛି ଅସାମାଜିକ ଯୁବକ ଅଟକାଇ କାଗଜପତ୍ର ଚିରିଦେବା ସହିତ ଗାଡିଚାଳକୁ ମାଡମାରି ସାଲେପୁର ଥାନା ଅଧିକାରୀ ଡକାଇ ଗାଡିଗୁଡିକୁ ଥାନାକୁ ନେଇଥିଲେ । ସାଲେପୁର ଥାନା ଅଧିକାରିଣୀ କାଗଜପତ୍ର ଯାଞ୍ଚ କରିବା ସହିତ ସେହି ଯୁବକମାନଙ୍କ ସହ ଆଲୋଚନା କରି ହଠାତ୍ ରାତି ଅଧରେ ଗୋରୁମାନଙ୍କୁ ପୋଲିସ ସହାୟତାରେ ଜଗତସିଂହପୁର ଜିଲ୍ଲାସ୍ଥିତ ଶୂନ୍ୟବାସୀ ଗୋଶାଳାକୁ ସ୍ଥାନାନ୍ତରିତ କରିଥିଲେ ଓ ଗାଡିଗୁଡିକୁ ଥାନାକୁ ଆଣି ୩ତାରିଖ ଦିନ ୨ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ । ପରେ ସେ ଗୋଶାଳାକୁ ଗାଈ ମାଲିକଙ୍କୁ ଗାଈଗୁଡିକୁ ଫେରାଇ ଦେବାକୁ ତା୧୦.୪.୨୦୨୫ ରିଖରେ ଚିଠି କରିଥିଲେ । ଗାଈମାଲିକ ଶ୍ରୀ ରଥ ଗୋଶାଳାରେ ପହଂଚି ତିର୍ତ୍ତୋଲର ଭିଏସ୍‌ଙ୍କ ନିର୍ଦ୍ଦେଶ କ୍ରମେ ଚିଠି ନଂ ୧୦୧ ତା ୧୭.୪.୨୦୨୫ ରିଖରେ ଗୋରୁମାନଙ୍କୁ ଗୋଶାଳାରୁ ଗୋବର୍ଦ୍ଧନ ଗୁରୁକୁଳ ଆଶ୍ରମକୁ ପଠାଇବା ପାଇଁ ଆଇନଗତ ବ୍ୟବସ୍ଥା କରିଥିଲେ । ଗୋରୁମାଲିକ ଗଣମାଧ୍ୟକୁ ସୂଚନା ଦେଇ କହିଥିଲେ ଯେ ୭ଟି ଗାଡି ମଧ୍ୟରୁ ୬ଟି ଗାଡିକୁ ପୋଲିସ ଅଟକାଇଥିଲା । ଥାନାରେ ଗୋରୁମାଲିକ ଶ୍ରୀ ରଥ ପହଂଚିବା ପରେ ସେ ଥାନା ଅଧିକାରିଣୀ ଗାଡିର କାଗଜପତ୍ର ଦେଖାଇବା ବେଳେ ଥାନା ଅଧିକାରିଣୀ ତାଙ୍କୁ ଓଲଟି ପ୍ରଶ୍ନକରିଥିଲେ ଯେଉଁଠି ଟଙ୍କା ଜାଲିଆତି ହୋଇପାରୁଛି ଏ କାଗଜପତ୍ର ଜାଲିଆତି ନୁହେଁ ବୋଲି ତୁମ ନିକଟରେ କି ପ୍ରମାଣ ଅଛି । ମାହାଙ୍ଗା ଭିଏସ୍ ସାଲେପୁର ଥାନାରେ ଉପସ୍ଥିତ ରହି ପୋଲିସକୁ ଜଣାଇଥିଲେ ମଧ୍ୟ ପୋଲିସ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନଥିଲେ ।

ସୂଚନା ଯୋଗ୍ୟ ଯେ କଟକ-ଚାନ୍ଦବାଲି ରାସ୍ତାଦେଇ ପ୍ରତିଦିନ ବେଆଇନ ଗୋରୁ ଚାଲାଣ କରାଯାଉଥିଲା ବେଳେ ପୋଲିସ କି ପଦକ୍ଷେ ଗ୍ରହଣ କରିଛି ନା ଗୋରୁ ଚାଲଣ କରୁଥିବା ଲୋକଙ୍କ ଠାରୁ ହାତଗୁଞ୍ଜା ନେଇ ଛାଡିଦେଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏପରିକି ୨ତାରିଖ ଓ ୩ତାରିଖର ସାଲେପୁର ଥାନା ଭିତରେ ଥିବା ସିସିଟିଭିର ଫୁଟେଜକୁ ଯାଞ୍ଚକଲେ ଅନେକ ଗୁମର ପଦାରେ ପଡିବ ବୋଲି ଗୋରୁ ମାଲିକ ଶ୍ରୀ ରଥ ଦାବି କରିଛନ୍ତି । ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସାଲେପୁର ଥାନା ଅଧିକାରିଣୀଙ୍କ ବହୁ ଗୁମର ପଦାରେ ପଡିବ ବୋଲି ସାଧାରଣରେ ଦାବି ହେଉଛି ।

ରାଜ କନିକା : ସମାଜସେବୀ ସନ୍ତୋଷ କର କଳିଙ୍ଗ ଗୌରବ ସମ୍ମାନରେ ସମ୍ମାନୀତ

(ଶ୍ରୀମଭଗବଦ୍ ଗୀତା ୧୫/୧୧)
-ପୁରୁଷୋତ୍ତମଯୋଗଃ-
(ଶ୍ରୀଭଗବାନୁବାଚ)

ଯତନ୍ତୋ ଯୋଗିନଶ୍ଚୈନଂ ପଶ୍ୟନ୍ତ୍ୟାତ୍ମନ୍ୟବସ୍ଥିତମ୍ ।
ଯତନ୍ତୋଽପ୍ୟକୃତାତ୍ମାନୋ ନୈନଂ ପଶ୍ୟନ୍ତ୍ୟଚେତସଃ ।।୧୧।।

ଧ୍ୟାନାଦି ଦ୍ୱାରା ପ୍ରଯତ୍ନଶୀଳ କେହି କେହି ଯୋଗୀ ଏହି ଆତ୍ମାକୁ ଦେହ ବା ବୁଦ୍ଧିବୃତ୍ତିରେ ଅବସ୍ଥିତ ହେବାର ଜାଣନ୍ତି, କିନ୍ତୁ ଅଶୁଦ୍ଧଚିତ୍ତ ଓ ମନ୍ଦମତି ବ୍ୟକ୍ତିମାନେ ଯଥାସାଧ ଚେଷ୍ଟା କରି ସୁଦ୍ଧା ଏହି ଆତ୍ମାକୁ ଜାଣିପାରନ୍ତି ନାହିଁ ।।୧୧।।

ଚୀନର ବୃଥା ଆସ୍ଫାଳନ

ଚୀନ, ଅରୁଣାଚଳ ପ୍ରଦେଶର କେତେକ ନାମକୁ ପରିବର୍ତ୍ତନ କରି ଯେପରି ଆତ୍ମସନ୍ତୋଷ ଲାଭ କରୁଛି, ତାହାକୁ ମନସ୍ତତ୍ତ୍ୱବିତ୍‌ଙ୍କ ଭାଷାରେ ସେଡିଷ୍ଟିକ ପ୍ଲେଜର (ଅନ୍ୟକୁ ପୀଡା ଦେଇ ଯେଉଁମାନେ ଆନନ୍ଦ ଲାଭ କରନ୍ତି) ବୋଲି କୁହାଯାଇପାରେ । ଆମର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଚୀନର ଏପରି ବାଚାଳାମିକୁ ପ୍ରତ୍ୟାଖାନ କରି କହିଛି ଯେ ଅରୁଣାଚଳ ପ୍ରଦେଶ ହେଉଛି ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ (ପ୍ରଦେଶ) ଥିଲା ଓ ରହିଛି । ଗତ ବର୍ଷ ଏପ୍ରିଲ ମାସରେ ଚୀନ ଅରୁଣାଚଳ ପ୍ରଦେଶର ପ୍ରକୃତ ନିୟନ୍ତ୍ରଣ ରେଖା (LOC) ନିକଟରେ ପ୍ରାୟ ୩୦ଟି ନାମର ପରିବର୍ତ୍ତନ କରିଥିଲା । ଗତ ୧୧ ଓ ୧୨ (ମେ ୨୦୨୫)ରେ ଚୀନ ପୁଣି ଅରୁଣାଚଳ ପ୍ରଦେଶର ୨୭ଟି ଅଞ୍ଚଳରେ ନାମ ପରିବର୍ତ୍ତନ କରି ମନେ ମନେ ଖୁସି ହେଉଛି । ଉଲ୍ଲେଖନୀୟ ଯେ ଭାରତ ପହଲଗାମ ଘଟଣାରେ ପାକିସ୍ତାନର ମୁଖ୍ୟ ଆତଙ୍କବାଦୀଙ୍କୁ ନିପାତ କରିବା ପରେ ଭୟଭୀତ ପାକିସ୍ତାନ ବିଭିନ୍ନ ଅପପ୍ରଚାର ଭାରତ ବିରୋଧରେ କରି ସେହି ସେଡିଷ୍ଟିକ ପ୍ଲେଜର ଲାଭ କରୁଥିଲା । କିନ୍ତୁ ପାକିସ୍ତାନ ଆତଙ୍କବାଦୀର ପେଣ୍ଠସ୍ଥଳି ହୋଇଥିବାରୁ ସମଗ୍ର ବିଶ୍ୱ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପକୁ ନିନ୍ଦା କରି ଆସିଛନ୍ତି । ଚୀନ ଯିଏ କି ପାକିସ୍ତାନକୁ ପରୋକ୍ଷରେ ସମର୍ଥନ କରି ଆସିଛି , ଚୀନର ଆଚରଣରେ ସମଗ୍ର ବିଶ୍ୱ ମଧ୍ୟ ସନ୍ତୁଷ୍ଟ ନୁହଁନ୍ତି । ଚୀନର ଉହାନ୍ ଅଞ୍ଚଳରୁ 'କରୋନା' ମହାମାରୀ ସୃଷ୍ଟି ହୋଇ ଯେପରି ସମଗ୍ର ବିଶ୍ୱକୁ ଆତଙ୍କିତ କରି ପକାଇଥିଲା, ତାହାକୁ ବିଶ୍ୱବାସୀ ସହଜରେ ଭୁଲି ପାରିନାହାନ୍ତି । ବୌଦ୍ଧଧର୍ମାବଲମ୍ବୀ ଚୀନ ଯେ ସମଗ୍ର ବିଶ୍ୱରେ ଏପରି କ୍ଷତି କରିବ, ଏ କଥା କେହି କେବେ ବି କଳ୍ପନା କରି ନଥିଲେ ।

ସେ ଯାହାହେଉ, ୧୯୭୨ ଜାନୁଆରୀ ୨୦ରୁ ଆସାମର ଏକ ଅଂଶ ଭାବେ କେନ୍ଦ୍ର ଶାସିତ ଅଞ୍ଚଳ ହୋଇ ରହିଥିବା ସେହି ଅଞ୍ଚଳଟି ପରେ 'ଅରୁଣାଚଳ' ଭାବେ ପରିଚିତ ହୋଇଥିଲା । ୧୯୮୨ ଫେବୃଆରୀ ୨୦ରେ ତାହା ଏକ ରାଜ୍ୟ ବା ପ୍ରଦେଶ ଭାବେ ଭାରତର ଅନ୍ତର୍ଭୁକ୍ତ ହୋଇଥିଲା । ୧୯୭୨ ପୂର୍ବରୁ ଏହା ନେଫା (ନର୍ଥ ଇଷ୍ଟ ଫ୍ରଣ୍ଟିୟର ଏଜେନ୍ସି) ଭାବେ ପରିଚିତ ଥିଲା । ୧୯୭୫ ଅଗଷ୍ଟ ୧୫ରେ ଏହି ପ୍ରଦେଶର ବିଧାୟକମାନେ ପ୍ରଥମ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଅରୁଣାଚଳ ପ୍ରଦେଶର ରାଜଧାନୀ ହେଉଛି ଇଟାନଗର । ଏହା ଏକ ସୁନ୍ଦର ପର୍ଯ୍ୟଟନସ୍ଥଳୀ । ପୂର୍ବରୁ ଏହା 'ମାୟାପୁର' ଭାବେ ପରିଚିତ ଥିଲା । ଆସାମ ରାଜାଙ୍କ ଶାସନାଧୀନ ଏ ସହର ଥିଲା ପ୍ରକୃତରେ ଅରୁଣାଚଳ ପ୍ରଦେଶରେ ।

ସମ୍ପାଦକୀୟ

ଆମର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ସୂତ୍ରରୁ ଜଣାଯାଇଛି ଯେ ଚାଇନାର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଗତ ୧୧ ଓ ୧୨ (ମେ ୨୦୨୫)ରେ ଅରୁଣାଚଳ ପ୍ରଦେଶର ୨୭ ଗୋଟି ସ୍ଥାନର ନାମକୁ ବଦଳାଇ ଦେଇଛି । ମାତ୍ର ସେ ସବୁ ସ୍ଥାନ ଭାରତର ଅରୁଣାଚଳ ପ୍ରଦେଶରେ ଅବସ୍ଥିତ । ଚାଇନାର ଏପରି ବୃଥା କାର୍ଯ୍ୟ କେବେ ହେଲେ ସଫଳ ହେବନାହିଁ ବୋଲି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଦୃଢ଼ତାର ସହ ଏହାର ପ୍ରତିବାଦ କରିଛନ୍ତି ।

ଚୀନ ପଞ୍ଚମ ଥର ଲାଗି ଭାରତର ଗ୍ରାମମାନଙ୍କର ନୂଆ ନାମକରଣ କରି ସେ ସବୁ ତା' ନିଜର ବୋଲି ଦାବି କରି ଆସିଛି । ଏହାକୁ ଚୀନ୍ 'ଜନ୍‌ଗ୍ନାନ୍' ବୋଲି କହୁଛି । ବିଗତ ୨୦୧୭. ୨୦୨୧, ୨୦୨୩ ଓ ୨୦୨୪ରେ ଆମ ଅରୁଣାଚଳ ପ୍ରଦେଶର ବିଭିନ୍ନ ଅଞ୍ଚଳର ନାମ ପରିବର୍ତ୍ତନ କରାଇବା ପରି ହୀନ କାର୍ଯ୍ୟରେ ଚୀନ ଲିପ୍ତ ରହିଥିଲେ ମଧ୍ୟ ବିଶ୍ୱରେ କେହି ଚୀନକୁ ଏପରି କାର୍ଯ୍ୟରେ ସମର୍ଥନ ଜଣାଇ ନାହାନ୍ତି । କୌଣସି ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ଅନ୍ୟ ଦେଶ ହସ୍ତକ୍ଷେପ କରିବା ଉଚିତ କି ? ଚୀନର ବୈଦେଶିକ ମନ୍ତ୍ରାଳୟ ବୃଥା ଆସ୍ଫାଳନ କରୁଛି ଯେ 'ଜନ୍‌ଗ୍ନାନ' ଅଞ୍ଚଳ ହେଉଛି ଚୀନର । ପ୍ରକୃତ କଥା ହେଉଛି ପୂର୍ବର କେନ୍ଦ୍ର ସରକାର ସବୁବେଳେ ଚୀନକୁ ଡରିମରି କାର୍ଯ୍ୟ କରୁଥିଲେ । ମାତ୍ର ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଭାରତକୁ ଆତ୍ମନିର୍ଭରଶୀଳ କରାଇବାରେ ଏକ ବିଶେଷ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ଫଳରେ ଭାରତ ବଜାରରେ କାୟା ବିସ୍ତାର କରିଥିବା ଚୀନର ଖେଳନା, ମୋବାଇଲ ଓ ଅନ୍ୟାନ୍ୟ ଦ୍ରବ୍ୟ ସବୁକୁ ଭାରତ ପଛକୁ ନେଇଯାଇଛି ଏବଂ ସମଗ୍ର ବିଶ୍ୱକୁ ରପ୍ତାନୀ କରାଯାଉଥିବା ଭାରତୀୟ ଉତ୍ପାଦିତ ଦ୍ରବ୍ୟର ଆଦର ବଢ଼ି ଚାଲିଛି । ତାହା ହିଁ ଚୀନର କ୍ରୋଧର କାରଣ ହୋଇ ଥାଇପାରେ ।

ସଙ୍କଳ୍ପ

ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା ।।
(ଗଙ୍ଗାଧର ମେହେର)

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

ଯୁଦ୍ଧ ନୁହେଁ ଶାନ୍ତି ଚାହେଁ ଭାରତ

ଚିତ୍ତରଞ୍ଜନ ପୃଷ୍ଟି

ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ । ନିଜ ଜନ୍ମଭୂମିକୁ କିଏ ବା ଭଲ ନ ପାଏ ? ଯାହା ବକ୍ଷରେ ପାଦଥାପି ମଣିଷଟିଏ ଜନ୍ମନିଏ, ଯାହାର ମାଟି, ପାଣି, ପବନରେ ବଡ଼ ହୁଏ, ଯାହାର ଫଳମୂଳ ଶସ୍ୟକୁ ଆହାର କରି ଜୀବନ ଧାରଣ କରେ ପରିଶେଷରେ ଯାହା ଉପରେ ବସତି ସ୍ଥାପନ କରି ସୁରକ୍ଷିତ ରୁହେ, ତାକୁ ସୁରକ୍ଷା ଦେବା ଆମର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ଆମର ଜନ୍ମଭୂମି ଭାରତ ବିଶ୍ୱର ଏକ ସର୍ବଶ୍ରେଷ୍ଠ ଧର୍ମକ୍ଷେତ୍ର ଯେଉଁଠି ଯୁଗ ଯୁଗ ଧରି ଭଗବାନ ବିଭିନ୍ନ ଅବତାରରେ ଅବତୀର୍ଣ୍ଣ ହୋଇଛନ୍ତି । ସମସ୍ତ ଅବତାରର ଗୋଟିଏ ମାତ୍ର ଲକ୍ଷ୍ୟ-ଧର୍ମ ସଂସ୍ଥାପନା । ଗୀତାରେ ଭଗବାନ ଶ୍ରୀକୃଷ୍ଣ ଏକଥା କହିଛନ୍ତି । ସର୍ବଧର୍ମ ସମନ୍ୱୟର ପିଠସ୍ଥଳୀ ହେଉଛି ଭାରତ , ସର୍ବଦା ଶାନ୍ତି ମାର୍ଗରେ ଚାଲିଥାଏ ।

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଛି ଯୁଦ୍ଧ ପରିସ୍ଥିତି । ପାକିସ୍ତାନ ହିଂସାରେ ବିଶ୍ୱାସ କଲାବେଳେ ଭାରତ ଅହିଂସାର ମାର୍ଗକୁ ବାଛିନିଏ । ଭାରତ ବଇରୀ ନୁହେଁ ମୈତ୍ରୀ ଚାହେଁ ,ଯୁଦ୍ଧ ନୁହେଁ ଶାନ୍ତି ଚାହେଁ । କିନ୍ତୁ ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ଧର୍ମ ନାମରେ ଯୁଦ୍ଧ, ଗଣହତ୍ୟା ଭଳି କୁକର୍ମ କରି ଚାଲିଛି । ଆତଙ୍କବାଦକୁ ପ୍ରୋତ୍ସାହିତ କରି ଅଶାନ୍ତ ପରିବେଶ ସୃଷ୍ଟି କରିଛି । ଧର୍ମ ନାମରେ ଆତଙ୍କବାଦୀମାନେ ଭାରତୀୟଙ୍କ ରକ୍ତରେ ଖେଳିଛନ୍ତି ହୋଲି । ଏହାକୁ ଭାରତ ଧୈର୍ଯ୍ୟର ସହ ମୁକାବିଲା କରିଛି । ପରିଶେଷରେ ଧର୍ମର ହିଁ ଜୟ ହୋଇଛି ଏବଂ ଶତ୍ରୁପକ୍ଷ ପରାଜୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଛି । ଭାରତ ମାତା ପାଇଁ ଜାତି,ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତୀୟ ଆତଙ୍କବାଦ ଏବଂ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ରାଷ୍ଟ୍ର ବିରୋଧରେ ଏକଜୁଟ ହୋଇ ଆଗେଇ ଆସିଛନ୍ତି । ପାକିସ୍ତାନ ଭାରତର ଯେତେ କ୍ଷତି ପହଞ୍ଚାଇବାକୁ ଚାହିଁଲେ ମଧ୍ୟ ଭାରତର ବୀର ସୈନିକ ତାହାର ଦୃଢ଼ ଜବାବ ଦେଉଛନ୍ତି । ଭାରତ ମୈତ୍ରୀର ହାତ ବଢାଉଥିବାବେଳେ ସେମାନେ ପିଠିରେ କୁଠାରଘାତ କରୁଛନ୍ତି ।

ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧଭଳି ପରିସ୍ଥିତିକୁ ଶାନ୍ତ କରିବାପାଇଁ ଅସ୍ତ୍ରବିରତି ପ୍ରସ୍ତାବରେ ଭାରତ ରାଜି ହୋଇଥିଲା । କାରଣ ଭାରତ ସର୍ବଦା ଶାନ୍ତିରେ ବିଶ୍ୱାସ କରେ । ଅସ୍ତ୍ରବିରତି କଣ ? ପ୍ରକୃତରେ ଏହା ଏକ ପରି ଶବ୍ଦ ଯେଉଁଥିରେ ଶାନ୍ତି ନିହିତ ଥାଏ । ଯୁଦ୍ଧ ବା ସଙ୍ଘର୍ଷର ସ୍ଥଗିତ ରଖାଯିବାକୁ ଅସ୍ତ୍ରବିରତି କୁହାଯାଇଥାଏ । ଯାହା ଏକ ପ୍ରକାରର ପରସ୍ପର ମଧ୍ୟରେ ବୁଝାମଣା । ଅସ୍ତ୍ରବିରତି ଏକ ଚୁକ୍ତିନାମା ଯାହା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ସମସ୍ତ ସାମରିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା । ଯୁଦ୍ଧବିରତିର ଉଦ୍ଦେଶ୍ୟ ହେଉଛି ଉତ୍ତେଜନା ହ୍ରାସ କରିବା, ଆଲୋଚନାର ସମ୍ଭାବନା ବୃଦ୍ଧି କରିବା ଓ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷା ସୁନିଶ୍ଚିତ କରିବା । କିନ୍ତୁ ଏହା ସେତେବେଳେ ସ୍ଥାୟୀ ପ୍ରଭାବ ପକାଇଥାଏ ଯେତେବେଳେ ଉଭୟ ପକ୍ଷ ଏହାକୁ ଠିକ୍ ଭାବେ ପାଳନ କରନ୍ତି । ଯଦି ପୁଣି ଏହାକୁ ଉଲଂଘନ କରାଯାଏ, ତେବେ ପରିସ୍ଥିତି ପୁଣି ଥରେ ଯୁଦ୍ଧ ଆଡକୁ ଗତି କରିପାରେ । ପ୍ରଗତି ପାଇଁ ଶାନ୍ତି ଅପରିହାର୍ଯ୍ୟ । ମାନବ ଜାତିର ବିକାଶ କରିବାକୁ ହେଲେ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେବା ଆବଶ୍ୟକ । ଶାନ୍ତି ପ୍ରତିଷ୍ଠାର ମୁଖ୍ୟ ମାର୍ଗ ହେଉଛି ବିଶ୍ୱ ଭାତୃତ୍ୱ ଭାବନା । ଶାନ୍ତି ଓ ସଦ୍ଭାବ ବଜାୟ ରଖିବା ସବୁ ରାଷ୍ଟ୍ରର ଲକ୍ଷ୍ୟ ହେବା ଉଚିତ । ବିଶ୍ୱରେ ଶାନ୍ତି ବଜାୟ ରଖିବାରେ ଭାରତ ସର୍ବଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି । ଭାରତ କେବେ ସାମ୍ରାଜ୍ୟବାଦ ଉପରେ ବିଶ୍ୱାସ କରେ ନାହିଁ । ସର୍ବଦା ଶାନ୍ତି ଓ ଭାତୃଭାବ ବଜାୟ ରଖିବାକୁ ଚାହେଁ । ଭାରତର ନୀତି ସତ୍ୟ, ଅହିଂସା ଉପରେ ପର୍ଯ୍ୟବେସିତ । ସାରା ବିଶ୍ୱରେ ବେଦଭୂମି ଭାରତ ଭୂଖଣ୍ଡ ଆଜି ଆଧ୍ୟାତ୍ମିକତା ଓ ଶାନ୍ତିର କେନ୍ଦ୍ରବିନ୍ଦୁ ପାଲିଟିଛି । 'ବସୁଧୈବ କୁଟୁମ୍ବକମ୍' ମନ୍ତ୍ରରେ ଭାରତବର୍ଷ ସାରା ବିଶ୍ୱକୁ ଗୋଟିଏ ପରିବାର ବୋଲି ମନେକରେ । ଭାରତ ସବୁ ସମୟରେ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ଏବଂ ମାନବଜାତିର କଲ୍ୟାଣ କରିବା ପାଇଁ ଚେଷ୍ଟିତ । ଶାନ୍ତି ଓ ଅହିଂସାର ସ୍ରଷ୍ଟା ହେଉଛି ଭାରତ । ଏକ ଶାନ୍ତ, ସମୃଦ୍ଧ ମାନବ ସମାଜ ପାଇଁ ଭାରତ ଯୁଗ ଯୁଗ ଧରି ବିଶ୍ୱକୁ ଦିଗ୍‌ଦର୍ଶନ ଦେଇଛି । ଯୁଦ୍ଧ ସମାଧାନ ନୁହେଁ । ଆଲୋଚନା କରି ସମାଧାନର ବାଟ ବାହାର କରିବାରୁ ପଡିବ । ଲୋକଙ୍କର କ୍ଷତି କରି କେହି କେବେ ସଫଳ ହୋଇନାହିଁ । ଯୁଦ୍ଧରେ ସମସ୍ତଙ୍କର କ୍ଷତି ହୁଏ ।

ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ସର୍ବଦା ଉଦ୍ୟମ ଜାରି ରଖିଛି । ଭାରତ ଓ ପାକିସ୍ତାନ ସୀମାରେ ଯେଉଁ ଶାନ୍ତି ଫେରିବାକୁ ଯାଉଛି, ତାହା ଗୋଟିଏ ଦିନରେ ସମ୍ଭବ ହୋଇ ନାହିଁ । ଆଲୋଚନା ଜରିଆରେ ସମସ୍ୟାର ସମାଧାନ କରି ଯୁଦ୍ଧକୁ ଏଡ଼ାଇବା ପାଇଁ ଭାରତ ଚାହେଁ । କେବଳ ଭାରତ, ପାକିସ୍ତାନ ନୁହେଁ ସାରା ବିଶ୍ୱରୁ ଆଜି ଶାନ୍ତିର କପୋତ ଉଭାନ ହୋଇଯାଇଛି । ସାରା ବିଶ୍ୱରେ ଅଶାନ୍ତି ଦେଖାଦେଇଛି, ଯାହା ଫଳରେ ସାରା ବିଶ୍ୱରେ ଏବେ ଅଶାନ୍ତ ଏବଂ ଭୟର ବାତାବରଣ ସୃଷ୍ଟି ହୋଇଛି । ବିଶ୍ୱରେ ଶାନ୍ତି ଓ ସଦ୍ଭାବ ବଜାୟ ରଖିବା ଲାଗି ବିଶ୍ୱ ସମୁଦାୟ ମଧ୍ୟରେ ଏକତାର ଆବଶ୍ୟକତା ରହିଛି । ପରିସ୍ଥିତି କେଉଁ ଦିଗରେ ଗତି କରୁଛି, ତାହା ଉଭୟ ଦେଶର ନେତୃତ୍ୱ ଓ ଅନ୍ତର୍ଜାତୀୟ ଚାପ ଉପରେ ନିର୍ଭର କରୁଛି । ତେବେ, ସାଧାରଣ ଜନତାଙ୍କ ମଧ୍ୟରେ ଶାନ୍ତି ଓ ସ୍ଥିରତାର ଆହ୍ୱାନ ଜୋର ଧରୁଛି । ଯଦି ପରମାଣୁ ଯୁଦ୍ଧ କଥା ଦେଖାଯାଏ, ତେବେ ଭାରତ ପ୍ରଥମେ ପରମାଣୁ ହତିଆର ବ୍ୟବହାର ନକରିବା ନୀତି ପାଳନ କରିଆସିଛି । କିନ୍ତୁ ଅପରପକ୍ଷରେ ପାକିସ୍ତାନର ଅନେକ ମନ୍ତ୍ରୀ ମଧ୍ୟ ପରମାଣୁ ଯୁଦ୍ଧ ନେଇ ଖୋଲାଖୋଲି ଧମକ ଦେଇ ସାରିଛନ୍ତି । ଯଦି ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୁଏ ତେବେ ଏଥିରେ ୧୨ କୋଟିରୁ ଊର୍ଦ୍ଧ୍ୱ ଜନତାଙ୍କ ମୃତ୍ୟୁ ହେବ ବୋଲି ଆକଳନ କରାଯାଇଛି । କେବଳ ସେତିକି ନୁହେଁ ପରମାଣୁ ଯୁଦ୍ଧ ପରେ ଖାଦ୍ୟ ସଙ୍କଟ ମଧ୍ୟ ଯଥେଷ୍ଟ ଅଧିକ ହେବ ବୋଲି ଅନୁମାନ କରାଯାଇଛି । ସମଗ୍ର ବିଶ୍ୱ ଉପରେ ଏହାର ପ୍ରଭାବ ପଡିବ ବୋଲି ଅନୁମାନ କରାଯାଇଛି । ତେବେ ଯେଉଁ ସ୍ଥାନକୁ ଲକ୍ଷ୍ୟ କରି ଏହି ପରମାଣୁ ଆକ୍ରମଣ କରାଯିବ, ସେଠାରେ ସର୍ବାଧିକ କ୍ଷତି ହେବ ।

ପହଲଗାମରେ ନିରୀହ ମହିଳାଙ୍କ ମଥାରୁ ଯେମିତି ସିନ୍ଦୂର ପୋଛି ଦେଇଥିଲେ ଆତଙ୍କୀ, ସେମିତି ଆତଙ୍କୀଙ୍କ ଆଖ୍ଡାକୁ ପୋଛି ଦେବା ପାଇଁ ବଡ଼ ଧରଣର ଆକ୍ରମଣ କରିଛି ଭାରତ । 'ଅପରେସନ ସିନ୍ଦୂର' ନାଁରେ ମାପିଚୁପି କେବଳ ଆତଙ୍କବାଦୀଙ୍କ ଗୁପ୍ତ ଠିକଣା ଉପରେ ମିଜାଇଲ୍ ମାଡ଼ କରିଛି ଭାରତୀୟ ସେନା । ଏଥିରେ କୌଣସି ସାଧାରଣ ଜନତାଙ୍କ କ୍ଷୟକ୍ଷତି କରିବାକୁ ଚାହିଁନାହିଁ ଭାରତ ।

ଭାରତ ସର୍ବଦା ଆତଙ୍କବାଦ ବିରୋଧରେ ଲଢେଇ କରି ଆସିଛି । କେବେହେଲେ ପାକିସ୍ତାନୀ କିମ୍ବା ସାମରିକ ବାହିନୀ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିନାହିଁ ଭାରତ । ପାକିସ୍ତାନକୁ ଶିକ୍ଷା ଦେବା ପାଇଁ, ଭାରତ ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ କରିବା ଠାରୁ ଆରମ୍ଭ କରି ପାକିସ୍ତାନୀ ନାଗରିକଙ୍କ ଭିସା ବାତିଲ କରିବା ପର୍ଯ୍ୟନ୍ତ ଅନେକ କଟକଣା ଲଗାଇଛି । ଯଦି ଭାରତ ଚାହିଁଥାନ୍ତା ପାକିସ୍ତାନର ଅନେକ କ୍ଷତି ପହଞ୍ଚାଇ ପାରିଥାନ୍ତା । କିନ୍ତୁ ଭାରତ ସର୍ବଦା ନ୍ୟାୟ ପଥରେ ଚାଲେ । ଧର୍ମ ନାମରେ ବିଭେଦ ସୃଷ୍ଟି କରିବାପାଇଁ ଆତଙ୍କବାଦୀମାନେ ଯେତେ ଚେଷ୍ଟା କଲେ ମଧ୍ୟ ସେଥିରେ ସେମାନେ ସଫଳ ହୋଇପାରିଲେ ନାହିଁ, କାରଣ ଭାରତୀୟଙ୍କ ଭିତରେ ଅଛି ଏକତା ।

ଭାରତ ସଦା ସର୍ବଦା ଶାନ୍ତି ଆଣିବାପାଇଁ ଚେଷ୍ଟା କରିଥିବାବେଳେ ପାକିସ୍ତାନ ଆତ୍ମଘାତୀ କାର୍ଯ୍ୟକରି ସମ୍ପର୍କରେ ତିକ୍ତତା ଆଣିଛି । ଯଦି ଏହାର ଇତିହାସକୁ ଦେଖିବା ଦେଶ ବିଭାଜନ ପରେ ଉଭୟ ଭାରତ ଓ ପାକିସ୍ତାନ ପରସ୍ପର ଭତୃତ୍ୱଭାବ ପାଇଁ ରାଜି ହୋଇଥିଲେ । ମାତ୍ର କିଛିମାସ ପରେ ପାକିସ୍ତାନ ବିଶ୍ୱାସଘାତକତା କରି କାଶ୍ମୀର ଉପରେ ଆକ୍ରମଣ କରିଥିଲା । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ବୃଦ୍ଧିନେଇ ପ୍ରୟାସ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ପାକିସ୍ତାନ ମୁମ୍ବାଇ ଉପରେ ଆକ୍ରମଣ କରିଥିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଶାନ୍ତିର ବାର୍ତ୍ତା ନେଇ ଫେବୃଆରୀ ୧୯୯୯ରେ ଲାହୋର ପର୍ଯ୍ୟନ୍ତ ବସ୍ ଯାତ୍ରା କରିଥିଲେ । ମାତ୍ର କିଛିମାସ ପରେ କାର୍ଗିଲ ଯୁଦ୍ଧ ହୋଇଥିଲା । ଏମିତି ଅନେକ ଘଟଣା ରହିଛି ଯେଉଁଠି ଭାରତ ଶାନ୍ତିର ପକ୍ଷ ଧରିଥିବାବେଳେ ପାକିସ୍ତାନ ବିଶ୍ୱାସଘାତକତାର ପରିଚୟ ଦେଇଛି ।

'ସତ୍ୟମେବ ଜୟତେ' ଅର୍ଥାତ୍ ସତ୍ୟର ସର୍ବଦା ଜୟ । ଏହା ହେଉଛି ଭରତୀୟଙ୍କର ମୂଳମନ୍ତ୍ର । ବାସ୍ତବରେ ବିକାଶ ଓ ଶାନ୍ତି ପରସ୍ପର ପରିପୂରକ । ତେଣୁ ବିକାଶର ଧାରା ବଜାୟ ରଖିବାକୁ ହେଲେ ଯୁଦ୍ଧ ନୁହେଁ, ଶାନ୍ତିର ଧାରା ବଜାୟ ରଖିବା ଜରୁରୀ । ଶାନ୍ତିର ଅସଲ ମାର୍ଗ ହେଉଛି ବିଶ୍ୱ ଭ୍ରାତୃତ୍ୱ ଭାବନା, ଯାହା ଭାରତୀୟ ସଂସ୍କୃତିର ଆତ୍ମିକ ସନନ୍ଦ । ସେଥିପାଇଁ ଶ୍ରୀଅରବିନ୍ଦ କହିଥିଲେ, ଭାରତ ହେଉଛି ପୃଥିବୀର ଆତ୍ମା । ଭାରତ ଦ୍ୱାରା ସମ୍ଭବ ହେବ ପୃଥିବୀରେ ଶାନ୍ତି ପ୍ରତିଷ୍ଠା । ଏ ଦେଶ ଦିନେ ବିଶ୍ୱରେ ପ୍ରଚାର କରିଥିଲା ଗୌତମ ବୁଦ୍ଧଙ୍କ ଶାନ୍ତି ଓ ପ୍ରେମର ବାଣୀ । ମହାମାନବ ମହାତ୍ମା ଗାନ୍ଧୀ ବିଶ୍ୱକୁ ଶୁଣାଇଥିଲେ ଅହିଂସାର ମନ୍ତ୍ର । ଆଧ୍ୟାତ୍ମିକ ଭୂମି ଭାରତର ପରମ୍ପରାରେ ରହିଛି ବୃହତ୍ ଶକ୍ତିମାନଙ୍କ ଯୁଦ୍ଧଖୋର ମାନସିକତାକୁ ବଦଳାଇ ଦେବାର ଭରପୂର ସାମର୍ଥ୍ୟ ।

ଗାନ୍ଧିଜୀ' କହିଥିବା ମନ୍ତ୍ର 'ଅହିଂସା ପରମୋ ଧର୍ମ', ଆମେ ଅହିଂସାର ପୂଜାରୀ । ହିଂସା କୌଣସି ସମସ୍ୟାର ସମାଧାନ ନୁହେଁ । ଭାରତର ଶାନ୍ତି, ଅହିଂସା ଏବଂ ଧର୍ମନିରପେକ୍ଷତାର ଗୁଣ ଆଜିର ବିବାଦ ଏବଂ ସଂଘର୍ଷମୟ ଦୁନିଆ ପାଇଁ ଆଶାର କିରଣ । ଭାରତ ଶାନ୍ତି ଚାହେଁ ଯେଉଁଠି ଧର୍ମକୁ ଧର୍ମ ଘୃଣା କରୁନଥିବ କି ଜାତିକୁ ଜାତି ଘୃଣା କରୁ ନଥିବ । ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ । ଯୁଦ୍ଧ ନିଜେ ଏକ ସମସ୍ୟା । ତେଣୁ ଯୁଦ୍ଧ ନୁହେଁ ଶାନ୍ତି ହିଁ ସମାଜ ପାଇଁ ମଙ୍ଗଳକାରକ ।

ନିମାପଡା, ପୁରୀ,
ମୋ-୯୭୭୮୧୭୭୫୦୧

ସୁସ୍ଥ ହୃତପିଣ୍ଡ ଲାଗି ସରଳ ସୂତ୍ର

ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

ଟାଇଁ ଟାଇଁ ଖରାକୁ ଅଂଶୁଘାତ ପରି ପରିସ୍ଥିତି ଦେଖାଗଲାଣି । ଦିନ ଏଗାରଟା ପରକୁ ଘରୁ ଆଉ ବାହାରିବା ବି ଅନେକଙ୍କ ପାଇଁ କଷ୍ଟକର ହୋଇପଡ଼ିଲାଣି । ହୃଦରୋଗ କୌଣସି ଋତୁକାଳୀନ ରୋଗ ନୁହଁ । ଜୀବନର ଅନ୍ୟ ନାମ ହୃଦୟ । ଶରୀରର ଅନ୍ୟତମ ମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୃତପିଣ୍ଡ ପାଇଁ ବିଶେଷକରି ଖରା ଦିନେ ଅନେକ ଆହ୍ୱାନ ଓ ଜଟିଳତା ମଧ୍ୟ ରହିଛି । ଖରାଦିନେ ମୁଖ୍ୟତଃ ଦେହରୁ ଜଳୀୟ ତତ୍ତ୍ୱ କମିଯାଏ । ସେହିପରି ଥଣ୍ଡା ପାନୀୟ ଓ ବାହାର ଖାଦ୍ୟ ମଧ୍ୟ ହୃତପିଣ୍ଡ ପାଇଁ କେତେକ କ୍ଷେତ୍ରରେ ଘାତକ ସାବ୍ୟସ୍ତ ହୋଇଥାଏ । ତେବେ କେବଳ ଖରା ଦିନ ନୁହଁ ସବୁଦିନ ପାଇଁ ହୃଦରୋଗ ପ୍ରତିରୋଧ ନିମନ୍ତେ ସୁଷମ ଆହାର ଓ ସୁସ୍ଥ ଜୀବନ ଧାରା ଠାରୁ ବଳି ଭଲ ବିକଳ୍ପ ଆଉ କିଛି ନାହିଁ । ଅବଶ୍ୟ ଏଥିପାଇଁ ଜୀବନଧାରାରେ ସାମାନ୍ୟ ପରିବର୍ତ୍ତନ କରିବାକୁ ପଡ଼ିପାରେ । ଏହି ପରିବର୍ତ୍ତନ ହିଁ ସୁସ୍ଥ ଜୀବନଯାପନ ଓ ଆୟୁ ବୃଦ୍ଧି କରାଇବାରେ ସହାୟକ ହୁଏ । ଦୈନନ୍ଦିନ ଚଳଣିରେ ନିମ୍ନୋକ୍ତ ପରିବର୍ତ୍ତନ ସୁସ୍ଥ ହୃତପିଣ୍ଡ ଦିଗରେ ସହାୟକ ହେବ ।

ସ୍ୱାସ୍ଥ୍ୟକର ଆହାର : ସୁଷମ ବା ସ୍ୱାସ୍ଥ୍ୟକର ଆହାର ଅର୍ଥ ସମାନୁପାତ ଭାବେ ସବୁ ଧରଣର ଖାଦ୍ୟ ଖାଇବା । ବିଭିନ୍ନ କିସମର ଫଳ, ପୂର୍ଣ୍ଣାଙ୍ଗ ଶସ୍ୟ, ସ୍ୱଳ୍ପ ଚର୍ବିଯୁକ୍ତ, ଦୁଗ୍ଧଜାତ ସାମଗ୍ରୀ, ଚର୍ମ ବଜଡ଼ିତ କୁକୁଡ଼ା ମାଂସ ଓ ମାଛ, କଠିନ ଚୋପାଯୁକ୍ତ ଫଳ, ବାଦାମ ଓ ଚର୍ବି ବର୍ଜିତ ଉଦ୍‌ଭିଦଜାତ ତୈଳ ଇତ୍ୟାଦି ସୁଷମ ଆହାର ପର୍ଯ୍ୟାୟଭୁକ୍ତ । ସୁଷମ ଖାଦ୍ୟର ତାଲିକା ଭିତରେ ତଟକା ପନିପରିବା, ସବୁଜ ପରିବା ଓ ଶସ୍ୟ, ଶାଗ ସହ ଦେଶୀୟ ଫଳ ମଧ୍ୟ ଖୁବ୍ ଭଲ ।

ବହୁ ସମୟ ବସନ୍ତୁ ନାହିଁ : କାର୍ଯ୍ୟ କ୍ଷେତ୍ରରେ କେତେକ କାମରେ ବହୁ ସମୟ ବସିବାକୁ ପଡ଼ିଥାଏ । ଏଭଳି କାମ କରୁଥିବା ବ୍ୟକ୍ତି ମଝିରେ ମଝିରେ ଉଠି ଚଲାବୁଲ କରିବା ଉଚିତ । ଏହାଦ୍ୱାରା ଶରୀରର ଓଜନ ଠିକ୍ ରହିଥାଏ । ସମୟ ବାହାର କରି ଦିନକୁ ଅନ୍ତତଃ ୧୦ ମିନିଟ ଲେଖାଏଁ ତିନିଥର ଚାଲନ୍ତୁ । ଦୀର୍ଘ ସମୟ ବସି ରହିବା ଦ୍ୱାରା ଶରୀରରେ ମେଦବହୁଳତା ବଢ଼ିଯାଏ, ଯାହାକି ହୃଦରୋଗ ପାଇଁ ସହାୟକ ହୋଇଥାଏ ।



ଦୈନିକ ଦାନ୍ତ ଘଷନ୍ତୁ : ଦାନ୍ତଘଷା ସହ ହୃଦପିଣ୍ଡର ସଂପର୍କ ଥିବା ନେଇ ଅନେକ ହୁଏତ ଅବଗତ ନଥାନ୍ତି । କିନ୍ତୁ ଦାନ୍ତ ସଂକ୍ରମଣ ଏବଂ ଫୁଲା, ହୃତପିଣ୍ଡ ଧମନୀରେ ଚର୍ବିଳ ପଦାର୍ଥ କମିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ସେଥିପାଇଁ ଦୈନିକ ଦାନ୍ତ ଘଷିଲେ ହୃତପିଣ୍ଡ ସୁସ୍ଥ ରହିଥାଏ ।

ଧୂମପାନ ବର୍ଜନ କରନ୍ତୁ : ସିଗାରେଟ, ଇ-ସିଗାରେଟ ଠାରୁ ଆରମ୍ଭ କରି ସମସ୍ତ ପ୍ରକାରର ଧୂମ ପାନ ବର୍ଜନ କରନ୍ତୁ । ଧୂମପାନ କେବଳ ହୃଦରୋଗ ନୁହେଁ, ପକ୍ଷାଘାତ, ଫୁସଫୁସ ଓ କର୍କଟ ରୋଗର କାରଣ ହୋଇଥାଏ । କେବଳ ଧୂମ୍ରପାନ ନୁହେଁ ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ ଏପରିକି ଆପଣ ନିୟମିତ ନିଦ ବଟିକା ଖାଉଥିଲେ ଏହା ମଧ୍ୟ ଦୀର୍ଘକାଳୀନ ପାଇଁ ହୃତପିଣ୍ଡ କ୍ଷେତ୍ରରେ ସହାୟକ ନୁହେଁ ବରଂ କିଛି ପରିପାର୍ଶ୍ୱିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାକୁ ସମର୍ଥ ହୋଇଥାଏ ।

ଅପରାହ୍ନରେ ଫଳାହାର କରନ୍ତୁ : ଅପରାହ୍ନରେ ମୁଠାଏ ବାଦାମ ଅଥବ ଅଖରୋଟ ଖାଆନ୍ତୁ । ନଚେତ୍ ତନ୍ତୁଭରା ଫଳ ଯେମିତି ସେଓ, ଅଙ୍ଗୁର, ଷ୍ଟବେରୀ ଏବଂ ଲେମ୍ବୁ ଆଦି ଖାଆନ୍ତୁ । ଏହା କୋଲେଷ୍ଟରଲ ମାତ୍ରା ହ୍ରାସ କରିଥାଏ, ଯାହା ହୃତପିଣ୍ଡ ଲାଗି ଉପକାରୀ । ସକାଳ ବ୍ରେକଫାଷ୍ଟରେ ଫଳ ଖାଇବାରେ ମନା ନାହିଁ କିନ୍ତୁ ଏହା ଆପଣଙ୍କ ଶରୀରକୁ ଓଜନିଆ ହୋଇଗଲା ପରି ଲାଗିବ । ଫଳ ଭିତରେ ସବୁଠାରୁ ଭଲ ଋତୁକାଳୀନ ଆଉ ତଟକା ଦେଶୀ ଫଳ ।

ଅଧିକ ସମୟ ଶୁଅନ୍ତୁ : ପ୍ରାପ୍ତ ବୟସ୍କମାନେ ଦୈନିକ ସାତରୁ ଆଠ ଘଣ୍ଟା ଶୋଇବା ଉଚିତ । ଯଥେଷ୍ଟ ନିଦ ନହେଲେ ଦିନରେ କ୍ଳାନ୍ତ ଲାଗେ ଏବଂ ଅସ୍ୱାସ୍ଥ୍ୟକର ଭୋଜନ ଖାଇବାକୁ ଇଛାହୁଏ । ଫଳରେ ଓଜନ ବୃଦ୍ଧି ହୁଏ । ଖରାଦିନେ ବୟସ୍କମାନେ ଶୋଇବାରେ ମନା ନାହିଁ । ତେବେ ଆପଣ ସୁସ୍ଥ ସବଳ ଥିଲେ ଦିନରେ ଶୋଇବାକୁ ଏଡ଼ାଇ ଯାଆନ୍ତୁ ଏବଂ ରାତିରେ ଶୋଇବା ପୂର୍ବରୁ ନିଦ ବଟିକାର ସାହାରା ନ ନେଇ ବରଂ କିଛି ସମୟ ପଦ ଚାଳନା କରନ୍ତୁ । ଅନାବଶ୍ୟକ ମୋବାଇଲରେ ନିଜକୁ ବ୍ୟସ୍ତ ନ ରଖି ଏକାଗ୍ର ଚିତ୍ତରେ ଶୋଇବାର ଅଭ୍ୟାସ କରନ୍ତୁ ।

ଉତ୍କଣ୍ଠା ହ୍ରାସ କରନ୍ତୁ : ଚିନ୍ତା ବା ଉଦ୍‌ବିଗ୍ନତା ଉଚ୍ଚ ରକ୍ତଚାପ କରାଇପାରେ । ଉଚ୍ଚରକ୍ତ ଚାପ ହୃଦରୋଗ ସହ ଜଡ଼ିତ । ତେଣୁ ଯଥାସମ୍ଭବ ଚିନ୍ତାମୁକ୍ତ ରୁହନ୍ତୁ । ବ୍ୟାୟାମ, ଯୋଗ, ଧ୍ୟାନ ଓ ବନ୍ଧୁବାନ୍ଧବଙ୍କ ସହିତ ସକାରାତ୍ମକ ଭାବ ବିନିମୟ ମଧ୍ୟ ଉଦବିଗ୍ନତା ହ୍ରାସ କରାଇଥାଏ । ଏହି ନକାରାତ୍ମକ ଅନ୍ୟ ମନସ୍କତା, ଉଦ୍‌ବେଗ ଓ ଉତ୍ତେଜନା ଆପଣଙ୍କ ହୃତପିଣ୍ଡ ଉପରେ ଅନାବଶ୍ୟକ ଚାପ ସୃଷ୍ଟି କରିଥାଏ ।

ହୃତପିଣ୍ଡ ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । କାରଣ ଏହିଠାରେ ହିଁ ଆମମାନଙ୍କର ଜୀବନ ରହିଛି । ଶରୀରର ମୂଲ୍ୟବାନ ଅଙ୍ଗକୁ ଯତ୍ନଶୀଳ ଓ ଶ୍ରଦ୍ଧାଶୀଳ ରଖିବାର ଦାୟିତ୍ୱ ଆପଣଙ୍କ ପାଇଁ ଆଦୌ କଠିନ କିମ୍ବା ଆହ୍ୱାନଭରା ନୁହଁ । ଚିନ୍ତାମୁକ୍ତ ହୋଇ ସକାରାତ୍ମକ ଓ ପ୍ରଫୁଲ୍ଲିତ ମାନସିକତା ରଖନ୍ତୁ ଏହା ହିଁ ସୁସ୍ଥ ହୃତପିଣ୍ଡର ସଞ୍ଜିବନୀ ।

ପ୍ରଫେସର, ହୃଦ୍‌ରୋଗ ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ

ଜପ ରାମଙ୍କ ନାମ

ଶ୍ୟାମ ସୁନ୍ଦର ସାମଲ

ନିଜ ଜୀବନ କାଳ ମଧ୍ୟରେ ବହୁ ସାଧକ, ଭକ୍ତ, ଜ୍ଞାନୀ ଓ ହରିବିମୁଖ ପାମର ଜୀବଙ୍କୁ ଅଧ୍ୟାତ୍ମ ମାର୍ଗ ଦେଖାଇ ଏବଂ ଜଗତରେ ପ୍ରଭୁଭକ୍ତିର ବିଜୟ ଧ୍ୱଜା ଉଡାଇ ଗୋସ୍ୱାମୀ ତୁଳସୀ ଦାସ କାଶୀର ଅସୀ ଘାଟରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ମହାପ୍ରୟାଣର ଅଳ୍ପ ଦିନ ପୂର୍ବରୁ ତାଙ୍କର ଭକ୍ତ ଓ ଅନୁଗାମୀମାନେ ଶେଷ ଉପଦେଶ ରୂପେ କିଛି କହିବାକୁ ଅନୁରୋଧ କରିଥିଲେ । ଏହାର ଉତ୍ତରରେ ଗୋସ୍ୱାମୀ କହିଲେ – 'ଜୀବର ଆୟୁଷ ଖୁବ କମ୍ । ତା'ଭିତରେ ବି ଅନେକ ଜଞ୍ଜାଳରେ ଧନ୍ଦି ହେଉଥିବାରୁ ତାଙ୍କୁ ଫୁରୁସତ୍ ମିଳୁନାହିଁ ।

ତା' ଛଡ଼ା ଶାସ୍ତ୍ର, ପୁରାଣ, ବେଦ ଇତ୍ୟାଦିର ମଧ୍ୟ ଅନ୍ତ ନାହିଁ । ନାନା ସ୍ଥାନରେ ନାନା ପ୍ରକାର ଉପଦେଶ । କେଉଁଟା ଠିକ୍ ଓ କେଉଁଟା ଭୁଲ ନିର୍ଣ୍ଣୟ କରିବାକୁ ବୁଦ୍ଧି ପାଉନାହିଁ । କାବ୍ୟ, କଳା-କୌଶଳ, ଛନ୍ଦ, ପ୍ରବନ୍ଧ ଇତ୍ୟାଦିର ହିସାବ ନାହିଁ କି ରାଗ ରାଗିଣୀର ସୀମା ନାହିଁ । କ୍ଷୁଦ୍ର ଜୀବନକାଳ ଭିତରେ ସେ କ'ଣ କ'ଣ କରିବ ? କିନ୍ତୁ ଯିବାବେଳେ ତୁଳସୀ ଦାସ ସବୁ ଉପଦେଶର ସାର ରୂପେ ଏତିକି କହିଯାଉଛି ଯେ ଯିଏ ନିଜର ଜୀବନକୁ ପବିତ୍ର କରିବାକୁ ଚାହୁଁଛି, ସେ କେବଳ ରାମ ନାମ ହିଁ ଜପ କରୁ ।'

'ଆପଦାମପହର୍ତ୍ତାରଂ ଦାତାରଂ ସର୍ବସମ୍ପଦାମ୍ । ଲୋକାଭିରାମଂ ଶ୍ରୀରାମଂ ଭୂୟୋ ଭୂୟୋ ନମାମ୍ୟହମ୍ ।' ଅର୍ଥାତ୍ ଯେ ବିପତ୍ତି ହରଣ କରନ୍ତି ଏବଂ ସକଳ ସମ୍ପଦ ପ୍ରଦାନ କରନ୍ତି, ସେହି ଲୋକାଭିରାମ ଭଗବାନ ରାମଙ୍କୁ ମୁଁ ବାରମ୍ବାର ନମସ୍କାର କରୁଛି । ରାମ ନବମୀରେ ଏବଂ ନିତ୍ୟ ପୂଜା ସମୟରେ ମଧ୍ୟ ପାଠକମାନେ ଏହାକୁ ପାଠ କରି ଏହାର ଫଳପ୍ରାପ୍ତି କରିପାରିବେ । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଆମ ସମସ୍ତଙ୍କୁ କୃପା ଆଶୀର୍ବାଦ ପ୍ରଦାନ କରିବା ସହ ଆଦର୍ଶ ମାନବ, ଆଦର୍ଶ ଗୃହସ୍ଥ ଧର୍ମର ଯେଉଁ ମହାନ ଜୀବନବାଣୀ ଶିଖାଇଛନ୍ତି ତାହା ସମସ୍ତଙ୍କ ଜୀବନରେ ଆଦର୍ଶ ହେଉ ।

ବିଡ଼ାନାସୀ ବନ୍ଧଛକ, କଟକ,
ମୋ- ୯୭୭୮୬୩୫୯୨୬

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସୁଧୁରିଯାଅ...

ମୁଖ୍ୟ ଉନ୍ନୟନ ଅଫିସର (ସିଡ଼ିଓ) ଓ ବ୍ଲକସ୍ତରରେ ବିଡ଼ିଓଙ୍କ ଗୁରୁଦାୟିତ୍ୱ ରହିଛି । ଆପଣମାନେ କ୍ଷେତ୍ରସ୍ତରରେ ଲୋକଙ୍କ ସହ ସିଧାସଳଖ ମିଶନ୍ତି । ତେଣୁ ମୁଖ୍ୟ କଥା ହେଉଛି ସରକାରଙ୍କ ସବୁସ୍ତରରେ ଲୋକଙ୍କ ପାଖରେ ପହଞ୍ଚନ୍ତୁ । କୌଣସି ପରିସ୍ଥିତିରେ ଲୋକମାନେ ଦୟାର ପାତ୍ର ବୋଲି ଭାବିବେ ନାହିଁ । ସରକାର ଓ ଲୋକଙ୍କ ଭିତରେ ଆପଣ ହେଉଛନ୍ତି ସେତୁ । ମୁଖ୍ୟ ସେବକ ବୋଲି ଭାବେ । ଆପଣମାନେ ନିଯୁକ୍ତି ପାଇଛନ୍ତି ସେବା କରିବା ପାଇଁ ତେଣୁ ସେବା ମନୋଭାବ ଆପଣଙ୍କ ଦାୟିତ୍ୱ । ଦାୟିତ୍ୱରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ । ଦୁର୍ନୀତ କେବଳ ଅବହେଳାକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବନାହିଁ । ପଞ୍ଚାୟତ ଓ ପାନୀୟଜଳ ବ୍ୟବସ୍ଥା ମୁଖ୍ୟତଃ ଦାରିଦ୍ର ଦୂରିକରଣ ଯୋଗ୍ୟତାକୁ ତ୍ୱରାନିତ କରି ଗରିବ ଆର୍ଥିକ ଲୋକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଛି । ଗ୍ରାମାଞ୍ଚଳ ଜନସାଧାରଣଙ୍କ ଲୋକଙ୍କ ବିକାଶରେ ସରକାର ଅନେକ ଲୋକାଭିମୁଖୀ ଯୋଜନା କରିଛନ୍ତି । ଭିଜନ-୨୦୩୬ ଓ ୨୦୪୭ ଭଳି ଅନେକ ଯୋଜନା ଜନହିତରେ କାର୍ଯ୍ୟ କରୁଛି ଓ କରିବାକୁ ଯାଉଛି । ଏହାର ସଫଳ ରୂପାୟନ ଓ ଗୁରୁଦାୟିତ୍ୱ ଆପଣଙ୍କ । ଅନ୍ୟୁନ୍ୟ ବର୍ଷକୁ ୧୦୦ ଦିନର କର୍ମ ନିଯୁକ୍ତି ଯୋଗାଇବା ସହ ଏସବୁ କାର୍ଯ୍ୟ ମେସିନ ବଦଳରେ ଅଧିକ ଉପଯୋଗ କରିବା ଆବଶ୍ୟକ । ଏହା ଦ୍ୱାରା ଲୋକମାନେ ରୋଜଗାର କରିବା ସହ ଦାଦନ ସମସ୍ୟା ଦୂର ହେବ । ପ୍ରକଳ୍ପ ଗୁଡିକ ପୂର୍ଣ୍ଣାଙ୍ଗ କରିବା ପାଇଁ ବିଭିନ୍ନ ବିଭାଗ ସହ ସମନ୍ୱୟ କାର୍ଯ୍ୟ କରନ୍ତୁ ।

ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେ ଯେ ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ଚିନ୍ତାଧାରାର ଗାଁର ବିକାଶ ନହେଲେ ଦେଶର ବିକାଶ ହେବନି । ନୂଆ ସରକାରଙ୍କ ଆଭିମୁଖ୍ୟ ଓ ଦାୟିତ୍ୱବୋଧକୁ ଆପଣମାନେ ପ୍ରାଥମିକତା ଦେଇଛନ୍ତି । ସରକାରଙ୍କ ଯୋଜନା ସଠିକ ଭାବେ ଲୋକଙ୍କ ପାଖରେ ପହଞ୍ଚିଲେ ସଠିକ ମୂଲ୍ୟାଙ୍କନ ହୋଇପାରିବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ମନୋଜ ଆହୁଜା ଯୋଗଦେଇଥିଲା ବେଳେ ପଞ୍ଚାୟତରାଜ ଶାସନ ସଚିବ ଗିରିସ ଏସ୍ଏନ୍ ସ୍ୱାଗତ ଭାଷଣ ଦେଇଥିଲେ । ପାନୀୟ ଜଳ ବିନୀତ ଭରଦ୍ୱାଜ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ୨ ଦିନିଆ କର୍ମଶାଳାରେ ୩୦ ଜିଲ୍ଲାର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ଭାହୀ ଅଧିକାରୀ ଓ ୩୧୪ ବ୍ଲକ୍ର ଭିଡ଼ିଓମାନେ ଯୋଗଦେଇଥିଲେ ।

ବିମାନବନ୍ଦରରେ...

ବିମାନବନ୍ଦରରେ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ସୁରକ୍ଷା ଅପରେସନ ପାଇଁ ଦାୟୀ ରହୁଥିଲା । ବିଭିନ୍ନ ବିମାନବନ୍ଦରଗୁଡ଼ିକ ଏବେ ସମ୍ବେଦନଶୀଳ ଥିବାରୁ ଏହି ନିଷ୍ପତ୍ତି ସରକାରଙ୍କ ପକ୍ଷରୁ ନିଆଯାଇଛି ।

କେବଳ ତୁର୍କୀ ନୁହେଁ ଆଜାରବୈଜାନ ମଧ୍ୟ ପାକ୍କୁ ସମର୍ଥନ କରିଥିଲା । ଏମାନେ ଭାରତର ସେନା ଆକ୍ରମଣକୁ ନିନ୍ଦା କରିଥିଲେ । ମେ ୭ ତାରିଖରେ ପହଲଗାମ୍ ଆତଙ୍କୀ ଆକ୍ରମଣର ପ୍ରତିବାଦରେ ଅପରେସନ ସିନ୍ଦୂର ଆରମ୍ଭ ହୋଇଥିଲା । ତୁର୍କୀ ପାକିସ୍ତାନକୁ ସମର୍ଥନ କରି ଡ୍ରୋନ୍ ଯୋଗାଇ ଥିଲା । ତେବେ ଭାରତୀୟ ସେନା ତୁର୍କୀର ଡ୍ରୋନ୍ଗୁଡ଼ିକୁ ଅକାମୀ କରିଦେଇଥିଲା । ଏବେ ଭାରତରେ ତୁର୍କୀ ସାମଗ୍ରୀର ବୟକଟ୍ ସହ ସେମାନଙ୍କ ଯାଉଥିବା ପର୍ଯ୍ୟଟକମାନେ ତାଙ୍କ ଟ୍ରିପ୍ ବାତିଲ କରୁଛନ୍ତି ।

ମଧ୍ୟସ୍ଥତା...

ସୂଚନାଯୋଗ୍ୟ ଭାରତ ପହଲଗାମ ଆକ୍ରମଣ ପରେ ଅପରେସନ୍ ସିନ୍ଦୂର ପରି ପାକ୍ ଅଧିକୃତ କାଶ୍ମିର ଓ ପାକିସ୍ତାନରେ ଥିବା ୯ ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରିଥିଲା। ପାକିସ୍ତାନ ପକ୍ଷରୁ ମଧ୍ୟ ଭାରତର ସାମରିକ ପ୍ରତିଷ୍ଠାନ ଉପରେ ମଧ୍ୟ ଆକ୍ରମଣ ପାଇଁ ମଧ୍ୟ ଯୋଜନା କରାଯାଇଥିଲା। ତେବେ ସେ ୧୦ ତାରିଖରେ ଉଭୟ ଦେଶର ଡିଜିଏମ୍ଓ ସ୍ତରରେ କଥାବାର୍ତ୍ତା ହେବା ପରେ ଅସ୍ତ୍ରବିରତି ହୋଇଥିଲା। ତେବେ ଅସ୍ତ୍ରବିରତିର କିଛି ସମୟ ପୂର୍ବରୁ ଟ୍ରମ୍ପ ଟୁଇଟ୍ କରି ତାଙ୍କ ମଧ୍ୟସ୍ଥତାରେ ଆଲୋଚନା ପରେ ଏଭଳି ହୋଇଥିବା କହିଥିଲେ। ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା।

ସୁପ୍ରିମ୍କୋର୍ଟଙ୍କୁ...

କ'ଣ ବାଧ୍ୟତାମୂଳକ କି ପଚାରିଛନ୍ତି । ସମ୍ବିଧାନର ଧାରା ଅନୁଯାୟୀ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ଆଇନ ହେବା ପୂର୍ବରୁ ନ୍ୟାୟିକ ସମୀକ୍ଷାର ଅଧୀନକୁ ଆସେ କି ? ସମ୍ବିଧାନର ଧାରା ୧୪୨ ଅନୁଯାୟୀ କ'ଣ ସାମ୍ବିଧାନିକ କ୍ଷମତାର ପ୍ରୟୋଗ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଦ୍ୱାରା ଆଦେଶକୁ କ'ଣ ବଦଳାଯାଇ ପାରିବ କି ବୋଲି ପ୍ରଶ୍ନ କରିବା ସହ ରାଜ୍ୟପାଳଙ୍କ ବିନା ଅନୁମୋଦନରେ ବିଧାନସଭା ଦ୍ୱାରା ଗୃହୀତ ଆଇନ ପ୍ରଭାବଶାଳୀ ବୋଲି ବିବେଚନା କରାଯିବ କି ? ଧାରା ୧୪୫ (୩) ସାମ୍ବିଧାନିକ ପ୍ରଶ୍ନର ବିଚାର ଲାଗି ସୁପ୍ରିମକୋର୍ଟର ସର୍ବନିମ୍ନ ୫ ଜଣିଆ ଖଣ୍ଡପୀଠ ଆବଶ୍ୟକ କି ବୋଲି ପଚାରିବା ସହ ସୁପ୍ରିମକୋର୍ଟର କ୍ଷମତା କେବଳ ପ୍ରକ୍ରିୟା ଯାଏ ସୀମିତ ନା ବିପରିତ ଆଦେଶ ମଧ୍ୟ କରାଯାଇ ପାରିବ କି ବୋଲି ପ୍ରଶ୍ନ କରିଛନ୍ତି । ସମ୍ବିଧାନର ଧାରା ୧୩୧ ଅନୁଯାୟୀ ଦାୟର ହୋଇଥିବା ମାମଲା ବ୍ୟତୀତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ସମାଧାନ ପାଇଁ ସୁପ୍ରିମକୋର୍ଟର ଅନ୍ୟ କୌଣସି କ୍ଷମତା ଅଛି କି ନାହିଁ ବୋଲି ପଚାରିଛନ୍ତି ।

ପିଲା...

ଏଥିସହିତ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ବିଭିନ୍ନ ନିଯୁକ୍ତି ସୁଯୋଗ ମଧ୍ୟ ପାଇପାରିବେ ।

ଉଚ୍ଚଶିକ୍ଷା ବିଭାଗ ଓ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ମଧ୍ୟରେ ଆଜି(ଗୁରୁବାର) ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ(ଏମଓୟୁ) ହୋଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ଏହା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ୨ ପ୍ରକାର କୋର୍ସ ପ୍ରଦାନ କରାଯିବ । ଯାହାକି ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ କରିବା ସହିତ ବିତ୍ତୀୟ ସାକ୍ଷାରତାକୁ ମଧ୍ୟ ବୃଦ୍ଧି କରିବ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ଅର୍ଥ କ୍ଷେତ୍ରରେ ବିଭିନ୍ନ ନିଯୁକ୍ତି ସୁଯୋଗ ମଧ୍ୟ ପାଇପାରିବେ । କଳା, ବିଜ୍ଞାନ, ବାଣିଜ୍ୟ ଓ ବିଭିନ୍ନ ସ୍ନାତକ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଏହି କୋର୍ସ କରିପାରିବେ । କେବଳ କନଭେନ୍ସନାଲ୍ କ୍ୟାରିୟର ମଧ୍ୟରେ ସୀମିତ ନରହି ଏହା ଛାତ୍ରଛାତ୍ରୀମାନଙ୍କ ପାଇଁ ନୂତନ କ୍ୟାରିୟର ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରିବ ।

ବିଗତ ଦିନରେ ଉଚ୍ଚଶିକ୍ଷା ବିଭାଗ ସହ ବିଓପିଟି (ବୋର୍ଡ ଅଫ ପ୍ରାକ୍ଟିକାଲ ଟ୍ରେନିଙ୍ଗ) ଏବଂ ବିଏଫଏସଆଇ ସେକ୍ଟର ସ୍କିଲ କାଉନସିଲର ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ଯାହା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଅନେକ ଇଣ୍ଟରନସିପ୍ ଓ ନିଯୁକ୍ତି ସୁଯୋଗ ପାଇଛନ୍ତି । ଆଜି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ସହିତ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର ମଧ୍ୟ ଆଗାମୀ ଦିନରେ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅନେକ ସୁଯୋଗ ପ୍ରଦାନ କରିବ । ଏଥିସହ ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ଛାତ୍ରଛାତ୍ରୀଙ୍କ ବୈଷୟିକ ଦକ୍ଷତା ବିକାଶକୁ ସୁନିଶ୍ଚିତ କରିବ । ରାଜ୍ୟର ଶିକ୍ଷାକ୍ଷେତ୍ରର ସାମଗ୍ରିକ ବିକାଶ ହୋଇପାରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ପ୍ରକାଶ କରିଛନ୍ତ ।

ଏହି ଏମଓୟୁ ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜଙ୍କ ସମେତ ବିଭାଗୀୟ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆର ଅଧିକାରୀ, ବିଭିନ୍ନ ବିଶ୍ୱ ବିଦ୍ୟାଳୟର କୁଳପତିମାନଙ୍କର ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସମୟରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଛାତ୍ରଛାତ୍ରୀମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

୩୬ଂରେ...

ଗୁରୁବାର ଦକ୍ଷିଣ-ପୂର୍ବ ଆରବସାଗର ମାଳଦୀପ ଓ କୋମରିନ୍ ଅଞ୍ଚଳ, ଦକ୍ଷିଣ ବଙ୍ଗୋପସାଗର ସହିତ ଆଣ୍ଡାମାନ ନିକୋବର ଦୀପପୁଞ୍ଜ ଏବଂ ଆଣ୍ଡାମାନ ସାଗରର ଆହୁରି ଅନେକ ଅଞ୍ଚଳକୁ ଅଗ୍ରସର ହୋଇଛି ମୌସୁମୀ ବାୟୁ । ପାଗ ଅନୁକୂଳ ଥିବାରୁ ଆକଳନ ସମୟ ପୂର୍ବରୁ କେରଳ ଛୁଇଁପାରେ ମୌସୁମୀ ।

ରାଜ୍ୟରେ ପଶ୍ଚିମଓଡ଼ିଶାରେ ତାପମାତ୍ରା ଉପରମୁହାଁ ରହିଛି । ଆଜି ବୌଦ୍ଧରେ ସର୍ବାଧିକ ତାପମାତ୍ରା ୪୨.୮° ଥିବାବେଳେ ଝାରସୁଗୁଡ଼ାରେ ୪୨.୨°, ସମ୍ବଲପୁରରେ ୪୨°, ହୀରାକୁଦରେ ୪୧.୬°, ଟିଟିଲାଗଡ଼ରେ ୪୧.୫°, ବଲାଙ୍ଗୀରରେ ୪୧.୧°, ସୁନ୍ଦରଗଡ଼ରେ ୪୧°, ସୋନପୁରରେ ୪୦.୫°, ବରଗଡ଼ରେ ୪୦.୨°, ରାଉରକେଲାରେ ୪୦.୫°, ଖୋର୍ଦ୍ଧାରେ ୩୯.୫° ଓ ଭୁବନେଶ୍ୱରରେ ୩୯.୨° ତାପମାତ୍ରା ରେକର୍ଡ଼ କରାଯାଇଛି ।

ଆସନ୍ତାକାଲିଠାରୁ ୧୯ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ସମ୍ଭାବନା ରହିଛି । ତେବେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଆଦି ଜିଲ୍ଲାରେ ୧୮ ତାରିଖ ପର୍ଯ୍ୟନ୍ତ ଗରମ ଓ ଆର୍ଦ୍ରତା ବୃଦ୍ଧି ପାଇବ । ଫଳରେ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେବ । ବାକି ଜିଲ୍ଲାଗୁଡ଼ିକରେ ଝଡ଼ ତୋଫାନ ସହ ଘଡ଼ଘଡ଼ି ମାରିବା ସମ୍ଭାବନା ରହିଛି । ଉତ୍ତର ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ସର୍ବୋଚ୍ଚ ତାପମାତ୍ରା ୪ରୁ ୫° ସେଲ୍ସିୟସ ହ୍ରାସ ପାଇଛି । ଏହା ସହ ଦକ୍ଷିଣ ଆଭ୍ୟନ୍ତରୀଣର ଅନେକ ସ୍ଥାନ, ଉତ୍ତର ଆଭ୍ୟନ୍ତରୀଣର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ୨ରୁ ୩° ସେଲ୍ସିୟସ ତାପମାତ୍ରା କମିଛି । ଦକ୍ଷିଣ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସର୍ବାଧିକ ତାପମାତ୍ରା ପ୍ରାୟ ୨ରୁ ୩ ଡିଗ୍ରୀ ଅଧିକ ଥିଲାବେଳେ ଉତ୍ତର ଉପକୂଳରେ ଗୋଟିଏ କିମ୍ବା ଦୁଇଟି ସ୍ଥାନ, ଆଭ୍ୟନ୍ତର ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୪-୫° ତାପମାତ୍ରା କମ୍ ରହିଥିଲା ।

ମା' କଥା...

ପାଇଁ ସୁରକ୍ଷାବଳ ମଧ୍ୟ ପ୍ରଥମ ପ୍ରସ୍ତାବ ରଖୁଥିଲେ। ମାତ୍ର ଅମିର କହିଥିଲେ ଯେ, ସୁରକ୍ଷାବଳ ଆସିଲେ ଦେଖିବା। ଏହି ଶେଷ କଥା ସେ ମା' ସହିତ ହୋଇଥିଲା। ତା' ମା'ଙ୍କ ବ୍ୟତୀତ ଅନ୍ୟତମ ଆତଙ୍କୀ ଅଶିଫର ଭଉଣୀ ସହ ମଧ୍ୟ କଥା ହୋଇଥିଲା। ଅଶିଫର ଭଉଣୀ ତା ଭାଇ ସମ୍ପର୍କରେ ଜାଣିବାକୁ ଚାହିଁଥିଲା। ଅଶିଫ ହେଉଛି ସେହି ଆତଙ୍କୀବାଦୀ ଯେ କି ଟ୍ରାଲ ଅଞ୍ଚଳରେ ସୁରକ୍ଷାବଳଙ୍କ ଉପରେ ବିସ୍ଫୋରଣ କରିଥିଲା । ସୁରକ୍ଷାକର୍ମୀମାନେ ଏମାନେ ଲୁଚିଥିବାର ଖବର ପାଇ ଅପରେସନ୍ ଆରମ୍ଭ କରିଥିଲେ । ମାତ୍ର ଆତଙ୍କୀମାନେ ସୁରକ୍ଷାକର୍ମୀଙ୍କ ଉପରେ ଗୁଳି ଚାଳନା କରିଥିଲେ । ଏହି ଗୁଳି ଚାଳନାରେ ୩ ଆତଙ୍କୀ ନିହତ ହୋଇଛନ୍ତି । ଏମାନଙ୍କୁ ଚିହ୍ନଟ କରାଯାଇଛି । ଜଣଙ୍କ ନାମ ଅସିଫ୍ ଅହମ୍ମଦ ସେକ୍, ଅମିର ନାଜିର ୱାନୀ ଓ ୱାଇ ଅହମ୍ମଦ ଭଟ୍ଟ । ସମସ୍ତେ ଜମ୍ମୁ-କାଶ୍ମୀରର ପୁଲୱାମା ଜିଲ୍ଲାର ବାସିନ୍ଦା । ଆତଙ୍କୀଙ୍କ ମୃତ୍ୟୁ ସ୍ଥଳରୁ ୩ ଏକେ-୪୭ ରାଇଫଲ ସହ ଅନେକ ଗୁଳିଗୁଳା ଜବତ ହୋଇଛି । ୪୮ ଘଣ୍ଟା ମଧ୍ୟରେ ଜମ୍ମୁ-କାଶ୍ମୀରରେ ଏହା ଦ୍ୱିତୀୟ ଏନ୍କାଉଣ୍ଟର । ମୃତ ୩ ଆତଙ୍କୀ ଲସ୍କର-ଇ-ତୋଇବାର ସମର୍ଥକ ବୋଲି ଜଣାପଡିଛି ।

ଜିଲ୍ଲାର ବିଭିନ୍ନ ସ୍କୁଲରେ ବହୁ ଶିକ୍ଷକ ପଦବୀ ଖାଲି : ଗ୍ରୀଷ୍ମାବକାଶ ପୂର୍ବରୁ ପୂରଣ ପାଇଁ ଦାବି

କେନ୍ଦୁଝର, (ସବ୍ୟୁ) : ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଇତି ମଧ୍ୟରେ ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇଛି । ସାଧାରଣତଃ ମାଟ୍ରିକ ପରୀକ୍ଷା ଫଳ ଛାତ୍ରଛାତ୍ରୀଙ୍କ ପାଇଁ ଗୁରୁତ୍ୱ ବହନ କରୁଥିବାବେଳେ ସରକାରୀ ଶିକ୍ଷାବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଥାନ୍ତି । ଓଡିଶାରେ ନୂତନ ଜାତୀୟ ଶିକ୍ଷା ନିତି-୨୦୨୦ ଲାଗୁ କରାଯାଉଥିବାବେଳେ ମାଧ୍ୟମିକ ଶିକ୍ଷାକୁ ଉନ୍ନତ କରିବା ପାଇଁ ଖାଲିଥିବା ଶିକ୍ଷକ-ଶିକ୍ଷୟତ୍ରୀ ପୂରଣ କରିବା ଆବଶ୍ୟକୀୟ ହୋଇପଡିଛି । ଇତିମଧ୍ୟରେ ୨୦୨୪-୨୫ ଶିକ୍ଷାବର୍ଷ ସରି ୨୦୨୫-୨୬ଶିକ୍ଷାବର୍ଷ ଆରମ୍ଭ ହୋଇଛି ଏବେ ଗ୍ରୀଷ୍ମପ୍ରବାହକୁ ଲକ୍ଷ୍ୟ ରଖି ବିଦ୍ୟାଳୟଗୁଡିକ ଛୁଟି କରାଯାଇଥିବାବେଳେ ଆସନ୍ତା ଜୁନ ମାସଠାରୁ ନୂତନ ଶିକ୍ଷାବର୍ଷର ଶିକ୍ଷାଦାନ ନିୟମିତ ହେବ । ମିଳିଥିବା ସରକାରୀ ସୂଚନା ଅନୁଯାୟୀ କେନ୍ଦୁଝର ଜିଲ୍ଲାରେ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ମୋଟ ୩ହଜାର ୧୭୬ଟି ବିଦ୍ୟାଳୟ ରହିଛି । ସେଥିମଧ୍ୟରୁ ୧ହଜାର ୫୭୮ଟି ପ୍ରାଥମିକ ବିଦ୍ୟାଳୟ,୮୨୬ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ,୧୭୩ଟି ଉଚ୍ଚ ପ୍ରାଥମିକ,୧୨୭ଟି ପ୍ରାଥମିକ,ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ,୨୪୬ଟି ଉଚ୍ଚ ପ୍ରାଥମିକ ସହ ମାଧ୍ୟମିକ ବିଦ୍ୟାଳୟ,୨୨ଟି ଉଚ୍ଚ ପ୍ରାଥମିକ ଓ ହାୟର ସେକେଣ୍ଡାରୀ,୧୫ଟୀ ତିନିପ୍ରକାର ସ୍କୁଲ ଯେପରିକି,ପ୍ରାଇମେରୀ,ଅପର ପ୍ରାଇମେରୀ ଓ ହାୟର ସେକେଣ୍ଡାରୀ,୩ଟି ସେକେଣ୍ଡାରୀ ଓ ହାୟର ସେକେଣ୍ଡାରୀ ସ୍କୁଲଏପରି ୧୦ପ୍ରକାରର ସ୍କୁଲ ରହିଛି । ସୂଚନା ଅନୁଯାୟୀ ଜିଲ୍ଲାର ବିଭିନ୍ନ ସରକାରୀ,ଅନୁଦାନପ୍ରାପ୍ତ ଓ ବ୍ଲକଗ୍ରାଣ୍ଟ ବିଦ୍ୟାଳୟଗୁଡିକରେ ୬୯୧ରୁ ଅଧିକ ଶିକ୍ଷକ ପଦବୀ ଖାଲି ରହିବା କେନ୍ଦୁଝର ଜିଲ୍ଲା ଶିକ୍ଷା ବ୍ୟବସ୍ଥାର ଅଧୋଗତିକୁ ଉନ୍ମୋଚନ କରୁଛି । ନୂତନ ଶିକ୍ଷାବର୍ଷ ପୂର୍ବରୁ ବିଭିନ୍ନ ବିଦ୍ୟାଳୟରେ ଖାଲି ପଡିଥିବା ଶିକ୍ଷକ ପଦବୀଗୁଡିକୁ ପୂରଣ କରିବା ପାଇଁ ଅଭିଭାବକ ମହଲରେ ଦାବି କରାଯାଉଛି । ମିଳିଥିବା ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲାରେ ଥିବା ବିଭିନ୍ନ ସରକାରୀ ବିଦ୍ୟାଳୟରେ ୨୦୮ଟି ଶିକ୍ଷକ ପଦବୀ ଖାଲି ପଡିଛି । ଉକ୍ତ ଖାଲି ପଦବୀଗୁଡିକ ମଧ୍ୟରୁ ୬୮ଟି ପ୍ରଧାନଶିକ୍ଷକ,୪ଟି ପିସିଏମ୍,୩ଟି ସିବିଜେଡ,୧୦ଟି ସଂସ୍କୃତ,୫୬ଟି ହିନ୍ଦୀ,୩୧ଟି ଖେଳ,୩୬ ଟିଆଇ/ଟିଏମ୍ ଶିକ୍ଷକ ପଦବୀ ଖାଲି ରହିଥିବା ଜଣାପଡିଛି । ଜିଲ୍ଲାରେ ଥିବା ବିଭିନ୍ନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକରେ ୨୦୦ଟି ଶିକ୍ଷକ ପଦବୀ ଖାଲି ରହିଛି । ଏହି ପଦବୀଗୁଡିକ ମଧ୍ୟରୁ ୩୯ଟି ପ୍ରଧାନଶିକ୍ଷକ,୬୦ଟି କଳା ଶିକ୍ଷକ,୨୨ଟି ପିସିଏମ୍,୧୩ଟି ସିବିଜେଡ,୨୫ଟି ସଂସ୍କୃତ,୧୮ଟି ହିନ୍ଦୀ,୨୩ଟି ଖେଳ ଶିକ୍ଷକ ପଦବୀ ଖାଲି ଥିବା ସୂଚନାପ୍ରାପ୍ତ ହୋଇଛି ।ଏତଦ୍ବ୍ୟତୀତ କେନ୍ଦୁଝର ଜିଲ୍ଲାରେ ଥିବା ବିଭିନ୍ନ ବ୍ଲକଗ୍ରାଣ୍ଟ ବିଦ୍ୟାଳୟରେ ୨୮୩ଟି ଶିକ୍ଷକ ପଦବୀ ଖାଲି ପଡିଥିବା ସୂଚନା ମିଳିଛି । ଏହି ଖାଲି ପଡିଥିବା ଶିକ୍ଷକ ପଦବୀ ମଧ୍ୟରୁ ୨୪ଟି ପ୍ରଧାନଶିକ୍ଷକ,୧୦୮ଟି କଳା,୪୫ଟି ପିସିଏମ୍,୪୨ଟି ସିବିଜେଡ,୧୫ଟି ସଂସ୍କୃତ,୨୧ଟି ହିନ୍ଦୀ ଓ ୨୮ଟି ଖେଳ ଶିକ୍ଷକ ପଦବୀ ଖାଲି ପଡିଥିବା ସୂଚନାପ୍ରାପ୍ତ ହୋଇଛି । ଖାଲି ପଡିଥିବା ମୋଟ ୬୯୧ଟି ଶିକ୍ଷକ ପଦବୀ ମଧ୍ୟରୁ ୧୩୧ଟି ପ୍ରଧାନଶିକ୍ଷକ ପଦବୀ ରହିଛି । ଏହାବାଦ୍ ୧୬୮ଟି କଳା ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ମୋଟ ୬୧ଟି ପିସିଏମ୍, ୫୮ଟି ସିବିଜେଡ, ୫୦ଟି ସଂସ୍କୃତ, ୯୫ଟି ହିନ୍ଦୀ ଏବଂ ୮୨ଟି ଖେଳ ଶିକ୍ଷକ ପଦବୀ ଖାଲି ପଡିବା ହେତୁ ଶିକ୍ଷା ଗ୍ରହଣ କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଭାବକମାନେ ଅଭିଯୋଗ କରୁଛନ୍ତି । ଶିକ୍ଷା ବିଭାଗ ଏଥିପ୍ରତି ଧ୍ୟାନ ଦେଇ ଆସନ୍ତା ଶିକ୍ଷାବର୍ଷ ପୂର୍ବରୁ ଖାଲି ପଡିଥିବା ଶିକ୍ଷକ ପଦବୀଗୁଡିକ ପୂରଣ କରିବା ପାଇଁ ବିହୀତ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବି ଜଣାଇଛନ୍ତି ।

ସିବିଏସଇ ପରୀକ୍ଷା ଓଡ଼ିଶା ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଆଗରପଡ଼ା,(ସବ୍ୟୁ):ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ବନ୍ତ ବ୍ଲକ ଅନ୍ତର୍ଗତ ପଳାସଗଡ଼ିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ର କାବ୍ୟରଂଜନ ମାଝୀ ୪୯୭ ନମ୍ବର ଅର୍ଥାତ ୯୯.୪ପ୍ରତିଶତ ନମ୍ବର ରଖି ଓଡ଼ିଶା ଟପ୍ପର ହୋଇଛନ୍ତି। ସ୍ଥାନୀୟ ବିଧାୟକ ସଂଜୀବ ମଲ୍ଲିକ ତାଙ୍କ ଶତାଧିକ କର୍ମୀଙ୍କ ସହ କାବ୍ୟରଂଜନଙ୍କ ବେଲଗଡ଼ିଆ ବାସଭବନକୁ ଯାଇ ସମ୍ବର୍ଦ୍ଧିତ କରି ତାଙ୍କର ଭବିଷ୍ୟତ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

କ୍ୟୁରେସିଙ୍କୁ...

ପଦପଦବୀରେ ଥିବା ବ୍ୟକ୍ତିବିଶେଷ ଏଭଳି ବୟାନଠୁ ଦୂରେଇ ରହିବା ବୋଲି କହିଛନ୍ତି । ଜଷ୍ଟିସ୍ ଗଭାଇ ଅସନ୍ତୋଷ ପ୍ରକାଶ କରି ଶାହାଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ ଆପଣ କେଉଁ ପ୍ରକାର ମନ୍ତବ୍ୟ ଦେଉଛନ୍ତି । ଆପଣ କିଛି ମାତ୍ରାରେ ସମ୍ବେଦନଶୀଳତା ଦେଖାଇବା ଉଚିତ୍ । ହାଇକୋର୍ଟ ଯାଇ କ୍ଷମା ମାଗନ୍ତୁ । ଗୋଟିଏ ଦିନରେ ଆପଣଙ୍କ ସହ କିଛି ହେବନି । ସୁପ୍ରିମ୍କୋର୍ଟରେ ଗିରଫଦାରିରୁ ବର୍ତ୍ତିବା ପାଇଁ ଆଗୁଆ ଜାମିନ ଆବେଦନ ଯାହା ହୋଇଥିଲା ତାହାକୁ ଖାରଜ କରାଯାଇଛି । ଶୁକ୍ରବାର ଏହା ଉପରେ ଶୁଣାଣି କରାଯିବ । ସୂଚାନଯୋଗ୍ୟ ଶ୍ରୀ ଶାହା ଏକ କାର୍ଯ୍ୟକ୍ରମରେ କହିଥିଲେ ଯେ ଆତଙ୍କବାଦୀମାନେ ଆମ ଭଉଣୀ ଓ ଝିଅମାନଙ୍କ ସିନ୍ଦୂର ପୋଛି ଦେଇଥିଲେ । ଏହାର ବଦଳା ନେବାପାଇଁ ଆମେ ସେମାନଙ୍କ ଜଣେ ଆତଙ୍କବାଦୀଙ୍କୁ ପଠାଇଲୁ । ଏହି ବୟାନକୁ ନେଇ ବିବାଦ ବଢ଼ିଥିଲା ।

PARADIP PORT AUTHORITY
HARBOUR WORKS DIVISION No.I
e-TENDER CALL NOTICE

e-TCN No.CE/HWDI/ACCTS-22/21/157, dtd.12.05.2025.
Name of the work: Restoration work to the damaged portion of North and South Breakwater. Put to tender value: Rs.4,73,13,031.60 plus GST as applicable. Last date & time of submission of tender through online bidding is 02.06.2025 up to 17:15 Hrs. For details, please log on to the Website: https://eprocure.gov.in/eprocure/app.

Sd/- Executive Engineer,
Harbour Works Division No.I,
Paradip Port Authority

PPA/PR/10/2025-2026 dtd.14.05.2025

OFFICE OF THE EXECUTIVE ENGINEER
RURAL WORKS DIVISION, BARGARH
e-Procurement Notice No. ONLINE-BGH-01 OF 2025-26

Email : rd_bgh@yahoo.co.in
Gmail : rwd.bgh@gmail.com

O-153

1	Name of the Work	:	Building work during 2025-26 in the district of Bargarh
2.	EMD	:	@ 1% of the estimated cost put to tender
3.	Other details	:	As per DTCN

Procurement Officer	Bid Identification No.	Availability of Tender online for bidding		Last Date & Time of Seeking tender clarification	Date & Time of Opening of tender
		From	To		
1	2	3	4	5	6
Executive Engineer, Rural Works Division, Bargarh	ONLINE-BGH-01 OF 2025-26	21.05.2025 at 11.00 A.M.	30.05.2025 upto 5.00 P.M.	30.05.2025 upto 4.00 P.M.	31.05.2025 at 11.00 A.M.

Further details can be seen from the website www.tendersorissa.gov.in

OIPR : 25062/11/0027/2526

Sd/- Executive Engineer
R.W. Division, Bargarh

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BARIPADA
"e" Procurement Notice for Road Work
Identification No.- Online Tender- Road N.C.B. No. 375 for 2024-25.
Letter No. 2171/Date. 14.5.25

By E_Mail/e-Despatch
E_Mail ID: serwcbaripada@gmail. com
Ph-No-06792-261343/261344
Gangraj, Baripada

O-160

1. Name of the work : Post DLP Maintenance of PMGSY Road Works (PR-KNJ-25) in the District of Mayurbhanj for the year 2024-25.
2. Total No. of work : 01 No. (One)
3. Estimated Cost : Rs. 38.72 Lakhs (approximately).
4. Eligible Class of Contractor : As per annexure.
5. Period of Completion : As per annexure.
6. Other details :

Procurement Officer	Bid Identification No.	Availability of tender On-line for bidding		Last date & Time of seeking Tender Clarification	Date & Time of Opening of Tender in O/O C.C.E.R.W. Circle, Baripada	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Baripada	Road On-line N.C.B. No. 375	Dt.26.05.2025 at 11.00 A.M.	Dt.09.06.2025 up to 5.00 P.M.	Dt.06.06.2025 up to 5.00 P.M.	Dt.10.06.2025 at 11.00 A.M.	Will be Intimated later

- Further details can be seen from the website: www.tendersodisha.gov.in.
- Any Corrigendum / Addendum will be displayed in the above e_tender website only.

OIPR : 25130/11/0032/2526

Sd/- Chief Construction Engineer, R.W. Circle, Baripada.

ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି ଗଜପତି
OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI
Ph No. : 7735834480, e-Mail : parala.mply@gmail.com
Notice No. 1468/PKD Dated : 14.5.2025
QUOTATION CALL NOTICE

C-313 : Sealed Quotations are invited from the interested reputed / registered Transport / agency / Suppliers / service providers / private individual / firms for supply of 01 (one) no of commercial vehicle AC petrol/diesel Bolero with seating capacity of 7 including driver to the municipality for Official use. The DTCN with details terms and condition can be obtained from the office of the undersigned on payment of Rs. 2000/- (Rupees Two Thousand) only as quotation paper cost in cash (Non-refundable) from dt. 15.05.2025 to 26.05.2025 within office hour. Bids with all relevant documents shall reach to the office of Paralakhemundi Municipality by speed post / registered post till 26.05.2025 on or before 01 PM, which will be opened on dt. 28.05.2025 at 11 AM in the presence of the bidders or their authorized representatives. The quotations received beyond the scheduled date time as indicated above due to postal delay or for any other reasons shall not be entertained.

Eligibility Criteria :

The Quotationer must produce the following documents for their eligibility as mentioned below :

1. The vehicle shall be in good condition and shall not be older than Two years.
2. The owner of the vehicle should have valid MV documents such as valid Registration Certificate, Insurance Certificate, fitness Certificate and drivers valid Driving license etc.

The authority reserves the right to accept or reject any or all the tenders without assigning any reason thereof.

OIPR : 13145/11/0016/2526

Sd/- Executive Officer
Paralakhemundi Municipality

OFFICE OF THE PANCHAYAT SAMITI : MATHILI
ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମାଥିଲି
(Development Section

i-96

Panchayatraj & DW Department E-mail : ori-mathili@nic.in
No. 1487 / Dev., Dated. : 14.05.2025
CORRIGENDUM

In partial modification to this Office Tender Call Notice No. 02/2025-26 issued vide this Office Letter No. 1279, Dated. 02.05.2025 published in the Notice Board of this Office as well as in the Notice Boards of different Offices of this District and also in the Govt. Website www.malkangiri.gov.in for construction of different works as specified therein. Now, the following matters are hereby corrected.

Before Correction	After Correction
Place and date of opening of Tender Paper	Place and date of opening of Tender Paper
Panchayat Samiti, Mathili on Dt.15.05.2025 at 11.00 AM	Panchayat Samiti, Mathili on Dt. 19.05.2025 at 11.00 AM.

All other Terms & Conditions of the said tender call notice will remain unchanged.

OIPR : 19023/11/0008/2526

Sd/- Block Development Officer,
Mathili

OFFICE FO THE NOTIFIED AREA COUNCIL, KONARK
email : nackonark@gmail.com, Phone No : 06758-236826
INVITATION FOR BID
E-PROCUREMENT NOTICE
No. 901 Dt. 14.05.2025
Bid Reference No. KNK01(1)-2025-26
Bid Identification No. 2025_ORULB_113378
TENDER CALL NOTICE

C-319 : The Executive Officer, on behalf of Konark N.A.C., Konark, invites Bids on a percentage basis in online mode, according to the norms of e-procurement.

1. Name of work : Repair and maintenance of Chandrabhaga cyclone centre.
2. Total No Works : 1 No.
3. Tendered Value of Work : Rs. 5.05 Lakhs
4. Period of Completion : 15 days.
5. Date and time Schedule
   Submission Start : From 10.00 AM on 17.05.2025
   Pre bid Meeting : At 11.00 AM on Dt. 20.05.2025
   Submission End : At 5.00 PM on Dt. 30.05.2025
6. Opening of Bid in Online : From 11.00 AM On Dt. 31.05.2025

Further details and necessary documents can be seen from the procurement Portal i.e. www.tendersodisha.gov.in and www.nackonark.in.

OIPR : 13174/11/0016/2526

Sd/- Executive Officer
Konark N.A.C.

PANCHAYAT SAMITI OFFICE : GUDVELLA
E-mail ID-ori-gudvella@nic.in
NATIONAL COMPETITIVE BIDDING THROUGH e-Procurement
Identification No. PS- GVL-01 OF 2025-26

i-94 : The BDO, Gudvella Block, Dist-Balangir on behalf of Governor of Odisha invites percentage rate bids in single cover system to be received in online mode only for the construction of works as detailed in the table below.

Sl. No.	Name of the Work	Amount put to tender (in Rupees)	Class of Contractor	Cost of Tender Paper	E.M.D. (Bid Security) in Rs.	Period of Completion (Calendar Month)
1	2	3	4	5	6	7
1	Construction of ACR Building for Kamasingha Primary School	9,91,429	"C" & "D"	6,000	9,914	Six Calendar Months
2	Construction of ACR Building for Gudvella Nodal UP School	9,91,429	"C" & "D"	6,000	9,914	Six Calendar Months
3	Construction of 50 MT Godown and Office Building at Jamut PACS	25,93,728	"B" & "C"	6,000	25,937	Six Calendar Months
4	Construction 50 MT Godown and Office Building at Jharsamra	25,93,728	"B" & "C"	6,000	25,937	Six Calendar Months

Further details can be seen from the e-procurement portal - http://tendersodisha.gov.in

OIPR : 19350/11/0002/2526

Sd/- Block Development Officer,
Gudvella

NOTICE

It is for information of all concerned that the Partnership Firm **"S.S. CONSTRUCTION Co."** Plot No. 319/2061 of Village Bangurigaon, PO-Bangurigaon, PS- Kakatpur, Dist - Puri, Odisha-752118 bearing registration No. 2620202200243 of 2022 has been reconstituted w.e.f. 11.04.2025 as follows:-

1. Subal Sasmal (Managing Partner)
2. Bilasi Sasmal (Partner)
3. Sudhansu Sekhar Sasmal (Retired Partner)

Managing Partner,
S.S. CONSTRUCTION CO.
At/PO-Bangurigaon, Dist - Puri-752118
Dt. 11.04.2025

AFFIDAVIT

By virtue of an affidavit before the Executive Magistrate, Baripada, Mayurbhanj. I, Suna Hembram, Aged (40), S/o- Jena Hembram, R/o At- Jagannathpur, Po-Gendapokhari, Ps- Kuliana, Dist-Mayurbhanj, Pin- 757030, Aadhar no. 394209654441. Declare that this affidavit no. 3104, dated. 14.05.2025. I have changed my son,s name from Sanman Sing Hembram to Mansing Hembram. Henceforth, He shall be known as Mansing Hembram for all purposes.

S/d- Suna Hembram

AFFIDAVIT

I, Surendra Patra, S/o- Late-Parbatia Patra, Permanet & current resident of At- Dantaribahal, Po- Dantaribahal, Ps- Deogarh, Dist- Deogarh Pin-768108. Declared that this affidavit no. 1464, dated. 29.04.2025. I have changed my son's name from Ashit Patra to Ashish Patra. Hence-forth, He shall be known as Ashish Patra for all purposes.

S/d- Surendra Patra

AFFIDAVIT

I, Nalini Banichul, W/o- Babuli Banichul, Permanet & current resident of At- Dantaribahal, Po- Dantaribahal, Ps- Deogarh, Dist- Deogarh Pin-768108. Declared that this affidavit no. 1465, dated. 29.04.2025. I have changed my daughter's name from Mira Banichul to Budhimati Banichul. Hence-forth, She shall be known as Budhimati Banichul for all purposes.

S/d- Nalini Banichul

AFFIDAVIT

By virtue of an affidavit sworn before the Executive Magistrate Baripada, Dist- Mayurbhanj.I, Sagun Hansdah, son of Sunaram Hansdah, aged 19, resident of Vill/PO - Chuhat, PS - Suliapada, Dist - Mayurbhanj, Aadhaar Card No. 4208-1498-1575, declare that this affidavit no. 1896, dated. 26.03.2025. That my Aadhaar card incorrectly mentions my name as "Samun Hansdah" and date of birth as 17.03.2005, whereas my correct name is Sagun Hansdah and date of birth is 05.07.2006.I hereby affirm that henceforth, I shall be known as Sagun Hansdah for all purposes.

Sd/- Sagun Hansdah

AFFIDAVIT

By affidavit No.: 2988 dt.14-05-2025 before Notary public, Balasore, I, Dillip Kumar Behera, S/o.: Gangadhar Behera state that along with Priyasmita Bag had executed one deed of partnership on 22-03-2022 vide deed No.: 2052 executed before K.C. Nandy, Notary, Balasore in the name of "M/s. ELPRO INNOVATION". That on dt.14-05-2025, Priyasmita Bag has resigned from partnership, New partner Rajani Kanta Mahanta has added . So from **14-05-2025**, the Partnership firm "M/s. ELPRO INNOVATION" is partnership of **Rajani Kanta Mahanta and Dillip Kumar Behera.** And Place of Business shifted from Sahadevkhunta, Balasore-756001 to Rasalpur, Vyasa Vihar, Remuna, Balasore-756089.

Sd/- Dillip Kumar Behera

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

ବେଦାନ୍ତ ଆଲୁମିନିୟମରେ ଅନ୍ତର୍ଜାତୀୟ ପରିବାର ଦିବସ

ବୃହତ ଆଲୁମିନିୟମ କାରଖାନାରେ କର୍ମଚାରୀଙ୍କ ପିତାମାତାଙ୍କୁ ସ୍ୱାଗତ

ଭୁବନେଶ୍ୱର (ସବ୍ୟୁ): ସର୍ବବୃହତ୍ତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଗର୍ବିତ ପିତା ମାତା (ଆନ୍ତର୍ଜାତୀୟ ପରିବାର ଦିବସ) ପାଳିତ ହୋଇଛି । ଏହା କର୍ମଚାରୀଙ୍କ ପିତା ମାତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଭାବେ ଆୟୋଜିତ ବାର୍ଷିକ କାର୍ଯ୍ୟକ୍ରମ ଝାରସୁଗୁଡାରେ ବେଦାନ୍ତର ଆଲୁମିନିୟମ କାରଖାନାର ପ୍ରଥମ ଅଭିଜ୍ଞତା ପ୍ରଦାନ କରିବା ଏବଂ ଏହାର କର୍ମଚାରୀଙ୍କ ମଧ୍ୟରେ ଏକ ପରିବାର କୈନ୍ଦ୍ରିୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ହେଉଛି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ । ଚଳିତବର୍ଷ ଜାତିସଂଘ ଦ୍ୱାରା ନିର୍ଦ୍ଧାରିତ ବିଷୟବସ୍ତୁ ସ୍ଥାୟୀ ବିକାଶ ପାଇଁ ପରିବାର-ଭିତ୍ତିକ ନୀତିକୁ ଧ୍ୟାନରେ ରଖି କମ୍ପାନୀର ପରିବାର ଦିବସ ସମାରୋହରର କେନ୍ଦ୍ରରେ ଗର୍ବିତ ପିତା

ମାତାର ସଦ୍ୟତମ ସଂସ୍କରଣ ଆୟୋଜିତ ହୋଇଥିଲା । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଝାରସୁଗୁଡାରେ ଥିବା ବେଦାନ୍ତ କର୍ମଚାରୀଙ୍କ ପିତା ମାତାଙ୍କୁ ନିମନ୍ତ୍ରଣ କରାଯାଇଥିଲା । ସେମାନଙ୍କୁ କାର୍ବନ, ପର୍ଟଲାଇନ୍, କାଷ୍ଟ ହାଉସ୍ ଏବଂ ପାୱାର ପ୍ଲାଣ୍ଟ ଅଞ୍ଚଳ ସମେତ କାରଖାନା ମଧ୍ୟରେ ଥିବା ପ୍ରମୁଖ ୟୁନିଟ୍ ଗୁଡ଼ିକୁ ବୁଲି ଦେଖିବାର ସୁଯୋଗ ମିଳିଥିଲା । ଏତଦ୍ବ୍ୟତୀତ ସେମାନଙ୍କୁ କର୍ମଚାରୀଙ୍କ ଉଦ୍ଦିଷ୍ଟ ଟାଉନ୍‌ସିପ୍ ପରିଦର୍ଶନରେ ମଧ୍ୟ ନିଆଯାଇଥିଲା । ଯେଉଁଠାରେ ମନୋରଞ୍ଜନ କ୍ଷେତ୍ର, ସୁଇମିଂପୁଲ୍, ଷ୍ଟାଡିୟମ, ଅଡିଟୋରିୟମ୍, ଡେ କେୟାର ସୁବିଧା, ସୁପର ମାର୍କେଟ, ଡାକ୍ତରଖାନା ଓ ଅନ୍ୟାନ୍ୟ ସୁବିଧା ରହିଛି । ସେମାନଙ୍କୁ ଚାଲିଥିବା ଗୋଷ୍ଠି ବିକାଶ ପ୍ରକଳ୍ପ ସହିତ ପରିଚିତ କରାଯାଇଥିଲା ।

ବେଦାନ୍ତ ଆଲୁମିନିୟମର ସିଓଓ ସୁନିଲ ଗୁପ୍ତା କହିଛନ୍ତି ଯେ, ବେଦାନ୍ତରେ ଆମେ ବିଶ୍ୱାସ କରୁ ଯେ, ଏକ ସୁଦୃଢ଼ ସଂଗଠନ, ସୁଦୃଢ଼ ପରିବାର ଓ ଗୋଷ୍ଠି ଭାଗିଦାରିର ମୂଳଦୁଆ ଉପରେ ନିର୍ମିତ ହୋଇଥାଏ । ତେବେ ଆନ୍ତର୍ଜାତୀକ ପରିବାର ଦିବସ ଅବସରରେ ଆମର ପଦକ୍ଷେପ କେବଳ ଏକ ଉତ୍ସବ ନୁହେଁ ବରଂ ବେଦାନ୍ତ ଟିମ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ଦୃଶ୍ୟମାନ, ମୂଲ୍ୟବାନ ଏବଂ ସଶକ୍ତ ଅନୁଭବ କରିବା ପାଇଁ ଏହା ଆମର ପ୍ରତିବଦ୍ଧତାର ଏକ ଅଂଶ ।

ଏୟାରଟେଲ ପକ୍ଷରୁ ଠକେଇ ଚିହ୍ନଟ ସମାଧାନର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ସ୍ପାମ ବିରୋଧ ଲଢେଇକୁ ଜାରି ରଖି ଏୟାରଟେଲ ପକ୍ଷରୁ ଏକ ନୂଆ ଅତ୍ୟାଧୁନିକ ସମାଧାନକୁ ଉନ୍ମୋଚନ କରାଯାଇଛି ଯାହା ଇମେଲ, ବ୍ରାଉଜର, ହ୍ୱାଟସଆପ, ଟେଲିଗ୍ରାମ, ଫେସବୁକ, ଇନଷ୍ଟାଗ୍ରାମ ଓ ଏସଏମଏସ ଭଳି ସମସ୍ତ ପ୍ରକାର ଓଭର ଦି ଟପ (ଓଟିଟି) ଆପ ଓ ପ୍ଲାଟଫର୍ମରେ ବାସ୍ତବ ସମୟରେ ଜାଲ ୱେବସାଇଟଗୁଡ଼ିକୁ ଚିହ୍ନଟ ଓ ବ୍ଲକ କରିବ । ଏହି ସୁରକ୍ଷିତ ସେବା ବିନା କେଣସି ଅତିରିକ୍ତ ଦେୟରେ ସମସ୍ତ ଏୟାରଟେଲ ମୋବାଇଲ ଓ ବ୍ରଡବ୍ୟାଣ୍ଡ ଗ୍ରାହକ ପାଇଁ ନିରବଚ୍ଛିନ୍ନ ଭାବେ ସମନ୍ୱିତ ହେବ ଓ ସ୍ୱୟଂକ୍ରିୟ ଭାବେ ସକ୍ଷମ ହେବ । ଯେତେବେଳେ ଜଣେ ଗ୍ରାହକ କୌଣସି ଜାଲ ଚିହ୍ନଟ ହୋଇଥିବା ୱେବସାଇଟ ଖୋଲିବାକୁ ଉଦ୍ୟମ କରନ୍ତି, ଏୟାରଟେଲର ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ସେହି ପେଜ ଲୋଡ କରିବାକୁ ବ୍ଲକ କରେ ଓ ପେଜ ବ୍ଲକ କାରଣ ବିଷୟରେ ଜଣାଇବା ପାଇଁ ଗ୍ରାହକଙ୍କୁ ଅନ୍ୟ ଏକ ପେଜକୁ ନେଇଯାଏ ।

ସାରା ଦେଶରେ ଡିଜିଟାଲ ପ୍ଲାଟଫର୍ମର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ପ୍ରତିଦିନ ଅନଲାଇନରେ ଠକେଇ ବିପଦ ବେଶ ବିଯାଇଛି ଓ ତାହା ଗ୍ରାହକଙ୍କ ପାଇଁ ଜଟିଳ ସଙ୍କଟ ସୃଷ୍ଟି କରିଛି । ଗତ କିଛି ଦିନ ଭିତରେ ଏଭଳି ବିପଦରେ ଉଦବେଗଜନକ ବୃଦ୍ଧି ଘଟିଛି । ଠକେଇ ଯୋଜନାଗୁଡ଼ିକ କେବଳ ଓଟିପି ଠକେଇ ଏବଂ ପ୍ରତାରଣାମୂଳକ କଲ୍ ଠାରୁ ବହୁତ ଆଗେଇ ଯାଇଛି ଏବଂ ଏ ସମ୍ପର୍କରେ ନିକଟରେ ରିପୋର୍ଟ ମିଳିଛି ଯେ ଲକ୍ଷ ଲକ୍ଷ ଲୋକ ଏଭଳି ଅନଲାଇନ୍ ଠକାମିର ଶିକାର ହୋଇଛନ୍ତି ।

ଏହି ଗମ୍ଭୀର ପରିସ୍ଥିତିକୁ ଚିହ୍ନଟ କରି ଏୟାରଟେଲ୍ ଏକ ଏଆଇ-ଚାଳିତ, ବହୁ-ସ୍ତରୀୟ ବୁଦ୍ଧିମତା ପ୍ଲାଟଫର୍ମ ମୁତୟନ କରିଛି ଯାହା ଗ୍ରାହକଙ୍କୁ ସମସ୍ତ ପ୍ରକାର ଠକାମି ଏବଂ ହେରଫେରଠାରୁ ସୁରକ୍ଷିତ ରଖିବା ପାଇଁ ପ୍ରସ୍ତୁତ କରାଯାଇଛି । ଏହା ସେହି କାର୍ଯ୍ୟକୁ ଏକ ଅତ୍ୟାଧୁନିକ ବିପଦ ଚିହ୍ନଟ ପ୍ଲାଟଫର୍ମ ମୁତୟନ କରି ହାସଲ କରିବାକୁ ଚାହୁଁଛି ଯାହା ସମସ୍ତ ପ୍ଲାଟଫର୍ମରେ ଡୋମେନ୍ ଫିଲଟରିଂ କରିବ ଏବଂ ସମସ୍ତ ଡିଭାଇସରେ ଲିଙ୍କ ବ୍ଲକ୍ କରିବ ।

ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧିଙ୍କୁ ସ୍ମରଣ କରି ରାଜଧାନୀରେ ଗୁରୁବାର ଦିନ ଶକ୍ତି ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି । ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ଶ୍ରୀମତୀ ଗାନ୍ଧି ପାକିସ୍ତାନକୁ କଡା ଜବାବ ଦେଇଥିଲେ ଫଳରେ ସେଠାରେ ବଙ୍ଗଳାଦେଶ ସୃଷ୍ଟି ହୋଇଥିଲା । ଏହାକୁ ସ୍ମରଣ କରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଶ୍ରୀ ରାଜକୁମାର ୩ୟଥର ଲୋକସେବକ ମଣ୍ଡଳର ସଭାପତି

ଭୁବନେଶ୍ୱର (ସବ୍ୟୁ): ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ନିର୍ବାଚନରେ କ୍ରମାଗତ ଭାବେ ତୃତୀୟ ଥର ପାଇଁ ସର୍ବସମ୍ମତି କ୍ରମେ ରାଜକୁମାର ନିର୍ବାଚିତ ହୋଇଛନ୍ତି । ୨୦୨୫-୨୭ ବର୍ଷ ପାଇଁ ଏହି ନିର୍ବାଚନ ଦିଲ୍ଲୀର ଲଜପତ ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଏକମାତ୍ର ପ୍ରାର୍ଥୀ ଭାବେ ଶ୍ରୀ ରାଜକୁମାର ନାମାଙ୍କନ ପତ୍ର ଦାଖଲ କରିଥିଲେ । ସଭାପତି ପଦରେ ସେ ପୁନର୍ବାର ନିର୍ବାଚିତ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ଅଶୋକ କୁମାର ଜୈନ ଘୋଷଣା କରିଛନ୍ତି । ସେହିପରି ଲୋକସେବକ ମଣ୍ଡଳ କାର୍ଯ୍ୟନିର୍ବାହୀ ପରିଷଦକୁ ୬ ଜଣ ସଦସ୍ୟ ନିର୍ବାଚିତ ହୋଇଛନ୍ତି । ସେମାନେ ହେଲେ ମଣ୍ଡଳର ବରିଷ୍ଠ ଆଜୀବନ ସଦସ୍ୟ ଦୀପକ ମାଳବ୍ୟ, ନିରଞ୍ଜନ ରଥ, ରାଜେନ୍ଦ୍ର ଜେନା, ଅନୀତା ଗୋଏଲ, ନିମିଷା ଅମିନ ଓ ନୈନା ଭେକାରିଆ । ଅନୁଷ୍ଠାନର ସମ୍ବିଧାନ ଅନୁଯାୟୀ, କାର୍ଯ୍ୟନିର୍ବାହୀ ପରିଷଦକୁ ନିର୍ବାଚିତ ହୋଇଥିବା ସଦସ୍ୟଙ୍କ ମଧ୍ୟରୁ ଲୋକସେବକ ମଣ୍ଡଳ ରାଷ୍ଟ୍ରୀୟ ସଭାପତି ପଦାଧିକାରୀ ମନୋନୀତ କରିବେ ।

ବିଜେଇଏମ୍ ସ୍କୁଲ ଅଭିଭାବକ ସଂଘର ୧୨ ଅଭିଭାବକଙ୍କୁ ନେଇ

କମିଟି ଗଠନ କରିବା ପାଇଁ ମୁଖ୍ୟ ସଚିବଙ୍କୁ ଚିଠିଲେଖିଲେ ବିଧାୟକ

ଭୁବନେଶ୍ୱର (ସବ୍ୟୁ): ବିଜେଇଏମ ସ୍କୁଲ ରେ ଆଜିକୁ ୬୪ ଦିନ ହେବ ଚାଲିଥିବା ଫି ବୃଦ୍ଧି ବନ୍ଦ ଓ ଦୁର୍ନୀତି ବିରୁଦ୍ଧ ରେ ଅଭିଭାବକ ସଙ୍ଘ ଆନ୍ଦୋଳନ ଜାରି ରଖିଛନ୍ତି । ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଶ ରେ ତଦନ୍ତ ମଧ ଚାଲୁ ରହିଛି । ସଂଘ ପକ୍ଷରୁ ୫୦୦ ପୃଷ୍ଠାର ଦସ୍ତାବିଜ୍ ମଧ୍ୟ ଇଓଡବ୍ଲ୍ୟୁରେ ଦାଖଲ କରାଯାଇଛି । ୨୦୦ କୋଟି ଟଙ୍କାର ହେର ଫେର ଅଭିଯୋଗ ମଧ କରାଯାଇଛି । ବିଧାୟକ ବାବୁ ସିଂ ପୃଥକ ପୃଥକ ଭାବେ ବୈଠକ ମଧ କରିଥଲେ ଓ ନିଜେ ମଧ ସ୍କୁଲ କୁ ଯାଇ ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରିଥଲେ । ସେଥିରେ କିଛି ରାସ୍ତା ନ ବାହାରି ବାରୁ ,ଗତ ମେ ଦୁଇ ତାରିଖରେ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ଏକ ଆମରଣ ଅନଶନ କରାଯାଇ ଥିଲା । ଗତ ତିନି ତାରିଖ ରେ ଗଣ ଶିକ୍ଷା ବିଭାଗ ସଚୀବଙ୍କ ଡାକରା ରେ ସ୍କୁଲ ଅଭିଭାବକ ସଂଘ ର ସଭପତି ରଂଜନ କୁମାର ଦାସ, ସମ୍ପାଦକ ନିତ୍ୟାନନ୍ଦ ବେହେରା ଓ କୋଷାଧ୍ୟକ୍ଷ ସତ୍ୟବ୍ରତ ସାହୁ ତିନିଜଣ କର୍ମକର୍ତ୍ତାଙ୍କ ସହ ନିର୍ଦ୍ଦେଶକ, ଗଣ ଶିକ୍ଷା,ଡି ଇ ଓ, ଖୋର୍ଦ୍ଧାଙ୍କ ସହ ବହୁ ଗଣଶିକ୍ଷା ବିଭାଗ ର ବରିଷ୍ଟ ପଦାଧିକାରୀ ଯୋଗ ଦେଇ ଆଲୋଚନା କରିଥଲେ । ରାଜ୍ୟ ସରକାର ସ୍କୁଲ ତିଆରି କରିବା ପାଇଁ ମାଗଣା ଜମି ଯୋଗାଇ ଦେଇଥିଲେ । ବିଧାୟକ ଓ ସାଂସଦ ପାଣ୍ଠି ରୁ ମଧ ଘର ତିଆରି ହେଇ ଥିବା ଜଣା ପଡ଼ିଛି ।

ଗତ ୩ ତାରିଖ ରେ ସ୍କୁଲ ଅଭିଭାବକ ସଂଘ ର ସଚିବ ଙ୍କ ସହ ଆଲୋଚନା ପରେ ଏକ ଚିଠି ଶିକ୍ଷା ବିଭାଗ ପକ୍ଷରୁ ବାହାରି ଥିଲା । ସେଥିରେ ସ୍କୁଲ ମ୍ୟାନେଜର ଓ ଅଧକ୍ଷାଙ୍କୁ ଶିକ୍ଷା ବିଭାଗ ଚିଠି ନ ଦେଇ ସିଧା ସଳଖ ସ୍କୁଲ ପରିଚାଳନା କମିଟି ଅଧକ୍ଷଙ୍କୁ ଦିଆଯାଇଛି । ସେ ଚିଠି ରେ ଉଲ୍ଲେଖ ଅଛି ୨୦୧୫ ମସିହାରେ ରେ ସ୍କୁଲ ଅଭିଭାବକ ସଂଘ ର ହାଇକୋର୍ଟ ରେ ହୋଇଥିବା ଆଦେଶ କୁ ପାଳନ କରିବା ସହ ୧୦ ବର୍ଷ ର ଆର୍ଥିକ କାରବାର ବିଷୟ ରେ ବୁଝେଇବା ପାଇଁ ରାଜ୍ୟ ଗଣ ଶିକ୍ଷା ବିଭାଗ ସଚୀବ ନିର୍ଦ୍ଦେଶ ଦେଇଥିବା ଜଣା ପଡ଼ିଛି । ଓ ୧୨ ଜଣ ଅଭିଭାବକ ମାନଙ୍କୁ ନେଇ ଏକ କମିଟି ଗଠନ କରିବା ପାଇଁ ସ୍କୁଲ କମିଟି ଅଧକ୍ଷଙ୍କୁ ଦାୟିତ୍ୱ ଦିଆଯାଇଛି । ପ୍ରତ୍ୟେକ ଶ୍ରେଣୀ ରୁ ଜଣେ ଲେଖାଏଁ ଉଲ୍ଲେଖ ଅଛି । ବିଧାୟକ ସେ ଚିଠି ଦେଖିବା ପରେ ଏକ ଚିଠି ପୁଣି ଗଣ ଶିକ୍ଷା ବିଭାଗ ସଚୀବଙ୍କୁ ଲେଖିଛନ୍ତି । ସେଥିରେ ସିଧା ସଳଖ ସଚିବ ଙ୍କୁ ଲେଖିଛନ୍ତି ଯେ,ଯୋଉ ୧୨ ଜଣିଆ କମିଟି ଗଠନ କରିବା ପାଇଁ ସ୍କୁଲ ପରିଚାଳନା କମିଟି ଅଧକ୍ଷଙ୍କୁ ଦାୟିତ୍ୱ ଦେଇଛନ୍ତି , ସେ ୧୨ ଜଣ ଅଭିଭାବକଙ୍କ ନାମ ସ୍କୁଲ ଅଭିଭାବକ ସଙ୍ଘ ଦେବା ପାଇଁ ସ୍କୁଲ କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଚିଠି ରେ ଉଲ୍ଲେଖ କରିଛନ୍ତି ବିଧାୟକ । ଯାହାର ନକଲ ମୁଖ୍ୟ ଶାସନ ସଚିବଙ୍କୁ ମଧ ଦିଆ ଯାଇଛି ।

ହାଇଟେକ୍ ହସ୍ପିଟାଲରେ

ଉଚ୍ଚ ଦକ୍ଷତା ସଂପନ୍ନ କ୍ୟାଥ୍ ଲ୍ୟାବ୍ ଓ ଏମ.ଆର୍.ଆଇ

ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ମେଡିକାଲ କଲେଜ୍ ଓ ହସ୍ପିଟାଲରେ ଉଚ୍ଚ ଦକ୍ଷତା ସଂପନ୍ନ ଏବଂ ଆଧୁନିକ ଜ୍ଞାନ କୌଶଳରେ

ପ୍ରସ୍ତୁତ ଟେସ୍ଲା-୧.୫ ଏବଂ ଏହା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସି ଦ୍ୱାରା ପରିଚାଳିତ ତଥା ଉଚ୍ଚ ଶକ୍ତି ସଂପନ୍ନ ଓ ସୁଦୂରପ୍ରସାରୀ ଜ୍ଞାନ କୌଶଳରେ ନିର୍ମିତ କ୍ୟାଥ ଲ୍ୟାବ୍ ଓଡିଶାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବବୋଲି ହାଇଟେକ୍ ଗ୍ରୁପ୍ର ପ୍ରତିଷ୍ଠାତା ଅଧକ୍ଷ ଡଃ ତିରୁପତି ପାଣିଗ୍ରାହୀ, ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ ଜଣାଇଛନ୍ତି । ଏହି ଉଚ୍ଚ ଶକ୍ତି ସଂପନ୍ନ ମେସିନ୍ ଦ୍ୱାରା ଅତି ନିଖୁଣରୁ ନିଖୁଣତମ ରୋଗ ଚିକିତ୍ସା କରିବା ଏବଂ ଏହା ସମସ୍ତ ବିଭାଗର ରୋଗକୁ ନିରୂପଣ ନିର୍ଦ୍ଧାରିତ କରି ସଫଳ ଚିକିତ୍ସା ଦେବାରେ ସହାୟକ ହେବ । ଏହା ଓଡିଶାର ଗରିବ, ମଧବିତ୍ତ ଓ ନିମ୍ନବର୍ଗର ଲୋକମାନଙ୍କ ପାଇଁ ସାହାଯ୍ୟରେ ଆସିବବୋଲି ଜଣାଇଛନ୍ତି । ଏହି କ୍ୟାଥ୍ ଲ୍ୟାବ୍ ଓ ଏମ.ଆର୍.ଆଇ ମେସିନ୍ ଦ୍ୱାରା ଓଡିଶାରେ ଅନେକ ଗୁଡିଏ ରୋଗ ବୃଦ୍ଧି ପରଖୁବାର ପରିପ୍ରକାଶ ପାଇବ । ଦେଖାଯାଏ ଅନେକ ସମୟରେ ବିଭିନ୍ନ ସ୍ଥାନରୁ ରୋଗୀମାନେ ଫେରୁଥିବାବେଳେ ଏହି ଦୁଇ କ୍ୟାଥ୍ ଲ୍ୟାବ୍ ଓ ଏମ.ଆର୍.ଆଇ ମେସିନ୍ ଦ୍ୱାରା ଲୋକମାନେ ସଫଳ ଓ ସୁଚିକିତ୍ସା ପାଇପାରିବେବୋଲି ହାଇଟେକ୍ ମେଡିକାଲ କଲେଜ୍ ଓ ହସ୍ପିଟାଲ୍ର ସୁପରିଟେଣ୍ଡେଣ୍ଟ ପ୍ରଫେସର୍ ଡ. ରବିନ୍ଦ୍ରନାଥ ବେହେରା, ରଞ୍ଜନ-ରଶ୍ମୀ ବିଭାଗର ମୁଖ୍ୟ ପ୍ରଫେସର୍ ଡ. ଉପେନ୍ଦ୍ରନାଥ ଉପାଧ୍ୟାୟ, ବାୟୋମେଡିକାଲ ଇଞ୍ଜିନିୟରିଂ ବଭାଗର ମୁଖ୍ୟ ପ୍ରଣତି ମହାପାତ୍ର ଏହାକୁ ସାମ୍ବାଦିକ ସମ୍ମିଳନୀରେ ପ୍ରଦର୍ଶନ କରିଥିଲେ ।

ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବାକୁ ହେଲେ

ବିକଶିତ କଟକ ଦିଗରେ କାର୍ଯ୍ୟ କରିବାକୁ ହେବ : ରାଜ୍ୟପାଳ

କଟକ, (ସବ୍ୟୁ):ବିକଶିତ ଭାରତର ଲକ୍ଷ୍ୟ ପୂରଣ କରିବାକୁ ହେଲେ ବିକଶିତ କଟକ ତଥା ବିକଶିତ ଓଡ଼ିଶାର ସ୍ୱପ୍ନକୁ ପ୍ରଥମେ ପୂରଣ କରିବାକୁ ହେବ । ଏଥିପାଇଁ ତୃଣମୂଳ ସ୍ତରରୁ କାର୍ଯ୍ୟ କରିବା ସହ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡିକର ସୁଫଳ ରାଜ୍ୟର ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ପହଂଚାଇବାକୁ ପଡିବ । ଏଥିନିମନ୍ତେ ପ୍ରଶାସନ ଓ ଜନ ପ୍ରତିନିଧି ହାତକୁ ହାତ ମିଶାଇ କାର୍ଯ୍ୟ କରିବାକୁ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି । ସରକାରଙ୍କ ବିଭିନ୍ନ ଯୋଜନାଗୁଡିକ ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଏହି ଯୋଜନାଗୁଡିକ କିପରି ସହଜରେ ସେମାନେ ଉପଲବଧ କରିପାରିବେ ସେ ଦିଗରେ ଯତ୍ନବାନ ହେବାକୁ ମାନ୍ୟବର ରାଜ୍ୟପାଳ ଗୁରୁତ୍ତ୍ୱାରୋପ କରିଛନ୍ତି । ଗୁରୁବାର ଦିନିକିଆ କଟକ ଜିଲ୍ଲା ଗସ୍ତରେ ଆସି ରାଜ୍ୟପାଳ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡିକର ସ୍ଥିତି ଓ କାର୍ଯ୍ୟକାରିତା ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି କାର୍ଯ୍ୟଗୁଡିକର ଅଗ୍ରଗତୀ ସମ୍ପର୍କରେ ସନ୍ତୋଷବ୍ୟକ୍ତ କରିଛନ୍ତି । ଉପଆୟୁକ୍ତ କମିଶନରେଟ ପୁଲିସ୍ ଶ୍ରୀ ଖିଲାରି ଋଷିକେଷ ଦ୍ୟାନଦେଓ କଟକ ସହରର

ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଅବଗତ କରାଇବା ସହ ସାଇବର ଅପରାଧ ରୋକିବା ଦିଗରେ ବିଭିନ୍ନ ପଦକ୍ଷେପ ଓ ୨୪ଘଣ୍ଟିଆ ଟୋଲ ଫ୍ରି ନମ୍ବର କାର୍ଯ୍ୟ କରୁଥିବା ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଜିଲ୍ଲାର ବିଭିନ୍ନ ଅଂଚଳରେ ସିସିଟିଭି କ୍ୟାମେରା ଲଗାଯାଇ ଅପରାଧ ନିୟନ୍ତ୍ରଣ କରାଯାଉଥିବା ବିଷୟ ଉଲ୍ଲେଖ କରିଥିଲେ । ଜିଲ୍ଲାର କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ଉଦ୍ୟାନ କୃଷି, ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ, ମହିଳା ଏବଂ ଶିଶୁ ବିକାଶ, ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣ ଶିକ୍ଷା, ଶକ୍ତି, ଶିଳ୍ପ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, କ୍ଷୁଦ୍ର ଜଳସେଚନ ଏବଂ ବ୍ୟାଙ୍କିଙ୍ଗ କ୍ଷେତ୍ରର ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟକାରୀତା ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ ।

ଜିଲ୍ଲାର ପ୍ରମୁଖ ବିକାଶମୂଳକ ପ୍ରକଳ୍ପ, ଏସସିବି ମେଡିକାଲ କଲେଜ ହସପିଟାଲ, ଚଣ୍ଡୀ ମନ୍ଦିର, ସତ୍ୟଭାମାପୁରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ, ତାରକସି ହବ୍, ମହାନଦୀ ୱାଟରଫ୍ରଂଟ ବିକାଶ ପ୍ରକଳ୍ପ ଆଦିର ବର୍ତ୍ତମାନର ସ୍ଥିତି ନେଇ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । କେନ୍ଦ୍ରୀୟ ମୁଦ୍ରା ଯୋଜନାରେ ବିଭିନ୍ନ ବ୍ୟାଙ୍କ ଋଣ ପ୍ରଦାନ କରୁଛନ୍ତି କି ନାହିଁ ସେ ସମ୍ପର୍କରେ ରାଜ୍ୟପାଳ ବିଭିନ୍ନ ବ୍ୟାଙ୍କର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ

କରିଥିବା ଦେଖାଯାଇଥିଲା । କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ବିଧାୟକ କଟକ ସଦର ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟିକା ବାରବାଟୀ-କଟକ ଇଂ ସୋଫିଆ ଫିର୍ଦ୍ଦୋଷ, ବିଧାୟକ ନିଆଳି ଛବି ମଲ୍ଲିକ, ବିଧାୟକ ବଡମ୍ବା ବିଜୟ ଦଳବେହେରା, ବିଧାୟକ ମାହାଙ୍ଗା ଶାରଦା ପ୍ରସାଦ ପ୍ରଧାନ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ, କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ବି. ପରମେଶ୍ୱରନ୍, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ

ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କଲେ ସମୀକ୍ଷା

ସୁରକ୍ଷା ବୀମା ଯୋଜନା ଭଳି ସରକାରଙ୍କ ବିଭିନ୍ନ ବୀମା ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଦିଗରେ ବ୍ୟାଙ୍କମାନେ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସି ଲୋକଙ୍କୁ ସଚେତନ କରାଇବାକୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି । ତେବେ ରାଜ୍ୟପାଳଙ୍କ ଏହି ସମୀକ୍ଷା ବୈଠକରେ ପ୍ରମୁଖ ବିରୋଧୀ ବିଜୁ ଜନତା ଦଳର ଚାରିଜଣ ବିଧାୟକ ଆଠଗଡ଼ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ସମେତ ବିଜେଡ଼ି ସମର୍ଥିତ ବହୁ ନିର୍ବାଚିତ ଲୋକ ପ୍ରତିନିଧି ଏହି ସମୀକ୍ଷା ବୈଠକକୁ ବର୍ଜନ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି କଟକ ଖିଲାରି ଋଷିକେଷ ଦ୍ୟାନଦେଓ, ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ, କଟକ ମହାନଗର ନିଗମ ଆୟୁକ୍ତ ଶ୍ରୀ ଅନାମ ଚରଣ ପାତ୍ର, ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଅପରାହ୍ନରେ ରାଜ୍ୟପାଳ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ନାଗରିକ କମିଟି, ଶାନ୍ତି କମିଟି, ବାର ଆସୋସିଏନ୍ ସଦସ୍ୟ ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହ କଟକ ସହରର ଉନ୍ନତିକରଣ ଓ ସାମଗ୍ରିକ ବିକାଶ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ରାଜ୍ୟପାଳ ନୌବାଣିଜ୍ୟ ସଂଗ୍ରହାଳୟଠାରେ ମୁଦ୍ରା ଯୋଜନାର ହିତାଧିକାରୀମାନଙ୍କ ସହିତ ଆଲୋଚନା କରଥିଲେ ।

ରୁନ୍‌ୟା ପଶ୍ଚିମ ଓଡ଼ିଶାର ଝାରସୁଗୁଡାରେ

ସ୍କୁଲ ନବୀକରଣ ସହିତ ଗ୍ରାମୀଣ ଶିକ୍ଷାପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି

ଭୁବନେଶ୍ୱର, (ସବ୍ୟୁ): ସ୍ଥାୟୀତ୍ୱ ଏବଂ ନବସୃଜନ ଉପରେ ଗୁରୁତ୍ୱ ଦେଉଥିବା ଏକ ପ୍ରମୁଖ ଉତ୍ପାଦନ ଉଦ୍ୟୋଗ, ରୁନ୍‌ୟା, ଓଡ଼ିଶାର ଝାରସୁଗୁଡାରେ ଏହାର ଶିକ୍ଷା ଭିତିଭୂମି ପ୍ରକଳ୍ପକୁ ସଫଳତାର ସହ ସମାପ୍ତ କରିଛି। ଗ୍ରାମୀଣ ଶିକ୍ଷାକୁ ପରିବର୍ତନ କରିବା ଏବଂ ସମ୍ପ୍ରଦାୟ ବିକାଶକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇ, ଏହି ପଦକ୍ଷେପ ପୁନର୍ଜୀବିତ ସ୍କୁଲ ଭିତିଭୂମି ପ୍ରଦାନ କରିଛି - ଯେଉଁଥିରେ ଉନ୍ନତ ଶିକ୍ଷା ସ୍ଥାନ, ଉନ୍ନତ ପରିମଳ ବ୍ୟବସ୍ଥା, ରୋଷେଇ ଘର ସୁବିଧା ଏବଂ ଏକ ସମ୍ପୂର୍ଣ୍ଣ ସଜ୍ଜିତ ପାଠାଗାର ଅନ୍ତର୍ଭୁକ୍ତ-ଯାହା ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁରକ୍ଷିତ, ପରିଚ୍ଛନ୍ନ, ଅନ୍ତର୍ଭୁକ୍ତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପରିବେଶକୁ ପ୍ରୋତ୍ସାହିତ କରିବା ଅନୁନ୍ନତ ସମ୍ପ୍ରଦାୟକୁ ସଶକ୍ତ କରିବା ପ୍ରତି ଏହାର ପ୍ରତିବଦ୍ଧତାର ଅଂଶ ଭାବରେ, ରୁନ୍‌ୟାର ପ୍ରମୁଖ ତୃଣମୂଳସ୍ତରୀୟ ପଦକ୍ଷେପ ପ୍ରୋଜେକ୍ଟ ଲାଡଲି ଝାରସୁଗୁଡାର ବିଭିନ୍ନ ସ୍କୁଲରେ ପ୍ରାଥମିକ ଠାରୁ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷା ଭିତିଭୂମି ପରିବର୍ତନ କାର୍ଯ୍ୟକ୍ରମ ସମାପ୍ତ ହେବା ସହିତ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବରେ ଚିହ୍ନିତ ହୋଇଛି। ପ୍ରବେଶ, ସମାନତା ଏବଂ ସଶକ୍ତିକରଣକୁ ପ୍ରୋତ୍ସାହିତ କରି, ଏହି ପଦକ୍ଷେପ ୩୫୧ ରୁ ଅଧିକ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କୁ ସିଧାସଳଖ ଲାଭ ଦେଇଛି, ଯାହାକି ପଶ୍ଚିମ ଓଡ଼ିଶାରେ ୩,୫୬୦ ରୁ ଅଧିକ ଜୀବନକୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି । ନୂତନ ଭାବରେ ନବୀକରଣ କରାଯାଇଥିବା ସ୍କୁଲର ସୁବିଧାଗୁଡ଼ିକୁ ବରିଷ୍ଠ ଜିଲ୍ଲା ଅଧିକାରୀ, ସମ୍ପ୍ରଦାୟ ନେତା, ସ୍କୁଲ ଅଧ୍ୟାପକ ଏବଂ ରୁନ୍‌ୟା ନେତୃତ୍ୱ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା । ଏହି ଉନ୍ନୟନଗୁଡ଼ିକର ସ୍ଥାୟୀତ୍ୱ ଏବଂ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ, ପ୍ରଧାନ ଶିକ୍ଷକ ଏବଂ ସରପଂଚଙ୍କ ମାର୍ଗଦର୍ଶନରେ ଏକ ସ୍କୁଲ ଛାତ୍ର କମିଟି ପ୍ରତିଷ୍ଠା କରାଯାଇଛି । ରୁନ୍‌ୟାର ରିସାଇକ୍ଲିଂ ବ୍ୟବସାୟର ସିଇଓ ଜଗନ୍ନାଥ ପ୍ରସାଦ ରାଉତରାୟଙ୍କ ଅନୁଯାୟୀ, 'ଏହି ପ୍ରକଳ୍ପ ସମାପ୍ତ ହେବା ସମ୍ପ୍ରଦାୟ-ମୁଖୀ ଶିକ୍ଷା ପ୍ରତି ଆମର ଉତ୍ସର୍ଗତାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ । ପ୍ରୋଜେକ୍ଟ ଲାଡଲି ପୁନଃନିର୍ମାଣ ଅନ୍ତର୍ଭୁକ୍ତ ପରିବେଶ ନିର୍ମାଣ କରିବାକୁ ଚେଷ୍ଟା କରିଛି ଯେଉଁଠାରେ ପିଲାମାନେ, ବିଶେଷକରି ଝିଅମାନେ, ସୁରକ୍ଷିତ, ପ୍ରେରିତ ଏବଂ ପ୍ରାୟତଃ ସ୍କୁଲରେ ଯୋଗଦେବାକୁ ଉତ୍ସାହିତ ଅନୁଭବ କରନ୍ତି । ପ୍ରତ୍ୟେକ ପିଲା ଭଲ ଭିତିଭୂମି ପାଇବାକୁ ଯୋଗ୍ୟ ଆମେ ଭାବୁନାହୁଁ ଯେ ଏଥିରେ ପ୍ରବେଶ ଏକ ସୌଭାଗ୍ୟ ନୁହେଁ ବରଂ ଏକ ଆବଶ୍ୟକତା । ଭବିଷ୍ୟତ ପାଇଁ ପ୍ରସ୍ତୁତ ପିଢ଼ି ଗଠନ କରିବା ଏପରି ଛୋଟ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ଦ୍ୱାରା ସହାୟତା ପାଇବ।

ବିମାନ ବନ୍ଦରରେ ଆତଙ୍କୀ ହମ୍‌ଲାର ମକ୍‌ଡ୍ରିଲ୍

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ଆନ୍ତର୍ଜାତୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଗୁରୁବାର ସନ୍ଧ୍ୟାରେ ଆଦଙ୍କବାଦୀ ହମ୍‌ଲାର ମକ୍‌ଡ୍ରିଲ୍ ହୋଇଥିଲା । କାରଣ ସହରର ସବୁଠୁ ସମ୍ବେଦନଶୀଳ ସ୍ଥାନ ହେଉଛି ବିମାନବନ୍ଦର । ବିମାନବନ୍ଦର ସବୁବେଳେ ଥାଏ ହାଇଆଲର୍ଟରେ । କାରଣ ଶତ୍ରୁପକ୍ଷର ମୁଖ୍ୟ ଟାର୍ଗେଟରେ ଥାଏ ବିମାନବନ୍ଦର । ସେଭଳି ପରିସ୍ଥିତି ଉପୁଜିଲେ ବା ଆତଙ୍କବାଦ ହମ୍‌ଲା ହେଲେ କିପରି ମୁକାବିଲା କରାଯିବ ସେଥିନେଇ ବିମାନବନ୍ଦର ସୁରକ୍ଷା କର୍ମୀ ଓ ପୋଲିସ ମିଳିତ ଭାବେ ମକ୍‌ଡ୍ରିଲ୍ କରିଛନ୍ତି । ପ୍ରଥମେ ଶତ୍ରୁପକ୍ଷର ଦୁଇଜଣ ଆତଙ୍କବାଦୀ ପ୍ରଥମେ ବିମାନ ବନ୍ଦରରେ ପଶିଥିଲେ । ବିମାନ ବନ୍ଦରକୁ ନିଜ ଅକ୍ତିଆରକୁ ନେବା ପାଇଁ ଭରପୂର ପ୍ରୟାସ କରିଥିବା ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା । ଏୟାରପୋର୍ଟ ସୁରକ୍ଷା ଦାୟିତ୍ୱରେ ଥିବା ସିଆଇଏସ୍‌ଏଫ୍ କର୍ମଚାରୀଙ୍କ ଉପରକୁ ଗୁଳିମାଡର ଦୃଶ୍ୟ ମକ୍‌ଡ୍ରିଲ୍‌ରେ ପ୍ରଦର୍ଶନ କରାଯାଇଥିଲା । ଗୋଟିଏ ପଟେ ଏୟାରପୋର୍ଟକୁ ନିଜ ଦଖଲକୁ ନେଇ ସୁରକ୍ଷା କର୍ମୀଙ୍କ ଆକ୍ରମଣରୁ ବର୍ତ୍ତିବା ପାଇଁ ଚେଷ୍ଟା କରିଥିଲେ । କିଛି ସମୟ ଧରି ଦୁଇ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଶେଷରେ ଯବାନଙ୍କ ଗୁଳିମାଡରେ ଦୁଇ ଆତଙ୍କୀ ଟଳିପଡିଥିଲେ । ବିମାନ ବନ୍ଦର ସୁରକ୍ଷା କର୍ମୀ (ସିଆଇଏସ୍‌ଏଫ୍) ଏହି ମକ୍‌ଡ୍ରିଲ୍ କରୁଥିବା ବେଳେ ବାହାର ପାର୍ଶ୍ୱରେ ପୋଲିସ ଜଗି ରହିଥିଲା ।

୯ଏମ୍ ଫର୍ଟିଲିଟି ଭୁବନେଶ୍ୱର ପକ୍ଷରୁ 'ଆଇୟୁଆଇ ରି-ଏନ୍‌ଭିଜନ୍‌ଡ' କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ୯ଏମ୍ ଫର୍ଟିଲିଟି ପକ୍ଷରୁ ସଫଳତାର ସହ ଇନ୍‌ଟ୍ରାୟୁଟେରାଇନ ଇନ୍‌ସେମିନେଶନ (ଆଇୟୁଆଇ) ପ୍ରସଙ୍ଗ ଉପରେ ଏକ ବିସ୍ତୃତ ସିଏମ୍‌ଇ ଓ କର୍ମଶାଳା 'ଆଇୟୁଆଇ ରି-ଏନ୍‌ଭିଜନ୍‌ଡ'ର ଅନୁଷ୍ଠିତ ହୋଇଛି । ୯ଏମ୍ ଫର୍ଟିଲିଟି ହେଉଛି ମହିଳା ଓ ଶିଶୁମାନଙ୍କ ପାଇଁ ଭୁବନେଶ୍ୱରର ଅଙ୍କୁର ହସ୍ପିଟାଲର ଏକ ପ୍ରମୁଖ ପ୍ରଜନନ ଅଭିଯାନ। ଏହି କାର୍ଯ୍ୟକ୍ରମକୁ ସ୍ୱସ୍ତି ପ୍ରିମିୟମଠାରେ ଇଣ୍ଡିଆନ ଫର୍ଟିଲିଟି ସୋସାଇଟି ଏବଂ ଭୁବନେଶ୍ୱର ଓବ୍‌ଷ୍ଟେଟିକ ଆଣ୍ଡ ଗାଇନାକୋଲୋଜିକାଲ ସୋସାଇଟି ସହ ସହଭାଗିତାରେ ଆୟୋଜନ କରାଯାଇଥିଲା। ଏହି ପ୍ରଥମ ଧରଣ କର୍ମଶାଳା ଫର୍ଟିଲିଟି ପ୍ରଫେସନାଲଙ୍କୁ ଆଇୟୁଆଇ ପଦ୍ଧତି କ୍ଷେତ୍ରରେ ନୂତନ କ୍ଲିନିକାଲ ପ୍ରୋଟୋକଲ ଓ ବ୍ୟବହାରିକ ଅଭିଜ୍ଞତା ସହ ସୁସଜ୍ଜିତ କରିବା ପାଇଁ ଲକ୍ଷ୍ୟ ରଖିଥିଲା ।

ଏହି କାର୍ଯ୍ୟକ୍ରମରେ ବକ୍ତୃତା, ଆଲୋଚନା ଏବଂ ସିମେନ ପ୍ରସ୍ତୁତି ଓ ଆଇୟୁଆଇ ପଦ୍ଧତି ପାଇଁ ଏକ ଭର୍ଚୁଆଲ ସିମୁଲେଟରର ବ୍ୟବହାର କରି ତାଲିମ ପ୍ରଦାନ କରାଯାଇଥିଲା । ୯ଏମ୍ ଫର୍ଟିଲିଟି ଭୁବନେଶ୍ୱରର ଇନ୍‌ଫର୍ଟିଲିଟି ସ୍ପେଶିଆଲିଷ୍ଟ ଡା. ସୌମ୍ୟା ଦାସ ଏହି ବୈଜ୍ଞାନିକ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଏବଂ 'ଆସ୍କ ଦ ଏକ୍ସପର୍ଟସ ପ୍ୟାନେଲ'ର ପରିଚାଳନା କରିଥିଲେ । ଏହି କର୍ମଶାଳାରେ ଡା. ନିଆ ୱାଲେଚା (ଫର୍ଟିସ, ସାଲିମାର ବାଗ) 'ହାଓ ଟୁ ହ୍ୟାଣ୍ଡେଲ ଟ୍ରିକି ସିଚୁଏଶନ୍ସ ଇନ ଆଇୟୁଆଇ' ପ୍ରସଙ୍ଗରେ, ଡା. ଅଞ୍ଜୁ ମାଧବନ 'ଅପ୍ଟିମାଲ ଷ୍ଟିମୁଲେଶନ ପ୍ରୋଟୋକଲ୍ସ ଇନ ଆଇୟୁଆଇ' ପ୍ରସଙ୍ଗରେ ଏବଂ ସତ୍ୟ ନାରାୟଣ ସାମନ୍ତରାୟ 'ସେଟିଙ୍ଗ ଅପ୍ ଆନ ଆଇୟୁଆଇ ଲ୍ୟାବ ଆଣ୍ଡ ସିମେନ ପ୍ରିପାରେଶନ' ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ ।

ଆତଙ୍କବାଦ ଭିତ୍ତିଭୂମି ନଷ୍ଟ ଆମର ଲକ୍ଷ୍ୟ: ଜୟଶଙ୍କର

ନୂଆଦିଲ୍ଲୀ : ପାକିସ୍ତାନ ସହିତ ଯୁଦ୍ଧ ପରେ, ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ପ୍ରଥମ ଥର ପାଇଁ ପଡ଼ୋଶୀ ଦେଶ ବିରୁଦ୍ଧରେ ବୟାନ ରଖିଛନ୍ତି । ସେ କହିଛନ୍ତି ଏଥର ପାକିସ୍ତାନ ସହିତ କେବଳ ପିଓକେ ଉପରେ ଆଲୋଚନା ହେବ ।

ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଆତଙ୍କବାଦୀ ଭିତ୍ତିଭୂମିକୁ ନଷ୍ଟ କରି ଆମେ ଯେଉଁ ଲକ୍ଷ୍ୟ ରଖିଥିଲୁ ତାହା ହାସଲ କରିଛ । ଯେହେତୁ ପ୍ରମୁଖ ଲକ୍ଷ୍ୟଗୁଡ଼ିକ ହାସଲ ହୋଇଥିଲା, ମୁଁ ଭାବୁଛି ଆମେ ଏହି ଯୁଦ୍ଧବିରତି ଆଭିମୁଖ୍ୟ ଗ୍ରହଣ କରିଥିଲୁ । ଅପରେସନ ସିନ୍ଦୂରର ଆରମ୍ଭରେ, ଆମେ ପାକିସ୍ତାନକୁ ଏହି ବାର୍ତ୍ତା ଦେଇଥିଲୁ ଯେ ଆମେ ସେନା ଉପରେ ନୁହେଁ ବରଂ ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରୁଛୁ । ତାଙ୍କ ସେନା ପାଖରେ ଏକପାଖିଆ ହୋଇ ରହିବା ଏବଂ ହସ୍ତକ୍ଷେପ ନକରିବାର ବିକଳ୍ପ ଥିଲା । କିନ୍ତୁ ପାକିସ୍ତାନ ଏହି ଭଲ ପରାମର୍ଶକୁ ଅନୁସରଣ ନକରିବାକୁ ନିଷ୍ପତ୍ତି ନେଇଥିଲା । ଜୟଶଙ୍କର କହିଛନ୍ତି, ପାକିସ୍ତାନ ସହିତ ଆମର ସମ୍ପର୍କ ଏବଂ କାରବାର ସମ୍ପୂର୍ଣ୍ଣ ଦ୍ୱିପାକ୍ଷିକ ହେବ । ଏହା ବର୍ଷ ବର୍ଷ ଧରି ସହମତ ହୋଇଆସୁଛି ଏବଂ ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ ।ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ପାକିସ୍ତାନ ସହିତ ଆଲୋଚନା କେବଳ ଆତଙ୍କବାଦ ଉପରେ ହେବ । ପାକିସ୍ତାନ ପାଖରେ ଆତଙ୍କବାଦୀଙ୍କ ଏକ ତାଲିକା ଅଛି ଯାହାକୁ ହସ୍ତାନ୍ତର କରିବାକୁ ପଡିବ ଏବଂ ସେମାନଙ୍କୁ ଆତଙ୍କବାଦୀ ଭିତ୍ତିଭୂମିକୁ ବନ୍ଦ କରିବାକୁ ପଡିବ । ସେମାନେ ଜାଣନ୍ତି କ'ଣ କରିବାକୁ ହେବ ।

ଶ୍ରୀନଗରରୁ ରାଜନାଥଙ୍କ ରଣହୁଙ୍କାର

ଧର୍ମ ନୁହେଁ, କର୍ମ ଦେଖି ମାରିବୁ

ଶ୍ରୀନଗର: ଅପରେସନ ସିନ୍ଦୂରର ବଡ଼ ସଫଳତା ଏବଂ ଭାରତ-ପାକିସ୍ତାନ ଅସ୍ତ୍ରବିରତି ପରେ ଶ୍ରୀନଗର ଯାଇ ଯବାନଙ୍କୁ ଭେଟିଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ । ବାଦାମୀବାଗ୍ କ୍ୟାଣ୍ଟନମେଣ୍ଟରେ ବୀର ଯବାନଙ୍କ ସାହସକୁ ସଲାମ୍ କରି ଯବାନଙ୍କ ମନୋବଳ ବଢାଇଲେ । ତାସହ ପାକ୍ ଉପରେ ପ୍ରହାର କଲେ ରାଜନାଥ । ସେମାନେ ଆମ ମୁଣ୍ଡକୁ ମାରିଲେ, ଆମେ ସେମାନଙ୍କ ଛାତିକୁ ମାରିଲୁ । ସେମାନେ ଧର୍ମ ପଚାରି ମାରିଥିଲେ ଆମେ ସେମାନଙ୍କ କର୍ମ ଦେଖି ମାରିଲୁ ।

ଆତଙ୍କବାଦ ନେଇ ଭାରତ ସବୁବେଳେ କଠୋର । ଆମେ ପାକିସ୍ତାନରେ ପଶି ଆତଙ୍କବାଦୀଙ୍କୁ ମାରିଛୁ, ସେମାନଙ୍କ ଆଡ୍ଡା ଧ୍ୱଂସ କରିଛୁ । ଆତଙ୍କୀ ଏବଂ ଆତଙ୍କବାଦର ନିପାତ ପାଇଁ ଆମେ ଯେକୌଣସି ସ୍ତରକୁ ବି ଯାଇପାରୁ । ଆତଙ୍କବାଦ ଏବଂ ଆଲୋଚନା ଏକାସାଙ୍ଗେ ହୋଇପାରିବନି ବୋଲି କହି ରାଜନାଥ ପାକିସ୍ତାନକୁ ଟାର୍ଗେଟ୍ କରିଛନ୍ତି । ଜାମ୍ମୁକାଶ୍ମୀରବାସୀଙ୍କୁ ଧନ୍ୟବାଦ ଦେଲେ ପ୍ରତିରକ୍ଷା ମନ୍ତ୍ରୀ । ସେମାନଙ୍କ ଧୈର୍ଯ୍ୟ, ସାହସ ଓ ରାଗ ପାଇଁ ପାକିସ୍ତାନ ଆଜି ପାନେ ପାଇଛି । ଆତଙ୍କୀଙ୍କ ଆଡ୍ଡା ନଷ୍ଟ ହୋଇଛି । ତେବେ ଅପରେସନ ସିନ୍ଦୂର କେବଳ ନାଁ ନୁହେଁ ଏହା ଏକ ପ୍ରତିବଦ୍ଧତା । ଯେଉଁଥିରେ ଭାରତ ଦେଖାଇଛି ଯେ ଆମେ କେବଳ ସୁରକ୍ଷା ଦେଉନା ବରଂ ସମୟ ଆସିଲେ ଆମେ କଠିନ ନିଷ୍ପତ୍ତି ବି ନେଇପାରୁ । ଏହି ଅପରେସନ ପ୍ରତି ସୈନିକଙ୍କ ଆଖିରେ ଦେଖାଯାଇଥିବା ଏକ ସ୍ୱପ୍ନ ଥିଲା । ଯବାନଙ୍କ ସ୍ୱପ୍ନ ଥିଲା- ଯେ, ଆମେ ଆତଙ୍କବାଦୀଙ୍କ ଆଡ୍ଡାରେ ପହଞ୍ଚିବୁ ଆଉ ମାରିବୁ । ସେମାନେ ଯେଉଁଠି ବି ଲୁଚିଥିଲେ ବି ଖୋଜି ଖୋଜି ମାରିବ ।

ଜେଲରେ ଇମ୍ରାନଙ୍କୁ ନର୍କ ଯନ୍ତ୍ରଣା: ଟ୍ରମ୍ପଙ୍କ ହସ୍ତକ୍ଷେପ ଲୋଡିଲେ ପୁଅ

ଲାହୋର: ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ଦୁର୍ନୀତି ମାମଲାରେ ଦୀର୍ଘ ଦିନ ଧରି ଜେଲରେ ଅଛନ୍ତି । ରିପୋର୍ଟ ଅନୁଯାୟୀ, ତାଙ୍କୁ ଡେଥ୍ ସେଲରେ ରଖାଯାଇଛି ଏବଂ ବର୍ତ୍ତମାନ ତାଙ୍କୁ ତାଙ୍କ ଓକିଲଙ୍କ ସହ କଥା ହେବାକୁ ମଧ୍ୟ ଅନୁମତି ନାହିଁ । ନିକଟରେ ତାଙ୍କ ମୃତ୍ୟୁର ଏକ ଗୁଜବ ମଧ୍ୟ ପ୍ରକାଶ ପାଇଥିଲା । ତଥାପି, ଏହା କୌଣସି ନିର୍ଭରଯୋଗ୍ୟ ସୂତ୍ରରୁ ନିଶ୍ଚିତ ହୋଇପାରି ନାହିଁ । ଏହି ସମୟରେ, ଇମ୍ରାନ ଖାଁ ଙ୍କପୁଅ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ଏବଂ ଇମ୍ରାନ ଖାନଙ୍କୁ ଜେଲରୁ ମୁକୁଳାଇବାରେ ସାହାଯ୍ୟ କରିବାକୁ ନିବେଦନ କରିଛନ୍ତି।

ଏକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଇମ୍ରାନଙ୍କ ପୁଅ କାସିମ ଏବଂ ସୁଲେମାନ ଖାନ ଏକ ସାର୍ବଜନୀନ ଆବେଦନ କରିଛନ୍ତି ଯେଉଁଥିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ବିଶ୍ୱର ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ତାଙ୍କ ପିତାଙ୍କ ମୁକ୍ତିକୁ ସମର୍ଥନ କରିବାକୁ ଆଗେଇ ଆସିବାକୁ ଅନୁରୋଧ କରାଯାଇଛି । କାସିମ ଏବଂ ସୁଲେମାନ ଉଭୟ ବ୍ରିଟିଶ ନାଗରିକ, ଏପର୍ଯ୍ୟନ୍ତ ପ୍ରାୟତଃ ଲୋକଲୋଚନରୁ ଦୂରରେ ରହିଛନ୍ତି । ପ୍ରଥମ ଥର ପାଇଁ ଭାଷଣ ଦେଇ ସେ କହିଥିଲେ ଯେ ସମସ୍ତ ଆଇନଗତ ଏବଂ କୂଟନୈତିକ ରାସ୍ତା ଶେଷ ହୋଇଯାଇଛି ଏବଂ ତାଙ୍କୁ ତାଙ୍କର ନୀରବତା ଭାଙ୍ଗିବାକୁ ବାଧ୍ୟ କରାଯାଇଛି ।

ହଷ୍ଟେଲରେ ଅନୁପ୍ରବେଶ: ରାହୁଲଙ୍କ ନାଁରେ ମାମଲା

ନୂଆଦିଲ୍ଲୀ: ଲୋକସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ଅନୁମତି ବିନା ଗୁରୁବାର ବିହାରର ଦରଭଙ୍ଗାରେ ଆମ୍ବେଦକର ହଷ୍ଟେଲରେ ପହଞ୍ଚିବା ମହଙ୍ଗା ପଡ଼ିଛି । ରାହୁଲଙ୍କ ବିରୋଧରେ ଦରଭଙ୍ଗା ପୁଲିସ ଦୁଇଟି ମାମଲା ରୁଜୁ କରିଛି । ରାହୁଲ ଗାନ୍ଧି ଦରଭଙ୍ଗାରେ ଆମ୍ବେଦକର ହଷ୍ଟେଲରେ ପହଞ୍ଚି ଏକ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମୁଦାୟ ଛାତ୍ରମାନଙ୍କୁ ସମ୍ବୋଧିତ କରିଥିଲେ । ଏଥିପାଇଁ ତାଙ୍କୁ ପ୍ରଶାସନ କୌଣସି ପ୍ରକାର ଅନୁମତି ଦେଇ ନଥିଲା । କାରଣ ପ୍ରଶାସନ କେଣସି ହଷ୍ଟେଲରେ ରାଜନୈତିକ କାର୍ଯ୍ୟକ୍ରମ ପାଇଁ ଅନୁମତି ଦେଇ ନଥାଏ । ଏହା ସତ୍ତ୍ୱେ ବି ରାହୁଲ ଜୋରଜବରଦସ୍ତି ହଷ୍ଟେଲର ପଛଦ୍ୱାର ଦେଇ ହଷ୍ଟେଲ ଭିତରକୁ ପ୍ରବେଶ କରିଥିଲେ । ଏନେଇ ମଜିଷ୍ଟ୍ରେଟ ଖୁର୍ସିଦ ଆଲମ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ କେନ୍ଦ୍ର କରି ରାହୁଲଙ୍କ ବିରୋଧ ଦରଭଙ୍ଗା ପୋଲିସ ଦୁଇଟି ମାମଲା ରୁଜୁ କରିଛି । ଏହି ଘଟଣାକୁ ନେଇ ରାହୁଲ ଗାନ୍ଧି କହିଛନ୍ତି, 'ମୋ ବିରୋଧରେ ୩୦–୩୨ଟି ମାମଲା ପୂର୍ବରୁ ରୁଜୁ ହୋଇଛି ।

ଡ୍ରୋନରେ କଏଦ୍ ଜୈସ୍ ଆତଙ୍କୀ

ଶ୍ରୀନଗର: ଗୁରୁବାର ସକାଳୁ ଜାମ୍ମୁ ଓ କାଶ୍ମୀରର ତ୍ରାଲରେ ସୁରକ୍ଷା ବାହିନୀ ସହିତ ଏକ ବଡ଼ ଗୁଳି ବିନିମୟରେ ଜୈସ-ଏ-ମହମ୍ମଦର ତିନି ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ଏନକାଉଣ୍ଟରରେ ନିହତ ହେବା ପୂର୍ବରୁ ଆତଙ୍କୀର ଚେହେରା ଡ୍ରୋନରେ କଏଦ୍ ହୋଇଛି । ଏବେ ଡ୍ରୋନ୍ ଫୁଟେଜରେ ଘେରା ହୋଇଥିବା ଆତଙ୍କବାଦୀମାନେ ହାତରେ ରାଇଫଲ୍ ଧରି ଏକ ନିର୍ମାଣାଧୀନ କୋଠା ପରି ଦେଖାଯାଉଥିବା ତଳ ମହଲାରେ ଲୁଚି ରହିଥିବା ଦେଖାଯାଉଛି ।ଜମ୍ମୁ ଓ କଶ୍ମୀରର ପୁଲଓ୍ୱାମା ଜିଲ୍ଲାର ତ୍ରାଲର ନାଦିର ଗାଁରେ ସୁରକ୍ଷା ବାହିନୀ ଏକ ଘେରାବନ୍ଦୀ ଏବଂ ସନ୍ଧାନ ଅଭିଯାନ ଆରମ୍ଭ କରିବା ସମୟରେ ଏହି ଏନକାଉଣ୍ଟର ହୋଇଥିଲା । ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ନିର୍ଦ୍ଦିଷ୍ଟ ସୂଚନା ମିଳିଥିଲା ।

ତୁର୍କୀରେ ୫.୧ ତୀବ୍ରତାର ଭୂମିକମ୍ପ

ଇସ୍ତାନବୁଲ: ତୁର୍କୀରେ ଏକ ମଧ୍ୟମ ଧରଣର ଭୂମିକମ୍ପ ହୋଇଛି । ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୧ ମାପ କରାଯାଇଛି । ସୂଚନା ଅନୁଯାୟୀ, ଗୁରୁବାର ସ୍ଥାନୀୟ ସମୟ ଅପରାହ୍ଣ ପ୍ରାୟ ୩.୪୬ ସମୟରେ ତୁର୍କୀରେ ଶକ୍ତିଶାଳୀ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା । କୁଲୁରୁ ଉତ୍ତର-ପୂର୍ବରେ ୧୪ କିଲୋମିଟର ଦୂରରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ଭୂମିକମ୍ପର ଝଟକା ଅନୁଭବ ହେବା ମାତ୍ରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା ଏବଂ ସେମାନେ ଘରୁ ବାହାରକୁ ଦୌଡ଼ିବାକୁ ଲାଗିଥିଲେ । ଇରାନର ସରକାରୀ ଖବର ଏଜେନ୍ସି ମେହର ଅନୁଯାୟୀ, ତୁର୍କୀର ରାଜଧାନୀ ଅଙ୍କାରାରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିଲା, କିନ୍ତୁ କୌଣସି ମୃତାହତ କିମ୍ବା ଆହତଙ୍କ ସମ୍ପର୍କରେ ତୁରନ୍ତ କୌଣସି ସୂଚନା ମିଳିନାହିଁ ।

ଇରାନର ସରକାରୀ ଖବର ଏଜେନ୍ସି ମେହର ଅନୁଯାୟୀ, ତୁର୍କୀର ରାଜଧାନୀ ଅଙ୍କାରାରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିଲା, କିନ୍ତୁ କୌଣସି ମୃତାହତ କିମ୍ବା ଆହତଙ୍କ ସମ୍ପର୍କରେ ତୁରନ୍ତ କୌଣସି ସୂଚନା ମିଳିନାହିଁ। ଆପଣଙ୍କୁ କହି ରଖୁଛୁ ଯେ ବୁଧବାର ପୂର୍ବରୁ ଗ୍ରୀସର ଫ୍ରାଏ ନିକଟସ୍ଥ ଅଞ୍ଚଳରେ ୬.୧ ତୀବ୍ରତାର ଭୂମିକମ୍ପ ହୋଇଥିଲା ।

ଫେବୃଆରୀ ୨୦୨୩ରେ ତୁର୍କୀ ଏବଂ ସିରିଆରେ ଏକ ଶକ୍ତିଶାଳୀ ଭୂମିକମ୍ପ ହୋଇଥିଲା । ପ୍ରଥମ ଭୂମିକମ୍ପଟି ୭.୮ ତୀବ୍ରତାର ଥିଲା, ତା'ପରେ ଦ୍ୱିତୀୟ ଭୂମିକମ୍ପଟି ୭.୫ ତୀବ୍ରତାର ଥିଲା । ଏହା ସହିତ, ଅନେକ ଶକ୍ତିଶାଳୀ ଭୂମିକମ୍ପ ମଧ୍ୟ ଘଟିଥିଲା ଯାହା ଯୋଗୁଁ କୋଠାଗୁଡ଼ିକ ତାସ ପ୍ୟାକେଟ ପରି ଭୁଶୁଡ଼ି ପଡ଼ିଥିଲା । ଏହି ବିନାଶକାରୀ ପ୍ରଭାବରେ ତୁର୍କୀରେ ୫୯,୦୦୦ ଏବଂ ସିରିଆରେ ୮୦୦୦ ଲୋକଙ୍କର ମୃତ୍ୟୁ ହୋଇଥିଲା ।

ସିରିଆ ରାଷ୍ଟ୍ରପତିଙ୍କୁ ଟ୍ରମ୍ପଙ୍କ ପ୍ରଶଂସା

ୱାଶିଂଟନ: ଦୀର୍ଘ ବର୍ଷ ଧରି ରହିଥିବା ଆମେରିକାର ନୀତିକୁ ବଦଳାଇଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଆତଙ୍କବାଦୀଙ୍କୁ ସୁରକ୍ଷା ଦେଉଥିବାରୁ ସିରିୟାକୁ ଆମେରିକା ସବୁବେଳେ ଅଣଦେଖା କରି ଆସୁଥିଲା । ଆମେରିକାର ସବୁ ନୀତି ସିରିୟା ବିରୋଧରେ ରହୁଥିଲା । କିନ୍ତୁ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ଏହା ବଦଳି ଯାଇଛି । ଟ୍ରମ୍ପ ସବୁ ପରମ୍ପରା ଓ ନୀତିକୁ ଅଣଦେଖା କରି ସିରିୟାର ଅନ୍ତରୀଣ ରାଷ୍ଟ୍ରପତି ଅହମଦ ଅଲ ଶାରାଙ୍କୁ ଭେଟିଛନ୍ତି । ଅହମଦ ହେଉଛନ୍ତି ବିଦ୍ରୋହୀ ସଂଗଠନ ହାୟତ ତାହରିର ଅଲ ଶାମ(ଏଚଟିଏସ)ର ପୂର୍ବତନ ଲିଡର । ଆମେରିକା ବିରୋଧରେ ସବୁବେଳେ ଷଡ଼ଯନ୍ତ୍ର କରି ଚାଲିଥିବା ଅଲକାଏଦାର ଏହା ଛାୟା ଆତଙ୍କବାଦୀ ସଂଗଠନଛ ଆମେରିକା ପକ୍ଷରୁ ଏହାକୁ ବିଶ୍ୱସ୍ତରୀୟ ଆତଙ୍କବାଦୀ ସଂଗଠନ ମଧ୍ୟ ଘୋଷଣା କରାଯାଇଥିଲା । ହେଲେ ଅଲକାଏଦା ସହ ଲିଙ୍କ ରଖିଥିବା ଗୋଟିଏ ସଂଗଠନର ନେତାକୁ ଟ୍ରମ୍ପ ଭେଟିବା ସମସ୍ତଙ୍କୁ ଚକିତ କରିଛି ।

ସବୁଠାରୁ ଚିନ୍ତାର ବିଷୟ ହେଉଛି ଯେ ଅହମଦ ଏକଦା ଜଣେ ଆତଙ୍କବାଦୀ ଥିଲେଛ ଆମେରିକା ବିରୋଧରେ ବି ସେ ଲଢ଼େଇ କରି ଅନେକ କ୍ଷତି କରିଥିଲେ । କିନ୍ତୁ ବନ୍ଧୁକ ମୁନରେ ତାଙ୍କ ସଂଗଠନ ସିରିୟାକୁ ଦଖଲ କରିବା ପରେ ସେ ଅନ୍ତରୀଣ ରାଷ୍ଟ୍ରପତି ହୋଇଛନ୍ତି । ଆତଙ୍କବାଦୀରୁ ରାଷ୍ଟ୍ରପତି ହୋଇଥିବା ଅହମଦଙ୍କୁ ଟ୍ରମ୍ପ ସାଉଦି ଆରବର ରିୟାଦରେ ଭେଟିଛନ୍ତି । ସାଉଦି ଆରବର କ୍ରାଉନ ପ୍ରିନ୍ସ ମହମ୍ମଦ ବିନ ସଲମାନଙ୍କ ଅନୁରୋଧକ୍ରମେ ଟ୍ରମ୍ପ ଓ ଅହମଦଙ୍କ ମଧ୍ୟରେ ଭେଟଘାଟ ହୋଇଛି । ଏହି ଭେଟଘାଟ ପୂର୍ବରୁ ୧୯୭୯ରୁ ସିରିୟା ଉପରେ ଆମେରିକା ଲଗାଇଥିବା କଟକଣାକୁ ଟ୍ରମ୍ପ ହଟାଇ ଦେଇଥିଲେ । ବୈଠକ ପରେ ଟ୍ରମ୍ପ କହିଛନ୍ତି ଯେ ଅହମଦ ଅଲ ଶାରା ନିଶ୍ଚିତ ଭାବେ ଯୁଦ୍ଧ କ୍ଷତିଗ୍ରସ୍ତ ସିରିୟାରେ ଭଲ କାମ କରୁଛନ୍ତି । ସେ ପୂର୍ବତନ ଆତଙ୍କବାଦୀ ଅହମଦଙ୍କୁ ଜଣେ ଆକର୍ଷଣୀୟ ଯୁବକ ବୋଲି ମଧ୍ୟ କହିବାକୁ ପଛାଇ ନାହାନ୍ତି । ଏୟାର ଫୋର୍ସ ୱାନକୁ ଟ୍ରମ୍ପ କହିଛନ୍ତି, ଅଲ ଶାରା ଜଣେ ଯୁବକ, ଆକର୍ଷଣୀୟ ପିଲା । ଚମତ୍କାର ବ୍ୟକ୍ତି । ତାଙ୍କ ଅତୀତ ବେଶ ମଜବୁତ । ସେ ଜଣେ ଯୋଦ୍ଧା । ଏସବୁକୁ ଏକାଠି ରଖିବାର କଳା ତାଙ୍କୁ ବେଶ ଭଲ ଭାବେ ଜଣା । ସିରିୟାର କୌଣସି ନେତାଙ୍କୁ ଭେଟିବାରେ ଟ୍ରମ୍ପ ହେଉଛନ୍ତି ଆମେରିକାର ପ୍ରଥମ ରାଷ୍ଟ୍ରପତି । ଭେଟଘାଟ ସମୟରେ ଏକଦା ଆତଙ୍କବାଦୀ ମାନ୍ୟତା ପାଇଥିବା ଅହମଦଙ୍କୁ ଟ୍ରମ୍ପ ଇସ୍ରାଏଲ ସହ ସମ୍ପର୍କକୁ ସ୍ୱାଭାବିକ କରିବାକୁ ପରାମର୍ଶ ଦେଇଛନ୍ତି । ଆତଙ୍କବାଦୀଙ୍କୁ ସମର୍ଥନ କରୁଥିବାରୁ ଆମେରିକା ୧୯୭୯ରେ ସିରିୟାକୁ କଳାତାଲିକା ଭୁକ୍ତ କରିଥିଲା । କିନ୍ତୁ ଭେଟଘାଟ ପରେ ମଧ୍ୟ ଏହି ତାଲିକାରୁ ସିରିୟାକୁ ହଟାଇବା ପାଇଁ ଟ୍ରମ୍ପ କୌଣସି ସଙ୍କେତ ଦେଇ ନାହାନ୍ତି । କିନ୍ତୁ ବଶର ଅଲ ଅସାଦଙ୍କ ଶାସନ ସମୟରେ ସିରିୟା ଉପରେ ଆମେରିକା ଲଗାଇଥିବା ଏକାଧିକ ଅନ୍ୟ କଟକଣାକୁ ଟ୍ରମ୍ପ ହଟାଇଛନ୍ତି । ଗତବର୍ଷ ଡିସେମ୍ବରରେ ଅସାଦଙ୍କୁ ହଟାଇ ଅହମଦ ସିରିୟାର ଅନ୍ତରୀଣ ରାଷ୍ଟ୍ରପତି ହୋଇଥିଲେ ।

ପୂର୍ଣ୍ଣମ କୁମାର ବଖାଣିଲେ ପାକ୍ ରେଞ୍ଜରଙ୍କ ବର୍ବରତା

ନୂଆଦିଲ୍ଲୀ: ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍)ର ଜଣେ ଯବାନଙ୍କୁ ପାକିସ୍ତାନ ଭାରତୀୟ କର୍ତ୍ତୃପକ୍ଷଙ୍କ ହାତରେ ହସ୍ତାନ୍ତର କରିଛି । ସେ ଏପ୍ରିଲ ୨୩ ତାରିଖରେ ପଞ୍ଜାବର ଅନ୍ତର୍ଜାତୀୟ ସୀମାରେ ଗିରଫ ହେବା ପରେ ପାକିସ୍ତାନୀ ହେପାଜତରେ ୨୧ ଦିନ ଧରି ଯନ୍ତ୍ରଣାଦାୟକ ଭାବରେ ବିତାଇଥିଲେ ।ନିଜ ଦେଶକୁ ଫେରିବା ପରେ ସେ ଦୁଃଖକଷ୍ଟର କଥାକୁ ଗୋଟି ଗୋଟି କରି କହିଛନ୍ତି । ତାଙ୍କ କହିବାନୁସାରେ ପାକିସ୍ତାନ ତାଙ୍କ ଆଖିରେ କଳା ପଟି ବାନ୍ଧି ତାଙ୍କୁ ରଖୁଥିଲା । ସେ ଶୋଇ ବି ପାରୁନଥିଲେ । ଖାଲି ସେତିକି ନୁହେଁ, ପାକିସ୍ତାନ ତାଙ୍କୁ ଅନେକ ବାକ୍ ନିର୍ଯାତନା ବି ଦେଉଥିଲା । ସୂତ୍ର ଅନୁଯାୟୀ ବିଏସ୍ଏଫ୍ ଯବାନ ପୂର୍ଣ୍ଣମ କୁମାର ସ'ଙ୍କୁ ପାକିସ୍ତାନୀ କର୍ତ୍ତୃପକ୍ଷ ଆଖିରେ ପଟି ବାନ୍ଧି ରଖିଥିଲେ । ତାଙ୍କୁ ନିଦରୁ ବଞ୍ଚିତ କରିଥିଲେ ଏବଂ ଅନେକ ଗାଳି ବି ଦେଉଥିଲେ ।ଶାରୀରିକ ନିର୍ଯାତନା ଦିଆଯାଇ ନଥିଲେ ମଧ୍ୟ ସୀମାରେ ବିଏସଏଫ ନିୟୋଜନ ବିଷୟରେ ତାଙ୍କୁ ପଚରାଯାଇଥିଲା । ତେବେ ଦୁଃଖର କଥା ହେଉଛି ତାଙ୍କୁ ଦାନ୍ତ ଘଷିବାକୁ ମଧ୍ୟ ଅନୁମତି ଦିଆ ଯାଇ ନଥିଲା ।୨୩ ଏପ୍ରିଲରେ ଫିରୋଜପୁର ସେକ୍ଟରରେ ଡ୍ୟୁଟି ସମୟରେ ଭୁଲବଶତଃ ପାକିସ୍ତାନ ଅଞ୍ଚଳ ପାର ହୋଇଯାଇଥିବାରୁ ବିଏସଏଫ ଯବାନଙ୍କୁ ପାକିସ୍ତାନ ରେଞ୍ଜର୍ସ ଗିରଫ କରିଥିଲେ ।ବନ୍ଦୀତ୍ୱ ସମୟରେ ୨୪ତମ ବିଏସଏଫ ବାଟାଲିୟନର ଜବାନ ସ'ଙ୍କୁ ପାକିସ୍ତାନର ତିନୋଟି ଅଜ୍ଞାତ ସ୍ଥାନକୁ ନିଆଯାଇଥିଲା । ସେହି ସ୍ଥାନଗୁଡ଼ିକ ମଧ୍ୟରୁ ଗୋଟିଏ ଏକ ଏୟାରବେସ୍ ନିକଟରେ ଥିଲା ଯେଉଁଠାରେ ସେ ବିମାନର ଶବ୍ଦ ଶୁଣିପାରୁଥିଲେ । ଏହି ଗତିବିଧି ସମୟରେ ଯବାନଙ୍କୁ ପ୍ରାୟତଃ ଆଖିରେ ପଟି ବାନ୍ଧି ରଖାଯାଉଥିଲା ।ଗୋଟିଏ ସ୍ଥାନରେ ତାଙ୍କୁ ଏକ ଜେଲ କୋଠରୀରେ ରଖାଯାଇଥିଲା ।

କୋର୍ଟରେ ଅଭିଯୁକ୍ତକୁ ଫୁଲ ଦେଲେ ଦୁଷ୍କର୍ମ ପୀଡିତା

ନୂଆଦିଲ୍ଲୀ: ଗୁରୁବାର ସୁପ୍ରିମକୋର୍ଟରେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା । ଅପରାହ୍ଣରେ କୋର୍ଟରେ ଶୁଣାଣି ଚାଲିଥିବା ବେଳେ ସୁପ୍ରିମକୋର୍ଟରେ ପୀଡିତା ମହିଳା ଏବଂ ଅଭିଯୁକ୍ତ ପରସ୍ପରକୁ ଫୁଲ ଦେଇଥିଲେ । ଏହା ଦେଖି ଶୁଣାଣିରେ ଉପସ୍ଥିତ ଲୋକେ କରତାଳି ମାରିଥିଲେ । ସୁପ୍ରିମକୋର୍ଟ ଦୋଷୀଙ୍କ ଦଣ୍ଡକୁ ସ୍ଥଗିତ ରଖି ତାଙ୍କୁ ବିବାହ କରିବାକୁ ଅନୁମତି ଦେଇଥିଲେ । ଗୁରୁବାର ଅପରାହ୍ଣରେ ବିଚାରପତି ବିବି ନାଗରତ୍ନା ଏବଂ ବିଚାରପତି ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ଶୁଣାଣି କରୁଥିବା ସମୟରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା । ଦୁଷ୍କର୍ମର ଅଭିଯୋଗ ଆଣିଥିବା ପୀଡ଼ିତା, ଅଭିଯୁକ୍ତକୁ କ୍ଷମା କରିବା ସହ ତାଙ୍କୁ ବିବାହ କରିବାକୁ ରାଜି ହୋଇଥିଲେ । ଏହା ପରେ ଦୁହେଁ ପରସ୍ପରକୁ ଫୁଲ ଦେଇଥିଲେ ।

ଅନ୍ୟପକ୍ଷରେ ପୀଡ଼ିତା ବିବାହ କରିବାକୁ ରାଜି ହେବା ପରେ କୋର୍ଟ ଅଭିଯୁକ୍ତର ଦୋଷକୁ କ୍ଷମା କରିଛନ୍ତି । ଖଣ୍ଡପୀଠ ଦୋଷକୁ କ୍ଷମା କରି କହିଛନ୍ତି ଯେ, ସେମାନେ ପରସ୍ପରକୁ ବିବାହ କରିବାକୁ ପ୍ରସ୍ତୁତ । ବିବାହର ସମୟ ସେମାନଙ୍କ ପିତାମାତାଙ୍କ ଦ୍ୱାରା ସ୍ଥିର କରାଯିବ । ଆମେ ଆଶା କରୁଛୁ ଯେ ବିବାହ ଯଥାଶୀଘ୍ର ହେବ । ଏପରି ପରିସ୍ଥିତିରେ ଆମେ ଦିଆଯାଇଥିବା ଦଣ୍ଡ ସ୍ଥଗିତ ରଖୁଛୁ ଏବଂ ଦୋଷୀକୁ ମୁକ୍ତ କରୁଛୁ ।

ଉଲ୍ଲେଖଯୋଗ୍ୟ, ପୀଡ଼ିତା ଫେସବୁକ୍ ଜରିଆରେ ଅଭିଯୁକ୍ତକୁ ଭେଟିଥିଲେ । ଏହା ପରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା । ଅଭିଯୁକ୍ତ ୨୦୧୬ରୁ ୨୦୨୧ ମଧ୍ୟରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବାରମ୍ବାର ଦୁଷ୍କର୍ମ କରିଥିଲେ ବୋଲି ପୀଡ଼ିତା ଅଭିଯୋଗ ଆଣିଥିଲେ ।

ପୁରସ୍କାର ରାଶି ବଢ଼ାଇଲା ଆଇସିସି

ଡବ୍ଲ୍ୟୁପିସି ଫାଇନାଲ ବିଜେତାଙ୍କୁ ୩୧ କୋଟି

ନୂଆଦିଲ୍ଲୀ,୧୫।୫ (ଏଜେନ୍ସି): ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ ଜୁନ୍ ୧୧ରୁ ଇଂଲଣ୍ଡର ଐତିହାସିକ ଷ୍ଟାଡିୟମ୍ ଲର୍ଡ୍ସରେ ଆରମ୍ଭ ହେବାକୁଯାଉଛି । ଏହି ମୁକାବିଲା ଅଷ୍ଟ୍ରେଲିଆ ଓ ଦ.ଆଫ୍ରିକା ମଧ୍ୟରେ ହେବ । ଏଥର ପୂର୍ବ ଫାଇନାଲ ଅପେକ୍ଷା ଅଧିକ ସ୍ୱତନ୍ତ୍ର ହେବାକୁଯାଉଛି । କାରଣ ଆଇସିସି ପୁରସ୍କାର ରାଶି ବଢ଼ାଇ ଦେଇଛି । ଏହି ପୁରସ୍କାର ରାଶି ଗତ ଦୁଇ ଟୁର୍ଣ୍ଣାମେଣ୍ଟରେ ମିଳିଥିବା ଅର୍ଥର ଦୁଇ ଗୁଣାରୁ ଅଧିକ । ଆଇସିସି ଅଧ୍ୟକ୍ଷ ଜୟ ଶାହା ଏହି ସୂଚନା ଦେଇଛନ୍ତି ।

ଚଳିତ ବର୍ଷ କେବଳ ଫାଇନାଲରେ ପହଞ୍ଚିଥିବା ଦଳ ସହ ଅନ୍ୟ ସବୁ ଦଳ ଉପରେ ଟଙ୍କା ବର୍ଷା ହେବ । ଜୟ ଶାହା କହିଛନ୍ତି ଯେ ଚଳିତ ବର୍ଷ ମୋଟ୍ ୫.୭୬ ମିଲିୟନ୍ ଡଲାର ଅର୍ଥାତ୍ ୪୯ କୋଟି ଟଙ୍କା ବିଜେତା ଓ ଉପବିଜେତା ଦଳ ମଧ୍ୟରେ ବଣ୍ଟା ଯିବ । ଚାମ୍ପିଅନ୍ ଦଳକୁ ୩୧ କୋଟି ଟଙ୍କା ମିଳିବ । ଅର୍ଥାତ୍ ରନର୍ସ ଅପ୍ ଦଳ ମଧ୍ୟ ୧୮ କୋଟି ଟଙ୍କା ପାଇବ । ଏବର୍ଷ ଗତ ୨ ସଂସ୍କରଣ ଫାଇନାଲ ପୁରସ୍କାର ରାଶି ଠାରୁ ଦୁଇ ମିଲିୟନ୍ ଡଲାର ଅଧିକ । ପୂର୍ବ ବିଜେତା ଦଳକୁ ୧.୬ ମିଲିୟନ୍ ଡଲାର ମିଳୁଥିଲା । ଗତ ବର୍ଷ ତୁଳନାରେ ଅଧିକ । ଗତ ଦୁଇ ଫାଇନାଲ ହାରିଥିବା ଫାଇନାଲ ଭାରତୀୟ ଦଳକୁ ୮/୮ ଲକ୍ଷ ଡଲାର ମିଳିଥିଲା । ଫାଇନାଲରେ ସାମିଲ ଦୁଇ ଟିମ୍ ବ୍ୟତୀତ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ଥିବା ଦଳ ଭାରତକୁ ୧୨ କୋଟି ଟଙ୍କା ମିଳିବ । ଚତୁର୍ଥ ସ୍ଥାନରେ ଥିବା ନ୍ୟୁଜିଲାଣ୍ଡକୁ ୧.୨୦ ମିଲିୟନ୍ ଡଲାର ମିଳିବ । ଇଂଲଣ୍ଡକୁ ୯ ଲକ୍ଷ ୬୦ ହଜାର ଡଲାର, ଶ୍ରୀଲଙ୍କାକୁ ୮.୪୦ ହଜାର ଡଲାର, ବାଂଲାଦେଶକୁ ୭.୨୦ ହଜାର ଡଲାର, ୱେଷ୍ଟଇଣ୍ଡିଜ୍‌କୁ ୬ ଲକ୍ଷ ଡଲାର ଓ ପାକିସ୍ତାନକୁ ୪ ଲକ୍ଷ ୮୦ ହଜାର ଡଲାର ମିଳିବ ।

ଆଇପିଏଲ୍ ଖେଳିବେ ଦ.ଆଫ୍ରିକା ଖେଳାଳି

ନୂଆଦିଲ୍ଲୀ,୧୫।୫ (ଏଜେନ୍ସି): ଆଇପିଏଲ୍‌ର ଫ୍ରାଞ୍ଚାଇଜ ଗୁଡିକୁ ଆସ୍ୱସ୍ତି ମିଳିଛି । ଦ.ଆଫ୍ରିକା କ୍ରିକେଟ୍ ତାର ପୂର୍ବ ନିଷ୍ପତ୍ତିରେ ପରିବର୍ତ୍ତନ କରିଛି । ଆର୍ଥାତ୍ ଦ.ଆଫ୍ରିକାର ୮ ଜଣ କ୍ରିକେଟ୍‌ର ଆଇପିଏଲ୍‌ର ଅବଶିଷ୍ଟାଂଶ ମ୍ୟାଚ ଖେଳିବା ପାଇଁ ନିଜ ନିଜ ଫ୍ରାଞ୍ଚାଇଜ୍ ସହ ଯୋଗଦେବେ । ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ ପାଇଁ ଦ.ଆଫ୍ରିକା କ୍ରିକେଟ୍ ତାରିଖ ବଦଳାଇଛି । ଜୁନ୍ ୧୧ରୁ ଅଷ୍ଟ୍ରେଲିଆ ଓ ଦ.ଆଫ୍ରିକା ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ ଖେଳାଯିବ । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ପାଇଁ ଦ.ଆଫ୍ରିକା ମେ ୨୬ ସୁଧା ସମସ୍ତ ଖେଳାଳିଙ୍କୁ ଦେଶକୁ ଫେରିବାକୁ ନିର୍ଦ୍ଦେଶ ଦେଇଥିଲା । କିନ୍ତୁ ଆଇପିଏଲ୍ ଜୁନ୍ ୩ ତାରିଖ ପର୍ଯ୍ୟନ୍ତ ଘୁଞ୍ଚିଛି । ଦ.ଆଫ୍ରିକା କ୍ରିକେଟ୍ ନିର୍ଦ୍ଦେଶକ ଇନୋକ ନକୱେ କହିଛନ୍ତି ସଂଶୋଧିତ ମ୍ୟାଚ ପାଇଁ ପ୍ରସ୍ତୁତି ଶିବିର ଜୁନ୍ ୩ରୁ ଆରମ୍ଭ ହେବ ।

ନିଷ୍ପତ୍ତି ବଦଳାଇଲା ଦ.ଆଫ୍ରିକା କ୍ରିକେଟ୍ ବୋର୍ଡ

ତଳସ୍ତରରେ ଆମେ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ ପ୍ରସ୍ତୁତି ଉପରେ ଫୋକସ୍ ରଖିଛୁ ।

ମତ ବଦଳାଇବା ଯୋଗୁଁ ଦ.ଆଫ୍ରିକାର କାଗିସୋ ରବାଡା, ଆଦିନ ମାର୍କ୍ରାମ, ଲୁଙ୍ଗି ଏନ୍‌ଗିଡି, ମାର୍କୋ ଜନସେନ୍ ଓ ଟ୍ରିଷ୍ଟାନ ଷ୍ଟବସଙ୍କ ଭଳି ଖେଳାଳି ଆଇପିଏଲ୍‌ର ଅବଶିଷ୍ଟ ମ୍ୟାଚ ଗୁଡିକ ଖେଳିବେ । ଭାରତ ଓ ପାକିସ୍ତାନ ବିବାଦ ଯୋଗୁଁ ଆଇପିଏଲ୍ ସପ୍ତାହରୁ ଅଧିକ ସମୟ ହେବ ବନ୍ଦ ରହିଥିଲା । ୧୭ ତାରିଖରୁ ଆଇପିଏଲ୍‌ର ଅବଶିଷ୍ଟ ମ୍ୟାଚ ଗୁଡିକ ହେବ ।

କ୍ରିକେଟ୍ ଦ.ଆଫ୍ରିକା ମେ ୧୬ ସୁଧା ସମସ୍ତ ଖେଳାଳିଙ୍କୁ ରିପୋର୍ଟିଂ କରିବାକୁ କହିଥିବାରୁ ସେମାନେ ଆଇପିଏଲ୍‌ରେ ଭାଗ ନେବା ନେଇ ଅନିଶ୍ଚିତତାକୁ ଫେରିଯାଇଥିଲେ । ଏବେ ଆଇପିଏଲ୍ ଫାଇନାଲ ଜୁନ୍ ୩ରେ ହେବାକୁଯାଉଛି । ସେହି ଅନୁସାରେ ଦ.ଆଫ୍ରିକା ନିଜର ପ୍ରଶିକ୍ଷଣ ସେସନ୍‌କୁ ବଦଳାଇ ଦେଇଛି । ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ ଫାଇନାଲ ପୂର୍ବରୁ ଦ,ଆଫ୍ରିକା ଜୁନ୍ ୩ରେ ଜିମ୍ବାୱେ ସହ ଏକ ଅଭ୍ୟାସ ମ୍ୟାଚ ଖେଳିବାର ଥିଲା । ଏବେ ଏହି ବାତିଲ ହୋଇପାରେ ।

ପୂର୍ବ ବୁଝାମଣା ଅନୁସାରେ ବିସିସିଆଇ ଆଇପିଏଲରେ ଭାଗ ନେଇଥିବା ବିଦେଶୀ ଖେଳାଳିଙ୍କୁ ମେ ୨୬ରୁ ରିଲିଜ୍ କରିବାର ଥିଲା । କିନ୍ତୁ ସଂଶୋଧିତ ଆଇପିଏଲ୍ ସୂଚୀ ଅନୁସାରେ ଲିଗ୍ ପର୍ଯ୍ୟାୟ ମେ ୨୭ରେ ସରିବ । ଫାଇନାଲ ଜୁନ୍ ୩ରେ ହେବ । ଆଇପିଏଲ ଖେଳୁଥିବା ଦ.ଆଫ୍ରିକାର ୮ ଜଣ ଖେଳାଳି ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ ପାଇଁ ଘୋଷଣା ହୋଇଥିବା ଦଳରେ ଅଛନ୍ତି । ଏମାନେ ହେଲେ ଗୁଜରାଟ ଟାଇଟନ୍ସର କାଗିସୋ ରବାଡା, ରୟାଲ ଚାଲେଞ୍ଜର୍ସର ଲୁଙ୍ଗି ଏନ୍‌ଗିଡି, ଦିଲ୍ଲୀ କ୍ୟାପିଟାଲ୍ସର ଟ୍ରିଷ୍ଟାନ ଷ୍ଟବସ୍, ଲକ୍ଷ୍ନୌ ସୁପର ଜ୍ୟାଣ୍ଟସର ଆଦିନ ମାର୍କ୍ରାମ, ମୁମ୍ବାଇର ରିଆନ୍ ରିକେଲଟନ୍, ମୁମ୍ବାଇ ଇଣ୍ଡିଆନ୍ସର କୋର୍ବିନ୍ ବଚ୍, ପଞ୍ଜାବ କିଙ୍ଗ୍ସର ମାର୍କୋ ଜନସେନ୍, ସନ୍‌ରାଇଜର୍ସ ହାଇଦ୍ରାବାଦର ୱିଆନ୍ ମୁଲ୍ଡର । ଏମାନେ ସମସ୍ତେ ସ୍ୱଦେଶ ଫେରି ଦଳ ସହ ଯୋଗଦେବେ ।

ଯୁଥ୍ ଲିଗ୍ ଫୁଟବଲ

ଭୁବନେଶ୍ୱର ଡିଭିଜନ ଆରମ୍ଭ

ୟୁନିଟ୍-୬କୁ ହରାଇଲା ଆର୍ଦ୍ଦର

ଭୁବନେଶ୍ୱର,୧୫।୫ (ସବ୍ୟୁ): ଫାଓର ଘରୋଇ ପ୍ରତିଯୋଗିତା ୧୭ ବର୍ଷରୁ କମ୍ ଯୁଥ୍ ଲିଗ୍‌ର ଭୁବନେଶ୍ୱର ଡିଭିଜନ୍ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ମ୍ୟାଚରେ ଆର୍ଦ୍ଦର ଫୁଟବଲ ଏକାଡେମୀ ୩-୧ ଗୋଲରେ ୟୁନିଟ୍-୬ ଆଥଲେଟିକ୍ ଆସୋସିଏସନ୍‌କୁ ହରାଇଛି । ବିଜୟୀ ଆର୍ଦ୍ଦର ଫୁଟବଲ ଏକାଡେମୀର ଦେବାଂଶୁ ପ୍ରଧାନ ସପ୍ତମ ମିନିଟ୍, ଅନମୋଲ ନାଥ ୫୭ ଓ ଓମ୍ ମଲାକର ୭୯ତମ ମିନିଟ୍‌ରେ ଗୋଲ୍ କରିଥିଲେ । ୟୁନିଟ୍-୬ ଆଥଲେଟିକ୍ ପକ୍ଷରୁ ୮୧ତମ ମିନିଟ୍‌ରେ ଆୟୁଷ ଲୋହାର ଗୋଲ୍ ପରିଷଦ କରିଥିଲେ ।

କଟକ ଡିଭିଜନ୍‌ରେ ଅର୍ବାନ ଆଡଭେଞ୍ଚର କ୍ଲବ୍ ୪-୦ ଗୋଲ୍‌ରେ ରାଇଜିଂ ଷ୍ଟାର କ୍ଲବ୍‌କୁ ହରାଇଛି । କଟକ ମଙ୍ଗଳାବାଗ ସ୍ଥିତ ବୋଷ କମ୍ପ୍ଲେକ୍ସରେ ଅନୁଷ୍ଠିତ ଏହି ମ୍ୟାଚରେ ଅର୍ବାନ ଆଡଭେଞ୍ଚର କ୍ଲବ୍ ପକ୍ଷରୁ ମୀର ଶାହାଜାଦ ଅଲ୍ଲୀ ୧୨ ଓ ୬୫ ମିନିଟ୍‌ରେ ଡବଲ ଗୋଲ୍, ରେହାନ ଖାନ୍ ୪୭ ମିନିଟ୍ ତଥା ବିଶ୍ୱଜିତ୍ ସୋରେନ ୫୪ତମ ମିନିଟ୍‌ରେ ଗୋଲ୍ କରିଥିଲେ ।

ଦ୍ୱିତୀୟ ମ୍ୟାଚରେ ଇଲେଭେନ୍ ବ୍ରାଇଟ ଷ୍ଟାର ଦଳକୁ ୩-୦ ଗୋଲ୍‌ରେ ମଙ୍ଗଳା କ୍ଲବ ପରାଜିତ କରିଛି । ବିଜୟୀ ମଙ୍ଗଳା କ୍ଲବ୍‌ର ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ୪୯ ମିନିଟ୍, ଗଣେଶ ବିନ୍ଧାଣୀ ୫୭ ମିନିଟ୍ ଓ ଆଶିଷ ରାଉତ ୮୨ ମିନିଟ୍‌ରେ ଗୋଲ୍ କରିଥିଲେ ।

ନୀରଜ କହିଲେ ନଦୀମଙ୍କ ସହ ନଥିଲା ବନ୍ଧୁତା

ନୂଆଦିଲ୍ଲୀ,୧୫।୫ (ଏଜେନ୍ସି): ଭାରତର ତାରକା ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ପାକିସ୍ତାନର ଅର୍ସଦ ନଦିମଙ୍କ ସହ ଥିବା ବନ୍ଧୁତ୍ୱ ସମ୍ପର୍କର ଖୁଲାସା କରିଛନ୍ତି । ବର୍ତ୍ତମାନ ଭାରତ ଓ ପାକିସ୍ତାନ ବିବାଦ ଯୋଗୁଁ ସ୍ଥିତି ପୂର୍ବ ଭଳି ନାହିଁ । ନୀରଜ କହିଛନ୍ତି ନଦୀମଙ୍କ ସହ ବନ୍ଧୁତା ନିବିଡ ନଥିଲା । ସେ ମୋ ସହ ସମ୍ମାନ ସହ କଥା ହୁଅନ୍ତି ମୁଁ ମଧ୍ୟ ଉପଯୁକ୍ତ ଉତ୍ତର ଦେଇଥାଏ । ଅନ୍ତର୍ଜାତୀୟସ୍ତରର ଆଥଲେଟ୍ ହେବା ପରେ ସମସ୍ତଙ୍କ ସହ ସମ୍ପର୍କ ରଖିବାକୁ ପଡେ । ୨୦୨୧ ଟୋକିଓ ଅଲିମ୍ପିକ୍ସରେ ନୀରଜ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ନଦୀମ ପଦକ ଜିତି ନଥିଲେ । ପ୍ୟାରିସ ଅଲିମ୍ପିକ୍ସରେ ନଦୀମ ସ୍ୱର୍ଣ୍ଣ ତଥା ନୀରଜ ରୌପ୍ୟ ପଦକ ଜିତିଥିଲେ । ଏନ୍‌ସି କ୍ଲାସିକ ଜାଭେଲିନ୍ ଚାମ୍ପିଅନ୍‌ସିପ୍ ପାଇଁ ନଦୀମଙ୍କୁ ଆମନ୍ତ୍ରଣ କରିବା ନେଇ ନୀରଜ ସମାଲୋଚିତ ହୋଇଥିଲେ । ପହଲଗାମ ଆକ୍ରମଣର କଡ଼ା ଜବାବ ଦେଇଥିଲା

ଭାରତୀୟ ସେନା । ପାକିସ୍ତାନରେ ଅନେକ ଆତଙ୍କବାଦୀଙ୍କୁ ଟାର୍ଗେଟ କରାଯାଇଥିଲା । ଏବେ ପାକିସ୍ତାନ ସହ ଭାରତର ପ୍ରାୟ ସବୁ ସମ୍ପର୍କ ଛିନ୍ନ ହୋଇଛି । ଏଦୃଷ୍ଟିରୁ ନୀରଜ ମଧ୍ୟ ନଦୀମଙ୍କୁ ବନ୍ଧୁ ତାଲିକାରୁ ହଟାଇଛନ୍ତି ।

ଭାରତ-ବଲୁଚିସ୍ତାନ କ୍ରିକେଟ୍ ମ୍ୟାଚ !

ନୂଆଦିଲ୍ଲୀ,୧୫।୫ (ଏଜେନ୍ସି): ଆଇସିସି ଅନୁଯାୟୀ ଟେଷ୍ଟ କ୍ରିକେଟ୍ ଖେଳୁଥିବା ୧୨ଟି ପୂର୍ଣ୍ଣ ସଦସ୍ୟ ଦେଶ ଏବଂ ୯୬ଟି ସହଯୋଗୀ ରାଷ୍ଟ୍ର ଅଛନ୍ତି । ଏହାରି ଭିତରେ ଆଉ ଏକ ଖବର ସାମ୍ନାକୁ ଆସିଛି । କ୍ରିକେଟ୍ ଖେଳିବାକୁ ଯାଉଛି ଏକ ନୂଆ ଦଳ ବଲୁଚିସ୍ତାନ । ତାହା ବି ପୁଣି ଭାରତ ବିପକ୍ଷରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳାଯିବା ନେଇ ସୋସିଆଲ ମିଡିଆରେ ଏକ ପୋଷ୍ଟ ଭାଇରାଲ ହେବାରେ ଲାଗିଛି । ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବ ଭାରତ ଦେଇଥିଲା । ଅପରେସନ୍ ସିନ୍ଦୂର ଯୋଗୁଁ ପାକିସ୍ତାନ ସହ ତିକ୍ତତା ବଢ଼ିଛି । ଏହାରି ଭିତରେ ପାକିସ୍ତାନରେ ମଧ୍ୟ ଗୃହଯୁଦ୍ଧ ଆରମ୍ଭ ହୋଇଛି । ବଲୁଚିସ୍ତାନ ପାକିସ୍ତାନ ଠାରୁ ସ୍ୱାଧୀନ ହେଲା ବୋଲି ଘୋଷଣା କରିଛନ୍ତି ବଲୁଚି ନେତା । ସମସ୍ତ ଦେଶ ଗୁଡିକୁ ସହାୟତା ଲାଗି ଅପିଲ କରୁଛନ୍ତି । ବଲୁଚିସ୍ତାନ ସ୍ୱାଧୀନତା ପାଇଲା ବୋଲି ସୋସିଆଲ ମିଡିଆ ପ୍ଲାଟଫର୍ମରେ କହିଛନ୍ତି ବିଶିଷ୍ଟ ଲେଖକ ତଥା ନେତା ମୀର ୟାର ।

ମୀରି ୟାରଙ୍କ ପୋଷ୍ଟରେ ଭାରତ-ବଲୁଚିସ୍ତାନ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ନେଇ ଉଲ୍ଲେଖ ରହିଛି । ଏହି ମ୍ୟାଚ ଗ୍ୱାଦର କ୍ରିକେଟ୍ ଷ୍ଟାଡିୟମ୍ କିମ୍ବା ଦିଲ୍ଲୀରେ ହୋଇପାରେ ବୋଲି ସେ କହିଛନ୍ତି । ମେ ୧୩ରେ ହୋଇଥିବା ଏହି ପୋଷ୍ଟ ଭାଇରାଲ ହେବାରେ ଲାଗିଛି । ଗ୍ୱାଦର କ୍ରିକେଟ୍ ଷ୍ଟାଡିୟମ୍ ବଲୁଚିସ୍ତାନର ଅଂଶ ବୋଲି ଦାବି କରାଯାଉଛି । ସୁନ୍ଦର ପାହାଡ ମଝିରେ ଏହି ଷ୍ଟାଡିୟମ୍ ରହିଛି ।

ଭବିଷ୍ୟତରେ ପାକିସ୍ତାନ ସହ ଭାରତର କ୍ରିକେଟ୍ ମ୍ୟାଚ ହେବ କି ନାହିଁ ଏବେ ପ୍ରଶ୍ନ ଉଠିଥିବା ବେଳେ ଅନ୍ୟ ପଟେ ବଲୁଚି ନେତାଙ୍କ ଏହି ପୋଷ୍ଟ ନେଇ ସୋସିଆଲ ମିଡ଼ିଆ ୟୁଜର୍ସ ଭିନ୍ନ ଭିନ୍ନ ମତ ଦେଉଛନ୍ତି । କିଛି ୟୁଜର୍ସ ବଲୁଚିସ୍ତାନକୁ ସମର୍ଥନ କରିବା ଉଚିତ ବୋଲି କହିଛନ୍ତି । ଆମେ ଯେପରି ପ୍ରତି ମ୍ୟାଚରେ ଆଫଗାନିସ୍ତାନକୁ ସମର୍ଥନ କରୁଛି ସେହିଭଳି ସବୁ ଭାରତୀୟ ବଲୁଚିସ୍ତାନକୁ ସମର୍ଥନ କରିବା । ତେବେ ଏହି ମ୍ୟାଚର କେତେ ସତ୍ୟତା ରହିଛି ଜଣାପଡିନାହିଁ ।

କର୍ଣ୍ଣେଲ ସୋଫିଆଙ୍କୁ ସଲାମ: ଧାୱନ

ନୂଆଦିଲ୍ଲୀ,୧୫।୫ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟ୍‌ର ଶିଖର ଧାୱନ କର୍ଣ୍ଣେଲ ସୋଫିଆ କ୍ୱିରେସିଙ୍କ ସହ ପ୍ରଶଂସା କରିବା ସହିତ ସମସ୍ତ ଭାରତୀୟ ମୁସଲମାନଙ୍କୁ ମଧ୍ୟ ସଲାମ କରିଛନ୍ତି । ଯେଉଁମାନେ ସାହାସର ଲଢ଼ିଥିଲେ ଏବଂ ଏକାଠି ଛିଡା ହୋଇଛି ବୋଲି ଦେଖାଇଥିଲେ । ଅପରେସନ୍ ସିନ୍ଦୂର ପରେ ସୋଫିଆ ଚର୍ଚ୍ଚାକୁ ଆସିଛନ୍ତି ।

ଧାୱନ ତାଙ୍କ ଟ୍ୱିଟରରେ ଲେଖିଛନ୍ତି ଭାରତର ଆତ୍ମା ଆମର ଏକତାରେ ନିହିତ । କର୍ଣ୍ଣେଲ ସୋଫିଆ କ୍ୱିରେସିଙ୍କ ଭଳି ବୀରମାନଙ୍କୁ ସାହାସର ସହିତ ଲଢ଼ିବା ଏବଂ ଆମେ କଣ ପାଇଁ ଠିଆ ହୋଇଛୁ ତାହା ଦେଖାଇବା ଅଗଣିତ ଭାରତୀୟ ମୁସଲମାନଙ୍କୁ ସାଲ୍ୟୁଟ୍ । ଜୟ ହିନ୍ଦ୍ । ଗତ ଏପ୍ରିଲ ୨୨ରେ ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀ ୨୬ ଜଣଙ୍କୁ ହତ୍ୟା କରିଥିଲେ ।

ଯାହା ପରେ ସାରା ଦେଶରେ କ୍ରୋଧ ପ୍ରକାଶ ପାଇଥିଲା । ପାକିସ୍ତାନ ଠାରୁ ପ୍ରତିଶୋଧ ନେବା ଅପରେସନ୍ ସିନ୍ଦୂର ଆରମ୍ଭ ହୋଇଥିଲା । ଭାରତୀୟ ସୈନିକ ପାକିସ୍ତାନ ଓ ପିଓକେରେ ଥିବା ୯ଟି ଆତଙ୍କବାଦୀ ଆଡାକୁ ଧ୍ୱଂସ କରିଥିଲେ । ଯେଉଁଠାରେ ଭାରତରେ ଆତଙ୍କବାଦ ବିସ୍ତାର ପାଇଁ ଷଡଯନ୍ତ୍ର ରଚା ଯାଉଥିଲା । ଏହି କାର୍ଯ୍ୟ ବିଷୟରେ ସୂଚନା ଦେବାକୁ ୨ ଜଣ ମହିଳା ଆସିଥିଲେ । ଜଣେ ଥିଲେ ଭାରତୀୟ ବାୟୁସେନାର ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂ ଏବଂ ସୋଫିଆ କ୍ୱିରେସି । ଧାୱନ ପାକିସ୍ତାନର ଅସ୍ତ୍ରବିରତି ବିରତୀ ପରେ ଉଲ୍ଲଂଘନ ପରେ ଲେଖିଥିଲେ ଏହି ଶସ୍ତା ଦେଶ ପୁଣିଥରେ ସାରା ବିଶ୍ୱକୁ ନିଜର ଶାସ୍ତା ପଣ ଦେଖାଇଛି ।

କ୍ରୀଡ଼ାବିତଙ୍କ ସ୍ୱର୍ଣ୍ଣିମ ଜୟଯାତ୍ରା ପାଇଁ ଆମେ ଗର୍ବିତ: କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର,୧୫।୫ (ସବ୍ୟୁ): ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ-୨୦୨୫ରେ ଓଡ଼ିଶା ମହିଳା ହକି ଦଳ ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି । ଓଡ଼ିଶା ପୁରୁଷ ହକି ଦଳ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ-୨୦୨୫ରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । ଓଡ଼ିଶା ପୁରୁଷ ଫୁଟବଲ୍ ଦଳ ରୌପ୍ୟ ପଦକ ହାସଲ କରିଛନ୍ତି । କଳିଙ୍ଗ ଷ୍ଟାଡିୟମ ଠାରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓଡ଼ିଶା ମହିଳା ହକି ଦଳ, ପୁରୁଷ ହକି ଦଳ ଏବଂ ଓଡ଼ିଶା ପୁରୁଷ ଫୁଟବଲ୍ ଦଳର କ୍ରୀଡ଼ାବିତମାନଙ୍କୁ ଭେଟି କ୍ରୀଡ଼ାବିତମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ-୨୦୨୫ରେ ଉଚ୍ଚକୋଟୀରର ପ୍ରଦର୍ଶନ ମାଧ୍ୟମରେ ଆମ କ୍ରୀଡ଼ାବିତମାନେ ଜାତୀୟସ୍ତରରେ

ଓଡ଼ିଶା ପାଇଁ ଗୌରବ ଅର୍ଜନ କରିଛନ୍ତି । ଆମ କ୍ରୀଡ଼ାବିତମାନେ ହେଲେ ଆମ ଗର୍ବ ଓ ଗୌରବ । ଆଗକୁ ହେବାକୁ ଥିବା ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାମାନଙ୍କରେ ଆମ କ୍ରୀଡ଼ାବିତମାନଙ୍କର ବିଜୟର ଯାତ୍ରା ଜାରି ରହୁ । ଏଥିସହ ମହିଳା ହକି ଦଳର ସ୍ୱର୍ଣ୍ଣିମ ବିଜୟ ପାଇଁ ଦଳର ସମସ୍ତ କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଜଣାଉଛି । ଦେଶକୁ ଶାସନ କରିବା ଠାରୁ ଆରମ୍ଭ କରି ପ୍ରତିରକ୍ଷା କ୍ଷେତ୍ରରେ ଦେଶ ପାଇଁ ଲିବା ପର୍ଯ୍ୟନ୍ତ ମହିଳାମାନେ ସବୁଠି ନେତୃତ୍ୱ ନେଇଛନ୍ତି । ଆଜି ମହିଳା ହକି ଦଳର ସ୍ୱର୍ଣ୍ଣ ପଦକ ଓଡ଼ିଶାର ସମସ୍ତ ମହିଳା କ୍ରୀଡ଼ାବିତମାନଙ୍କୁ ପ୍ରୋତ୍ସାହିତ କରିଛି ଏବଂ କ୍ରୀଡ଼ାକ୍ଷେତ୍ରରେ ନିଜର ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରେରଣା ମଧ୍ୟ ଯୋଗାଇଛି । ମହିଳା ହକି ଦଳର ସମସ୍ତ କ୍ରୀଡ଼ାବିତମାନଙ୍କର କଠିନ ପରିଶ୍ରମର ଫଳ ହେଉଛି ଏହି ସ୍ୱର୍ଣ୍ଣ ପଦକ ଆମ ରାଜ୍ୟରେ ତୃଣମୂଳ ସ୍ତରରେ ସୁଦୃଢ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ ଓ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ଆମ ସରକାର ତରଫରୁ ବିଭିନ୍ନ କାର୍ଯ୍ୟ କରାଯାଉଛି । ଆଗାମୀ ଦିନରେ କ୍ରୀଡ଼ାର ସାମଗ୍ରିକ ବିକାଶ ପାଇଁ ସମସ୍ତ ପ୍ରକାର ସୁବିଧା ଓ ସୁଯୋଗ ପ୍ରଦାନ କରାଯିବ, ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଓ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ରୋହିତ, କୋହଲିଙ୍କ ଚୁକ୍ତି ବଜାୟ ରହିବ

ନୂଆଦିଲ୍ଲୀ,୧୫।୫ (ଏଜେନ୍ସି): ରୋହିତ ଶର୍ମା ଓ ବିରାଟ କୋହଲି ଟେଷ୍ଟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି । ଅବସର ନେବା ପରେ ସେମାନଙ୍କ କେନ୍ଦ୍ରୀୟ ଚୁକ୍ତି ବଳବତ୍ତର ରହିବ କି ନାହିଁ ସେ ନେଇ ସଂଶୟ ରହିଥିଲା । ବିସିସିଆଇ ସ୍ପଷ୍ଟ କରିଛି ଯେ, ଏହି ଦୁଇ ସିନିୟର ଖେଳାଳି ପୂର୍ବ ଭଳି ଏ ପ୍ଲସ୍ ତାଲିକାରେ ରହିବେ । ଚଳିତ ବର୍ଷ ଏପ୍ରିଲରେ ବିସିସିଆଇ ନୂଆ କେନ୍ଦ୍ରୀୟ ଚୁକ୍ତି ତାଲିକା ଜାରି ହୋଇଥିଲା । ଇଶାନ କିଷାନ ଓ ଶ୍ରେୟାସ ଆୟର କେନ୍ଦ୍ରୀୟ ଚୁକ୍ତିକୁ ଫେରିଥିଲେ । ୧ ଅକ୍ଟୋବର ୨୦୨୪ରୁ ୩୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଏହି ଚୁକ୍ତି ବଳବତ୍ତର ରହିବ । ବିସିସିଆଇ ଏଥର ୩୪ ଜଣ ଖେଳାଳିଙ୍କୁ ସାମିଲ କରିଛି । ରୋହିତ ଶର୍ମା ଓ ବିରାଟ କୋହଲି ପୂର୍ବରୁ ଟି-୨୦ ଓ ବର୍ତ୍ତମାନ ଟେଷ୍ଟରୁ ଅବସର ଘୋଷଣା କରିଛନ୍ତି । ତେଣୁ ପରବର୍ତ୍ତୀ ଚୁକ୍ତିରେ ସେମାନଙ୍କ ଗ୍ରେଡ ଖସିବ । ରବି ଚନ୍ଦ୍ରନ ଅଶ୍ୱିନ ଅବସର ଘୋଷଣା କରିବା ପରେ ତାଙ୍କୁ ଚୁକ୍ତିରୁ ବାଦ ଦିଆଯାଇଥିଲା ।

ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, **ମୁଖ୍ୟ ସମ୍ପାଦକ:** ଗୁରୁକଲ୍ୟାଣ ମହାପାତ୍ର, **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି